# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, April 1/2025 | Page 16 | ₹ 7.00

୫୧ଶ ଭାଗ ୧୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 126 | ମୂଲ୍ୟ₹୭/-



DADLS-04

सत्यमेव जयते

## ଓଡ଼ିଶା ଦିବସ – ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ। ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି। ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି। ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ। ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି।

(ଦ୍ରୌପଦୀ ମୁର୍ମୁ)

सत्यमेव जयते

## ଓଡ଼ିଶା ଦିବସ – ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ଼ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଅନାବିଳ ଭକ୍ତି ନିବେଦନ କରୁଛୁ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି। ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତୀକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି।

ଜୟ ହିନ୍ଦ୍। ଜୟ ଓଡ଼ିଶା।

(ଜଗଦୀପ ଧନଖଡ଼)

OIPR-15001/13/0478/2425

DADLS-01

सत्यमेव जयते



## ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି।

(ଡ. ହରି ବାବୁ କମ୍ଭମ୍‌ପାଟି)

ଓଡ଼ିଶା ଶାସନ

## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା।

ବନ୍ଦେ ଉତ୍କଳ ଜନନୀ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0468/2425

DADLS-06



ସ୍ୱର୍ଣ୍ଣିମ ସକାଳର ସୂର୍ଯ୍ୟୋଦୟ

# ସମୃଦ୍ଧି ପଥେ ଆମ ଓଡ଼ିଶା



## ସଶକ୍ତ ନାରୀ, ବିକଶିତ ଓଡ଼ିଶା

- '**ସୁଭଦ୍ରା**'ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- '**ଲକ୍ଷପତି ଦିଦି**' ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ '**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**'

## ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି

- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା '**ଜାତୀୟ ଶିକ୍ଷା ନୀତି, ୨୦୨୦**'
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ '**ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ**'
- '**ମଧ୍ୟାହ୍ନ ଭୋଜନ**'ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- '**ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯**' ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- '**ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା**'ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

## ନିଯୁକ୍ତିରେ ନୂଆ ସମ୍ଭାବନା

- **ସରକାରୀ ନିଯୁକ୍ତି ଅଭିଯାନ :** ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

## ଉନ୍ନତ କୃଷି ଓ ସମର୍ଥ ଚାଷୀ

- **ସମୃଦ୍ଧ କୃଷକ ଯୋଜନା:** ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- **ପିଏମ୍ - କିଷାନ୍:** ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- **ଶୀତଳ ଭଣ୍ଡାର ନୀତି:** ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ '**ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା**'
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ '**ବଲାଙ୍ଗିର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ**'ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

## ବିକଶିତ ସହର, ସମୃଦ୍ଧ ଓଡ଼ିଶା

- **ପିଏମ୍ ଇ-ବସ୍ ସେବା:** ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- **ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ:** ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- **ନ୍ୟୁ ସିଟି, ଭୁବନେଶ୍ୱର :** ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

## ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ

- **ସେତୁ ବନ୍ଧନ ଯୋଜନା :** ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- **ସେତୁ ତଥା ଆଡ଼ିବନ୍ଧ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- **ପ୍ରଧାନମନ୍ତ୍ରୀ ଜନମନ :** ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- '**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**'ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ '**ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା**'ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- **ବିକଶିତ ଗାଁ ବିକଶିତ ଓଡ଼ିଶା :** ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- **ପିଏମ୍‌ଏୱାଇ(ଜି) :** ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- **ଅନ୍ତ୍ୟୋଦୟ ଗୃହ ଯୋଜନା :** ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- **ଘରୋଇ ଟ୍ୟାପ୍ ସଂଯୋଗ :** ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

## ଅଗ୍ରଗତି ପଥେ ଆମ ଜନଜାତି

- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ '**ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା**'ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ '**ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା**'
- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍‌ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖରିଆ ପିଭିଟିଜିକୁ '**ବାସସ୍ଥାନ ଅଧିକାର ପ୍ରଦାନ**'
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

## ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା

- **ସାମାଜିକ ସୁରକ୍ଷା ଭତ୍ତା :** ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- **ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି :** ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- **ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି :** ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

## ଶିଳ୍ପାୟନର ନୂତନ ଧାରା

- **ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫'** ସମ୍ମେଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

## ୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ

- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର୍-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- '**ଆମେ ପଢିବା ଆମ ଭାଷାରେ**' ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- '**ଆମ ଶିମିଳିପାଳ ଯୋଜନା**' ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା '**ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ**' ଆରମ୍ଭ

VISION DOCUMENT
2036 | 2047















**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

OIPR-15001/13/0490/2425

ଧରିତ୍ରୀ 51 Years
ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧/୨୦୨୫ | Bhubaneswar, Tuesday, April 1/2025



ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୋମବାର ଶ୍ରଦ୍ଧାଳୁମାନେ ପ୍ରବଳ ଖରାରେ ଅପେକ୍ଷା କରିଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଜାତୀୟ ଐତିହ୍ୟ ତାଲିକାରେ ରଥଯାତ୍ରା, ବାଲିଯାତ୍ରା

ଭୁବନେଶ୍ୱର, ୩୧।୩(ବନ୍ଦନା ସେଠୀ)

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଐତିହ୍ୟ ତାଲିକାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସ୍ଥାନ ପାଇଛି। ଏଥିସହ ଦେଶର ବୃହତ୍ ବାଣିଜ୍ୟିକ ମେଳା କଟକ ବାଲିଯାତ୍ରାକୁ ମଧ୍ୟ ଏଥିରେ ସ୍ଥାନିତ କରାଯାଇଛି। ଏନେଇ ସୋମବାର ସୋସିଆଲ ମିଡିଆ 'ଏକ୍ସ'ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି। ରଥଯାତ୍ରାକୁ ଏହି ତାଲିକାରେ ସାମିଲ କରାଯିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। ପ୍ରସ୍ତାବକୁ ଏକାଡେମୀ ପକ୍ଷରୁ ଗ୍ରହଣ କରାଯାଇ ସ୍ୱୀକୃତି ପ୍ରଦାନ କରାଯାଇଛି।

ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁସିବ୍ୟକ୍ତ କରିବା ସହ ନିଜ ଏକ୍ସ

## ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଆକାଉଣ୍ଟରେ ପୋଷ୍ଟ କରି ଲେଖିଛନ୍ତି ଯେ, ମହାପ୍ରଭୁଙ୍କ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବୈଶ୍ୱିକ ସାଂସ୍କୃତିକ ଐତିହ୍ୟର ମାନ୍ୟତା ପ୍ରଦାନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହାର ପ୍ରଥମ ସୋପାନରେ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ସଙ୍ଗୀତ ନାଟକ ଏକାଡେମୀର ଜାତୀୟ ଐତିହ୍ୟ ତାଲିକାରେ ରଥଯାତ୍ରା ସାମିଲ ହୋଇଥିବା ଖବର ଜାଣି ମୁଁ ବିଶେଷ ଆନନ୍ଦିତ। ଏହି ଅବସରରେ ମହାପ୍ରଭୁଙ୍କ ସେବକଗଣ, ଅଗଣିତ ଜଗନ୍ନାଥପ୍ରେମୀ ଭକ୍ତ ତଥା ଶ୍ରୀମନ୍ଦିର ପ୍ରଶାସନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ମହାପ୍ରଭୁଙ୍କ ରଥଯାତ୍ରା ନିଶ୍ଚିତ ଭାବେ ୟୁନେସ୍କୋ ☞ପୃଷ୍ଠା-୨

# ପଦବୀ ପୂରଣ ହେଉନି, କେନ୍ଦ୍ରରୁ ଫେରୁନାହାନ୍ତି

**ରାଜ୍ୟରେ ଶାସନ ବ୍ୟବସ୍ଥା, ସରକାରୀ ଯୋଜନାଗୁଡ଼ିକୁ ଠିକଣା ଢଙ୍ଗରେ କାର୍ଯ୍ୟକାରୀ କରିବା, ଜଙ୍ଗଲ, ବନ୍ୟପ୍ରାଣୀ ସମେତ ସମସ୍ତ ପ୍ରାକୃତିକ ସମ୍ପଦର ସୁରକ୍ଷା, ଆଇନଶୃଙ୍ଖଳା ବଜାୟ ରଖିବା, ଲୋକଙ୍କ ସମସ୍ୟାଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା, ସରକାରୀ ଆର୍ଥିକ କାରବାର ଓ ହିସାବନିକାଶ ବିଧିବ୍ୟବସ୍ଥା ମଧ୍ୟରେ କରିବା ଆଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିମନ୍ତେ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍, ଓଏଏସ୍, ଓପିଏସ୍, ଓଆର୍ଏସ୍ ଆଦି ଅଧିକାରୀ ନିଯୁକ୍ତ ହୋଇଥାନ୍ତି ହେଲେ ଓଡ଼ିଶାରେ ଏହି ଅଧିକାରୀମାନଙ୍କ ଅଭାବ ଦେଖିବାକୁ ମିଳୁଛି। ସମ୍ପ୍ରତି ପ୍ରାୟ ୩୬% ଆଇଏଏସ୍, ୪୮% ଆଇପିଏସ୍, ୪୯% ଆଇଏଫ୍ଏସ୍ ଅଫିସର ପଦବୀ ଖାଲି ରହିଛି। ଏଥିମଧ୍ୟରେ କେନ୍ଦ୍ରକୁ ଡେପୁଟେଶନରେ ଯାଇ ଫେରି ନ ଥିବା ଅଧିକାରୀମାନେ ମଧ୍ୟ ରହିଛନ୍ତି। ଏହି ପ୍ରଶାସନିକ ସଙ୍କଟ ଯୋଗୁ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ କେବଳ ବଡ଼ ବ୍ୟବଧାନ ସୃଷ୍ଟି ହୋଇନାହିଁ, ଅନେକ ସରକାରୀ ଯୋଜନା କାର୍ଯ୍ୟକାରିତାରେ କ୍ଳିଷ୍ଟତା ମଧ୍ୟ ଦେଖିବାକୁ ମିଳୁଛି। ବିଶେଷକରି ୨୪ ବର୍ଷର ବିଜେଡି ଶାସନର ଅନ୍ତ ଘଟାଇ ୨୦୨୪ ଜୁନ୍‌ରୁ ରାଜ୍ୟରେ ଶାସନ କରୁଥିବା ଭାଜପା ସରକାର ପାଇଁ ତା'ର ପ୍ରତିଶ୍ରୁତି ପାଳନ କରିବାରେ ଅଫିସର ଅଭାବ ବଡ଼ ବାଧକ ବୋଲି ଅନେକେ ମତ ଦେଉଛନ୍ତି।**

## ଓଡ଼ିଶାରେ ୩୬% ଆଇଏଏସ୍, ୪୮% ଆଇପିଏସ୍ ଅଫିସର ପଦବୀ ଖାଲି

ଭୁବନେଶ୍ୱର,୩୧।୩(ସୁନିତ୍ ମିଶ୍ର)

ରାଜ୍ୟରେ ଯେତିକି ମଞ୍ଜୁରୀପ୍ରାପ୍ତ ଉଚ୍ଚପଦସ୍ଥ ସରକାରୀ ପଦପଦବୀ ରହିଛି ତାହା ପୂରଣ ହେଉନାହିଁ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୋଲିସ ସେବା (ଆଇପିଏସ୍)ଠାରୁ ଆରମ୍ଭ କରି ଭାରତୀୟ ବନ ସେବା (ଆଇଏଫ୍ଏସ୍), ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍), ଓଡ଼ିଶା ପୋଲିସ ସେବା (ଓପିଏସ୍), ଓଡ଼ିଶା ଅର୍ଥ ସେବା, ଓଡ଼ିଶା ବନ ସେବା ଏବଂ ଓଡ଼ିଶା ରାଜସ୍ୱ ସେବା (ଓଆର୍ଏସ୍)ର ମଞ୍ଜୁରୀପ୍ରାପ୍ତ ପଦବୀ ସମ୍ପୂର୍ଣ୍ଣ ପୂରଣ ହୋଇନାହିଁ। ସେହିପରି ଆଇଏଏସ୍ ଏବଂ ଆଇପିଏସ୍ ମଞ୍ଜୁରୀପ୍ରାପ୍ତ ଅଫିସର ପଦବୀ ଅନେକାଂଶରେ ଖାଲି ପଡ଼ିଥିବାବେଳେ ବହୁ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଓଡ଼ିଶା ଛାଡ଼ି କେନ୍ଦ୍ରୀୟ ଡେପୁଟେଶନରେ ଚାଲିଯାଉଛନ୍ତି। ଗତ ୨ ବର୍ଷ ଭିତରେ ୬ ଜଣ ଆଇଏଏସ୍ ଏବଂ ୧୦ ଜଣ ଆଇପିଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ଗତ ୮ ବର୍ଷରେ ମୋଟ୍ ୨୨ ଜଣ ଆଇଏଏସ୍ ଏବଂ ଗତ ୯ ବର୍ଷରେ ୨୨ ଜଣ ଆଇପିଏସ୍‌ରେ ଡେପୁଟେଶନରେ ଯାଇଛନ୍ତି। ଏପରିକି ୨୦୧୭ରୁ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ଅନେକ ଅଫିସର ଓଡ଼ିଶା ଫେରିନାହାନ୍ତି। ଏଭଳି ଆଇପିଏସ୍‌ମାନଙ୍କ କ୍ଷେତ୍ରରେ ୧୯୯୮ ଏବଂ ୨୦୧୬ରୁ ଡେପୁଟେଶନରେ ଯାଇଥିବା ବହୁ ଅଧିକାରୀ ଓଡ଼ିଶା ଫେରିନାହାନ୍ତି। ଏପରି ଦେଖିଲେ ଏବେ ରାଜ୍ୟରୁ ମୋଟ୍ ୨୨ ଜଣ ଆଇଏଏସ୍ ଏବଂ ୨୪ ଜଣ ଆଇପିଏସ୍ ଅଫିସର ଡେପୁଟେଶନରେ ଅଛନ୍ତି। ସରକାରଙ୍କ ତଥ୍ୟ ଉପରେ ନଜର ପକାଇଲେ ଓଡ଼ିଶାରେ ବହୁ ମଞ୍ଜୁରୀପ୍ରାପ୍ତ ଆଇଏଏସ୍ ଏବଂ ଆଇପିଏସ୍ ଅଫିସର ପଦବୀ ଖାଲିପଡ଼ିଛି।

ରାଜ୍ୟରେ ୨୪୮ଟି ମଞ୍ଜୁରୀପ୍ରାପ୍ତ ଆଇଏଏସ୍ ପଦବୀ ରହିଛି। ସେଥିମଧ୍ୟରୁ ୧୮୦ଟି ପଦବୀ ପୂରଣ ହୋଇଛି। ହେଲେ ପୂରଣ ହୋଇଥିବା ପଦବୀ ମଧ୍ୟରୁ ୨୨ ଜଣ କେନ୍ଦ୍ରୀୟ ଡେପୁଟେଶନରେ ପଳାଇଥିବା ବେଳେ ୬୭ଟି ଆସନ ଖାଲିପଡ଼ିଛି। ଅର୍ଥାତ୍ ଗତ ମାର୍ଚ୍ଚ ୧୭ ତାରିଖ ସୁଦ୍ଧା ରାଜ୍ୟରେ ମୋଟ୍ ୧୫୯ ଜଣ ☞ପୃଷ୍ଠା-୨

## ନିଧି ତିୱାରୀ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ



ନୂଆଦିଲ୍ଲୀ, ୩୧।୩

ଇଣ୍ଡିଆନ୍ ଫରେନ୍ ସର୍ଭିସ୍ (ଆଇଏଫ୍ଏସ୍) ଅଧିକାରୀ ନିଧି ତିୱାରୀଙ୍କୁ ସୋମବାର ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରାଯାଇଛି। ଏନେଇ କେନ୍ଦ୍ର ସରକାରଙ୍କ ଡିପାର୍ଟମେଣ୍ଟ ଅଫ୍ ପର୍ସନାଲ ଆଣ୍ଡ ଟ୍ରେନିଂ ପକ୍ଷରୁ ଘୋଷଣା କରାଯାଇଛି। ୨୦୧୪ ବ୍ୟାଚ୍‌ର ଆଇଏଫ୍ଏସ୍ ଅଧିକାରୀ ନିଧି ୨୦୨୨ ନଭେମ୍ବରରୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ (ପିଏମ୍ଓ)ରେ ଡେପୁଟି ସେକ୍ରେଟାରି ଭାବେ କାର୍ଯ୍ୟ କରୁଥିଲେ। ଏହାପୂର୍ବରୁ ସେ ବହିର୍ବ୍ୟାପାର ମନ୍ତ୍ରଣାଳୟର ଡିସ୍‌ଆର୍ମାମେଣ୍ଟ ଆଣ୍ଡ ଇଣ୍ଟରନ୍ୟାଶନାଲ ସିକ୍ୟୁରିଟି ଆଫେୟାର୍ସ ଡିଭିଜନରେ ସେକ୍ରେଟାରି ଭାବେ କାର୍ଯ୍ୟ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନମଣ୍ଡଳୀ ବାରାଣସୀ ଅନ୍ତର୍ଗତ ମହମୁରଗଞ୍ଜର ନିବାସୀ ହେଉଛନ୍ତି ନିଧି। ଆଇଏଫ୍ଏସ୍‌ରେ ଯୋଗଦାନ ପୂର୍ବରୁ ସେ କିଛିଦିନ ପାଇଁ ବାରାଣସୀର ଆସିଷ୍ଟାଣ୍ଟ କମିଶନର(କମର୍ସିଆଲ ଟାକ୍ସ) ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୧୩ ସିଭିଲ ସର୍ଭିସ୍ ପରୀକ୍ଷାରେ ସେ ୯୬ତମ ର୍ୟାଙ୍କ ପାଇଥିଲେ।

**ଆଜିର ସମ୍ପାଦକୀୟ**

ଏଟିଏମ୍ ଯିବ

# ଏନ୍‌କାଉଣ୍ଟରରେ ବରିଷ୍ଠ ମାଓବାଦୀ ରେଣୁକା ନିହତ

ଦାନ୍ତେୱାଡ଼ା,୩୧।୩(ପି.ଟି.)

ଛତିଶଗଡ଼ର ବସ୍ତର ଅଞ୍ଚଳରେ ସୋମବାର ସୁରକ୍ଷା ବଳ ସହ ଗୁଳିବିନିମୟ ବେଳେ ଜଣେ ବରିଷ୍ଠ ମହିଳା ମାଓବାଦୀ ନିହତ ହୋଇଛନ୍ତି। ଗୁମ୍ମାଡିଭେଲି ରେଣୁକା ନାମ୍ନୀ ଏହି ଉଚ୍ଚଶିକ୍ଷିତା କ୍ୟାଡର ମାଓବାଦୀ ୧୯୯୬ରୁ ବେଆଇନ ସିପିଆଇ(ମାଓବାଦୀ) ସଂଗଠନରେ ସକ୍ରିୟ ରହିଥିଲେ। ତାଙ୍କୁ ଧରାଇଦେଲେ ୨୫ ଲକ୍ଷ ଟଙ୍କା ଦିଆଯିବ ବୋଲି ଛତିଶଗଡ଼ ସରକାର ଘୋଷଣା କରିଥିବାବେଳେ ତେଲଙ୍ଗାନା ମଧ୍ୟ ୨୦ ଲକ୍ଷ ଟଙ୍କାର ପୁରସ୍କାର ରଖିଥିଲା।

ମାଓବାଦୀ ନିରୋଧୀ ଅଭିଯାନରେ ବାହାରିଥିବା ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି) ଯବାନମାନେ ବସ୍ତର ଅଞ୍ଚଳରେ ପହଞ୍ଚିବା ପରେ ସକାଳ ୯ଟାରେ ଦାନ୍ତେୱାଡ଼ା ଏବଂ ବିଜାପୁର ଜିଲା ସୀମାବର୍ତ୍ତୀ ଜଙ୍ଗଲରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ନାଲଗୋଣ୍ଡା, ଇକେଲି ଏବଂ ବେଲନାର ପାହାଡ଼ିଆ ଗ୍ରାମରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଖବର ମିଳିବା ପରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା ବୋଲି ଦାନ୍ତେୱାଡ଼ା ଏସ୍‌ପି ଗୌରବ ରାୟ କହିଛନ୍ତି। ୨ ଘଣ୍ଟାର ଗୁଳି ବିନିମୟ ପରେ ପୋଲିସ ଗୁମ୍ମାଡିଭେଲି ରେଣୁକା ଓରଫ ଭାନୁ ଓରଫ ସରସ୍ୱତୀ ଓରଫ ଦମୟନ୍ତୀଙ୍କ ମୃତଦେହ ପାଇଥିଲା। ତାଙ୍କ ଘର ତେଲଙ୍ଗାନାର ୱାରାଙ୍ଗଲ ଅନ୍ତର୍ଗତ କାଡଭାଏନ୍ଦି ଗ୍ରାମରେ। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଇନ୍‌ସାସ୍ ରାଇଫଲ, ବିସ୍ଫୋରକ ସାମଗ୍ରୀ, ଲାପଟପ୍ ଏବଂ ମାଓବାଦୀମାନଙ୍କ ଲିଫ୍‌ଲେଟ୍ ଆଦି ଜବତ ହୋଇଛି। ଆଇନରେ ସ୍ନାତକ କରିଥିବା ରେଣୁକା ଦାନ୍ତେୱାଡ଼ା ସ୍ପେଶାଲ ଜୋନାଲ କମିଟିର ସଦସ୍ୟ। ସେ ମାଓବାଦୀଙ୍କ କେନ୍ଦ୍ରୀୟ ଆଞ୍ଚଳିକ ବ୍ୟୁରୋ (ସିଆର୍‌ବି) ପ୍ରେସ୍ ଟିମ୍ ଦାୟିତ୍ୱରେ ଥିଲେ ବୋଲି ବସ୍ତର ରେଞ୍ଜ୍ ଆଇଜି ସୁନ୍ଦରରାଜ ପି କହିଛନ୍ତି। ୧୯୯୬ରେ ମାଓବାଦୀ ସଂଗଠନରେ ସାମିଲ ହେବା ପରେ ରେଣୁକା ୨୦୦୩ରେ ଡିଭିଜନାଲ କମିଟି ସଦସ୍ୟ ଏବଂ ୨୦୨୦ରେ ସ୍ୱତନ୍ତ୍ର ଜୋନାଲ କମିଟି (ଏସ୍‌ଜେଡ୍‌ସି) ସଦସ୍ୟ ଭାବେ ପଦୋନ୍ନତି ପାଇଥିଲେ।

# ୧୫ରୁ ୨୦ ଦିନ ଭିତରେ ଆସିବ ନୂଆ ଅବକାରୀ ନୀତି

ଭୁବନେଶ୍ୱର,୩୧।୩(ସୁନିତ୍ ମିଶ୍ର)

ଖୁବ୍‌ଶୀଘ୍ର ରାଜ୍ୟରେ ନୂଆ ଅବକାରୀ ନୀତି ଲାଗୁହେବାକୁ ଯାଉଛି। ୧୫ରୁ ୨୦ ଦିନ ଭିତରେ ଏହି ନୂଆ ନୀତି ଆସିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ନୂଆ ଅବକାରୀ ନୀତି ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ପୁରୁଣା ଅବକାରୀ ନୀତିର ଅବଧିକୁ ଗୋଟିଏ ମାସ ପାଇଁ ବୃଦ୍ଧି କରାଯାଇଛି। ମୁଖ୍ୟମନ୍ତ୍ରୀ ନୂଆ ଅବକାରୀ ନୀତିକୁ ଅନୁମୋଦନ ଦେବା ପରେ ଏହା ଲାଗୁହେବ ବୋଲି ପୃଥ୍ୱୀରାଜ କହିଛନ୍ତି। ସୂଚନାଯୋଗ୍ୟ, ଏପ୍ରିଲରେ ନୂଆ ଅବକାରୀ ନୀତି ଲାଗୁହେବାର ଥିଲା। ହେଲେ ରାଜ୍ୟ ସରକାରଙ୍କ ବଜେଟ ଅଧିବେଶନ ଚାଲିଥିବା ଯୋଗୁ ଏଥିରେ ସାମାନ୍ୟ ବିଳମ୍ବ ହୋଇଛି। ଏଥର ଅବକାରୀ ନୀତିରେ ରାଜ୍ୟ ସରକାର ଅନେକ କିଛି ପରିବର୍ତ୍ତନ କରୁଥିବା ଜଣାପଡ଼ିଛି।

# ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ


ଭୁବନେଶ୍ୱର ବିମାନ ବନ୍ଦରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶହୀଦ ଯବାନ ରାଜକିଶୋରଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

କେନ୍ଦୁଝର,୩୧।୩
(ଦୀପକ ମିଶ୍ର/ନରେଶ ପଟ୍ଟନାୟକ)

ବିହାର ରେଜିମେଣ୍ଟ ଷଷ୍ଠ ବାଟାଲିୟନର ହାବିଲଦାର କେନ୍ଦୁଝର ସଦର ବ୍ଲକ୍ ନୂଆଗାଁର ରାଜକିଶୋର ମୁଣ୍ଡାଙ୍କ ଶେଷକୃତ୍ୟ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ପୈତୃକ ଗ୍ରାମରେ ମରଶରୀର ପହଞ୍ଚିବା ପରେ ଜିଲା ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ମରଶରୀର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅପରାହ୍ନରେ ମରଶରୀର କେନ୍ଦୁଝରରେ ପହଞ୍ଚି ଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ଅବସରପ୍ରାପ୍ତ ସେନା କର୍ମଚାରୀ, ଜିଲା ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଶହୀଦଙ୍କ ମରଶରୀରକୁ ପୈତୃକ ଗ୍ରାମ ନୂଆଗାଁକୁ ଶେଷକୃତ୍ୟ ନିମନ୍ତେ ନିଆଯାଇଥିଲା। ଶହୀଦ ରାଜକିଶୋର ଅମର ରହେ ଧ୍ୱନିରେ ଚତୁଃଦିଗ ପ୍ରକମ୍ପିତ ହୋଇଉଠିଥିଲା। ☞ପୃଷ୍ଠା-୨

# ଏପ୍ରିଲରୁ ଜୁନ୍ ପ୍ରବଳ ତାତି

## ଆଜିଠୁ ବିଭିନ୍ନ ଜିଲାରେ ଝଡ଼ବର୍ଷା

ଭୁବନେଶ୍ୱର,୩୧।୩(ଅନୁରାଧା ମହାରଣା)

ଆସନ୍ତା କିଛିଦିନ ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ସେହିପରି ଏପ୍ରିଲରୁ ଜୁନ୍ ମଧ୍ୟରେ ପୂର୍ବଭାରତ, ଉତ୍ତର-ପଶ୍ଚିମ ଭାରତ ସହ ଅନ୍ୟାନ୍ୟ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଅନୁଭୂତ ହୋଇପାରେ। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଉତ୍ତର-ପଶ୍ଚିମ ଭାରତରେ ସର୍ବୋଚ୍ଚ ତାପମାତ୍ରା ଏପ୍ରିଲ ୨ ସୁଦ୍ଧା ୩ରୁ ୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ, ଯାହା ଫଳରେ ଗ୍ରୀଷ୍ମପ୍ରବାହ ଆହୁରି ତୀବ୍ର ହେବ। ମାତ୍ର ଆସନ୍ତା ୪ରୁ ୫ ଦିନ ମଧ୍ୟରେ ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାରେ ବର୍ଷା ସହ କୁଆପଥର ବର୍ଷା ହୋଇପାରେ। ସେହିପରି ଗୁଜରାଟର ସୌରାଷ୍ଟ୍ର ଏବଂ କଚ୍ଛରେ ଗ୍ରୀଷ୍ମପ୍ରବାହ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗର ହଠାତ୍ ପରିବର୍ତ୍ତନ ଯୋଗୁ ଫସଲ ସହ ଜନଜୀବନ ଗୁରୁତର ପ୍ରଭାବିତ ହେବାକୁ ଥିବାରୁ ଲୋକେ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ।




ଏପଟେ ରାଜ୍ୟରେ ସୋମବାର ୭ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଦିନ ତାପମାତ୍ରା ବୌଦ୍ଧରେ ସର୍ବାଧିକ ୪୨.୧ ଡିଗ୍ରୀ ଓ ଏହା ତଳକୁ ଝାରସୁଗୁଡ଼ାରେ ୪୨ ଡିଗ୍ରୀ ରେକର୍ଡ ହୋଇଛି। ଅନ୍ୟପଟେ ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲାରେ ଝଡ଼ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା ଆଦି ଜିଲାରେ ୩୦ରୁ ୪୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ଓ ବିଜୁଳି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଝଡ଼ବର୍ଷା ଲାଗି ରହିବ। ଏହାସତ୍ତ୍ୱେ ଚଳିତ ମାସରେ ମାତ୍ରାଧିକ ଗ୍ରୀଷ୍ମପ୍ରବାହ ନେଇ ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି।

# ଆଣ୍ଟିଡିପ୍ରେସାଣ୍ଟ ଔଷଧ ବଢ଼ାଉଛି ହୃଦ୍‌ଘାତ

ଭିଏନା, ୩୧।୩

ଆଣ୍ଟିଡିପ୍ରେସାଣ୍ଟ (ଅବସାଦ ନିରୋଧୀ ଔଷଧ)କୁ ଲମ୍ବା ସମୟ ଧରି ସେବନ କରିବା ଦ୍ୱାରା ଆକସ୍ମିକ ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଥାଏ। ଅଷ୍ଟ୍ରିଆର ରାଜଧାନୀ ୟୁରୋପିଆନ ସୋସାଇଟି ଅଫ୍ କାର୍ଡିଓଲୋଜି ପକ୍ଷରୁ କରାଯାଇଥିବା 'ଇଏଚ୍‌ଆର୍‌ଏ ୨୦୨୫ କଂଗ୍ରେସ' କାର୍ଯ୍ୟକ୍ରମରେ ଏନେଇ ଏକ ଅଧ୍ୟୟନକୁ ପ୍ରଦର୍ଶିତ କରାଯାଇଛି। ଡେନ୍‌ମାର୍କର କେତେଜଣ ବୈଜ୍ଞାନିକ ଏହି ଅଧ୍ୟୟନକୁ ପ୍ରସ୍ତୁତ କରିଛନ୍ତି। ଉକ୍ତ ଅଧ୍ୟୟନରେ ବୈଜ୍ଞାନିକମାନେ ୧୮ରୁ ୯୦ ବର୍ଷ ବୟସର ବ୍ୟକ୍ତିଙ୍କ ମୃତ୍ୟୁର ବିଶ୍ଳେଷଣ କରିଥିଲେ। ସେମାନେ ମୃତ୍ୟୁ ପ୍ରମାଣପତ୍ର ଏବଂ ବ୍ୟବଚ୍ଛେଦ ରିପୋର୍ଟକୁ




ମଧ୍ୟ ସମୀକ୍ଷା କରିଥିଲେ। ଏହି ଅଧ୍ୟୟନରେ ଆଣ୍ଟିଡିପ୍ରେସାଣ୍ଟ ନେଉଥିବା ୬ ଲକ୍ଷ ୪୩ ହଜାର ୯୯୯ ଲୋକଙ୍କ ସହ ସାଧାରଣ ଜନସଂଖ୍ୟାର ୪୩ ଲକ୍ଷ ଲୋକଙ୍କ ସହ ତୁଳନା କରାଯାଇଥିଲା। ଆଣ୍ଟିଡିପ୍ରେସାଣ୍ଟ ନେଇଥିବା ଲୋକଙ୍କ ମଧ୍ୟରୁ ୧,୯୮୧ ଜଣଙ୍କର ହୃଦ୍‌ଘାତରେ ଆକସ୍ମିକ ଭାବେ ମୃତ୍ୟୁ ହୋଇଥିଲା। ଆଣ୍ଟିଡିପ୍ରେସାଣ୍ଟ ଔଷଧ ସେବନ କରୁ ନ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ସଂଖ୍ୟା ୪,୦୨୧ ରହିଛି। ଉକ୍ତ ଅଧ୍ୟୟନରେ କୁହାଯାଇଛି, ଯେଉଁମାନେ ଲମ୍ବା ସମୟ ଧରି ଆଣ୍ଟିଡିପ୍ରେସାଣ୍ଟ ବ୍ୟବହାର କରୁଛନ୍ତି, ସେମାନଙ୍କୁ ନିଜ ହୃଦୟର ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଏଥିପାଇଁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ସୁସ୍ଥ ଜୀବନ ଶୈଳୀ, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ଆଦିର ଆବଶ୍ୟକତା ରହିଛି, ଯାହାଫଳରେ ହୃଦ୍‌ଘାତର ସମ୍ଭାବନାକୁ କମ୍ କରାଯାଇପାରିବ। ସେହିପରି ଏହି ଅଧ୍ୟୟନ ଅନୁଯାୟୀ, ୧ରୁ ୫ ବର୍ଷ ଧରି ଆଣ୍ଟିଡିପ୍ରେସାଣ୍ଟ ଔଷଧ ସେବନ କରୁଥିବା ଲୋକଙ୍କ ନିକଟରେ ସାଧାରଣ ଜନସଂଖ୍ୟାଠାରୁ ୫୬% ଅଧିକ ହୃଦ୍‌ଘାତର ଆଶଙ୍କା ରହିଛି। ୬ ବର୍ଷରୁ ଅଧିକ ସମୟ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ଭୁବନେଶ୍ୱରରେ ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୭ଟା। ସାଧାରଣ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରୌପ୍ୟ ଜୟନ୍ତୀ ଅବସରରେ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ, କଳସ ଯାତ୍ରା, ସ୍ଥାନ: ନୂଆସାହି, ବାଲିଆପଟା, ରସୁଲଗଡ଼, ସମୟ: ସକାଳ ୭ଟା।
- ଆରକ୍ଷୀ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପ୍ୟାରେଡ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ ପାଳନ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୮ଟା ୩୦। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପାୱାର ହାଉସ ଛକ, ସମୟ: ସକାଳ ୯ଟା। ପାରଳା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଏଜି ଛକ, ସମୟ: ୯ଟା ୩୦। ଉତ୍କଳ ଦିବସ ସମାରୋହ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆଇସିଏଆର୍-ସିଆଇଏଫ୍ଏର ବାର୍ଷିକ ସମାରୋହ, ସ୍ଥାନ: ଆଇସିଏଆର୍-ସିଆଇଏଫ୍ଏ ପରିସର, କୌଶଲ୍ୟାଗଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଦିବସ, ସ୍ଥାନ: ମୁମତାଜ୍ ଅଲ୍ଲି ପାର୍କ, ସ୍ଥାନ: ସୂର୍ଯ୍ୟ ନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଉଦ୍‌ଘାଟନୀ, ସ୍ଥାନ: ଏକାମ୍ର ହାଟ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଖୋର୍ଦ୍ଧା ପୋଲିସ ପକ୍ଷରୁ ଜିଲାସ୍ତରୀୟ ଓଡ଼ିଶା ପୋଲିସ ଦିବସ, ସ୍ଥାନ: ସଂରକ୍ଷିତ ପୋଲିସ ପଡ଼ିଆ, ତରତୁଆ, ସମୟ: ସକାଳ ୮ଟା ୩୦।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମାନବ ଶୃଙ୍ଖଳ, ସ୍ଥାନ: ସମବାୟ ଛକ, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ, ସ୍ଥାନ: ଜୟୀ ରାଜଗୁରୁ ଟାଉନ ହଲ୍, ସମୟ: ସନ୍ଧ୍ୟା ୬ଟା।
- ମା'ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ରିରେ ମା'ଙ୍କ କୁଷ୍ମାଣ୍ଡା ବେଶ, ସ୍ଥାନ କୁଦିଆରୀ ମନ୍ଦିର, ଜଟଣୀ, ସମୟ: ରାତି ୮ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ଜିଲାପାଳଙ୍କ ନୂତନ ଅଡିଟୋରିୟମ୍ ସଭାଗୃହ, ବାଲେଶ୍ୱର, ସମୟ: ଦିବସବ୍ୟାପୀ।
- ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପରେଡ୍ ପଡିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଉତ୍କଳ ଦିବସ ପାଳନ ଓ କବିତା ପାଠ ଉତ୍ସବ, ସ୍ଥାନ: ହୀରାପୁର ସରକାରୀ ହାଇସ୍କୁଲ, ରୂପସା, ସମୟ: ସକାଳ ୮ଟା।
- ଏଫ୍ଏମ୍‌ୟୁରେ ଉତ୍କଳ ଦିବସ ସମାରୋହ, ସ୍ଥାନ: ପିଜି କାଉନସିଲ ହଲ୍, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ବାର୍ଷିକ ରସଗୋଲା ମହୋତ୍ସବ ଏବଂ ପିଠା ପ୍ରତିଯୋଗିତା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଓଡ଼ିଶା ଦିବସରେ ବରପୁତ୍ରଙ୍କୁ ମାଲ୍ୟାର୍ପଣ, ସ୍ଥାନ: ଭଦ୍ରକ, ସମୟ: ପ୍ରାତଃ ୫ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ସକାଳ ୭ଟା।
- ମଧ୍ୟାହ୍ନଭୋଜନ ଦିବସ ପାଳନ, ସ୍ଥାନ: ବାଲିମେଦ ଭେଡ଼ା ସହଯୋଗ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର: ସକାଳ ୮ଟା।
- ନବନିର୍ମାଣ ସେନାର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ନେହା, ବାସୁଦେବପୁର, ସମୟ: ସକାଳ ୯ଟା।
- ଶ୍ରୀମଦ ୧୦୮ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ପୂଜା ଉତ୍ସବ ଓ ୫୪ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ବଡ଼ଚନ୍ଦ୍ରଭାନୁପୁର, ବାସୁଦେବପୁର, ସମୟ: ସକାଳ ୯ଟା ୩୦।
- ଶ୍ରୀ ସିଦ୍ଧେଶ୍ୱର ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ସମାରୋହ, ସ୍ଥାନ: କମାରଗାଁ ହାଟପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: କମାରଗାଁ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ନବଗ୍ରହ ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ଲକ୍ଷ୍ମୀପ୍ରସାଦ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ଉତ୍କଳ ଦିବସ ଉପଲକ୍ଷେ ସହର ପରିକ୍ରମା, ସାଂସ୍କୃତିକ କାର୍ଯ୍ୟକ୍ରମ, ସାଧାରଣ ସଭା, ସ୍ଥାନ: କେନ୍ଦ୍ରୀୟ ଖେଳପଡ଼ିଆ, ଯୋଡ଼ା, ସମୟ: ସକାଳ ୮ଟା ଏବଂ ସନ୍ଧ୍ୟା ୬ଟା।
- ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଢେଙ୍କିକୋଟ୍, ସମୟ: ସକାଳ ୮ଟା।
- ବାର୍ଷିକ ଚୈତ୍ର ମଙ୍ଗଳା ପୂଜା, କଳସ ପୂଜନ, ସ୍ଥାନ: ଜଳକଳଙ୍ଗ, ଛେନାପଦି, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ ୯୦ତମ ଓଡିଶା ଦିବସ ପାଳନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ସକାଳ ୭ଟା ୩୦।
- ୯୦ତମ ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା ଉଦ୍‌ଘାଟନ, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୮ଟା।
- ସ୍କୁଲ ପ୍ରବେଶ ଉତ୍ସବ ଓ ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବେଲପାଳ, ବଡ଼ସାହି,ସମୟ: ସକାଳ ୮ଟା।
- ମା' ମଙ୍ଗଳାଙ୍କ ଚୈତ୍ରଘଟ ଉତ୍ତୋଳନ,ସ୍ଥାନ: ଚିତ୍ରଡ଼ା ମାର୍କେଟି ସାହି, ମୋରଡ଼ା, ସମୟ: ଅପରାହ୍ନ ୪ଟା।
- ସଦ୍‌ଭାବନା ସମିତିର ୪୬ତମ ମାନବ ଧର୍ମ ସମ୍ମିଳନୀ, ସ୍ଥାନ:ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୫ଟା।
- ସାଧାରଣ ସଭା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଗୋସାଣୀ ନୂଆଗାଁ ଶିଶୁ ମନ୍ଦିର ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ: ଶିଶୁ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ଓଡିଶା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଏନ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧଖୋଲ ରୋଡ଼ ଆଦିପୁର ଛକ ବୁଗୁଡ଼ା, ସମୟ: ଅପରାହ୍ନ ୫ ଟା।

## ଜଗତ୍‌ସିଂହପୁର

- ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ଉତ୍କଳ ଦିବସ ଦିବସ କାର୍ଯ୍ୟକ୍ରମ. ସ୍ଥାନ: ଅଫିସର୍ସ କ୍ଲବ, ମଧୁବନ, ପାରାଦୀପ, ପୂର୍ବାହ୍ନ ୧୦ଟା।
- ମୈନାକ ସାହିତ୍ୟ ସଂସଦ ଓ ସାକ୍ଷରତା ସମିତି ପକ୍ଷରୁ ଉତ୍କଳ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷରତା ସମିତି ସମ୍ମିଳନୀ କକ୍ଷ, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ରାଜ୍ୟ ପୋଲିସ ଗଠନ ଦିବସ ସମାରୋହ, ସ୍ଥାନ: ଏସ୍‌ପି ଅଫିସ, ଜଜାଙ୍ଗ, କେନ୍ଦ୍ରାପଡ଼ା ସମୟ: ସକାଳ ୮ଟା।
- ହଂସୁଆ କଳା ପ୍ରତିଷ୍ଠାନ ପତିଷ୍ଠା ଦିବସ ଉପଲକ୍ଷେ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ଦୁର୍ଗା ମଣ୍ଡପ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ: ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବସନ୍ତ ଉତ୍ସବ ଓ ଓଡ଼ିଶା ଦିବସ ପାଳନ, ସ୍ଥାନ: ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନିଳକଣ୍ଠପୁର କଲ୍ୟାଣ ମଣ୍ଡପ ପରିସର, ସମୟ: ଅପରାହ୍ନ ସାଢ଼େ ୩ଟା।
- ଓଡ଼ିଶା ଅଖିଳଚକ୍ର ପକ୍ଷରୁ ଓଡ଼ିଶା ଦିବସ, ସ୍ଥାନ: ବିଞ୍ଝାରପୁର ବରୁଣେଶ୍ୱର ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ବ୍ୟାସନଗର ଉତ୍କଳ ଦିବସ ସମାରୋହ ସମିତି ପକ୍ଷରୁ ଓଡ଼ିଶା ଦିବସ, ସ୍ଥାନ: ଯାଜପୁର ରୋଡ ରୟାଲ କଳିଙ୍ଗ ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ଲାୟନ୍ସ କ୍ଲବ ଯାଜପୁର ରୋଡ ଷ୍ଟିଲ ସିଟି ପକ୍ଷରୁ ଓଡ଼ିଶା ଦିବସ ସମାରାହ, ସ୍ଥାନ: ଯାଜପୁର ରୋଡ ସଂସ୍କୃତି ଭବନ, ସମୟ: ସକାଳ ସାଢେ ୭ଟା(ଉତ୍କଳ ପଏଣ୍ଟ ଠାରୁ ସଂସ୍କୃତି ଭମନ ସାଇକ୍ଲୋଥନ ଓ ସକାଳ ୯ଟାରେ କାର୍ଯ୍ୟକ୍ରମ ଆରମ୍ଭ)।
- ଫିଟ ଆଣ୍ଡ ଫାଇନ ମର୍ଣ୍ଣିଂ ୱାକ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର କାଳୀମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ତଥା ଜିଲା ପ୍ରତିଷ୍ଠା ଦିବସ ସମାରୋହ-୨୦୨୫, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅବସରରେ ଦେଶାତ୍ମକ ସଙ୍ଗୀତ ପରିବେଶଣ, ସ୍ଥାନ: ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୬ଟା।
- ଆରକ୍ଷୀ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ ନୟାଗଡ, ସମୟ: ସକାଳ ୮ଟା।
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ୫ମ ଦିବସରେ ସୂର୍ଯ୍ୟପୂଜା, ଗୋପୂଜା ଓ ଚଣ୍ଡିହବନ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ, ସମୟ: ସକାଳ ୮ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ୪ର୍ଥ ଦିବସ, ସ୍ଥାନ: ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସକାଳ ୯ଟା।
- ୧୫ ଦିନିଆ ଦଣ୍ଡପର୍ବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସରେ ପୌରାଣିକ ନାଟକ ଲବକୁଶ ଜନ୍ମ, ସ୍ଥାନ: ଶରଣକୁଳ ଭିକାରୀପଡ଼ା, ସମୟ: ଅପରାହ୍ନ ୩ଟା।
- ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ଖଣ୍ଡପଡ଼ା ମଧୁବନ କେଳପଡିଆ, ସମୟ: ଅପରାହ୍ନ ୩ଟା।
- ଦଶଦୋଳ ଯାତ୍ରାର ଉଦ୍‌ଯାପନ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି, ସମୟ: ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରାର ନବମ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡିଆ, ସମୟ: ଅପରାହ୍ନ ୪ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଶ୍ରୀରାମଙ୍କ ବନବାସ ଓ କୈବର୍ତ୍ତ ପ୍ରସଙ୍ଗ , ସ୍ଥାନ: ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହର ସାଧାରଣ ସଭା, ସ୍ଥାନ: ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ସାଢ଼େ ୬ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ଅବସରରେ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପଠାଣି ସାମନ୍ତ ଜିଲା ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ଢେଙ୍କାନାଳ

- ୯୦ତମ ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ଢେଙ୍କାନାଳ ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା।

## ଅନୁଗୋଳ

- ଓଡ଼ିଶା ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୯ ଘଟିକା।
- ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଆଠମଲ୍ଲିକ ସହର, ସମୟ : ସକାଳ ୭ ଟା ୧୫।

## ରାୟଗଡ଼ା

- ଓଡ଼ିଶା ଦିବସ ଉପଲକ୍ଷେ ଶୋଭାଯାତ୍ରା, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ, ସ୍ଥାନ: ଗଜପତି ଛକରୁ ଗାନ୍ଧୀ ପ୍ରମୋଦ ଉଦ୍ୟାନ, ସମୟ: ସକାଳ ୭ଟା।
- ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଶୋଭାଯାତ୍ରା, ସ୍ଥାନ: ଗୁଣପୁର ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ର, ସମୟ: ସକାଳ ୭ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଇନ୍ଦିରା ନଗର, ରାୟଗଡ଼ା, ସମୟ: ପୂର୍ବାହ୍ନ ୮ଟା।
- ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ପାଲିସ ରିଜର୍ଭ ପଡ଼ିଆ, ଚାନ୍ଦିଲି, ରାୟଗଡ଼ା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ, ସ୍ଥାନ: ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ସକାଳ ୯ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ମୁନୀଗୁଡ଼ା ଶୌଣ୍ଡିକ ମଙ୍ଗଳ ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ଉପଲକ୍ଷେ ଝୋଟି ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍, ଗୁଣପୁର, ସମୟ: ଅପରାହ୍ନ ୪ଟା।

## ନବରଙ୍ଗପୁର

- ଓଡ଼ିଶା ଦିବସ ପାଳନ ଉପଲକ୍ଷେ ବରପୁତ୍ର, ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୭ଟା।
- ୯୦ ତମ ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା।
- କୋଇଲାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଶା ଦିବସ, ସ୍ଥାନ: ଡାବୁଗାଁସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ନବମ ଓ ୧୦ମ ଶ୍ରେଣୀ ପାଇଁ ମଧ୍ୟାହ୍ନ ଭୋଜନ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ମ୍ୟୁନିସିପାଲଟି ହାଇସ୍କୁଲ, ସମୟ: ପୂର୍ବାହ୍ନ ୯ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ:ମାଝୀଗୁଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ୪୫।
- ଉତ୍କଳ ପରିଷଦ ପକ୍ଷରୁ ଓଡ଼ିଶା ଦିବସ, ସ୍ଥାନ: ନବରଙ୍ଗପୁର ତୃପ୍ତି ଲଜ୍, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସମ୍ମିଳନୀ ନବରଙ୍ଗପୁ ଶାଖା ପକ୍ଷରୁ ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀନଗରସ୍ଥିତ ସାଇ କେୟାର ଏଜୁକେଶନ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା।

## କୋରାପୁଟ

- ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ଜୟପୁର ସହର, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ଶୋଭାଯାତ୍ରା, ସ୍ଥାନ : କୋରାପୁଟ ଏସ୍‌ପି ବାସଭବନ, ସମୟ: ସକାଳ ୭ଟା ୩୦।
- ବିଜେଡିର ବରପୁତ୍ରମାନଙ୍କୁ ପୁଷ୍ପମାଲ୍ୟ, ସ୍ଥାନ: ବରପୁତ୍ରଙ୍କ ପ୍ରତିମୂର୍ତ୍ତି, ଜୟପୁର, ସମୟ: ସକାଳ ୮ଟା।
- ପୋଲିସ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ପୋଲିସ ପଡିଆ, କୋରାପୁଟ, ସମୟ : ସକାଳ ୮ ଟା।
- ଉତ୍କଳ ସମ୍ମିଳନୀ ପାଳନ, ସ୍ଥାନ: କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ପଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ଭାଷା ଚର୍ଚ୍ଚା ଓ କମିଟା ପାଠୋତ୍ସବ, ସ୍ଥାନ: କୋଟିଆ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଦିବସ, ସ୍ଥାନ: କୋଟିଆ ପଞ୍ଚାୟତ ସଦର ମହକୁମା, କୋଟିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଦିବସ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଦିବସ ପାଳନ, ସ୍ଥାନ: ଟାଉନ୍ ହଲ, ଜୟପୁର, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଆ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମର ଆରମ୍ଭ, ସ୍ଥାନ : ସହୀଦ ସ୍ତମ୍ଭ, ସମୟ : ପ୍ରାତଃ ୫ଟା।
- ସହର ସ୍ଥିତ ବିଭିନ୍ନ ଛକରେ ବରପୁତ୍ରଙ୍କୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମର ଆରମ୍ଭ, ସ୍ଥାନ: ଗୋଲ ବଜାର ସହୀଦ ସ୍ତମ୍ଭ, ସମୟ: ସକାଳ ୬ଟା ୩୦।
- ଜିଲା ପ୍ରଶାସନ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଭାରତୀ ସମାଜ ପକ୍ଷରୁ ଭାରତୀ ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଓଡିଶା ଦିବସ ପାଳନ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପରିସର, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଚୈତ୍ର ନବରାତ୍ର ଆରମ୍ଭ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଗୋପବନ୍ଧୁ ପାଠାଗାର ଓ ଗାୟତ୍ରୀ ଆର୍ଟ ଏଣ୍ଡ କ୍ରାଫ୍ଟ ପକ୍ଷରୁ ଚିତ୍ରକଳା ପରିଦର୍ଶନୀ ଓ ଉତ୍କଳ ଦିବସ ପାଳନ, ସ୍ଥାନ: ରାଉରକେଲା ଗୋପବନ୍ଧୁ ପାଠାଗାର, ସମୟ: ସକାଳ ୭ଟା।
- ୯୦ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରାଉରକେଲା ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା।
- ୯୦ତମ ଉତ୍କଳ ଦିବସ ପାଳନ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏସ୍‌ପି ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠା ଦିବସ, ସ୍ଥାନ: କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାରହୁଲ ପୂଜା ମହୋତ୍ସବ, ସ୍ଥାନ: ସାରନା ପ୍ରାର୍ଥନା ସଭା, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନ ଆନୁକୂଲ୍ୟରେରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହ,ସ୍ଥାନ: ସଂସ୍କୃତି ଭବନ,ସମୟ: ଅପରାହ୍ନ ୫ଟା।
- ସୁନ୍ଦରଗଡ ବିଜୁ ଜନତା ଦଳ ତରଫରୁ ଓଡିଶା ଦିବସ ପାଳନ ଅବସରରେ ରାଣୀବଗିଚା ବାଇପାସ ଛକ ସ୍ଥିତ ଓଡିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଣୀ ବଗିଚା ବାଇପାସ, ସମୟ: ସକାଳ ୮ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରୀଚନ୍ଦ୍ର ଯୋଗୁ ମାନସିକ ଅସ୍ଥିରତା ହେତୁ ଦୂରଯାତ୍ରା କିମ୍ବା ବିବାଦରେ ପଶିବା ଠିକ୍ ହେବ ନାହିଁ। ପରିବାରକୁ ସୁଧାରିବା ସକାଶେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଯାହା କି ଦୁଶ୍ଚିନ୍ତାର କାରଣ ହେବ। ଦ୍ୱିଜା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ବୃଷ** ଅଷ୍ଟମାଧିପତି ରାଶିରେ ଥିବାରୁ ଦୈହିକ ଅସୁସ୍ଥତା ସଙ୍ଗକୁ କୌଣସି ମହିଳାଙ୍କ ସଙ୍ଗେ କଳହ ସୃଷ୍ଟି କରିବ। ଅଭାବ ନ ଥିଲେ ମଧ୍ୟ କୌଣସି ମୂଲ୍ୟବାନ ଜିନିଷ କିଣିବା ସକାଶେ ଧାର କରିବାକୁ ଚିନ୍ତା କରିବେ। ଅଫିସରେ ଚାପର ସମ୍ମୁଖୀନ ହେବେ। ସଭାସମିତିରେ ତଥା ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ମିଥୁନ** କର୍ମଭାବରେ ରାଜଯୋଗ ସୃଷ୍ଟି ହେଉଥିବାରୁ ବିଶିଷ୍ଟ ବ୍ୟକ୍ତିଙ୍କ ସଂସର୍ଗତା ଲାଭ କରିବେ। ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ସହ ଉପଢୌକନ ପାଇପାରନ୍ତି। ସମ୍ପର୍କୀୟଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ପ୍ରଫୁଲ୍ଲିତ ହେବ। କିନ୍ତୁ ଏହା ସଙ୍ଗକୁ ପାଖରେ ଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କର୍କଟ** କର୍ମଭାବରେ ରାଶ୍ୟାଧିପତି ଚନ୍ଦ୍ର ଅବସ୍ଥାନ କରିଥିବାରୁ କର୍ମଜଞ୍ଜାଳ ବୃଦ୍ଧି ପାଇବ। ବକେୟା ଅର୍ଥ ଆଦାୟ କରିବାରେଆତ୍ମୀୟସ୍ୱଜନଙ୍କ ସହାୟତାରେ ସକ୍ଷମ ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପ୍ରାପ୍ତି ହେବ। କଳା, ସାହିତ୍ୟ, ସାମ୍ବାଦିକତା, ପ୍ରେସ୍ ଓ ପବ୍ଲିକେଶନ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ସିଂହ** ରବି ଅଷ୍ଟମସ୍ଥ ହୋଇ ଚନ୍ଦ୍ରଙ୍କ ଦ୍ୱାଦଶସ୍ଥ ଯୋଗୁ ଚେଷ୍ଟା କରୁଥିବା କାର୍ଯ୍ୟରେ ପ୍ରତିବନ୍ଧକର ସାମ୍ନା କରି କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଥିବାରୁ ମନ ଭଲ ରହିବ ନାହିଁ। ସମ୍ପର୍କୀୟଙ୍କ ପରୋକ୍ଷ ବିରୁଦ୍ଧାଚରଣ ମାନସିକ ସ୍ତରରେ ଅଶାନ୍ତି ସୃଷ୍ଟି କରିବ। ଆର୍ଥିକ ଉନ୍ନତି, କର୍ମାରମ୍ଭ, ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିବେ।

**କନ୍ୟା** ଦୁଃସ୍ଥାନରେ ଚନ୍ଦ୍ର ରହିଥିବାରୁ ମାନସିକ ଅସ୍ଥିରତା ସହିତ ପ୍ରାପ୍ୟଧନରେ ବାଧା ସୃଷ୍ଟି ହେବ। ନୂଆ କାମ ଆରମ୍ଭ କଲେ ସାହାଯ୍ୟ, ସହଯୋଗ ନିଶ୍ଚୟ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ ଓ ପ୍ରଶଂସା ମଧ୍ୟ ପାଇବେ। ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବିଶେଷ ପରିମାଣରେ ବୃଦ୍ଧି ପାଇବ।

**ତୁଳା** କର୍ମକ୍ଷେତ୍ରରେ ତରତର ହେଲେ କାମ ବିଗିଡ଼ିଯାଇପାରେ। ପରୋକ୍ଷ ଶତ୍ରୁତା ଥିଲେ ମଧ୍ୟ ଦିନ ଭିତରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବିଶାଖା ନକ୍ଷତ୍ର ଭିନ୍ନ କ୍ଷେତ୍ରରୁ ନିଜ ଲୋକମାନଙ୍କ ବିରୋଧରେ ଅଭିଯୋଗ ଆସିପାରେ। ମନେ ମନେ ଭାବୁଥିବା ବିଷୟଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ବିଛା** କୋଣଭାବସ୍ଥ ଗ୍ରହସମ୍ପର୍କ ସମସ୍ତ କାର୍ଯ୍ୟସିଦ୍ଧିର ଦ୍ୟୋତକ ଅଟେ। ଅନୁରାଧା ନକ୍ଷତ୍ର ଆଜି ଯେମିତି ଛାହୁଁଛନ୍ତି ତାହା ପୂରଣ ହେବ। ଆର୍ଥିକ ଉନ୍ନତି, ଅଭିଳଷିତ କାର୍ଯ୍ୟରେ ଅଗ୍ରଗତି ହେତୁ ମନ ହାଲୁକା ରହିବ। ବନ୍ଧୁଙ୍କ ସହ କୌଣସି ଆନୁଷ୍ଠାନିକ, ଗଠନମୂଳକ କାମ ତଥା ସଭାସମିତି କିମ୍ବା ସାହିତ୍ୟ ଆସର କରିପାରନ୍ତି।

**ଧନୁ** ଚତୁର୍ଥସ୍ଥ ରାଜଯୋଗ ହେତୁ ପାରିବାରିକ ସ୍ଥିରତା, ଯାନବାହନ ଲାଭ, ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ। ସାମାଜିକ ସମ୍ମାନ, ପଡ଼ୋଶୀଙ୍କ ଆଦର, ଅଭ୍ୟର୍ଥନା ଲାଭକରିବେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଂଗଠନ, ସଭାସମିତି ପାଇଁ ଆଜି ଦିନଟି ବହୁତ ଭଲ। ଉପରିସ୍ଥଙ୍କ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା ପାଇଁ ବାଧ୍ୟ ହୋଇପାରନ୍ତି।

**ମକର** ସପ୍ତମାଧିପତି କେନ୍ଦ୍ରସ୍ଥ ଯୋଗୁ ଆଜି ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରେ କାର୍ଯ୍ୟସିଦ୍ଧି ଘଟିବ। ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଓ ନୂତନ ପଦକ୍ଷେପ ନେଇ ସ୍ଥଗିତ କାମର ପୁନଃ ଆରମ୍ଭ କରିବେ। ପ୍ରକାଶନ, ଏଜେନ୍ସିପ୍, ପରିବହନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଭ୍ରାତୃବର୍ଗଙ୍କ ଦ୍ୱାରା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**କୁମ୍ଭ** ବୁଧଙ୍କ ଦୁର୍ବଳ ସ୍ଥିତି ହେତୁ ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ କଳହ ଘଟିପାରେ। ପାରିବାରିକ କ୍ଷେତ୍ରରେ ସୁସମ୍ପର୍କ ସ୍ଥାପିତ ହେବାରେ ପଡ଼ୋଶୀଙ୍କ ଭୂମିକା ଅବିସ୍ମରଣୀୟ ରହିବ। ଜମିଜମା, ସରକାରୀ ସୂତ୍ରରୁ ଅର୍ଥ, ଛୋଟ ବ୍ୟବସାୟ, ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ସହକର୍ମୀଙ୍କ ସହ ବିବାଦର ସମାଧାନ ଘଟିବ।

**ମୀନ** ଦ୍ୱିତୀୟସ୍ଥ ଚନ୍ଦ୍ର ହେତୁ ବନ୍ଧୁଙ୍କ ସାହାଯ୍ୟ ଲାଭ କରି ମାନସିକ ସ୍ଥିତି ସୁସ୍ଥ ହୋଇଯିବ। ଗତ କିଛିଦିନ ଧରି ଯାହା ଓ ଯେମିତି ଭାବୁଥିଲେ ଆଜି ଠିକ୍ ତାହା ହିଁ ପାଇବେ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ଅନ୍ୟଥା ଚିନ୍ତା କରିବାକୁ ପଡ଼ିବ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ।

ଆଜି ଓଡ଼ିଶା ଦିବସ। ଏପ୍ରିଲ୍ ୦୧ ତାରିଖ, ଅନ୍ତର୍ଜାତୀୟ ନିର୍ବୋଧ ଦିବସ, ନୂତନ ଆର୍ଥିକବର୍ଷ ଆରମ୍ଭ, ଚୈତ୍ର ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଶ୍ରୀମନ୍ଦିରରେ ବାଡି ନୃସିଂହ ବିଜେ, ଚୈତ୍ର ମଙ୍ଗଳବାରଓଷା, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଦିବା ଘ.୧୧.୦୭ମି. ଗତେ କୃତ୍ତିକା ନକ୍ଷତ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮.୪୭ମି. ଗତେ ଘ.୧୦.୩୭ମି. ମଧ୍ୟେ, ଘ.୦୧.୦୩ମି. ଗତେ ଘ.୦୧.୨୨ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୫୩ମି. ଗତେ ଘ.୦୪.୨୫ମି. ମଧ୍ୟେ ରାହୁ କାଳ।

---

ପ୍ରଥମ ପୃଷ୍ଠାରୁ...

## ଜାତୀୟ ଐତିହ୍ୟ ତାଲିକାରେ...

ତାଲିକାଭୁକ୍ତ ହେବ ବୋଲି ଆଶାବାଦୀ ଥିବା ଜଣାଇଛନ୍ତି। ଶ୍ରୀଜଗନ୍ନାଥଙ୍କ ଦିବ୍ୟଲୀଳାକୁ ଅତୁଲ୍ୟ ସାଂସ୍କୃତିକ ଐତିହ୍ୟର ଜାତୀୟ ତାଲିକାରେ ସ୍ଥାନିତ କରିବା ସହ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ବୋଲାଉଥିବା ସାଂସ୍କୃତିକ ଓ ବାଣିଜ୍ୟିକ ମେଳା ବାଲିଯାତ୍ରାକୁ ମଧ୍ୟ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ତାଲିକାଭୁକ୍ତ କରାଯିବା ନିହାତିପକ୍ଷେ ଆନନ୍ଦର ବିଷୟ ବୋଲି ଉଲ୍ଲେଖ କରାଯାଇଛି। ଗତ ବାଲିଯାତ୍ରା ଉତ୍ସବରେ ବିଭିନ୍ନ ଦେଶର ହାଇକମିଶନର ଓ ପ୍ରତିନିଧିମାନେ ଯୋଗଦେଇ ବାଲିଯାତ୍ରାକୁ ପ୍ରଶଂସା କରିଥିଲେ। ସୂଚନା ଯେ, ଜିଲା ପ୍ରଶାସନ ପକ୍ଷରୁ ଏହି ମେଳାକୁ ଜାତୀୟ ତାଲିକାରେ ସାମିଲ କରାଯିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା।

## ପଦବୀ ପୂରଣ ହେଉନି....

ଆଇଏଏସ୍ ଅଫିସର କାର୍ଯ୍ୟରତ ଥିଲେ। ହେଲେ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ୍ ଗତ ଶନିବାର ତାଙ୍କ ଚାକିରିରୁ ଭିଆର୍‌ଏସ୍ ନେବା ପରେ ଏହି ସଂଖ୍ୟା ଆଉ ଗୋଟିଏ ତଳକୁ ଖସିଯାଇଛି। ଏହି ସଂଖ୍ୟା ବର୍ତ୍ତମାନ ୧୫୮ରେ ପହଞ୍ଚିଛି। ୧୫୮ଟି ପଦବୀ ପୂରଣ ଥିବାବେଳେ ମୋଟ୍ ୯୦ ଆଇଏଏସ୍ ପଦବୀରେ କେହି ଅଧିକାରୀ ନାହାନ୍ତି। ସେହିପରି ଓଡ଼ିଶାରେ ୧୯୫ଟି ମଞ୍ଜୁରୀପ୍ରାପ୍ତ ଆଇପିଏସ୍ ଅଫିସର ପଦବୀ ଥିବାବେଳେ ସେଥିରୁ ୧୨୬ଟି ପଦବୀ ପୂରଣ ହୋଇଛି। ୨୪ ଜଣ ଅଧିକାରୀ ଏବେ କେନ୍ଦ୍ରୀୟ ଡେପୁଟେଶନରେ ଥିବାବେଳେ ୬୯ଟି ପଦବୀ ଖାଲି ପଡ଼ିଛି। ତେଣୁ ତଥ୍ୟକୁ ଦେଖିଲେ, ଡେପୁଟେଶନରେ ଯାଇଥିବା ଅଧିକାରୀଙ୍କୁ ବାଦ୍ ଦେଲେ ରାଜ୍ୟରେ ଏବେ ମୋଟ୍ ୧୦୨ ଜଣ କାର୍ଯ୍ୟ କରୁଛନ୍ତି। ତେଣୁ ୯୩ଟି ଆଇପିଏସ୍ ଅଫିସର ପଦବୀ ଓଡ଼ିଶାରେ ଖାଲି ପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ରଖିଥିବା ଏକ ଲିଖିତ ଉତ୍ତରର ତଥ୍ୟ ଅନୁଯାୟୀ, ଅଫିସରମାନଙ୍କ ବଦଳି ସାଧାରଣତଃ ୩ ବର୍ଷରେ କରାଯାଇଥାଏ। ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୩ ବର୍ଷ ପୂର୍ବରୁ ମଧ୍ୟ ବଦଳି କରାଯାଇପାରିବ। ଆଇଏଏସ୍ ଅଧିକାରୀମାନଙ୍କ ବଦଳି ସିଭିଲ ସର୍ଭିସ୍ ବୋର୍ଡ ସୁପାରିସ ଏବଂ ଆଇପିଏସ୍ ଅଧିକାରୀଙ୍କ ବଦଳି ଲାଗି ଗଠିତ କମିଟିର ସୁପାରିସ ଏବଂ ସରକାରଙ୍କ ଅନୁମୋଦନକ୍ରମେ କରାଯାଇଥାଏ। ଓଏଏସ୍ ଅଫିସରଙ୍କ ବଦଳି ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି କରାଯାଇଥାଏ।

କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ୨୨ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ ୨୦୧୭ରେ ଜଣେ, ୨୦୧୯ରେ ୫ ଜଣ, ୨୦୨୦ରେ ୨ ଜଣ, ୨୦୨୧ରେ ୨ ଜଣ, ୨୦୨୨ରେ ୬ ଜଣ, ୨୦୨୩ରେ ଜଣେ ଏବଂ ୨୦୨୪ରେ ୫ ଜଣ ଯାଇଛନ୍ତି। ଏହା ଉପରେ ନଜର ପକାଇଲେ ୨୦୨୦ରୁ ୨୦୨୪ ଶେଷ ସୁଦ୍ଧା ମୋଟ୍ ୧୬ ଜଣ ଡେପୁଟେଶନରେ ଯାଇଛନ୍ତି। ସେହିପରି ଆଇପିଏସ୍ ଅଫିସରମାନଙ୍କ ସଂଖ୍ୟା ଉପରେ ଦୃଷ୍ଟି ପକାଇଲେ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବା ମୋଟ୍ ୨୪ ଜଣଙ୍କ ମଧ୍ୟରୁ ୧୯୯୮ରେ ଜଣେ, ୨୦୦୭ରେ ଜଣେ, ୨୦୧୬ରେ ୨ ଜଣ, ୨୦୧୭ରେ ଜଣେ, ୨୦୧୮ରେ ୨ ଜଣ, ୨୦୧୯ରେ ୩, ୨୦୨୦ରେ ଜଣେ, ୨୦୨୧ରେ ୩ ଜଣ, ୨୦୨୩ରେ ୪ ଏବଂ ୨୦୨୪ରେ ସର୍ବାଧିକ ୬ ଜଣ ଯାଇଛନ୍ତି। ଏହି ତଥ୍ୟରେ ୨୦୧୯ରୁ ୨୦୨୪ ଶେଷ ସୁଦ୍ଧା ଥିବା ତଥ୍ୟକୁ ଦେଖିଲେ ମୋଟ୍ ୧୭ ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଚାଲିଯାଇଛନ୍ତି।

ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଉଭୟ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରମାନଙ୍କ ବଦଳି ଲାଗି ଏକ କମିଟି ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଏହି କମିଟିର ଅଧ୍ୟକ୍ଷ ହେଉଛନ୍ତି ମୁଖ୍ୟ ଶାସନ ସଚିବ। ତାଙ୍କ ତଳକୁ ସିନିୟର ମୋଷ୍ଟ ୨ ଜଣ ଅଧିକାରୀ ଉକ୍ତ କମିଟିରେ ସଦସ୍ୟ ଅଛନ୍ତି। ଏମାନେ ବସି ଆଇଏଏସ୍, ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତି, ବଦଳି ସମ୍ପର୍କିତ ନିଷ୍ପତ୍ତି ନେବାପରେ ମୁଖ୍ୟମନ୍ତ୍ରୀ ତାହାକୁ ଅନୁମୋଦନ ଦେଇଥାଆନ୍ତି। କୌଣସି ଆଇଏଏସ୍ କିମ୍ବା ଆଇପିଏସ୍ ଅଧିକାରୀ ଅତିକମ୍‌ରେ ୨ ବର୍ଷ ଯାଏ ଗୋଟିଏ ଜାଗାରେ ରହିପାରିବେ। ସେଭଳି କିଛି ଜରୁରୀ ଥିଲେ ଏ ସମୟ ପୂର୍ବରୁ ଏହି ଉଚ୍ଚପଦସ୍ଥ ଅଧିକାରୀଙ୍କ ବଦଳି କରାଯାଇପାରିବ। ହେଲେ ସେପରି ଜଣେ ଆଇଏଏସ୍ ଅଧିକାରୀ ଗୋଟିଏ ବିଭାଗରେ କେତେଦିନ ରହିବେ ସେନେଇ କିଛି ପ୍ରାବଧାନ ନ ଥିବା ଉକ୍ତ ଅଧିକାରୀ ଜଣକ କହିଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କହିଛନ୍ତି, ଆଇଏଏସ୍ ଅଫିସରମାନେ ଗୋଟିଏ ବିଭାଗରେ ଦୀର୍ଘଦିନ କାମ କରିପାରିବେ। ଆଇଏଏସ୍ ଅଫିସରଙ୍କ ନିର୍ଦ୍ଦିଷ୍ଟ କିଛି ବର୍ଷରେ ବଦଳି ନେଇ ସେପରି କୌଣସି ରୁଲ୍‌ସ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ ରାଜ୍ୟରେ ମୋଟ୍ ୨,୨୪୮ ମଞ୍ଜୁରୀପ୍ରାପ୍ତ ଓଏଏସ୍ ଅଫିସର ପଦବୀ ଥିବାବେଳେ ସେଥିରୁ ୧,୯୯୫ଟି ପୂରଣ ହୋଇଛି। ବାକି ୨୫୩ ପଦବୀ ଖାଲି ପଡ଼ିଛି। ଓପିଏସ୍ ପଦବୀ ସଂଖ୍ୟା ୮୨୯ ହୋଇଥିବାବେଳେ ୫୭୬ ପଦବୀ ପୂରଣ ରହିଥିବା ବେଳେ ୨୫୩ଟି ଖାଲି ପଡ଼ିଛି। ଓଡ଼ିଶା ଅର୍ଥ ସେବାର ୧୧୭୨ଟି ପଦବୀରୁ ୮୯୮ଟି ପୂରଣ ଅଛି, ୨୭୪ଟି ଖାଲି ପଡ଼ିଛି। ଓଡ଼ିଶା ବନ ସେବାର ୧,୦୫୮ ପଦବୀରୁ ୪୪୭ଟି ପୂରଣ ରହିଥିବାବେଳେ ୬୧୧ଟି ଖାଲି ପଡ଼ିଛି ଏବଂ ୧,୨୯୦ଟି ଓଆର୍‌ଏସ୍ ପଦବୀରୁ ୧୦୨୭ଟି ପୂରଣ ହୋଇଥିବାବେଳେ ୨୬୩ଟି ପଦ ଖାଲି ପଡ଼ିଥିବା ସରକାର ତଥ୍ୟ ଦେଇଛନ୍ତି।

କେବଳ ପ୍ରଶାସନିକ ସେବା ଅଧିକାରୀଙ୍କ କଥା ନୁହେଁ, ପୋଲିସ ସଂଖ୍ୟା ଉପରେ ନଜର ପକାଇଲେ ରାଜ୍ୟରେ ରହିଥିବା ମଞ୍ଜୁରୀପ୍ରାପ୍ତ ପଦବୀ ପୂରଣ ହୋଇପାରିନାହିଁ। ଜାତୀୟ ପୋଲିସ ଗବେଷଣା ଓ ବିକାଶ ବ୍ୟୁରୋ(ବିପିଆର୍ ଆଣ୍ଡ ଡି), ନୂଆଦିଲ୍ଲୀଙ୍କ ଦ୍ୱାରା ୨୦୨୩ରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ପ୍ରତି ଲକ୍ଷେ ଲୋକଙ୍କ ପିଛା ୧୫୦.୯୯ ହାରରେ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ହେଲେ ୧୨୦.୫୮ ହାରରେ କାର୍ଯ୍ୟ କରୁଛନ୍ତି। ଏହା ସର୍ବଭାରତୀୟ ହାରଠାରୁ କମ୍ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥ୍ୟ ରଖିଛନ୍ତି। ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ପଦବୀ ବୃଦ୍ଧିଲାଗି ପର୍ଯ୍ୟାୟକ୍ରମେ ପଦକ୍ଷେପ ନିଆଯାଉଥିବା ସେ କହିଛନ୍ତି। ସେହି କ୍ରମରେ ଜିଲାଗୁଡ଼ିକର ଥାନାରେ ମଧ୍ୟ ମାମଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୮ ମାସରେ ବିଭିନ୍ନ ଜିଲାରେ ୧,୩୫,୦୭୪ଟିମାମଲା ରୁଜୁ କରାଯାଇଛି। ଏଥିମଧ୍ୟରୁ ଗଞ୍ଜାମ ଜିଲାରେ ଅଧିକ ମାମଲା ରୁଜୁ ହୋଇଛି।

## ରାଷ୍ଟ୍ରୀୟ ମର୍ଯ୍ୟାଦାରେ...

ଜିଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲାପାଳ ଉମାଶଙ୍କର ଦଳାଇ, କେନ୍ଦୁଝର ସଦର ବିଡିଓ ବିନୋଦ କୁମାର ପଣ୍ଡା, ତହସିଲଦାର ଶୁଭେନ୍ଦୁ ସାହୁ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ତଥା ପୋଲିସ ଅଧିକାରୀଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହିଥିଲେ। ପୋଲିସ ପକ୍ଷରୁ ବିଧି ଅନୁଯାୟୀ ତୋପ ସଲାମି ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ ଅରୁଣାଞ୍ଚଳ ପ୍ରଦେଶ ତାୱାଙ୍ଗଠାରେ କର୍ତ୍ତବ୍ୟ ସମ୍ପାଦନ ବେଳେ ଗତ ୨୯ ତାରିଖରେ ସେ ବୀରଗତିପ୍ରାପ୍ତ ହୋଇଥିଲେ।

## ଆଣ୍ଟିଡିପ୍ରେସାଣ୍ଟ ଔଷଧ...

ଧରି ଆଣ୍ଟିଡିପ୍ରେସାଣ୍ଟ ବ୍ୟବହାର କରୁଥିବା ବ୍ୟକ୍ତିଙ୍କଠାରେ ହୃଦ୍‌ଘାତ ହେବାର ଆଶଙ୍କା ସାଧାରଣ ଜନସଂଖ୍ୟାଠାରୁ ୨.୨ ଗୁଣା ଅଧିକ ରହିଛି। ସେହିପରି ଅଧିକ ଦିନ ଧରି ଆଣ୍ଟିଡିପ୍ରେସାଣ୍ଟର ବ୍ୟବହାର କରୁଥିବା ଯୁବପିଢ଼ିଙ୍କ ଠାରେ ହୃଦ୍‌ଘାତର ଆଶଙ୍କା ବେଶି ବୋଲି ଏହି ଅଧ୍ୟୟନ କହିଛି। ଅଧ୍ୟୟନର କୋ-ଅଥର ଡାକ୍ତର ଜସ୍‌ମିନ ମୁଜ୍‌କାନୋଭିକ କହିଛନ୍ତି, ଯେତେ ଅଧିକ ସମୟ ଧରି ଆଣ୍ଟିଡିପ୍ରେସାଣ୍ଟର ସେବନ କରାଯାଇଥାଏ, ହୃଦ୍‌ଘାତର ଆଶଙ୍କା ମଧ୍ୟ ସେତେ ଅଧିକ ହୋଇଯାଏ। ଆଣ୍ଟିଡିପ୍ରେସାଣ୍ଟର ପ୍ରତିକୂଳ ପ୍ରଭାବ ଯୋଗୁ ହୃଦ୍‌ଘାତ ଘଟୁଥାଇପାରେ ବୋଲି ସେ କହିଛନ୍ତି। ତେବେ ଉଦାସୀନତା, ଜୀବନଶୈଳୀ ଅଭ୍ୟାସ, ହୃଦୟର ସ୍ୱାସ୍ଥ୍ୟକୁ ଅଣଦେଖା, ଡାକ୍ତରୀ ପରାମର୍ଶ ନେବାରେ ବିଳମ୍ବ ଆଦି ହୃଦ୍‌ଘାତ ହେବାର ବିଭିନ୍ନ କାରଣ ବୋଲି ଡାକ୍ତର ମୁଜ୍‌କାନୋଭିକ କହିଛନ୍ତି।



ଇଦ୍ ଅବସରରେ ସୋମବାର ଭୁବନେଶ୍ୱର ଖାରପଡ଼ାସ୍ଥିତ ନୁରାନି କ୍ଲବ୍ ହବିବ୍‌ଠାରେ ମୁସଲିମ୍ ଭାଇମାନେ ସମୂହ ପ୍ରାର୍ଥନା କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

**ପୁରୀ,୩୧।୩(ଅଜିତ୍ କୁମାର ମହାନ୍ତି)**

ଚୈତ୍ର ଶୁକ୍ଳପକ୍ଷ ଦ୍ୱିତୀୟ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ଶେଷ କରିଛନ୍ତି। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ନୀତି ଆରମ୍ଭ ହୋଇଥିଲା। ପରେ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀଦେବୀ, ଭୂଦେବୀ ଖଟସେଜ ଘରକୁ ବିଜେ କରିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ଖସାପଡା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ଅପରାହ୍ନ ୫ଟା ୩୦ରେ ନୀତି ଆରମ୍ଭ ହୋଇଥିଲା। ଦଇତାପତିମାନେ ଗୁପ୍ତନୀତି ସାରି ଶ୍ରୀମନ୍ଦିର ଗର୍ଭଗୃହରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀବିଗ୍ରହଙ୍କ ଶ୍ରୀପୟର ସୁରକ୍ଷା ନିମନ୍ତେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ବର୍ଷକୁ ୨ରୁ ୩ଥର ମହାପ୍ରଭୁଙ୍କ ଏହି ଖସାପଡ଼ା ନୀତି ସମ୍ପାଦନ କରାଯାଇଥାଏ।

# ଦ୍ୱିତୀୟ ଚିଲିକାରେ ଇକୋ ଟୁରିଜମ ପାର୍କ

**ପାଲଲହଡ଼ା,୩୧।୩ (ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲାର ଅନ୍ୟତମ ପର୍ଯ୍ୟଟନ ସ୍ଥଳ ଭାବେ ପରିଚିତ ପାଲଲହଡ଼ା ଉପଖଣ୍ଡ କରଡ଼ାପାଳ ପଞ୍ଚାୟତ ମାହାଳସରୁଆ ଠାରେ ଥିବା ରେଙ୍ଗାଳି ଜଳଭଣ୍ଡାର ନିକଟସ୍ଥ ଦ୍ୱିତୀୟ ଚିଲିକାରେ ଇକୋ ଟୁରିଜମ୍ ପାର୍କ ସୋମବାରଠାରୁ ଆରମ୍ଭ ହୋଇଛି। ବନବିଭାଗ ଦ୍ୱାରା ଅୟୋଜିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ତଥା ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଦେବଗଡ଼ ଡିଏଫଓ ମଗର ଧନଜୀ ରାଓସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ପାଲଲହଡ଼ା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜଙ୍ଗଲ ସୁରକ୍ଷା ସଚେତନତା ସଭା ସହିତ ବିଭିନ୍ନ ଉପକରଣ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଖୁଣ୍ଟିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଡିଏଫଓ ଦେବଗଡ଼ ଯୋଗଦେଇ ଜଙ୍ଗଲ ସୁରକ୍ଷା ସଚେତନତା ସଭା ସହିତ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ।



ଇକୋ ଟୁରିଜମ୍ ପାର୍କକୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

# ରଷିକୁଲ୍ୟା ମୁହାଣରେ ଗଣ ଅଣ୍ଡାଦାନ ପର୍ବ ଶେଷ



ସାମୁଦ୍ରିକ କଇଁଛଙ୍କ ସାମୁହିକ ଅଣ୍ଡାଦାନ।

**ଗଞ୍ଜାମ,୩୧।୩ (ବିଦ୍ୟାଧର ସାହୁ)**

ରଷିକୁଲ୍ୟା ମୁହାଣରେ ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ପ୍ରକ୍ରିୟା ଶେଷ ହୋଇଛି। ୬ ଦିନରେ ୨ ଲକ୍ଷ ୫ ହଜାର ୭୯୯ଟି ମା' କଇଁଛ ଗଣ ଅଣ୍ଡାଦାନ କରିଥିବା ଜଣାପଡିଛି। ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ୯୮ ହଜାର ୭୧୮ ସାମୁହିକ ଗଣ ଅଣ୍ଡାଦାନ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଉପରୋକ୍ତ ପରିମାଣର ଅଣ୍ଡାଦାନ କରିଛନ୍ତି। ଏହି ଦୁଇ ପର୍ଯ୍ୟାୟରେ ସାମୁଦ୍ରକ କଇଁଛମାନେ ମୋଟ ୯ ଲକ୍ଷ ୪ ହଜାର ୫୧୭ ଅଣ୍ଡାଦାନ କରିଥିବା ବନ ବିଭାଗ ଅଧିକାରୀ ଦିବ୍ୟ ଶଙ୍କର ବେହେରା ସୂଚନା ଦେଇଛନ୍ତି। ଚଳିତ ବର୍ଷ ଗଣ ଅଣ୍ଡାଦାନକୁ ନେଇ ବନ ବିଭାଗ, ପର୍ଯ୍ୟଟକ, ପରିବେଶବିତ୍ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ଡିଏଫ୍‌ଓ ସନି ଖୋଖରଙ୍କ ନିର୍ଦ୍ଦେଶରେ ବନ ବିଭାଗ ପକ୍ଷରୁ ସାମୁଦ୍ରିକ କଇଁଚ ସୁରକ୍ଷାକୁ କଡାକଡ଼ି କରାଯାଇଛି। ବିଶେଷକରି ମୁହାଣର ଉଭୟ ପାର୍ଶ୍ୱରେ ଗଣ ଅଣ୍ଡାଦାନ ହୋଇଛି। ପୁରୁଣାବନ୍ଧ ମା ଗଙ୍ଗାଦେବୀ ସମ୍ମୁଖ ବେଳାଭୂମି ଠାରୁ ପ୍ରୟାଗିର ଅଳେଶ୍ୱର ବେଳାଭୂମି ପର୍ଯ୍ୟନ୍ତ ସାମୁହିକ ଗଣ ଅଣ୍ଡାଦାନ ହୋଇଥିବା ଲକ୍ଷ୍ୟ କରାଯାଇଛି।

**ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ୫ ହଜାର ୭୯୯ କଇଁଛଙ୍କ ସାମୂହିକ ଅଣ୍ଡାଦାନ**

# ସାଢ଼େ ୬ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ ରହିଛି: ମନ୍ତ୍ରୀ ହରିଚନ୍ଦନ

**ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)**

୨୦୨୫-୨୬ ଆର୍ଥିକ ବର୍ଷରେ ସାଢେ ୬ ହଜାର କି.ମି.ର ରାସ୍ତା ରାଜ୍ୟ ସରକାର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ଆସନ୍ତା ୩ ବର୍ଷରେ ସରକାର ୧୫ ହଜାର କି.ମି. ରାସ୍ତା ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ, ୨୦୨୫ ବିଲ୍ ବିଧାନସଭାରେ ପାରିତହେବା ପରେ ଏହି କାର୍ଯ୍ୟ ଆରମ୍ଭ ହୋଇଯିବ। ତେଣୁ ଏହା ପୂର୍ବରୁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ୩ ବର୍ଷରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚହୋଇ ୧୫ ହଜାର କି.ମି. ରାସ୍ତା ନିର୍ମାଣ କରାଯିବ। ୨ରୁ ୩ ଦିନ ପରେ ବିଧାନସଭାରେ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ ବିଲ୍, ୨୦୨୫ ଆସିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଏହି ବିଲ୍ ଗୃହରେ କିଛିଦିନ ତଳେ ଆଗତ କରାଯାଇଥିବା ବେଳେ ବାଚସ୍ପତି ଏହାକୁ ପରାମର୍ଶଦାତା କମିଟିକୁ ପଠାଇଦେଇଛନ୍ତି। ଏହି ବିଲ୍ ପାରିତ ହେବା ପରେ ରାଜ୍ୟରେ ପ୍ରାୟ ୭୫ ହଜାର କି.ମି. ରାସ୍ତା କାମ ହେବ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ କହିଥିଲେ। ଏଥିରେ ବିଶ୍ୱସ୍ତରୀୟ ରାସ୍ତା ହେବ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ବକ୍ତୃତା ପ୍ରତିଯୋଗିତା

## ଶୁଭଶ୍ରୀ ପ୍ରଥମ, ତେଜ୍ ତନ୍ମୟ ଦ୍ୱିତୀୟ, ସଂଗ୍ରାମ ତୃତୀୟ

**ଭୁବନେଶ୍ୱର,୩୧।୩ (ସୁଚିସ୍ମିତା ସାହୁ)**

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ-୨୦୨୫ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ବିଭାଗୀୟ ପ୍ରେକ୍ଷାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଭାଗନେଇଥିଲେ। କଟକ ସେକେଣ୍ଡାରି ବୋର୍ଡ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ଶତପଥୀ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ କେନ୍ଦ୍ରାପଡ଼ା ଜିଲା ସେଣ୍ଟ ଜାଭିୟର୍ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ତେଜ୍ ତନ୍ମୟ ଦ୍ୱିତୀୟ ଏବଂ ଖୋର୍ଦ୍ଧା ଜିଲା ବିଜେବି ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ସଂଗ୍ରାମ ପୁହାଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧ ତାରିଖ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ସୂଚନା ଭବନରେ ହେବାକୁଥିବା ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହରେ ଏହି ରାଜ୍ୟସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ବାସନ୍ତୀ ମହାନ୍ତି, ସାହିତ୍ୟିକ ତଥା ନାବାର୍ଡର ପୂର୍ବତନ ଅଧିକାରୀ ଶଙ୍କର ନାରାୟଣ ମଲ୍ଲିକ ଓ ସାହିତ୍ୟିକ କୃଷ୍ଣ ନାଏକ ବିଚାରକ ଭାବେ ଯୋଗଦେଇଥିଲେ। ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ସୂଚନା ଅଧିକାରୀ ଜିତେନ୍ଦ୍ରୀୟ ଜେନା, ପ୍ରମୋଦିନୀ ଟେଟେ ପ୍ରମୁଖ ସହଯୋଗ କରିଥିଲେ।







# ୨୦ ଘଣ୍ଟା ପରେ ରେଳ ଚଳାଚଳ ସ୍ୱାଭାବିକ

**କାମାକ୍ଷା ଏକ୍ସପ୍ରେସ୍ ଲାଇନଚ୍ୟୁତ ଘଟଣା**

**ମଙ୍ଗୁଳି-ଜଗତପୁର, ୩୧।୩(ମାନସ ସାମଲ)**

କଟକ ଜିଲା ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟରେ ବେଙ୍ଗାଲୁରୁରୁ କାମାକ୍ଷା ଅଭିମୁଖେ ଯାଉଥିବା କାମାକ୍ଷା ଏକ୍ସପ୍ରେସ୍ ରବିବାର ପୂର୍ବାହ୍ନରେ ଲାଇନଚ୍ୟୁତ ହୋଇ ଟ୍ରେନ୍‌ର ୧୧ଟି ବଗି ଟ୍ରାକ୍‌ରୁ ବାହାରି ଯାଇଥିଲା। ରେଳ ବିଭାଗ କର୍ମଚାରୀ ପ୍ରାୟ ୨୦ ଘଣ୍ଟା ଧରି ରେଳଧାରଣାର ମରାମତି ପରେ ସୋମବାର ସକାଳ ୭ଟା ୪୫ ମିନିଟ୍‌ରେ କାର୍ଯ୍ୟ ଶେଷ ହୋଇଥିଲା। ସେହି ଟ୍ରାକ୍‌ରେ ପ୍ରଥମେ ସକାଳ ୯ଟା ୩୦ରେ ଏକ ମାଲବାହୀ ଟ୍ରେନ୍ ଚାଲିଥିଲା। ପରେ ଆଉ ୩ଟି ମାଲବାହୀ ଟ୍ରେନ୍ ଚାଲିବା ପରେ ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ସୁପରଫାଷ୍ଟ ଏକ୍ସପ୍ରେସ୍ (ତେଜସ୍) ସ୍ୱାଭାବିକ ଭାବେ ଟ୍ରାକ୍‌ରେ ଚାଲିଥିଲା।

# ୨ ହଜାର କୋଟି କମିଲା ରାଜସ୍ୱ

**ଯୋଡ଼ା ଖଣି ମଣ୍ଡଳ**

**ଯୋଡ଼ା,୩୧।୩ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ୨ ହଜାର କୋଟି ରାଜସ୍ୱ ଆଦାୟ କମିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧୯ ହଜାର କୋଟି ଟଙ୍କା ଖଣି ରାଜସ୍ୱ ଆଦାୟ ହୋଇଥିବା ବେଳେ ୨୦୨୩-୨୪ ବର୍ଷରେ ୨୧ ହଜାର ଆଦାୟ ହୋଇଥିଲା। ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଦିନକୁ ଦିନ ଖଣି ବନ୍ଦ ଓ ଲୁହାପଥର ପରିବହନ ହ୍ରାସ ଯୋଗୁ ଖଣି ରାଜସ୍ୱ ଗତ ବର୍ଷ ତୁଳନାରେ ୨ ହଜାର କୋଟି ଟଙ୍କା ହ୍ରାସ ପାଇଛି।


# ମାଇଁ ଆଗରେ ପାଣିରେ ବୁଡ଼ି ଭାଣିଜୀଙ୍କ ମୃତ୍ୟୁ

**ନୀଳଗିରି, ୩୧।୩ (ପ୍ରଶାନ୍ତ ବିଶ୍ୱାଳ)**

ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ଭୋଗଦିଆ ଗ୍ରାମରେ ମାଇଁ ଆଖି ସାମ୍ନାରେ ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି ୨୦ବର୍ଷୀୟା ଭାଣିଜୀ। ଏଭଳି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ବାଲେଶ୍ୱର ସଦର ଥାନା ଅଧୀନ ସିନ୍ଧିଆ ଗ୍ରାମର ବନ୍ଦିତା ମହାନ୍ତି ଭୋଗଦିଆସ୍ଥିତ ମାମୁ ଘରକୁ ବୁଲିବା ପାଇଁ ଆସିଥିଲେ। ସୋମବାର ସକାଳେ ଘର ନିକଟସ୍ଥ ପୋଖରୀକୁ ମାଇଁଙ୍କ ସହ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସି ବନ୍ଦିତା ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ମହିଳାମାନେ ପାଣିରୁ ଉଦ୍ଧାର ପାଇଁ ଅନେକ ପ୍ରୟାସ କରିଥିଲେ ବି ପାଣି ଅଧିକ ଥିବା କାରଣରୁ ଉଦ୍ଧାର କରିପାରି ନ ଥିଲେ। ସ୍ଥାନୀୟ ଲୋକମାନେ ବନ୍ଦିତାଙ୍କୁ ପାଣିରୁ ଉଦ୍ଧାର କରି ବରହମପୁର ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରହମପୁର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୫) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।



❝ କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ । -ଶ୍ରୀଅରବିନ୍ଦ



# ଏଟିଏମ୍ ଯିବ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଅଟୋମେଟେଡ୍ ଟେଲର ମେଶିନ (ଏଟିଏମ୍)ରୁ ଅର୍ଥ ଉଠାଣ ଉପରେ ଆସନ୍ତା ମେ’ ପହିଲାରୁ ଫି’ ବୃଦ୍ଧି ହେବା ନେଇ ଘୋଷଣା କରିଛି। ଏଣିକି ଗ୍ରାହକମାନେ ଖାତା ଥିବା ନିଜ ବ୍ୟାଙ୍କରୁ ମାସକୁ ମାଗଣାରେ ୫ ଥର ଟଙ୍କା ଉଠାଣ ପରେ ପରବର୍ତ୍ତୀ ଛେକ ପ୍ରତି ୨୩ ଟଙ୍କା ଦେବାକୁ ପଡ଼ିବ। ଏବେ ଏହା ୨୧ ଟଙ୍କା ରହିଛି। ସେହିପରି ଯଦି ଜଣେ ଗ୍ରାହକ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ଅର୍ଥ ଉଠାଣ କରୁଛନ୍ତି, ତେବେ ମେଟ୍ରୋ ଅଞ୍ଚଳରେ ୩ ଥର ଓ ଅଣ-ମେଟ୍ରୋ ଅଞ୍ଚଳରେ ୫ ଥର ବିନା ମୂଲ୍ୟରେ ଟଙ୍କା ଉଠାଇବା ପରେ ଆର୍‌ବିଆଇ ସ୍ଥିରୀକୃତ ଫି’ ଦେବାକୁ ପଡ଼ିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆର୍‌ବିଆଇ ପକ୍ଷରୁ କୁହାଯାଉଛି ଯେ ଏଟିଏମ୍ ପରିଚାଳନା ଲାଗି ଫି’ ବଢ଼ାଯାଇଛି। ଏମିତି ଦେଖିଲେ ବ୍ୟାଙ୍କରେ ସର୍ବନିମ୍ନ ବାଲାନ୍ସ ନ ରଖିଲେ ଗ୍ରାହକଙ୍କ ଆକାଉଣ୍ଟରୁ ଅର୍ଥ କାଟି ନିଆଯାଉଛି। ଗୋଟିଏ ପଟେ ଡିଜିଟାଲ କାରବାରକୁ ଗୁରୁତ୍ୱ ଦିଆଯାଉଥିବା ବିଷୟ ଉଠାଯାଇ ଗ୍ରାହକଙ୍କୁ ଶୋଷଣ କରାଯାଉଥିବା ବେଳେ ଅନ୍ୟପଟେ କେତେକ କୋଟିପତି ଶିଳ୍ପପତିଙ୍କ ଋଣ ଛାଡ଼ କରିଦିଆଯିବା ବିଡ଼ମ୍ବନାର ବିଷୟ। ଏପରିକି ସିନେମା ତାରକା ପ୍ରୀତି ଜିଣ୍ଟାଙ୍କ ଦ୍ୱାରା ନିଆଯାଇଥିବା ଲୋନ୍‌କୁ ମଧ୍ୟ ସରକାର ଛାଡ଼ କରିଦେଉଛନ୍ତି। କିନ୍ତୁ ଗରିବର ବ୍ୟାଙ୍କରେ ବାଲାନ୍ସ କମିଗଲେ ସେଥିପାଇଁ ତାକୁ ଜରିମାନା ଦେବାକୁ ପଡୁଛି।

ଏଟିଏମ୍‌ଗୁଡ଼ିକ ଉପରେ ଯେତେବେଳେ ବଡ଼ ଆକାରର ବୋଝ ଲଦି ଦିଆଯିବ, ସେତେବେଳେ ସାଧାରଣ ନାଗରିକ ତା’ର ବ୍ୟବହାର ହ୍ରାସ କରିଦେବ। ଖୁବ୍ ଶୀଘ୍ର ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘୋଷଣା କରେଇ ଦିଆଯିବ ଯେ ବ୍ୟବହାର ନ ହୋଇ ପଡ଼ିରହୁଥିବା ହେତୁ ଏଟିଏମ୍ ପିଛା ଖର୍ଚ୍ଚ ବଞ୍ଚାଇବା ପାଇଁ ସେଗୁଡ଼ିକୁ ବନ୍ଦ କରିଦିଆଯିବ। ଅର୍ଥାତ୍ ବ୍ୟାଙ୍କ ତରଫରୁ ସବୁ ପ୍ରକାରର ଜନହିତକର ସୁବିଧା ବନ୍ଦ ହୋଇଯିବ। ଏହା ପରେ ଭାରତରେ ବ୍ୟାଙ୍କ ଆକାଉଣ୍ଟଧାରୀମାନେ ବାଧ୍ୟହୋଇ ପେଟିଏମ୍, ଫୋନ୍‌ପେ ଭଳି ଘରୋଇ ସଂସ୍ଥାଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଯିବେ। ଏବେ ଚାର୍ଜ କରୁ ନ ଥିବା ଏହି କମ୍ପାନୀଗୁଡ଼ିକ ସେତେବେଳେ ତମ୍ପସାପ ରୂପ ଦେଖାଇବେ, ଯାହାକୁ ସାଧାରଣ ନାଗରିକ ମୁଣ୍ଡପାତି ସହିବାକୁ ବାଧ୍ୟ ହେବେ। ଏହିପରି ସ୍ଥିତି ଭାରତର ବିମାନଯାତ୍ରା ଓ ଟେଲିକମ୍ କ୍ଷେତ୍ରରେ ଦେଖାଯିବାକୁ ଆରମ୍ଭ କଲାଣି।

ସରକାର ବ୍ୟାଙ୍କଗୁଡ଼ିକୁ ଗ୍ରାହକଙ୍କଠାରୁ ଟଙ୍କା ଆଦାୟର ଏକ ମାଧ୍ୟମ କରିଦେଲେଣି। ୨୦୧୬ ନଭେମ୍ବର ୮ରେ କେନ୍ଦ୍ର ସରକାର ଦୁଇଟି ବୃହତ୍ ନୋଟ୍‌କୁ ବିମୁଦ୍ରୀକରଣ କରିବା ବେଳେ ଲୋକେ କିଭଳି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ ତାହା ସମସ୍ତଙ୍କର ମନେଥିବ। ନିଜ ଟଙ୍କା ବଦଳାଇବା ଲାଗି ଲୋକମାନେ ଦିନ ଦିନ ଧାଡ଼ିରେ ଠିଆ ହୋଇ ରହିଥିଲେ। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ ସେହି ବିମୁଦ୍ରୀକରଣ ପଛରେ ଦେଶବାସୀଙ୍କ ମଙ୍ଗଳ ପରିବର୍ତ୍ତେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଫାଇଦା ଥିଲା ମୂଳ ଲକ୍ଷ୍ୟ। ସରକାର ପ୍ରଯୁକ୍ତି କୌଶଳ ବ୍ୟବହାର କରି ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରୁଥିବା କହୁଛନ୍ତି। ସବୁ ଆର୍ଥିକ କାରବାରରେ ପାନ୍ କାର୍ଡ ସହ ଆଧାରକୁ ସଂଲଗ୍ନ କରି ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ନେବାରେ ଲାଗିଛନ୍ତି। ସେହି ତଥ୍ୟ ମଧ୍ୟ ବିଭିନ୍ନ କର୍ପୋରେଟ୍ ସଂସ୍ଥାକୁ ବିକ୍ରି ହୋଇଯାଉଥିବା ଅସଂଖ୍ୟ ଖବର ପଦାକୁ ଆସୁଛି ଏବଂ ଆଧାର ସଂଯୋଗ ହୋଇଥିବା ଆକାଉଣ୍ଟଗୁଡ଼ିକରୁ ଅର୍ଥ ଚାଲିଯାଉଥିବା ଖବର ପ୍ରାୟ ପ୍ରତ୍ୟେକ ଦିନ ଶୁଣିବାକୁ ମିଳୁଛି। ସରକାର ଏକ ବଳିଷ୍ଠ ଡିଜିଟାଲ ବେସ୍ ସୃଷ୍ଟି କରିପାରି ନ ଥିବାରୁ ଅନ୍‌ଲାଇନ୍ ଠକେଇ ସଂଖ୍ୟା ବଢ଼ିଚାଲିଛି। ଉଦାହରଣ ସ୍ୱରୂପ, ଆପଣଙ୍କ ପାଖରେ କିଛି ନଗଦ ଅର୍ଥ ଥିଲେ ତାହାକୁ କାରସାଦି କରି ଠକମାନେ ନେବା କଷ୍ଟକର। କିନ୍ତୁ ଅନ୍‌ଲାଇନ କାରବାରର ସବୁ ଦିଗ ପ୍ରତି ଜଣେ ଅଭ୍ୟସ୍ତ ନ ଥିଲେ ଠକାମିର ଶିକାର ହେବା ଥୟ। ଭାରତ ଭଳି ବିଶାଳ ଜନସଂଖ୍ୟାବହୁଳ ରାଷ୍ଟ୍ରରେ ଆର୍ଥିକ କାରବାରକୁ ସମ୍ପୂର୍ଣ୍ଣ ଡିଜିଟାଲ କରିବା ପାଇଁ ଯୋଜନା ଚାଲିଛି। ଅଥଚ ଏହାର ଲୋକମାନଙ୍କୁ ଆଶା ଅନୁଯାୟୀ ଡିଜିଟାଲ ସାକ୍ଷର କରାଯାଇପାରୁ ନାହିଁ। ଜଣେ ବ୍ୟକ୍ତି ବ୍ୟାଙ୍କକୁ ଯାଇଥାଆନ୍ତି ତାଙ୍କ ଅର୍ଥ କିଭଳି ସୁରକ୍ଷିତ ରହିବ ଓ ସେ ଭଲ ଭାବେ କାରବାର କରିପାରିବେ। କିନ୍ତୁ ବ୍ୟାଙ୍କରେ ସର୍ବନିମ୍ନ ବାଲାନ୍ସ ନ ଥିଲେ, ବେଶି ଥର ଅର୍ଥ ଉଠାଣ କଲେ, ଋଣ ଆଣି ଠିକ୍ ସମୟରେ ଅର୍ଥ ପଇଠ କରୁଥିଲେ ମଧ୍ୟ ପ୍ରିକ୍ଲୋଜର ଚାର୍ଜ ଭଳି ଅବାଞ୍ଛିତ ଅର୍ଥ ଦେଇ ଗ୍ରାହକ ନୟାନ୍ତ ହେଉଛନ୍ତି। ନୋ ୟୋର କଷ୍ଟମର (କେୱାଇସି) ଏବେ ନୂଆ ଭେଳିକିରେ ପରିଣତ ହୋଇଛି। ସେଥିରେ କିଛି ତଥ୍ୟ ଅମେଳ ହେଲେ ବା ଆପଣଙ୍କ ଦସ୍ତଖତ ଯଦି ବଦଳିଯାଉଛି, ସେଥିପାଇଁ ଫି’ ଦେବାକୁ ପଡୁଛି। ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ପାଇଁ ଫି’ କଷିଦିଆଯାଉଥିବା ବେଳେ ଏସ୍‌ଏମ୍‌ଏସ୍ ବାବଦକୁ ଆକାଉଣ୍ଟରୁ ଅର୍ଥ କାଟି ନିଆଯାଉଛି। ଅନେକେ ଭାବିପାରନ୍ତି ଯେ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଭଳି ତଥ୍ୟ ପାଇବା ପାଇଁ ମୋବାଇଲ ଯଥେଷ୍ଟ। କିନ୍ତୁ ସେଥିରେ ମଧ୍ୟ ଖଇଚା କରୁଛନ୍ତି। ଉଦାହରଣସ୍ୱରୂପ, ଷ୍ଟେଟ୍‌ବ୍ୟାଙ୍କ୍‌ର ‘ୟୋନୋ ଆପ୍’ ବ୍ୟବହାର କରିବାକୁ ହେଲେ ଉନ୍ନତମାନର ସ୍ମାର୍ଟ ଫୋନ୍ ଏବଂ ୫ଜିର ଆବଶ୍ୟକତା ସୃଷ୍ଟି କରାଇ ଦିଆଗଲାଣି। ଏଥିରୁ ଧାରଣା କରିହେବ ଯେ ଏହା ଏକ ଚକ୍ରବ୍ୟୂହ, ଯେଉଁଥିରେ କରଦାତାମାନଙ୍କୁ ପକାଇ ଦିଆଯାଉଛି। କହିବାକୁ ଗଲେ ଗ୍ରାହକଙ୍କୁ ମାହାଳିଆ ବୋଲି ଧରି ନିଆଯାଉଛି। ଏସବୁ ଫନ୍ଦିଫିକର ପଛରେ ଅର୍ଥ ମନ୍ତ୍ରଣାଳୟର ସିଧାସଳଖ ହାତ ରହିଥିବା ସ୍ପଷ୍ଟ ବୁଝାପଡୁଛି।

ଦେଶରେ ଏବେ ସାମଗ୍ରୀଗୁଡ଼ିକର ଦରଦାମ ଆକାଶଛୁଆଁ ଘଟିଥିବା ବେଳେ ନିଯୁକ୍ତି ସଙ୍କୋଚନ ଦେଖାଦେଇଛି। ଗୋଟିଏ ଦିନ ପରେ ଆମେରିକା ଟାରିଫ୍ ପ୍ରତିଶତ ବୃଦ୍ଧି କରିବ। ସେହି ଦିଗରେ ଭାରତର ପରବର୍ତ୍ତୀ ଆର୍ଥିକ ନୀତି କେଉଁଆଡ଼କୁ ଯିବ ସେଥିପ୍ରତି ସରକାର ଚିନ୍ତା କରିବା ଅପେକ୍ଷା ସାଧାରଣ ଲୋକଙ୍କଠାରୁ କିଭଳି ଓ କେଉଁଭଳି ଭାବେ ଅର୍ଥ ଉଠାଯାଇପାରିବ ସେ କଥା ଭାବୁଛନ୍ତି। ଏକ ଜନମଙ୍ଗଳ ରାଷ୍ଟ୍ରରେ ବ୍ୟାଙ୍କ ବ୍ୟବସ୍ଥା ଜରିଆରେ ଲୋକଙ୍କୁ ସୁବିଧା ଦେବା ଲାଗି ସରକାର ପ୍ରୟାସ କରିବା କଥା। କିନ୍ତୁ ଧନିକ ବର୍ଗଙ୍କୁ ସୁହାଇଲା ଭଳି ପଦକ୍ଷେପ ନେଇ ସାଧାରଣ ଶ୍ରେଣୀ ଉପରେ ଚାପ ପକାଇଲେ ଦେଶର ଆର୍ଥିକ ସ୍ଥିତି ନିଶ୍ଚିତ ଅଧିକ ଦୁର୍ବଳ ହେବ। ଏହି ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ବ୍ୟବସାୟିକ ସହଯୋଗୀ ଏଲନ୍ ମସ୍କଙ୍କୁ ନେଇ ସେ ଦେଶରେ କିଭଳି ସାଧାରଣରେ କ୍ରୋଧ ପ୍ରକାଶ ପାଇଛି, ତାହା ଏବେ ଆଲୋଚ୍ୟର ବିଷୟବସ୍ତୁ ପାଲଟିଛି। ନିର୍ବାଚନରେ ନ ଜିତି ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି(ଡିଓଜିଇ)ର ମୁଖ୍ୟ ଭାବେ ମସ୍କଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସେ ଯାଚ୍ଛାତା ନିଷ୍ପତ୍ତି ନେଉଥିବାରୁ ସେଠାରେ ଅସ୍ୱାଭାବିକ ସ୍ଥିତି ଉପୁଜିଛି। ସରକାରୀ ବ୍ୟବସ୍ଥା ସହ ବ୍ୟବସାୟିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହି ଯେତେବେଳେ ଅର୍ଥନୈତିକ ବ୍ୟବସ୍ଥା ଗତି କରେ ସେତେବେଳେ ତାହାକୁ ‘କ୍ରୋନି କ୍ୟାପିଟାଲିଜମ୍’ କୁହାଯାଏ। ଏହି ବ୍ୟବସ୍ଥାରେ ନିଆଯାଉଥିବା ନିଷ୍ପତ୍ତିଗୁଡ଼ିକ ଗୋଟେ ଦେଶ ପାଇଁ ଶୁଭଙ୍କର ହୋଇ ନ ଥାଏ। ଏହି ପ୍ରଚ୍ଛଦପଟରେ ଭାରତ ସରକାର ଜନସାଧାରଣଙ୍କ ସ୍ୱାର୍ଥକୁ ଅଗ୍ରପ୍ରାଧାନ୍ୟ ଦେବା ପରିବର୍ତ୍ତେ ଭିନ୍ନ ଲକ୍ଷ୍ୟ ରଖି କାର୍ଯ୍ୟ କଲେ ତାହା ଦେଶର ଆର୍ଥିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବ। ଜନସାଧାରଣଙ୍କୁ ଆର୍ଥିକ ଭାବେ ଶୋଷଣ କଲେ ତାହା ଶାସନ ବ୍ୟବସ୍ଥା ଉପରେ ପ୍ରତିଫଳିତ ହେବା ସ୍ୱାଭାବିକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 6 | 1 | | | |
| | 9 | | | | | | 7 | 1 |
| 4 | | | | | 5 | 3 | | |
| | | | | | 6 | | 4 | |
| 1 | 8 | 4 | | | 9 | | | |
| | | | | 3 | | | | |
| | | 8 | | | 4 | | | |
| 3 | 1 | | | 2 | | 8 | | |
| | | 2 | | | | 5 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 2 | 6 | 5 | 7 | 9 | 1 | 8 |
| 7 | 5 | 9 | 1 | 8 | 3 | 2 | 4 | 6 |
| 1 | 6 | 8 | 4 | 2 | 9 | 5 | 3 | 7 |
| 8 | 3 | 1 | 5 | 7 | 4 | 6 | 9 | 2 |
| 6 | 9 | 7 | 2 | 3 | 1 | 8 | 5 | 4 |
| 5 | 2 | 4 | 9 | 6 | 8 | 3 | 7 | 1 |
| 9 | 7 | 6 | 3 | 1 | 2 | 4 | 8 | 5 |
| 4 | 8 | 5 | 7 | 9 | 6 | 1 | 2 | 3 |
| 2 | 1 | 3 | 8 | 4 | 5 | 7 | 6 | 9 |

ଗତକାଲିର ଉତ୍ତର


# ଆମ ଦୃଷ୍ଟିକୋଣ ଆମ ଜୀବନ



ଡ. ଶରତ ଚନ୍ଦ୍ର ପରିଡ଼ା

ଆଖି ରୂପବାନକୁ ଦେଖିଲାବେଳେ ମନ ରୂପହୀନକୁ ଦେଖିଥାଏ। ବୁଦ୍ଧି ଅରୂପ ବିଷୟରେ ବିଚାର କରିଥାଏ। ଦୃଷ୍ଟିକୋଣ ହେଉଛି ‘‘ଏକ ସୁଶିକ୍ଷିତ ପ୍ରବୃତ୍ତି, ଯାହା ଏକ ନିର୍ଦ୍ଦିଷ୍ଟ ମାର୍ଗରେ ; ମଣିଷ, ଘଟଣା, ପ୍ରସଙ୍ଗ, ପଦାର୍ଥ, ସଂଗଠନ, ନୀତି ଆଦିକୁ ଦେଖେ ଓ ମତ, ଆବେଗ, ବିଶ୍ୱାସ, ପ୍ରତ୍ୟାଶା, ମୂଲ୍ୟବୋଧ ଓ ଉଦ୍ଦେଶ୍ୟ ଆଧାରରେ ତା’ର ମୂଲ୍ୟାୟନ କରେ।’’ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁ, ଘଟଣା ପ୍ରସଙ୍ଗକୁ ବିଭିନ୍ନ କୋଣ ଅନୁକୋଣରୁ ବିଚାର କରି ଦେଖିବାକୁ ଦୃଷ୍ଟିକୋଣ କୁହାଯାଏ। ବ୍ୟକ୍ତିଗତ ଦୃଷ୍ଟି, ସାମାଜିକ ଦୃଷ୍ଟି, ରାଜନୈତିକ ଦୃଷ୍ଟି, ଆଧ୍ୟାତ୍ମିକ ଦୃଷ୍ଟି-ଏହିପରି ନାନା ଦିଗରୁ ଗୋଟିଏ ପ୍ରସଙ୍ଗର ପର୍ଯ୍ୟାଲୋଚନା କରାଯାଇଥାଏ। ଏହା ଏକ ମନସ୍ତାତ୍ତ୍ୱିକ ପ୍ରକ୍ରିୟା। ଏହା ଏକ ଆଲୋକ, ଯାହା ଆତ୍ମବୋଧର ପଥକୁ ଆଲୋକିତ କରେ। ଅନ୍ତର୍ଦୃଷ୍ଟି ଓ ଦୂରଦୃଷ୍ଟି ଦୃଷ୍ଟିକୋଣରେ ସନ୍ନିହିତ। ଜୀବନର ମୂଲ୍ୟବୋଧ,ଅଭିଜ୍ଞତା, ଅନୁଭୂତି ଅନୁସାରେ ଦୃଷ୍ଟିକୋଣ ତିଆରି ହୋଇଥାଏ। ଏହା ବ୍ୟବହାରରେ ବାସ୍ତବ ଓ ସ୍ଥାୟୀ ପରିବର୍ତ୍ତନ ଆଣି ନିଜକୁ ବଦଳାଇ ଦେଇପାରେ। ନିଜ ଭିତରେ ନୂଆ ସାମ୍ରାଜ୍ୟ ଖୋଜି ବାହାର କରେ। ଏହା କେବଳ ବୌଦ୍ଧିକ ନୁହେଁ, ଭାବଗତ ଦୁନିଆକୁ ପୁନର୍ଗଠିତ କରେ। ଲୋକେ ନିଜ ଦୃଷ୍ଟିକୋଣ ଅନୁସାରେ ନିଜକୁ ଓ ନିଜ ଜୀବନକୁ ପରିଚାଳିତ କରିଥା’ନ୍ତି।

ଲୋକଙ୍କର ଦୃଷ୍ଟିକୋଣ ଆକାଶ ପରି ଉଚ୍ଚ, ସାଗର ପରି ଗଭୀର ଓ ଧରିତ୍ରୀ ପରି ସହିଷ୍ଣୁ ହେବା ଆବଶ୍ୟକ। ସ୍ୱାର୍ଥଦୃଷ୍ଟିରୁ ନୁହେଁ, ମାନବିକ-ସାମାଜିକ ମୂଲ୍ୟବୋଧ ତଥା ରାଷ୍ଟ୍ରୀୟ-ଆଧ୍ୟାତ୍ମିକ ଚେତନା ଆଧାରିତ ହେବା ଜରୁରୀ। ଦୃଷ୍ଟିକୋଣ ସମ୍ପ୍ରସାରିତ ହେଲେ ଜୀବନର ଛୋଟ ଛୋଟ ପ୍ରସଙ୍ଗ ଗୁରୁତ୍ୱ ହରାନ୍ତି। ମଣିଷ ପାଖରେ ଧନ ଓ ଜୀବନ ସବୁଦିନ ରହେ ନାହିଁ। ମଣିଷ ଅସ୍ଥାୟୀ ଧନରେ ଧନସର୍ବସ୍ୱ ତଥା ରୋଗକାରକ ଭୋଗରେ ଭୋଗସର୍ବସ୍ୱ ନ ହୋଇ ପର ପାଇଁ କିଛି ତ୍ୟାଗ କରିବାର ମନୋବୃତ୍ତି ପୋଷଣ କରିବା ବାଞ୍ଛନୀୟ। ଧନ ଉପାର୍ଜନ କରିବା ସହିତ ଜ୍ଞାନ ସଂଗ୍ରହ ପାଇଁ ଚେଷ୍ଟା ରହିଲେ ମଣିଷ ଆଗକୁ ବଢ଼େ। ଥରେ ଭାବିବା ଉଚିତ-ଆମେ ଯଦି ଆଜି ଦୁଃସ୍ଥ ପୀଡ଼ିତଙ୍କ ଅବସ୍ଥାରେ ଥା’ନ୍ତେ ତାହାହେଲେ ଆମର ମାନସିକ ସ୍ଥିତି କ’ଣ ହୋଇଥା’ନ୍ତା ! ଆମେ ଲୋକମାନଙ୍କଠାରୁ ଜ୍ଞାତରେ ବା ଅଜ୍ଞାତରେ ନାନା ଉପକାର ପାଇ ସମାଜ ପାଖରେ ଋଣୀ। ଜନସେବା କରିବା ଦ୍ୱାରା ଆମେ ଋଣମୁକ୍ତ ହୋଇଥାଉ। ତୃଷା



ନୁହେଁ ତୃପ୍ତି ସଂସାରୀ ଜନର ନୀତି। ଆତ୍ମସେବାର ଶାନ୍ତିଠାରୁ ପରସେବାରେ ମିଳୁଥିବା ଶାନ୍ତି ଅଧିକ। ସ୍ୱାର୍ଥ ପରିତ୍ୟାଗ କରି ପରହିତ ସାଧନ କଲେ ଲୋକେ ସତ୍‌ପୁରୁଷ ; ସ୍ୱାର୍ଥକୁ ବିରୋଧ ନ କରି ପର ଉପକାର କଲେ ସାଧାରଣ ପୁରୁଷ ; ସ୍ୱାର୍ଥ ପାଇଁ ପରହିତରେ ବିଘ୍ନ ସୃଷ୍ଟି କଲେ ମନୁଷ୍ୟରୂପୀ ରାକ୍ଷସ ପୁରୁଷ ଆଉ ସ୍ୱାର୍ଥ ନ ଥାଇ ପରହିତରେ ହାନି ପହଞ୍ଚାଇଲେ ପୁରୁଷକୁ କ’ଣ କୁହାଯାଏ, ତାହା କେହି ଜାଣନ୍ତି ନାହିଁ। ରୂପ, ସାମାଜିକ ପଦମର୍ଯ୍ୟାଦା, ଆର୍ଥିକ ସ୍ଥିତିକୁ ଦେଖି କାହାକୁ ବଡ଼ ବା କାହାକୁ ହୀନ ଦୃଷ୍ଟିରେ ଦେଖିବା ଏକ ଭ୍ରମ। କାହାକୁ ପୂର୍ଣ୍ଣତଃ ନ ଜାଣି କିଛି ମତ ଦେବା ବିଜ୍ଞତା ନୁହେଁ। ନିଜକୁ ଅନ୍ୟମାନେ ହୀନ ବୋଲି ଭାବିଲାବେଳେ କେମିତି ଅନୁଭବ ହୁଏ ? ଆତ୍ମା ସମସ୍ତଙ୍କଠାରେ ସମାନ ଭାବରେ ବିଦ୍ୟମାନ। ଭଗବତ ଚେତନାରେ ଯାହାର ମନ, ପ୍ରାଣ, ହୃଦୟ ପରିଷ୍କୃତ/ପବିତ୍ର/ସମର୍ପିତ/ପରିଶୁଦ୍ଧ/ଉଦାର ; ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି। ସମଗ୍ର ବିଶ୍ୱକୁ ନିଜର ପରିବାର ବୋଲି ଭାବନ୍ତି। ମହାଭାରତ ଦୃଷ୍ଟିରେ ଯେଉଁ କାର୍ଯ୍ୟସବୁ ନିଜର ଅନୁକୂଳ ନୁହେଁ, ସେପରି କାର୍ଯ୍ୟ ପର ପାଇଁ ଆଚରଣ କରିବ ନାହିଁ।

ଗୋଟିଏ ସକାରାତ୍ମକ ଦୃଷ୍ଟିକୋଣ ସମାଜ ପାଇଁ ବରଦାନ। ଜଳରେ ଗୋଟିଏ ନିର୍ମଳା ଫଳ ପକାଇଲେ ଜଳ ଶୁଦ୍ଧ ହୋଇଗଲା ପରି ସମାଜରେ ଗୋଟିଏ ସକାରାତ୍ମକ ଦୃଷ୍ଟିକୋଣ ସମଗ୍ର ସମାଜକୁ ପରିମାର୍ଜିତ, ସଂସ୍କୃତି କରିଥାଏ। ସାମାଜିକ ପରିବର୍ତ୍ତନ ପାଇଁ ଏହା ଏକ ଶକ୍ତିଶାଳୀ ଅସ୍ତ୍ର। ସକାରାତ୍ମକ ବ୍ୟକ୍ତିଙ୍କଠାରୁ ଉକୁଟୁଥିବା ଜ୍ୟୋତିରେ ସମାଜ ଉଜ୍ଜ୍ୱଳ ହୋଇ ଉଠେ। ଜୀବନର ଉତ୍କର୍ଷ ପାଇଁ ଏକ ଚାବିକାଠି। ସକାରାତ୍ମକ ଚିନ୍ତା ଜୀବନକୁ ସ୍ୱାଭାବିକ, ସୁସ୍ଥ ଓ ପରିପୂର୍ଣ୍ଣ କରେ। ବ୍ୟକ୍ତି ହସି ହସି ଶାରୀରିକ ଓ ମାନସିକ ଉତ୍ତେଜନାର ସାମ୍ନା କରେ। ବିପଦରେ ବିଚଳିତ ହୁଏ ନାହିଁ କି ଭାଙ୍ଗି ପଡ଼େ ନାହିଁ। ପ୍ରତିକୂଳ ପରିସ୍ଥିତିକୁ ଥଣ୍ଡା ମସ୍ତିଷ୍କରେ ସାମ୍ନା କରେ। ତାଙ୍କୁ ଉତ୍କଣ୍ଠା କଣ୍ଠାଗ୍ରତ କରିପାରେ ନାହିଁ। ବ୍ୟକ୍ତି ଆଶାବାଦୀ ଓ ଉତ୍ସାହୀ ହୁଏ। ଜୀବନର ଯଥାର୍ଥବୋଧ ଜାତ ହୁଏ। ନିୟନ୍ତ୍ରଣ ଆସେ। ବ୍ୟକ୍ତିକୁ ଚାପଗ୍ରସ୍ତ ହେବାକୁ ଦିଏ ନାହିଁ। ଦୈନନ୍ଦିନ ଜୀବନଚର୍ଯ୍ୟାରେ ହେଉ ଅବା ବୃତ୍ତି କ୍ଷେତ୍ରରେ ହେଉ ଆନନ୍ଦମୟ ପରିବେଶ ସୃଷ୍ଟି କରେ। ପାରିବାରିକ, ସାମାଜିକ ଓ ଜନସମ୍ପର୍କରେ ସୁଧାର ଆଣେ। କୃତ୍ରିମତ୍ତା ହଟାଏ। ସତ୍ୟର ନିକଟବର୍ତ୍ତୀ କରାଏ। ମଣିଷକୁ କୃତଜ୍ଞ କରେ। ସକାରାତ୍ମକ ଚିନ୍ତା ସୃଜନଶୀଳତାର ଜନନୀ। ମୁକ୍ତଚିନ୍ତନର ଦ୍ୱାର ଖୋଲେ। ବିଜ୍ଞ-ନିଷ୍ପତ୍ତି ନେବାର ସାମର୍ଥ୍ୟ ଉପୁଜାଏ। ଆର୍ଥିକ ଅଭିବୃଦ୍ଧିକୁ ପ୍ରଭାବିତ କରେ। ଜୀବନର ପସନ୍ଦ ଓ ଲକ୍ଷ୍ୟକୁ ସ୍ପଷ୍ଟ କରେ। ବ୍ୟକ୍ତିକୁ ସାହସୀ କରେ। ମସ୍ତିଷ୍କକୁ ତାଲିମ ଦିଏ। ଜୀବନଯାତ୍ରା ଉନ୍ନତ, ସମୁଜ୍ଜ୍ୱଳ, ସନ୍ତୁଳିତ ଓ ସଫଳ ହୁଏ। ଶାନ୍ତି ଓ ସନ୍ତୋଷର ରାଜତ୍ୱ ଜାରି ରହେ।। କୁପ୍ରବୃତ୍ତି ଓ ଉଦ୍‌ବେଗ ପ୍ରଶାନ୍ତ ହୁଏ। ଆବେଗିକ ଯନ୍ତ୍ରଣାରୁ ମୁକ୍ତି ମିଳେ। ଭାବ ପ୍ରଭାବିତ ଓ ନିର୍ମଳ ହେଲେ ହୃଦୟ ସ୍ୱାସ୍ଥ୍ୟବାନ ହୁଏ। ମନୋବୃତ୍ତି ସକାରାତ୍ମକ ହେଲେ ଶରୀରରେ ସ୍ୱାଭାବିକ ଭାବରେ ଏଣ୍ଡୋର୍ଫିନସ୍ ନାମକ ଏକ ରସାୟନ କ୍ଷରଣ ହୁଏ, ଯାହା ଶରୀରରେ ଉତ୍ପନ୍ନ ପ୍ରାକୃତିକ ଯନ୍ତ୍ରଣାର ଉପଶମ କରିଥାଏ। ଜୀବନ ଦୀର୍ଘାୟୁ ହୁଏ: ଜୀବେମ ଶରଦଂ ଶତଂ... ।।

ଲୋକଙ୍କ ଦୃଷ୍ଟିକୋଣରେ ଭିନ୍ନତା ପଛରେ ବଂଶଗତ, ଲିଙ୍ଗ, ବୟସ, ବ୍ୟକ୍ତିଗତ ପ୍ରବୃତ୍ତି, ଆବେଗ, ଆଗ୍ରହ, ରୁଚି, ପସନ୍ଦ, ସ୍ୱଭାବ, ଆର୍ଥିକ ଅବସ୍ଥା, ସାମାଜିକ ପ୍ରଥା, ପରମ୍ପରା ପ୍ରତି ବିଭିନ୍ନ ଧାରଣା, ସଂସ୍କାର, ଜ୍ଞାନ, ବିଜ୍ଞାନ, ଚିନ୍ତା , ଚେତନା ଓ ସାଧନାସ୍ତର-ଆଦିର ନିର୍ଣ୍ଣାୟକ ଭୂମିକା ରହିଛି। ପାଉଥିବା ଶିକ୍ଷା, ରହୁଥିବା ପରିବେଶ, ଚଳୁଥିବା ସମାଜ ଲୋକଙ୍କ ଉପରେ ପ୍ରଭାବ ପକାଇଥାଏ। ଶାରୀରିକ, ମାନସିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଅଲଗା ଅଲଗା ଦେଖାଯାଏ। କଥାରେ ଅଛି: ‘ଯେ ପକ୍ଷୀ ଉଡ଼େ ଯେତେ ଦୂର ସେ ଜାଣେ ତାହାର ବେଭାର।’ ଲୋକଙ୍କ ସ୍ତରଭେଦ ବ୍ୟତୀତ ସତ୍ତ୍ୱ, ରଜ ଓ ତମ -ଏହି ତ୍ରିଗୁଣର ତାରତମ୍ୟରେ ଲୋକେ ଭିନ୍ନ ଭିନ୍ନ ମନୋବୃତ୍ତିର ଦେଖାଯା’ନ୍ତି। ସାମର୍ଥ୍ୟ, ସଫଳତା, ଜାତି, ଜାତୀୟତା, ଆର୍ଥିକ-ସାମାଜିକ ସ୍ଥିତି, ଧର୍ମ-ଦର୍ଶନ-ସଂସ୍କୃତି, ରାଜନୀତି-ଖେଳକୁଦ, ବୁଦ୍ଧିମାନ-ଜଡ଼ତାକୁ ନେଇ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅନେକ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ। ଲୋକଙ୍କ ଭିନ୍ନ ଭିନ୍ନ ଅନ୍ତର୍ଦୃଷ୍ଟି, ଦୂରଦୃଷ୍ଟି ହେତୁ ବିଭିନ୍ନ ଲୋକ, ସଂଗଠନ ଓ କର୍ତ୍ତୃପକ୍ଷଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ଭିନ୍ନଭିନ୍ନ ରହିଥାଏ। ମାନବବାଦ, ସମାଜବାଦ, ଆଦର୍ଶବାଦ, ରାଷ୍ଟ୍ରବାଦ ଆଉ ଆଧ୍ୟାତ୍ମବାଦ ଚିନ୍ତାରେ ପାର୍ଥକ୍ୟ ହେତୁ ଦୃଷ୍ଟିକୋଣ ପୃଥକ୍ ହୋଇଥାଏ। ବ୍ୟକ୍ତି ନିଜର ସ୍ୱଭାବ,ପ୍ରକୃତି, ଅନୁଭୂତି ଅନୁସାରେ ଦୃଷ୍ଟିଭଙ୍ଗୀ ତିଆରି କରିଥାଏ।

ବ୍ୟକ୍ତିର ଜୀବନ ହେଉଛି ନିଜ ଦୃଷ୍ଟିର ସମ୍ପ୍ରସାରଣ। ଦୃଷ୍ଟିକୋଣ ଏକତରଫା ଥିଲେ ତାହା ଅପୂର୍ଣ୍ଣତା, ଅଶାନ୍ତି, ଅସନ୍ତୋଷ ଖଣ୍ଡିତ ଚେତନାର ସୂଚନା ଦିଏ। ନକାରାତ୍ମକ ଦୃଷ୍ଟିକୁ ଅଭ୍ୟାସବଳରେ ସକାରାତ୍ମକ କରିପାରିଲେ ଜୀବନ ସାର୍ଥକ ଓ ସଫଳ ହୁଏ : ଯଥା ଦୃଷ୍ଟିଃ ତଥା ସୃଷ୍ଟିଃ ।।

**ଅବସରପ୍ରାପ୍ତ ଉପାଧ୍ୟକ୍ଷ, ପଟିଆ, ଭୁବନେଶ୍ୱର, ମୋ: ୯୪୩୭୭୭୬୯୦୮**

# ଅଜ୍ଞାନତା ଦୁଃଖର କାରଣ



ନିରାକାର ଦାସ

ଶିକ୍ଷା ମଣିଷକୁ ପଶୁତ୍ୱରୁ ମାନବତ୍ୱକୁ ଉନ୍ନୀତ କରେ। ଆମେରିକାର ଦାର୍ଶନିକ ଜନ୍ ଡୁୱେ କହିଲେ, ‘‘ଶିକ୍ଷା ଜୀବନର ପ୍ରସ୍ତୁତି ନୁହେଁ, ଶିକ୍ଷା ହେଉଛି ଜୀବନ।’’ ଶିକ୍ଷାର ଯେତିକି ବିକାଶ ଘଟିଛି ସେହି ଅନୁପାତରେ ହିଁ ମାନବତ୍ୱର କ୍ରମବିକାଶ ଘଟିଛି ଏବଂ ଘଟୁଥିବ ମଧ୍ୟ। ଏକ ସୁସ୍ଥ ଏବଂ ସାମ୍ୟମୈତ୍ରୀର ସମାଜ ଗଠନ ନିମନ୍ତେ ଉପଯୁକ୍ତ ଶିକ୍ଷାର ପ୍ରସାର ଏକାନ୍ତ ଆବଶ୍ୟକ। ଯେଉଁ ଦେଶ ଯେତେ ଶିକ୍ଷିତ ଓ ସଂସ୍କୃତିସମ୍ପନ୍ନ ସେ ଦେଶ ସେତିକି ସମୃଦ୍ଧ ଓ ଶକ୍ତିଶାଳୀ। ସେଥିପାଇଁ ଜ୍ୟୋତିରାଓ ଫୁଲେ କହିଥିଲେ, ‘‘ଶିକ୍ଷା ଏକ ଶକ୍ତିଶାଳୀ ଅସ୍ତ୍ର ଯାହାକୁ ପୃଥିବୀର ପରିବର୍ତ୍ତନ ପାଇଁ ବ୍ୟବହାର କରିପାର।’’ ଶିକ୍ଷା ନ ଥାଇ ଯଦି ଆର୍ଥିକ ବିକାଶ କରାଯାଏ ତେବେ ସେ ଅର୍ଥ କେବଳ ବ୍ୟର୍ଥ ହେବନି ବରଂ ବହୁଳ ଭାବେ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରିବ। ଯେମିତି ‘‘ମାଙ୍କଡ଼ ବେକରେ ମୁକ୍ତା ମାଳ।’’ ଉଦାହରଣ ସ୍ୱରୂପ - ଜଣେ ପାଠଶାଠ ପଢ଼ି ନ ଥିବା ଲୋକକୁ ଋଣ ମିଳିଲେ, ସେ ଯେମିତି ସେ ପଇସାକୁ ଖଟେଇ ପଇସା ରୋଜଗାର କରିବା ପରିବର୍ତ୍ତେ ନିଜ ଅୟସ ଆରାମରେ ଲଗେଇ ଦିଏ କିମ୍ବା ବେପାର କୌଶଳ ନ ଜାଣି ଭୁଲ୍‌ଭାଲ୍ ବିନିଯୋଗ କରି ପରେ ବରବାଦ ହୁଏ। କାରଣ ଲକ୍ଷ ଲକ୍ଷ ଟଙ୍କାକୁ ଉପଯୁକ୍ତ ବାଟରେ ଖର୍ଚ୍ଚ କରିବା ପାଇଁ ଜ୍ଞାନର ଆବଶ୍ୟକ ଥାଏ, ସେ ଜ୍ଞାନ ହିଁ ଶିକ୍ଷାରୁ ଆସିଥାଏ। ସେଇଥିପାଇଁ ଆମର ଅଧିକାଂଶ ସରକାରୀ ଯୋଜନା ବିଫଳ ହେଉଛି। ୭୬ ବର୍ଷ ସ୍ୱାଧୀନତା ପରେ ବି ଦେଶରେ ୭୦ ଭାଗ ଲୋକ ଶିକ୍ଷିତ ହେଲେ ନାହିଁ। କେବଳ ନାମ ଦସ୍ତଖତ କରିଦେଲେ ନିରକ୍ଷରତା ଦୂର ହୁଏନା କି ମଣିଷଟିଏ ଶିକ୍ଷିତ ହୁଏନା। ଏଥିପାଇଁ ଲୋଡ଼ା ସମ୍ପୂର୍ଣ୍ଣ ଶିକ୍ଷା। ଶିକ୍ଷା ମଣିଷ ଜ୍ଞାନର ବିକାଶ ଘଟାଇବା ସହ ଅନ୍ଧତ୍ୱ ଦୂର କରେ। ସେଇଥିପାଇଁ ବୈଷୟିକ ବିକାଶ ସହ ସମାନୁପାତିକ ଭାବେ ବୌଦ୍ଧିକ ବିକାଶ ଜରୁରୀ। ସବୁ ମଣିଷ ଯଦି ଉପଯୁକ୍ତ ବିଜ୍ଞାନଭିତ୍ତିକ ଓ ଗଣତାନ୍ତ୍ରିକ ମୂଲ୍ୟବୋଧସମ୍ପନ୍ନ ଉଚ୍ଚଶିକ୍ଷା ଲାଭ କରିବେ ତେବେ ଜ୍ଞାନର ବୈପ୍ଳବିକ ବିକାଶ ଘଟିବ ଏବଂ ଜ୍ଞାନର ବିକାଶ ହିଁ ଶାନ୍ତି ଓ ସଦ୍‌ଭାବନାର ଦ୍ୱାର ଉନ୍ମୁକ୍ତ କରେ। ତେଣୁ ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୬ରେ ସତ୍ୟବାଦୀରେ ଲେଖିଥିଲେ - ‘‘ଶିକ୍ଷାପଥରେ ମାନବ ଯେତେ ଅଗ୍ରସର ହେଉଥିବ, ତା’ର ଶକ୍ତି ଏବଂ ଐଶ୍ୱର୍ଯ୍ୟ ସେତେ ବିକଶିତ ହେବ।’’ ଶିକ୍ଷାର ପ୍ରସାର ନ ଘଟିଲେ ଅଜ୍ଞାନତା ରୂପକ ସୈତାନ କବଳରୁ ମଣିଷ ମୁକ୍ତି ପାଇବ ନାହିଁ। ତେଣୁ ମଣିଷକୁ ବାଧ୍ୟତାମୂଳକ ଶିକ୍ଷା ଦେବା ହେଉଛି ଆମ ଦେଶ ମୁଖିଆମାନଙ୍କର ନୈତିକ ଦାୟିତ୍ୱ। ସେଥିପାଇଁ ଶିକ୍ଷା ନିମନ୍ତେ ସବୁଠୁ ଅଧିକ ବ୍ୟୟ ବରାଦ ହେବା ଉଚିତ।

ଅଜ୍ଞାନତାରୁ ଅପସଂସ୍କୃତିର ଜନ୍ମ ନିଏ ଏବଂ ଅନ୍ଧବିଶ୍ୱାସର ଶିକାର ହୋଇ ଜୀବନ ସାରା ପେଷିହୁଏ। ଅସ୍ପୃଶ୍ୟମାନଙ୍କ ମଧ୍ୟରେ ମଧ୍ୟ ଶିକ୍ଷାର



ବୈପ୍ଳବିକ ପ୍ରସାର ଘଟୁନି, ଏବେ ବି ଅସ୍ପୃଶ୍ୟମାନେ ସମାଜରେ ଘୃଣିତ। ଆଜିଯାଏ ଅସ୍ପୃଶ୍ୟତା ଦୂର ହେଲାନି କି ଅସ୍ପୃଶ୍ୟମାନଙ୍କ ମଧ୍ୟରେ ଜାତିଭେଦ ଦୂର ହୋଇନି। ଶିକ୍ଷାର ମନ୍ଥର ପ୍ରସାର। ଶିକ୍ଷାର ପ୍ରସାର ଯେତିକି ହେଉଛି ଆମ ଭିତରେ ଥିବା ବୈଷମ୍ୟତା ସେତିକି ଦୂର ହେଉଛି। ଯଦି ସାମାଜିକ ବୈଷମ୍ୟତାର ବୈପ୍ଳବିକ ପରିବର୍ତ୍ତନ ଆବଶ୍ୟକ, ତେବେ ଶିକ୍ଷାର ବୈପ୍ଳବିକ ପ୍ରସାର ଲୋଡ଼ା। ନଚେତ୍ ଆହୁରି ଶତାବ୍ଦୀ ଶତାବ୍ଦୀ ବିତିଗଲେ ବି ସମାଜର ସାମାଗ୍ରିକ ବିକାଶ ସମ୍ଭବ ହୋଇପାରିବ ନାହିଁ କି ଜାତିପ୍ରଥା ଦୂର ହୋଇପାରିବ ନାହିଁ।

ଏଠାରେ ପ୍ରଶ୍ନ ଆସେ, ବାସ୍ତବରେ ଶିକ୍ଷା ଲାଭ କରିଥିବା ବ୍ୟକ୍ତିମାନେ କ’ଣ ଜ୍ଞାନୀ ହୋଇଯାଆନ୍ତି, ଯଦି ତାହା ହେଉଥାଆନ୍ତା ତେବେ ଦେଶରେ ଲକ୍ଷ ଲକ୍ଷ ଶିକ୍ଷିତ ଅଛନ୍ତି, ସେମାନଙ୍କର କ’ଣ ଅଜ୍ଞତା ଦୂର ହୋଇଯାଇଛି ? ସେମାନେ କ’ଣ କୁସଂସ୍କାର ଓ ଅନ୍ଧବିଶ୍ୱାସୀ ନୁହନ୍ତି ? ସେମାନେ କ’ଣ ମୂର୍ଖ ଅପାଠୁଆଙ୍କ ଭଳି ଭୁଲ୍ କରି ଦୁଃଖ ପାଉନାହାନ୍ତି ? ସେମାନେ କ’ଣ ଏକ ସୁସ୍ଥ ସମାଜ ଗଠନର ଅନୁଗାମୀ ? ଯଦି ଏମିତି ହେଉଛି, ତେବେ ଶିକ୍ଷା ଲାଭ କରି ମୂଲ୍ୟ କ’ଣ ? ଶିକ୍ଷା ପାଇ କ’ଣ ଲାଭ ? ପିଲାଙ୍କୁ ପାଠ ପଢ଼େଇ କି ଲାଭ ବୋଲି ଅଭିଭାବକମାନେ କୁହନ୍ତି ? ବାସ୍ତବରେ ଏ ସବୁ ପ୍ରଶ୍ନର ଉତ୍ତର ଆମ ମୁଖିଆମାନଙ୍କ ଭିତରେ ଥିଲେ, ସେମାନେ ଶିକ୍ଷାର ଏପରି ଦୟନୀୟ ଅବସ୍ଥା କରି ରଖି ନ ଥାନ୍ତେ। ଶିକ୍ଷା ଜ୍ଞାନ ଆହରଣର ମୂଳଦୁଆ। ଶିକ୍ଷା ମଣିଷକୁ ଜ୍ଞାନ ପିପାସୁ କରାଏ ଏବଂ ଜ୍ଞାନ ପ୍ରାପ୍ତିର ରାସ୍ତା ଦେଖାଏ। ଶିକ୍ଷା ରୂପକ ଏହି ମୂଳଦୁଆ ପଡ଼ିଗଲେ, ମଣିଷର ଆଖି ଖୋଲିଯାଏ, ସେ ନିଜ ଚରିତ୍ର ଗଠନ ପାଇଁ ଉପାଦାନ ପାଇ ପାରିବ। ଶିକ୍ଷିତ ବ୍ୟକ୍ତିଟିର ଆଚରଣ ଓ ଆବେଦନ ଅପାଠୁଆ ସହ ସମାନ ହେବନି। ମୂର୍ଖତା/ଅଜ୍ଞାନତା ମଣିଷକୁ ନିଷ୍ଠୁର କରିଥାଏ। ଜଣେ ଶିକ୍ଷିତ ଚାଷୀ ଓ ଜଣେ ଅପାଠୁଆ ଚାଷୀ ମଧ୍ୟରେ ଫରକ, ଜଣେ ଶିକ୍ଷିତ ବ୍ୟବସାୟୀ ଜଣେ ଅଶିକ୍ଷିତ ବ୍ୟବସାୟୀ ମଧ୍ୟରେ ଫରକ ଆମେ ସମସ୍ତେ ଜାଣୁ। ତେଣୁ ପ୍ରତ୍ୟେକଟି ମଣିଷକୁ ଶିକ୍ଷା ଦିଅ, ତା’ ପରେ ତା’ କର୍ମ ସେ ନିଜେ ବାଛିବ। ଶିକ୍ଷା ହେଉଛି କୃଷକର କ୍ଷେତ ଏବଂ ଜ୍ଞାନ ହେଉଛି ଫସଲ। କ୍ଷେତକୁ ଯେମିତି ପ୍ରସ୍ତୁତ କରିବେ ଫସଲ ସେମିତି ଫଳିବ। ସେମିତି ଶିକ୍ଷାକୁ ଯେତେ ବିଜ୍ଞାନଭିତ୍ତିକ, ଗଣତାନ୍ତ୍ରିକ ମୂଲ୍ୟବୋଧ ସମ୍ପନ୍ନ, ଧର୍ମ ନିରପେକ୍ଷ ଓ ସମାଜ ଉପଯୋଗୀ କରିବେ ସେତେ ପ୍ରଗତିଶୀଳ ଓ ତାତ୍ପର୍ଯ୍ୟପୂର୍ଣ୍ଣ ସମାଜ ଗଠନ ହୋଇପାରିବ। ଯେଉଁ ରାଷ୍ଟ୍ର ଶିକ୍ଷାକୁ ସର୍ବାଧିକ ପ୍ରାଧାନ୍ୟ ଦିଏ ଓ ସଂସ୍କୃତିକୁ ସମୃଦ୍ଧ କରେ ସେ ଦେଶ ସବୁଠୁ ସୁଖୀ ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭା ହୋଇଥାଏ। ଯେଉଁ ରାଷ୍ଟ୍ରରେ ଶିକ୍ଷା ଅବହେଳିତ ସେ ଏକ ବିଚରା ଦେଶ।

**ଭୁବନେଶ୍ୱର, ମୋ: ୯୪୩୭୦୧୩୧୩୯**

## ଏଇ ଭାରତରେ

ହିନ୍ଦୁ ଧର୍ମର ମାନ୍ୟତା ଅନୁସାରେ ମୃତ୍ୟୁପରେ ଶ୍ରାଦ୍ଧ ତର୍ପଣ ଆଦି କାମ କରାଯାଇଥାଏ। କିନ୍ତୁ ବଞ୍ଚିଥିବା ଲୋକଙ୍କ ପାଇଁ ଶ୍ରାଦ୍ଧ ଦିଆଯିବା କଥା କେବେ ଶୁଣିଛନ୍ତି ! ଏଭଳି ଏକ କଥା ଅତି ଅପ୍ରାସଙ୍ଗିକ ତଥା ଅବାନ୍ତର ମନେ ହୋଇପାରେ। ହେଲେ ବିହାରର ମୁଜାଫରପୁରର ସାହେବଗଞ୍ଜ ଅଞ୍ଚଳରେ ଏବେ ଏମିତି ଏକ ଘଟଣାକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି। ଏହି ଅଞ୍ଚଳର ୮୫ ବର୍ଷୀୟ ବିଶ୍ୱନାଥ ରାୟ ୬ ମାସ ତଳେ ତାଙ୍କ ପତ୍ନୀଙ୍କ ସହିତ ନିଜର ମଧ୍ୟ ଶ୍ରାଦ୍ଧ କର୍ମ ସାରି ଦେଇଥିଲେ। କାରଣ ତାଙ୍କର କୌଣସି ସନ୍ତାନ ନାହାନ୍ତି। ତେଣୁ ମୃତ୍ୟୁ ପରେ କେହି ତାଙ୍କର ଶ୍ରାଦ୍ଧ କାମ କରିବେ ନାହିଁ ବୋଲି ସେ ଭଲଭାବେ ଜାଣିଥିଲେ। ସେଥିପାଇଁ ବ୍ରାହ୍ମଣ ଡକାଇ ନିଜର ଶ୍ରାଦ୍ଧ କର୍ମ ନିଜେ କରିଥିଲେ। ମୃତ୍ୟୁ ପରେ ଯେଉଁଭଳି ଶ୍ରାଦ୍ଧ କରାଯାଏ ଅନୁରୂପଭାବେ ସେସବୁ କରି ଗାଁ ଲୋକଙ୍କୁ ମଧ୍ୟ ଭୋଜନ କରାଇଥିଲେ। ତାଙ୍କର ବିଶ୍ୱାସ ଥିଲା କି ଶ୍ରାଦ୍ଧ ତର୍ପଣ ନ ହେଲେ ତାଙ୍କ ଜୀବନ ନିରର୍ଥକ ହୋଇଯିବ ଓ ସେ ମୋକ୍ଷ ହୋଇପାରିବେ ନାହିଁ। ତେବେ ଶ୍ରାଦ୍ଧ କରାଇବାର ୬ ମାସ ପରେ ବିଶ୍ୱନାଥଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କର କେହି ଆତ୍ମୀୟ ନ ଥିବାରୁ ଗାଁ ଲୋକେ ଶବ ସତ୍କାର କରାଇଛନ୍ତି। ହେଲେ କୌଣସି ପ୍ରକାରର ଶ୍ରାଦ୍ଧ କର୍ମ କରାଯାଉ ନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ

୧ ଏପ୍ରିଲ ୧୯୭୬

- କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୬୭୨ କୋଟି ୮୦ ଲକ୍ଷ ଟଙ୍କାର ବାର୍ଷିକ ବ୍ୟୟ ଦାବି ଲୋକସଭାରେ ଉପସ୍ଥାପିତ।
- ଦୁର୍ଘଟଣାଜନିତ ବୀମା ପଲିସି ଯୋଗାଇଦେବା ପାଇଁ ସାଧାରଣ ବୀମା ଯୋଜନା କର୍ପୋରେସନ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି।
- ରାଜ୍ୟ ସଭା ସଦସ୍ୟ ସି.ଡି. ନଟରାଜନ ଡିଏମ୍‌କେରୁ ଇସ୍ତଫା ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସରକାର ପୁନଃ ବିଚାର କରନ୍ତୁ

ମହାଶୟ,

ଓଡ଼ିଶା ସରକାରଙ୍କ ପକ୍ଷରୁ ପି.ଏମ. ପୋଷଣ ଯୋଜନା ଅନ୍ତର୍ଗତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନରେ ଅତିରିକ୍ତ ଗୋଟିଏ ଅଣ୍ଡା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଅର୍ଥାତ୍ ଏଣିକି ସପ୍ତାହକୁ ଦୁଇଦିନ ବଦଳରେ ତିନି ଦିନ ଅଣ୍ଡା ଦିଆଯିବ । ପିଲାଙ୍କୁ ଅଧିକ ପୁଷ୍ଟିସାର ଜାତୀୟ ଖାଦ୍ୟ ଯୋଗାଇବା ଦୃଷ୍ଟିରୁ ଏହା ସ୍ୱାଗତଯୋଗ୍ୟ। ଅତିରିକ୍ତ ଅଣ୍ଡା ବଣ୍ଟନ କରିବା ଫଳରେ ରାଜ୍ୟରେ ଆହୁରି ଅଣ୍ଡାର ଚାହିଦା ବଢ଼ିବା ସହିତ ଅତିରିକ୍ତ ବହୁତ ଅଣ୍ଡା ଆବଶ୍ୟକ ହେବ। ଯାହା ଫଳରେ ଅସାଧୁ ବ୍ୟବସାୟୀ ଅସାଧୁ ଉପାୟରେ ଅଧିକରୁ ଅଧିକ ଅଣ୍ଡା ଉତ୍ପାଦନ ପାଇଁ ଚେଷ୍ଟା କରିବେ । ସେହି ଅଣ୍ଡାଗୁଡ଼ିକର ଗୁଣବତ୍ତା ଓ ଉତ୍ତମ ମାନ ନିଶ୍ଚିତ କରିବା ଚ୍ୟାଲେଞ୍ଜ ହେବ । ବଜାରରେ ଅଣ୍ଡାର ମୂଲ୍ୟକୁ ବିଚାରକୁ ନେଲେ, ଅତିରିକ୍ତ ଅଣ୍ଡା ପ୍ରଦାନ ମଧ୍ୟାହ୍ନଭୋଜନ ରନ୍ଧନ ଖର୍ଚ୍ଚ ଉପରେ ଆର୍ଥିକ ବୋଝ ପଡିବ । ପୁଣି ଅନେକ ବିଦ୍ୟାଳୟରେ ଅଣ୍ଡା ଗଚ୍ଛିତ ରଖିବାର ସୁବିଧା ନ ଥିବାରୁ, ଖରାଦିନେ ଅଣ୍ଡା ପଚି ନଷ୍ଟ ହେବାର ସମ୍ଭାବନା ଅଛି। ବିଶେଷକରି ସହରଠାରୁ ଦୂରରେ ଥିବା ବିଦ୍ୟାଳୟକୁ ଅଣ୍ଡା ସପ୍ଲାଏ କରିବା କଷ୍ଟକର ହେବ । ପୁଣି ଶିକ୍ଷକଙ୍କୁ ଏଥିପାଇଁ ଅତିରିକ୍ତ ସମୟ ଦେବାକୁ ପଡିବ, ଯାହାକି ପାଠପଢାରେ ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନା ଅଛି । ପୁଣି ସରକାର କହିଛନ୍ତି ଯେ ସୋମବାର ଦିନ ଅଣ୍ଡା ଦିଆଯିବ। କିନ୍ତୁ ଧାର୍ମିକ ଭାବନା ଦୃଷ୍ଟିରୁ ଅନେକ ଛାତ୍ରୀଛାତ୍ର ସୋମବାରରେ ଅଣ୍ଡା ଖାଇବାକୁ ନାପସନ୍ଦ କରନ୍ତି । ସରକାର ଅତିରିକ୍ତ ଅଣ୍ଡା ବଦଳରେ ପୁଷ୍ଟିସାର ଯୁକ୍ତ ସ୍ଥାନୀୟ ପରିବା, ଚଣା ଆଦି ବିକଳ୍ପ ଭାବରେ ଦେବାର ବ୍ୟବସ୍ଥା କରିବା ଉଚିତ। ସୋମବାର ବଦଳରେ ଅନ୍ୟ ଦିନ ଅଣ୍ଡା ଦେବା ଉପରେ ପୁନଃ ବିଚାର କରିବା ଆବଶ୍ୟକ ।

**-ରମାକାନ୍ତ ସେଠ, ଶିକ୍ଷକ, ନୂଆପଡ଼ା**

## ଚିରନ୍ତନୀ

ଆମ୍ର ବନ ବିଛାଏ ଛାୟା
ତାହାରି ତଳେ ଆସି
ନିଦାଘ ତାପ କରଇ ଦୂର
ସୁଦୂର ପରବାସୀ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏମାନଙ୍କ ମତରେ...

### ମାତୃଭାଷା ଓଡ଼ିଆ ହେଉଛି ଆମ ପରିଚୟ, ସ୍ୱାଭିମାନ ଓ ସଂସ୍କୃତି



ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରିତ କରି ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଆମ ରାଜ୍ୟ ଓଡ଼ିଶା ବା ତତ୍କାଳୀନ ଉତ୍କଳ ପ୍ରଦେଶ ଗଠନ ହୋଇଥିଲା। ଓଡିଆ କେବଳ ଆମର ମାତୃଭାଷା ନୁହେଁ, ଏହା ଆମର ପରିଚୟ, ସ୍ୱାଭିମାନ ଓ ସଂସ୍କୃତି। କିନ୍ତୁ ବର୍ତ୍ତମାନ ଓଡିଆ ଭାଷା ଆଜି ସଙ୍କଟରେ। ଆମ ସଂସ୍କୃତିକୁ ରକ୍ଷା କରିବାକୁ ହେଲେ ପ୍ରଥମେ ମାତୃଭାଷାର ସୁରକ୍ଷା ଆବଶ୍ୟକ। ଏଥିପାଇଁ ଚଳିତବର୍ଷ ଓଡ଼ିଶା ଦିବସର ବାର୍ତ୍ତା ରଖାଯାଇଛି 'ଭାଷା ସୁରକ୍ଷା, ସଂସ୍କୃତି ରକ୍ଷା'। ତିନୋଟି ସ୍ଥାନରେ ଯଥା ସରକାରୀ କାର୍ଯ୍ୟାଳୟ, ବିଚ୍ଛିନ୍ନାଞ୍ଚଳ ଓ ବିଦ୍ୟାଳୟରେ ମାତୃ ଭାଷାକୁ ସୁରକ୍ଷା ଦେବାର ସମୟ ଆସିଛି। ଜାତୀୟ ଶିକ୍ଷା ନୀତି ଅନୁସାରେ ନିଜ ମାତୃଭାଷାରେ ଶିକ୍ଷାଦାନ ବାଧ ହୋଇଥିଲେ ମଧ ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆଜିପର୍ଯ୍ୟନ୍ତ ଲାଗୁ ହୋଇପାରିନାହିଁ। ସେହିଭଳି ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟତଃ ଇଂଲିଶ ମାଧମ ବିଦ୍ୟାଳୟରେ ଓଡିଆ ଭାଷାକୁ ପ୍ରାଧାନ୍ୟ ଦେବାର ସମୟ ଆସିଛି ।

-ଦିଲୀପ ଦାସଶର୍ମା, ସାଧାରଣ ସମ୍ପାଦକ, ଉତ୍କଳ ସମ୍ମିଳନୀ

### ଓଡ଼ିଆ ଭାଷା, ସଂସ୍କୃତିର ସୁରକ୍ଷା ପାଇଁ ସଂକଳ୍ପ ନେବା



ପ୍ରାଚୀନ ଓ ପୂର୍ଣ୍ଣାଙ୍ଗ ଓଡ଼ିଆ ଭାଷା ଆଧାରରେ ଆଜିର ଦିବସରେ ଗଠନ ହୋଇଥିଲା ଭାଷାଭିତ୍ତିକ ପ୍ରଥମ ଭୌଗୋଳିକ ଭୂଖଣ୍ଡ। ବର୍ତ୍ତମାନ ଓଡ଼ିଆ ଭାଷା ସମୃଦ୍ଧ ଓ ଶାସ୍ତ୍ରୀୟ ଭାଷା ଭାବେ ଭାରତବର୍ଷରେ ପ୍ରତିଷ୍ଠିତ। ଆଜି ଓଡ଼ିଶା ଦିବସ ଅବସରରେ ଆମେ ଆମ ଅସ୍ମିତାର ପରିଚାୟକ ଆମ ଭାଷା ଓ ସଂସ୍କୃତିର ସୁରକ୍ଷା ସଂରକ୍ଷଣ ଦିଗରେ କାର୍ଯ୍ୟକରିବା ପାଇଁ ସଂକଳ୍ପ ନେବା। ଆମକୁ ମନେ ରଖିବାକୁ ହେବ ଯେ, ଓଡ଼ିଆ ଭାଷାକୁ ନେଇ ଓଡ଼ିଶା, ଆଉ ଓଡ଼ିଆ ଭାଷା ପାଇଁ ହିଁ ଆମର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଆ ହେଉଛି ଆମ ସମ୍ମାନ ଓ ସ୍ୱାଭିମାନର ପରିଚୟ। ବନ୍ଦେ ଉତ୍କଳ ଜନନୀ। ଆମ ଭାଷା, ଆମ ଭୂଖଣ୍ଡର ଜୟହେଉ।

-ଡ. ଦେବାଶିଷ ମହାପାତ୍ର, ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ

### ଓଡ଼ିଶାର ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ପ୍ରକୃତ ପ୍ରଚାର ପ୍ରସାର ହେଉ



କୁହାଯାଏ, କଳାରେ କୋଣାର୍କ, କବିତାରେ ଭଞ୍ଜ, ଦର୍ଶନରେ ଜଗନ୍ନାଥ-ଏସବୁର ଉଦ୍ଭବ ଉତ୍କଳ ମାଟିରୁ। ପ୍ରତିବର୍ଷ ଓଡ଼ିଶା ଦିବସ କେବଳ ଉତ୍ସବ ଓ ଭାଷଣରେ ସୀମିତ ରହିଯାଉଛି। ଗତ ଅନେକ ବର୍ଷ ଧରି ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଦିଆଯାଇନାହିଁ। ଏଭଳି ସ୍ଥିତିରେ ଆମ ଭାଷା ସାହିତ୍ୟକୁ କିଭଳି ପ୍ରୋତ୍ସାହନ ମିଳିପାରିବ? ଯେଉଁ ଦକ୍ଷିଣ ଓଡ଼ିଶାର ମିଶ୍ରଣ ପାଇଁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅକ୍ଳାନ୍ତ ଚେଷ୍ଟା କରିଥିଲେ, ସେହି ଅଞ୍ଚଳର ଅନେକ ଐତିହ୍ୟ, ମନ୍ଦିର କୀର୍ତ୍ତିରାଜି, ହସ୍ତକଳା, ପ୍ରାକୃତିକ ବିଭବ ଅବହେଳିତ ରହିଛି। କଳା, ସାହିତ୍ୟ, ବିଜ୍ଞାନ, କାରିଗରି, ବାଣିଜ୍ୟ, ସମାଜ ସେବା, ସ୍ୱାଧୀନତା ସଂଗ୍ରାମ ଆଦି ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଲୁକ୍କାୟିତ ଓଡ଼ିଆ ବ୍ୟକ୍ତିବିଶେଷଙ୍କୁ ନେଇ ଅନୁସନ୍ଧାନ ହେଉ। ଓଡ଼ିଶାର ପର୍ଯ୍ୟଟନ, ଭାଷା ସାହିତ୍ୟ, କଳା ଓ ସଂସ୍କୃତି, ଖାଦ୍ୟପେୟ ପ୍ରଚାର ପ୍ରସାରରେ ହିଁ ଓଡ଼ିଶା ଦିବସ ପାଳନର ପ୍ରକୃତ ଯଥାର୍ଥତା ନିହିତ।

-ସତ୍ୟବ୍ରତ ପାଣିଗ୍ରାହୀ, ଯୁବ ଲେଖକ

# ଓଡ଼ିଆ ସ୍ୱାଭିମାନର ପର୍ବ



କଳା, ସଂସ୍କୃତି ଓ ବାଣିଜ୍ୟର ଏକ ପୀଠସ୍ଥଳୀ ହେଉଛି ଉତ୍କଳ(ଓଡ଼ିଶା)। ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଏହି ପୁଣ୍ୟଭୂମି। ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସାହିତ୍ୟ, ସଂସ୍କୃତି ଓ ନୃତ୍ୟ ସାରା ବିଶ୍ୱରେ ଓଡ଼ିଶାକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ପ୍ରାଚୀନ କାଳରେ ଓଡ଼ିଶା କଳିଙ୍ଗ, ଉଡ୍ର, ଉତ୍କଳ ରୂପେ ଭାରତବର୍ଷରେ ସମୃଦ୍ଧିଶାଳୀ ରାଜ୍ୟରୂପେ ସୁବିଦିତ ଥିଲା। ୧୫୬୮ରେ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ମୋଗଲ ଓ ମରହଟ୍ଟାମାନଙ୍କ ଶାସନ ନିୟନ୍ତ୍ରଣରେ ଓଡ଼ିଶା ଶାସିତ ହେଲା। ବ୍ରିଟିଶମାନଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହେବାପରେ ଏହାର ଚରମ ଦୁର୍ଦ୍ଦିନ ଘୋଟି ଆସିଲା। ସମ୍ବଲପୁର ମଧ୍ୟପ୍ରଦେଶ ସହ ମିଶିଥିବା ବେଳେ ବାଲେଶ୍ୱରରେ ବଙ୍ଗଳାର ପ୍ରଭାବ ଏବଂ ଗଞ୍ଜାମ ମାଡ୍ରାସ ପ୍ରେସିଡେନ୍ସି ଅଧୀନରେ ରହିଥିଲା। ଖଣ୍ଡ ବିଖଣ୍ଡିତ ହୋଇ ବିକ୍ଷିପ୍ତ ଅବସ୍ଥାରେ ଥିବା ଓଡ଼ିଶା ଏହାର ପରିଚୟ ସମ୍ପୂର୍ଣ୍ଣ ହରାଇବାକୁ ବସିଥିଲା। ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇ ପଡ଼ୋଶୀ ରାଜ୍ୟମାନଙ୍କରେ ମିଶିଗଲା। ଓଡ଼ିଶାର ଅସ୍ତିତ୍ୱ ଲୋପ ପାଇଲା। ଏହା ସହିତ ଓଡ଼ିଆ ଭାଷା ବିପନ୍ନ ହେଲା। ବ୍ରିଟିଶ ଶାସନରୁ ଅଲଗା ହୋଇ ଓଡ଼ିଶାକୁ ଏକ ଅଲଗା ରାଜ୍ୟ କରିବା ପାଇଁ ଯେଉଁ ମହାପୁରୁଷମାନେ ଜାତିର ସ୍ୱାଭିମାନ ଓ ଅସ୍ମିତା ପାଇଁ ଲଢ଼େଇ କରିଥିଲେ ସେମାନଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ସାର୍ ବାସୁଦେବ ସୁଧଳଦେବ, ରାଧାନାଥ ରାୟ, ଭୁବନାନନ୍ଦ ଦାସ ଅନ୍ୟତମ। ଏହି ବୀରପୁତ୍ରମାନଙ୍କ ଉଦ୍ୟମରେ ପ୍ରଥମେ ୧୯୦୩ରେ ଉତ୍କଳ ସମ୍ମିଳନୀ ଗଠନ ହୋଇଥିଲା। ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନଗୁଡ଼ିକରେ ଓଡ଼ିଶା ପ୍ରଦେଶ ଗଠନ ଦାବି ଦୃଢ଼ତର କରାଯାଇଥିଲା। ସମ୍ମିଳନୀ ମାଧ୍ୟମରେ ବ୍ରିଟିଶ ସରକାରଙ୍କ ନିକଟରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବି ସହିତ ଓଡ଼ିଆ ଜାତୀୟତାର ପ୍ରସାର କରାଯାଇଥିଲା। ତତ୍କାଳୀନ ଓଡ଼ିଶାର ବରପୁତ୍ରମାନଙ୍କ ତ୍ୟାଗ, ବଳିଦାନ ଏବଂ ପ୍ରଚେଷ୍ଟାରେ ପ୍ରଥମେ ୬ଟି ଜିଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ, ଗଞ୍ଜାମକୁ ନେଇ ଓଡ଼ିଶା ରାଜ୍ୟ ଗଠନ ହେଲା। ୧୯୫୦ ଜାନୁଆରୀରେ ଓଡ଼ିଶାରେ ଆଉ ୭ଟି ଜିଲା ଯୋଗ ହୋଇ ମୋଟ ୧୩ଟି ଜିଲା ହେଲା। ଏହାପରେ ୧୯୯୨ରେ ଓଡ଼ିଶାର ୧୩ଟି ଜିଲାକୁ ପୁନର୍ବିଭାଜନ କରି ୩୦ଟି ଜିଲାରେ ବିଭକ୍ତ କରାଗଲା। ବହୁଦିନର ଖଣ୍ଡବିଖଣ୍ଡିତ ଉତ୍କଳ ଜନନୀ ତା'ର ବରପୁତ୍ରମାନଙ୍କର ସେବା ଓ ବଳିଦାନ ଯୋଗୁ ସମ୍ପୂର୍ଣ୍ଣ ହୋଇପାରିଥିଲା।

୧୯୩୬ ଏପ୍ରିଲ ୧ ତାରିଖ ଓଡ଼ିଶା ପାଇଁ ଏକ ଅବିସ୍ମରଣୀୟ ଦିନ। ଆଜିର ଦିନ ହେଉଛି ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ବିଦିତ ଏକ ଅବିସ୍ମରଣୀୟ ଦିନ। ଓଡ଼ିଆ ଜାତିର ଅସ୍ମିତାର ସୁରକ୍ଷା। ନେଇ ସଂଗ୍ରାମର କାହାଣୀ କୁହେ ଏହି ଦିନ; ଯାହାକୁ ନେଇ ପ୍ରତି ଓଡ଼ିଆ ଗର୍ବ କରନ୍ତି। ଭାଷା ଭିତ୍ତିରେ ଆମ 'ଓଡ଼ିଶା'କୁ ମିଳିଥିଲା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା। ୧୯୩୬ ଆଜିର ଦିନରେ ନୂଆ ପରିଚୟ ପାଇଥିଲା ଓଡ଼ିଶା। ଏହି ଦିନକୁ ନେଇ ସାରା ରାଜ୍ୟବାସୀ ଉତ୍ସାହିତ ଥିବାବେଳେ ଗର୍ବର ସହ ଓଡ଼ିଶା ଦିବସ ପାଳନ କରନ୍ତି। ପ୍ରତିଟି ଓଡ଼ିଆ ନିଜକୁ ଓଡ଼ିଆ ଭାବେ ଗର୍ବ ଅନୁଭବ କରନ୍ତି। ଆଜି ଦିନଟିରେ ପ୍ରତି ଓଡ଼ିଆ ଏହି ଜାତିର ଅସ୍ମିତା ଓ ସ୍ୱାଭିମାନକୁ ବଜାୟ ରଖିବାର ସଂକଳ୍ପ ନେବା ସହ ଓଡ଼ିଶା ଦିବସ ପାଳନ କରିଥାଏ। ଆଉ ଗର୍ବରେ କହିଥାଏ ମୁଁ ଓଡ଼ିଆ। ଆଜି ହେଉଛି ଓଡ଼ିଆମାନଙ୍କର ଆଶା ଭରସା ଓ ସ୍ୱପ୍ନର ଦିବସ। ଆଜି ଉଜ୍ଜୀବିତ ହେଉଛି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ମୃତି। ସୀମାହୀନ, ଭାଷାହୀନ ଭାବେ ରହିବା ପରେ ଏହି ଦିନ ଏକତ୍ରିକ ହୋଇ ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା ଓଡ଼ିଶା। ନବ ଗଠିତ ରାଜ୍ୟ ଭାବେ ଓଡ଼ିଶା ମାନଚିତ୍ରରେ ଶୋଭାମଣ୍ଡନ କରିଥିଲା ଉତ୍କଳ। ତେବେ ଏହି ଦିବସ ଅବସରରେ ଓଡ଼ିଶା ମାଟିର ଅସ୍ମିତା ଓ ସ୍ୱାଭିମାନ ରକ୍ଷା ପାଇଁ ମିଳିତ ଭାବେ କାମ କରିବାକୁ ଆମେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ସମସ୍ତେ ସଂକଳ୍ପ ନେବା। ଆମେ ଓଡ଼ିଆ ବୋଲି କହିବାକୁ କୁଣ୍ଠାବୋଧ କରିବା ନାହିଁ । ଗର୍ବର ସହ କହିବା ଏ ପୁଣ୍ୟଭୂମି ଓଡ଼ିଶା, ଏ ଜାତି ଓଡ଼ିଆ ସବୁଠୁ ବଢ଼ିଆ।

–ଚିତ୍ତରଞ୍ଜନ ପୃଷ୍ଟି, ନିମାପଡ଼ା, ପୁରୀ
ମୋ: ୯୭୭୮୧୭୭୫୦୧





## କାଠରେ ବରପୁତ୍ରଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି



କାଠରେ ନିର୍ମିତ ପ୍ରତିମୂର୍ତ୍ତି ପ୍ରଦର୍ଶନ କରୁଛନ୍ତି ସତ୍ୟ।

ବ୍ରହ୍ମପୁର,୩୧।୩(ସ୍ମୃତି ରଞ୍ଜନ ମହାଲିକ) ଓଡ଼ିଶା ଦିବସ ଅବସରରେ ବାଲୁକାଶିଳ୍ପୀ ସତ୍ୟନାରାୟଣ ମହାରଣା କାଠରେ ଓଡ଼ିଶା ମାନଚିତ୍ର ସହ ୮ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଏଥିରେ ଓଡିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ(ଉଚ୍ଚତା ୩.୨ ସେମି ଏବଂ ଓସାର ୨.୫ ସେମି), ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ(ଉଚ୍ଚତା ୨.୭ ସେମି ଓ ଓସାର ୨.୫ ସେମି, ନବକୃଷ୍ଣ ଚୌଧୁରୀ(ଉଚ୍ଚତା ୩.୫ ସେମି ଏବଂ ଓସାର ୨.୫ ସେମି), ବିଜୁ ପଟ୍ଟନାୟକ(ଉଚ୍ଚତା ୨.୭ ସେମି, ଓସାର ୨.୫ ସେମି), ଅନ୍ନପୂର୍ଣ୍ଣା ମହାରଣା(ଉଚ୍ଚତା ୨.୭ ସେମି, ଓସାର ୨.୬ ସେମ), ଶଶିଭୂଷଣ ରଥ(ଉଚ୍ଚତା ୩.୨ ସେମି, ଓସାର ୨.୫ ସେମି), ବିର୍ସା ମୁଣ୍ଡା(ଉଚ୍ଚତା ୨.୮ ସେମି, ଓସାର ୨.୫ ସେମି), ହରିହର ଦାସ( ଉଚ୍ଚତା ୩.୨ ସେମି, ଓସାର ୨.୫ ସେମି)ଙ୍କ ପ୍ରତିମୂର୍ତ୍ତି ରହିଛି। ଏଥିସହ କୋଣାର୍କ ମନ୍ଦିର (ଉଚ୍ଚତା ୪.୭ ସେମି ଏବଂ ଓସାର ୫.୨ ସେମି)ର ପ୍ରତିକୃତି ରହିଛି। ପୂର୍ବରୁ ସତ୍ୟ କାଠରେ କୃଷ୍ଣଚନ୍ଦ୍ର ଗଜପତି, ଗୋପବନ୍ଧୁ ଦାସ, ରମା ଦେବୀ, ଚକରା ବିଶୋୟୀଙ୍କ ଭଳି ବହୁ ବରପୁତ୍ରଙ୍କ କ୍ଷୁଦ୍ର ପ୍ରତିମୂର୍ତ୍ତି ନିର୍ମାଣ କରି ପ୍ରଶଂସିତ ହୋଇଛନ୍ତି।









DSPL-06



ଓଡ଼ିଆ ପକ୍ଷ ୨୦୨୫

# ଓଡ଼ିଆ ପକ୍ଷ ପାଳନ



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

"୧ ଏପ୍ରିଲ୍ (ଓଡ଼ିଶା ଦିବସ) ଠାରୁ ୧୪ ଏପ୍ରିଲ୍ (ଓଡ଼ିଆ ନବବର୍ଷ) ପର୍ଯ୍ୟନ୍ତ ସମୟ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ପକ୍ଷ ହେଉ । ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ । ସ୍ମରଣ କରିବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ ମହାପୁରୁଷ ଓ ମହିୟସୀମାନଙ୍କୁ, ଯେଉଁମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ୧୯୩୬ ମସିହାରେ । ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର । ଆସନ୍ତୁ ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା, ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା । ଆସନ୍ତୁ ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲ୍‌ରୁ ୧୪ ଏପ୍ରିଲ୍ ଯାଏଁ "ଓଡ଼ିଆ ପକ୍ଷ" ପାଳନ କରିବା ।"

**- ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

| | |
|---|---|
| ୧ ଏପ୍ରିଲ୍ | ଓଡ଼ିଶା ଦିବସ |
| ୨ ଏପ୍ରିଲ୍ | ଖଡ଼ିଛୁଆଁ ଦିବସ |
| ୩ ଏପ୍ରିଲ୍ | ପାରମ୍ପରିକ ପୋଷାକ ପରିଧାନ ଅଭିଯାନ - 'ଆମ ପୋଷାକ ଆମ ପରିଚୟ' |
| ୪ ଏପ୍ରିଲ୍ | ଓଡ଼ିଆରେ ନାମ ଫଳକ ଅଭିଯାନ - ସଚେତନତା ପଦଯାତ୍ରା |
| ୫ ଏପ୍ରିଲ୍ | ଐତିହ୍ୟ ଗଣ ଦୌଡ଼ |
| ୬ ଏପ୍ରିଲ୍ | ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡିକର ସ୍ୱଚ୍ଛତା ଅଭିଯାନ |
| ୭ ଏପ୍ରିଲ୍ | ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ |
| ୮ ଏପ୍ରିଲ୍ | ରକ୍ତଦାନ ଅଭିଯାନ |
| ୯ ଏପ୍ରିଲ୍ | ଆସ ବହିଟିଏ କିଣିବା |
| ୧୦ ଏପ୍ରିଲ୍ | ଲୋକକଳା ପାଇଁ ଦିନଟିଏ |
| ୧୧ ଏପ୍ରିଲ୍ | ଯୁବ ଲେଖକ ସମ୍ମିଳନୀ |
| ୧୨ ଏପ୍ରିଲ୍ | ବରପୁତ୍ରମାନଙ୍କ ଉପରେ ଆଲୋଚନା |
| ୧୩ ଏପ୍ରିଲ୍ | ପାରମ୍ପରିକ ଖାଦ୍ୟ ଦିବସ ପାଳନ- ଆମ ରୁଚି ଆମ ଖାଦ୍ୟ |
| ୧୪ ଏପ୍ରିଲ୍ | ଓଡ଼ିଆ ନବବର୍ଷ ପାଳନ |

OIPR-03001/13/0004/2425





ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ବିଶ୍ୱ ଶାନ୍ତି ପାଇଁ ସମୂହ ନମାଜ ପାଠ



ବଡ଼ଚଣା ବ୍ଲକର ଚାରିନଙ୍ଗଳ ଇଦଗା ପଡ଼ିଆରେ ସମୂହ ନମାଜ ପାଠ କରାଯାଉଛି ।

# ଧର୍ମଶାଳା ଅଞ୍ଚଳରେ ଇଦ୍ ଉଲ ଫିତର

**ଧର୍ମଶାଳା,୩୧।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଇଦ୍ ଉଲ ଫିତର ପର୍ବ ପାଳିତ ହୋଇଯାଇଛି। ମୁସଲମାନମାନେ ରମଜାନରେ ଏକ ମାସ ଧରି ରୋଜା ବା ଉପବାସ କରିବା ପରେ ରବିବାର ସନ୍ଧ୍ୟାରେ ଜହ୍ନ ଦେଖି ରୋଜା ସମାପ୍ତ କରିଥିଲେ। ସୋମବାର ସକାଳୁ ସ୍ୱଚ୍ଛ ହୋଇ ନୂତନ ବସ୍ତ୍ର ପରିଧାନ କରି ଇଦଗାହା ଓ ମସଜିଦରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ନମାଜ ସରିବା ପରେ ମୁସଲମାନ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଧର୍ମଶାଳା ବ୍ଲକର ଚୋରମୁହାଁ ଇଦଗାହା ପଡ଼ିଆ, ଧର୍ମଶାଳା ମସଜିଦ, ଚହଟା ମସଜିଦ, ବଡ଼ମଙ୍ଗଳପୁର ଇଦଗାହା, ତରାପୁର ମସଜିଦ, କାଏମା ମସଜିଦ, ନେଉଳପୁର ଇଦଗାହା ଓ ମସଜିଦରେ ସମୁହ ନମାଜପାଠ କରାଯାଇଥିଲା। କଂଗ୍ରେସ ନେତା କିଶାନ ପଣ୍ଡା ବିଭିନ୍ନ ମସଜିଦ ଓ ଇଦଗାକୁ ଯାଇ ମୁସଲମାନ ଭାଇମାନଙ୍କୁ ଇଦର ଶୁଭେଚ୍ଛା ଜଣାଇଥିଲେ। ଧର୍ମଶାଳା ବିଧାୟକଙ୍କ ମା' ସାମାଜିକ କର୍ମୀ ମିନତି ସାହୁ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଆୟୋଜିତ ଇଦ୍-ଉଲ୍-ଫିତରରେ ଯୋଗଦେଇ ମୁସଲମାନ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ନମାଜପାଠ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।



କଂଗ୍ରେସ ନେତା କିଶାନ ପଣ୍ଡା ମୁସଲମାନ ଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି ।

# ଚାରିନଙ୍ଗଳ ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ

**ଚଣ୍ଡିଖୋଲ,୩୧।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ମୁସଲମାନ ଧର୍ମାବଲମ୍ବୀଙ୍କ ରମଜାନ ମାସ ଶେଷ ହେବାପରେ ସୋମବାର ଆନନ୍ଦ ଉତ୍ସାହର ସହ ଇଦ-ଉଲ୍-ଫିତର ପାଳିତ ହୋଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ କରାଯାଇଛି। ମୌଲାନା ଫକିରୁଦିନ ହାସିମ କାସିମୀ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ୩ ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ଭାଇ ସମୂହ ପ୍ରାର୍ଥନା କରିଥିଲେ। ପରେ ଉଭୟ ହିନ୍ଦୁ ଓ ମୁସଲମମାନ ଭାଇମାନେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। କଂଗ୍ରେସ ନେତା ଅଜୟ କୁମାର ସାମଲ, ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିଶ୍ୱପ୍ରକାଶ ସାମଲ, ବିଳାସ ଚନ୍ଦ୍ର ବାରିକ, ଇଦ୍‌ଗା କମିଟି ସଦସ୍ୟ ମାଷ୍ଟର ହିବିୟୁ ରହେମାନ, ସେକ ରିୟାସତ ଅଲ୍ଲି, ସେକ ମୋଇନି ଅହମଦ, ରସିକୁଦିନ ଖାଁ, ସେକ୍ ଅବଦୁଲ ଗନି, ଗୋଲାମ କିବିରିୟା ଖାଁ, ସୁଲତାନ ସୈଫୁଲା ଖାଁ, ସେକ ଇକବାଲ ହୁସେନ, ନିଆୟୁଦିନ ଖାଁ ଓ ମାସଲେଉଦିନ ଖାଁଙ୍କ ସମେତ ନୌଜଓନ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି କଟିକଟା, ପତରାଜପୁର, ସୁଙ୍ଗୁଡ଼ା ଓ ଦର୍ପଣୀଠାରେ ଆନନ୍ଦ ଉଲ୍ଲାସ ସହ ଇଦ୍ ପର୍ବ ପାଳିତ ହୋଇଛି।

# ବିଞ୍ଝାରପୁରର ବିଭିନ୍ନ ଅଞ୍ଚଳରେ ଇଦ୍ ପାଳିତ



ବିଞ୍ଝାରପୁର ବ୍ଲକ୍‌ର ଏକ ମସ୍‌ଜିଦ୍‌ରେ ନମାଜ ପାଠ ଚାଲିଛି ।

**ବିଞ୍ଝାରପୁର,୩୧।୩(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ହର୍ଷ ଉଲ୍ଲାସର ସହିତ ଇଦ୍-ଉଲ-ଫିତର ପାଳିତ ହୋଇଯାଇଛି। ମୁସଲମାନମାନେ ରମଜାନ ମାସର ଶେଷରେ ଚାନ୍ଦ ଦେଖିବା ପରେ ସୋମବାର ପ୍ରତ୍ୟୁଷରୁ ଶୁଦ୍ଧପୁତ ହୋଇ ନୂତନ ବସ୍ତ୍ର ପରିଧାନ କରି ଆଲ୍ଲାଙ୍କ ନିକଟରେ ବିଶ୍ୱଶାନ୍ତି ଓ ବିଶ୍ୱକଲ୍ୟାଣ ପାଇଁ ସମବେତ ନମାଜ ପାଠ କରି ଦୁଆ ମାଗିଥିଲେ। ଏହାପରେ ପରସ୍ପରକୁ ଆଲିଙ୍ଗନ କରି ଇଦ ମୁବାରକ ଜଣାଇ ସିମେଇ, ଲଚ୍ଛା, ମିଠା ଖାଇ ଖୁସି ମନାଇ ଥିଲେ। ଏକ ସୁନ୍ଦର ସୁସ୍ଥ ବାତାବରଣରେ ଶୃଙ୍ଖଳା ଓ ଭାଇଚାରାରେ ଇଦ ପାଳନ କରିବା ସହିତ ଘର ଘର ଯାଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ଲକର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବିଞ୍ଝାରପୁର ପୁରୁଣା ଇଦ୍‌ଗାରେ ମୁଫତି ଗୁଫାରାନ, ନୂଆ ଇଦ୍‌ଗାରେ ହାଫିଜ ଲାଲୀ, ଶାସନ୍ଦା ଜମା ମସ୍‌ଜିଦରେ ମୌଲାନା ରାହାତ ଅଲି ଖାଁ, ଅଳକୁଣ୍ଡରେ ହାଫିଜ ଫଜେଲ ରହିମ, କୈଏଣା ରଘୁନାଥପୁରରେ ମୁଫତି ଓବେଦୁଲା ନମାଜ ପାଠ କରାଇବା ସହିତ ଆଲ୍ଲାଙ୍କ ବାଣୀ ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ।

ସ୍ଥାନୀୟ ବିଧାୟିକା ପ୍ରମିଳା ମଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବ୍ଲକ ବିଜେଡି ସଭାପତି ନନ୍ଦକିଶୋର ସାମଲ, ଅଶୋକ ସାହୁ, ସୁଖ ରଞ୍ଜନ ପରିଡ଼ା, ଏମ୍‌ଡି ସବିର, ମୋଜାହିଦ ଖାଁ, ସାମାଜିକ କର୍ମୀ କୈଳାସ ସେଠୀ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ ପହଞ୍ଚି ଇଦ୍ ଶୁଭେଚ୍ଛା ଜଣାଉଥିବା ଦେଖିବାକୁ ମିଳିଥିଲା।

# ବ୍ରହ୍ମବରଦାରେ ଇଦ୍ ପର୍ବ

**ବ୍ରହ୍ମବରଦା,୩୧।୩(ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ୟାଙ୍କ ଛକ ଇଦ୍‌ଗାହା ପଡ଼ିଆଠାରେ ସୋମବାର ଇଦ୍-ଉଲ-ଫିତର ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମବରଦା ଏବଂ ଚାନ୍ଦପୁର-ମହେଶ୍ୱରପୁର ପଞ୍ଚାୟତର ମୁସଲମାନ ଭାଇମାନେ ସାମିଲ ହୋଇଥିଲେ। ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଏବଂ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଇଦଗାହା ପଡ଼ିଆରେ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥିଲେ। ଇଦ ପର୍ବ ପାଇଁ ବ୍ରହ୍ମବରଦା ଓ ଏହାର ଆଖ ପାଖ ବେଶ ଚଳଚଞ୍ଚଳ ହୋଇ ଉଠିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ରହ୍ମବରଦା ଥାନା ପକ୍ଷରୁ ଗୋଟିଏ ସେକ୍ସନ ପୋଲିସ ବିଭିନ୍ନ ଛକ ଓ ଇଦଗାହା ପଡ଼ିଆଠାରେ ମୁତୟନ କରାଯାଇଥିଲା ବୋଲି ବ୍ରହ୍ମବରଦା ଥାନା ଅଧିକାରୀ ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।



ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମୁସଲମାନ ଭାଇଙ୍କୁ ଗୋଲାପ ଦେଇ ଶୁଭେଚ୍ଛା ଜଣାଉଛନ୍ତି ।

# ବରୀ ନିର୍ବାଚନମଣ୍ଡଳୀରେ ଇଦ୍ ପର୍ବ



ବରୀ ବିଧାୟକ ବିଶ୍ୱରଞ୍ଜନ ମୁସଲମାନ ଭାଇମାନଙ୍କୁ ଭେଟି ଶୁଭେଚ୍ଛା ଜଣାଉଛନ୍ତି ।

**ବରୀ,୩୧।୩(ମହେନ୍ଦ୍ର ସ୍ୱାଇଁ):**

ବରୀ ନିର୍ବାଚନମଣ୍ଡଳୀରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ଏଥିରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସାମିଲ ହୋଇ ନିର୍ବାଚନମଣ୍ଡଳୀର ବ୍ରହ୍ମବରଦା, ବରୀ ଓ ସୁଜନପୁର ମସଜିଦରେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଭେଟି ଗୋଲପ ଫୁଲ ଦେଇ ଇଦ ଶୁଭେଚ୍ଛା ଜଣାଇଛନ୍ତି। ବରୀ ଏକ ଭାଇଚାରାର ମାଟି, ଏଠି ହିନ୍ଦୁ, ମୁସଲମାନ ଭାଇଭାଇ ହୋଇ ଚଳି ଆସିଛନ୍ତି। ଶାନ୍ତି ମୈତ୍ରୀର ମାଟିରେ ଭାଇଚାରା ଏକ ନିଆରା ପରମ୍ପରା ସୃଷ୍ଟି କରେ ବୋଲି ବିଧାୟକ କହିଛନ୍ତି। ସେହିପରି ଏକ ମାସ ଓଷା ରଖିବା ପରେ ଆଜି ଇଦ ପାଳନ ହୋଇଛି। ଏହା ମୁସଲମାନ ସମ୍ପ୍ରଦାୟର ଏକ ବଡ଼ ପର୍ବ ବୋଲି ବରୀ ସରପଞ୍ଚ ସୋନାଲି ସିଂ କହିଛନ୍ତି।

# ଯାଜପୁରରେ ଇଦ୍-ଉଲ୍-ଫିତର

**ଯାଜପୁର ଟାଉନ,୩୧।୩ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ସହରରେ ମୁସଲମାନ ସମ୍ପ୍ରଦାୟର ଇଦ-ଉଲ୍-ଫିତର ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ଯାଜପୁର ଟାଉନ୍ ସାହି ମସ୍‌ଜିଦ୍ ଠାରେ ସମୂହ ନମାଜ ପାଠ କରାଯାଇଛି। ସକାଳୁ ଆଖପାଖ ଅଞ୍ଚଳରୁ ହଜାରହଜାର ସଂଖ୍ୟକ ମୁସଲିମ ଭାଇ ସାହି ମସ୍‌ଜିଦ୍‌ଠାରେ ଏକତ୍ରିତ ହୋଇ ନମାଜ ପାଠ କରିଥିଲେ। ମୌଲାନା ଅଜ୍‌ଗର୍ ରଜାଉଲ କାଦ୍ରୀ ଶ୍ରଦ୍ଧାଳୁଙ୍କୁ ନମାଜ ପାଠ କରାଇଥିଲେ। ସେହିପରି ଯାଜପୁରର ଜୁମା ମସ୍‌ଜିଦଠାରେ ସମୂହ ନମାଜ ପାଠ କରାଯାଇଥିଲା। ମୁସଲମାନ ଭାଇମାନେ ପରସ୍ପର ମଧ୍ୟରେ ଶୁଭେଚ୍ଛା ଜ୍ଞାପନ କରିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସେହିପରି କଚେରୀ ଛକ, ରେଡ୍‌କ୍ରସ ଛକ, ତାରାମଦନ, ଆଙ୍କୁଲା, ଅଡଙ୍ଗ ପୁରୁସ୍ତମପୁର ଓ କୋଦଣ୍ଡପୁର ଆଦି ସ୍ଥାନରେ ଥିବା ମସ୍‌ଜିଦ୍‌ରେ ଇଦ୍-ଉଲ୍-ଫିତର ପାଳିତ ହୋଇଥିଲା। ମୁସଲମାନ ସାହିର ସେକ୍ ଅବଦୁଲ ସାଜିଦ୍(ଚାନ୍ଦ), ସେକ୍ ହାଇଦର ଅଲ୍ଲୀ, ସେକ୍ ମୁର୍ତାଜା, ସେକ୍ ସାହାବୁଦ୍ଦିନ୍, ଇମ୍‌ତିଆଜ ଖାଁ, ସେକ୍ ରମ୍‌ଜାନି, ଜିଆଉଦ୍ଦିନ୍ ଖାଁ, ସେକ୍ କାସିଦ୍, ଗୁଫରାନ୍ ଖାଁ, ସୋଭାନ୍ ଅଲ୍ଲୀ ଖାଁ, ଆମଜଦ ଖାଁ, ଦିଲବର ଖାଁ, ମନଜର ଖାଁ, ଅନୱର ଖାଁ, ଜାହିଦ ଖାଁ, ଜାହେର ଖାଁ, ସେହଜାଦ୍ ଖାଁ, ସାବାଜ୍ ଖାଁ, ସାଲାଉଦ୍ଦିନ୍ ଖାଁ, ସନୱର ଖାଁ, ମନୱର ଖାଁ, ଅନୱର ଖାଁ, ଅବଦୁଲ ସଲିମ୍ ଖାଁ, ଅବଦୁଲ ଆଲିମ ଖାଁ, ଅବଦୁଲ ହକିମ୍ ଖାଁ, ସେକ ବସିର, ସେକ୍ ଅମଜଦ୍, ସେକ୍ ତସିଫ୍, ସେକ୍ ସୁରଜ, ସେକ୍ ହବିବ୍, ସେକ୍ ମୁସ୍ତାକ, ସେକ୍ ସେରୁ, ସେକ୍ କୟୁମ ପ୍ରମୁଖ ଏହି ନମାଜ ପାଠରେ ସାମିଲ ହୋଇଥିଲେ।



ଯାଜପୁର ଟାଉନ୍ ସାହି ମସ୍‌ଜିଦ୍ ଠାରେ ସମୂହ ନମାଜ ପାଠ କରାଯାଉଛି ।

# ଧର୍ମଶାଳା ତହସିଲରେ ୫ କୋଟି ୨୨ଲକ୍ଷ ରାଜସ୍ୱ ଆଦାୟ

**ଧର୍ମଶାଳା,୩୧।୩(ବଟକୃଷ୍ଣ ପରିଡା):**

ଧର୍ମଶାଳା ତହସିଲ ୨୦୨୪/୨୫ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ କ୍ଷେତ୍ରରେ ଜିଲାରେ ୧ନମ୍ବର ମାନ୍ୟତା ହାସଲ କରିଛି। ଏହି ତହସିଲରୁ ୨୦୨୪/୨୫ ଆର୍ଥିକ ବର୍ଷରେ ୨ କୋଟି ୪୫ଲକ୍ଷ ୮୨ହଜାର ୬୬୩ଟଙ୍କା ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହି ତହସିଲ ୨.୧୨ଗୁଣ ଅଧିକ ଅର୍ଥାତ୍ ୫ କୋଟି ୨୨ ଲକ୍ଷ ୧୦ହଜାର ୫୩୩ ଟଙ୍କା ଆଦାୟ କରିଛି। ବିଗତ ଗତ ୨୦୨୩/୨୪ ଆଥିକ ବର୍ଷରେ ୨୨କୋଟି୬୩ଲକ୍ଷ୭୭ହଜାର୯୬ଟଙ୍କା ଆଦାୟ କରିଥିଲା। ହେଲେ ଚଳିତ ବର୍ଷ ଏହି ତହସିଲର ମୁଖ୍ୟ ରାଜସ୍ୱ କଳାପଥର ଖଣି ଖାଦାନ ଓ ବାଲିଘାଟ ରାଜସ୍ୱ ମାଇନିଂ ବିଭାଗକୁ ହସ୍ତାନ୍ତର ହୋଇଯିବା ଫଳରେ ରାଜସ୍ୱ ଆଦାୟ ପୂର୍ବ ବର୍ଷ ଠାରୁ କମ୍ ଆଦାୟ ହୋଇଛି। ମାତ୍ର ଚଳିତ ବର୍ଷ ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟଠାରୁ ୨ଗୁଣରୁ ଅଧିକ ହୋଇଥିବା ତହସିଲଦାର ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଏଥିସହିତ ରାଜସ୍ୱ ଆଦାୟ କ୍ଷେତ୍ରରେ ସଫଳତା ପାଇଁ ସେ ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

# କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଧର୍ମଶାଳା,୩୧।୩(ବଟକୃଷ୍ଣ ପରିଡା):**

ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଆରୁହା ନିକଟରେ ସୋମବାର ପୂର୍ବାହ୍ନ ୧୦ଟାରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅଣକା ଗ୍ରାମର ସୁବାସ ନାୟକ(୫୫)। ସୁବାସ ରାସ୍ତା ପାର ହେଉଥିବା ସମୟରେ ଦ୍ରୁତଗତିରେ ଆସୁଥିବା ଓଡି୦୨ପିକ୍ୟୁ ୪୯୨୨ ନମ୍ବର କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ନଂ.୧୮୮/୨୫ ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ଇଦ୍ ପାଳିଲେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ

**କାଳିଆପାଣି,୩୧।୩(ଅସିତ ମହାନ୍ତ):**

ସୁକିନ୍ଦାଗଡ଼ର ପୁରାତନ ଜୁମା ମସଜିଦରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ନିଜ ସମର୍ଥକଙ୍କ ସହ ଇଦ ପାଳନ କରିଛନ୍ତି। ଏହି ଅବସରରେ ଏକ ଇଦ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ମୁସଲମାନ ସଂପ୍ରଦାୟର ଲୋକେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ମନ୍ତ୍ରୀ ଶ୍ରୀବଳସାମନ୍ତ ରସଗୋଲା ଓ ଗୋଲାପ ଫୁଲ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ସେହିପରି ବିଶ୍ୱନାଥପୁରସ୍ଥିତ ମସଜିଦ୍‌ରେ ଇଦ୍ ପାଳିତ ହୋଇଛି। ନମାଜ ପାଠ ପରେ ସେଠିକାର ଲୋକେ ପୁରତନ ଜୁମା ମସଜିଦକୁ ଆସି ମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସାହି ସରଦାର ମଞ୍ଜୁର ଅଲି, ଅଜଗର ଅଲି, ସଫିର ଖାଁ, ଅସରଫ ଅଲି ଖାଁଙ୍କ ସହିତ ଭାଜପା ନେତା ରମଣୀ ରଞ୍ଜନ ବଳସାମନ୍ତ, ସବ୍ୟସାଚୀ ବଳସାମନ୍ତ, ଯାତ୍ରାକର ଜେନା ଓ ପୁଷ୍ପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେକ୍ ଜହୁର, ପିଣ୍ଟୁ ଖାଁ, ସାଜିଦ ଖାଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଇଦ ମିଳନ କାର୍ଯ୍ୟକ୍ରମରେ ସାନିଆ ମିର୍ଜା, ହରିଦ ଖାଁ ପ୍ରମୁଖ ସହଯୋଗ କରିଥିଲେ।



ସମର୍ଥକଙ୍କ ସହ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଇଦ୍ ପାଳନ କରୁଛନ୍ତି ।

# ଜାତୀୟ ମେଧାବୃତ୍ତି ପରୀକ୍ଷାରେ ଛାତ୍ରଙ୍କ କୃତିତ୍ୱ

**ରଗଡ଼ି,୩୧।୩(ଯତିଶ କୁମାର ମଲ୍ଲିକ):**



୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଜାତୀୟ ଆୟ ଭିତ୍ତିକ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିରେ କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତ କୋରବନ୍ଧୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଋତୁରାଜ ପୂର୍ତ୍ତି କୃତିତ୍ୱ ଅର୍ଜନ କରିଛନ୍ତି। ଛାତ୍ରଙ୍କ ବାପା ରଗଡ଼ି ସବଜେଲରେ କାର୍ଯ୍ୟରତ ଓ ମା' ଜଣେ ସୁଗୃହିଣୀ। ଏହି ସଫଳତା ପାଇଁ ଛାତ୍ର ତାଙ୍କ ପିତାମାତା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ସେଠୀ, ପ୍ରଫୁଲ୍ଲ ଖଟୁଆ, ଭଗବାନ ସାହୁ, ବିଶ୍ୱନାଥ ପାଢ଼ୀ, ମଙ୍ଗୁଳି ଖଟୁଆ, ଶିକ୍ଷୟିତ୍ରୀ ଜୟନ୍ତୀ ସ୍ୱାଇଁଙ୍କୁ ଶ୍ରେୟ ଦେଇଛନ୍ତି। ଅନ୍ୟପକ୍ଷରେ ଛାତ୍ରଙ୍କ ସଫଳତା ଖବର ଶୁଣି ଗ୍ରାମବାସୀଙ୍କ ମନରେ ଆନନ୍ଦର ଲହରି ଖେଳିଯାଇଛି। ସେମାନେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଜିଲା ପ୍ରଶାସନ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଯାଜପୁର ଟାଉନ,୩୧।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ବିହାର ରେଜିମେଣ୍ଟର ୟୁନିଟ ଷଷ୍ଠ ବାଟାଲିୟନର ହାବିଲଦାର ରାଜକିଶୋର ମୁଣ୍ଡା ଅରୁଣାଞ୍ଚଳ ପ୍ରଦେଶର ତାୱାଙ୍ଗଠାରେ କର୍ତ୍ତବ୍ୟ ରତ ଥିବା ସମୟରେ ମାର୍ଚ୍ଚ ୨୯ରେ ଶହୀଦ ହୋଇଛନ୍ତି। ତାଙ୍କ ମରଶରୀର ସୋମବାର ଭୁବନେଶ୍ୱରରୁ କେନ୍ଦୁଝର ସଦର ବ୍ଲକ ନୂଆଗାଁ ଯିବା ସମୟରେ ଯାଜପୁର ଜିଲାର ଚଣ୍ଡିଖୋଲଠାରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଦର୍ପଣ ଅତିରିକ୍ତ ତହସିଲଦାର ଶହୀଦଙ୍କ ମରଶରୀରରେ ପୁଷ୍ପ ମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଗ୍ୟାସ ଟାଙ୍କିରୁ ନିଆଁ ଲାଗି ୩ ବଖରା ଜଳିଗଲା

**ଚଣ୍ଡିଖୋଲ,୩୧।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଧାନମଣ୍ଡଳ ପଞ୍ଚାୟତ ଶାସନସୀମା ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ରବିବାର ରାତିରେ ସପରିବାର ଶୋଇଥିବାବେଳେ ହଠାତ ଘରେ ଥିବା ଗ୍ୟାସ ଟାଙ୍କିରେ ନିଆଁ ଲାଗିଥିଲା। ଏହି ସମୟରେ କୃଷ୍ଣଚନ୍ଦ୍ରଙ୍କ ନିଦ ଭାଙ୍ଗିଯିବାରୁ ସେ ନିଆଁ ଦେଖି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ଲୋକେ ରୁଣ୍ଡ ହେବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ବିପନ୍ନ ପରିବାରର ୨୦ ବସ୍ତା ଧାନ ସହ ଆସବାବ ପତ୍ର ପୋଡି ଯାଇଛି। ସୋମବାର ସରପଞ୍ଚ ନବଦିପ ନାୟକ ବିପନ୍ନଙ୍କ ପାଖରେ ପହଞ୍ଚି ପାଲ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଛନ୍ତି। ଅଗ୍ନିବିପନ୍ନଙ୍କୁ ତହସିଲ ପ୍ରଶାସନ ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

# ତୃଣମୂଳସ୍ତରରେ ପହଞ୍ଚୁ ନାହିଁ ଉନ୍ନୟନ ଯୋଜନା

- କେନ୍ଦ୍ରାପଡ଼ା ଜିଲା ଗଠନକୁ ୩୨ ବର୍ଷ ବିତିଲା
- କର୍ମନିଯୁକ୍ତି ସମସ୍ୟାରେ ଛଟପଟ ଜିଲାବାସୀ
- ରାଜନେତା, ପ୍ରଶାସକଙ୍କ ସମନ୍ୱୟ ଜରୁରୀ

କେନ୍ଦ୍ରାପଡ଼ା, ୩୧।୩ (ଜଗନ୍ନାଥ ଧଳ)

**ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୯୩ ଏପ୍ରିଲ ୧ରେ ଅବିଭକ୍ତ କଟକ ଜିଲାକୁ ଭାଗ କରି କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ପ୍ରଦାନ କରାଯାଇଛି। ଇତିମଧ୍ୟରେ ଏହି ଜିଲା ମାନ୍ୟତାକୁ ୩୨ ବର୍ଷ ବିତିଛି। ଜିଲା ଗଠନ ପରେ ଏହାର ବିକାଶକୁ ନେଇ ସ୍ୱପ୍ନ ଦେଖିଥିବା ଜିଲାବାସୀ ଏବେ ବି ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଛନ୍ତି। ସମସ୍ତଙ୍କ ନିକଟରେ ମୌଳିକ ଆବଶ୍ୟକତା, ସୁବିଧା ଓ ଉନ୍ନୟନ ଯୋଜନା ପହଞ୍ଚି ପାରି ନ ଥିବାବେଳେ କର୍ମନିଯୁକ୍ତି ଏକ ବଡ଼ ସମସ୍ୟା ହୋଇଛି। କୃଷି ଅର୍ଥନୀତିଭିତ୍ତିକ ଏହି ଜିଲାର ଅର୍ଥନୀତି ବିକାଶ କ୍ଷେତ୍ରରେ ରାଜ୍ୟର ୨୬ତମ ସ୍ଥାନରେ ଅଛି। ତୃଣମୂଳସ୍ତରରେ ଯୋଜନା ପହଞ୍ଚିବା ପାଇଁ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଜରୁରୀ ବୋଲି ମତପ୍ରକାଶ ପାଇଛି।**

### ୧୬ ପଞ୍ଚାୟତକୁ ସଡ଼କ ଯୋଗାଯୋଗ ପଥ ନାହିଁ



କେନ୍ଦ୍ରାପଡ଼ା ଜିଲା ସହ ଅବିଭକ୍ତ କଟକ ଜିଲାରୁ ପଡ଼ୋଶୀ ଯାଜପୁର ଓ ଜଗତ୍‌ସିଂହପୁର ଜିଲା ଗଠନ ହୋଇଥିଲା। ଏହି ୨ ପଡ଼ୋଶୀ ଜିଲାରେ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟରେ ଆର୍ଥିକ ଓ ସାମାଜିକ ବିକାଶ ହେଉଥିବାବେଳେ କେନ୍ଦ୍ରାପଡ଼ା ଖୁବ୍ ପଛରେ ରହିଛି। ଜିଲାରେ ଏବେ ୧୬ ଲକ୍ଷରୁ ଅଧିକ ଅଧିବାସୀ ୧୫୯୨ ରାଜସ୍ୱ ଗ୍ରାମରେ ଅଛନ୍ତି। ରାଜ୍ୟର ସର୍ବପ୍ରଥମ ମ୍ୟୁନିସିପାଲିଟି ଭାବେ କେନ୍ଦ୍ରାପଡ଼ାକୁ ମାନ୍ୟତା ଦିଆଯାଇଛି। ଏଠାରେ ଜନସଂଖ୍ୟା ବଢ଼ୁଛି। ତେବେ ପରିସୀମା ବୃଦ୍ଧି ପାଉନି। ଜିଲାର ୧୬ ପଞ୍ଚାୟତକୁ ସଡ଼କ ଯୋଗାଯୋଗ ପଥ ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସହ ଆପାତକାଳୀନ ସମୟରେ ଦମକଳ ଗାଡ଼ି ଓ ଆମ୍ବୁଲାନ୍ସ ସେବା ପହଞ୍ଚି ପାରିନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ସତ୍ତ୍ୱେ କେତେକ ପଡ଼ା ଅଞ୍ଚଳକୁ ବିଦ୍ୟୁତ୍ ସେବାରୁ ବଞ୍ଚିତ କରାଯାଇଛି। ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ଆବଶ୍ୟକତା ପୂରଣ ହୋଇ ପାରୁ ନ ଥିବାରୁ ଜିଲାବାସୀଙ୍କ ସୁଖଦ ସ୍ୱପ୍ନ ହଜିଯାଉଛି।

–ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, କେନ୍ଦ୍ରାପଡ଼ା

### ଜିଲାରେ କର୍ମନିଯୁକ୍ତି ଏକ ବଡ଼ ସମସ୍ୟା



ଶିଳ୍ପବିହୀନ ଏହି ଜିଲାରେ କର୍ମନିଯୁକ୍ତି ଏକ ବଡ଼ ସମସ୍ୟା। ୫୭ ହଜାରରୁ ଅଧିକ ବୈଷୟିକ ଡିଗ୍ରୀଧାରୀ କର୍ମ ନିଯୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ନିଯୁକ୍ତି ମିଳିପାରୁନାହିଁ। ଯୁବବର୍ଗ ହୋଇ ଜିଲା ବାହାରେ କର୍ମ ଅନ୍ୱେଷଣରେ ଅଛନ୍ତି। ପ୍ରତି ସପ୍ତାହରେ ଦାଦନ ଯନ୍ତ୍ରଣାଜନିତ ଖବର ଜିଲାରେ ପହଞ୍ଚୁଛି। ଏପରି କି କରୋନା ସଂକ୍ରମଣ ସମୟରେ ଜିଲାର ପ୍ରାୟ ୩ ଲକ୍ଷ ଶ୍ରମିକ ପ୍ରବାସରୁ ଫେରିଥିବା ଏକ ବେସରକାରୀ ସଂସ୍ଥାର ସର୍ଭେରୁ ଜଣାପଡ଼ିଛି।

–ସାମାଜିକ କର୍ମୀ ନୀହାର ରଞ୍ଜନ ପ୍ରଧାନ, ଛୋଟି

### କୃଷି କ୍ଷେତ୍ରକୁ ଜଳସେଚନ, ଜଳ ନିଷ୍କାସନ ସମସ୍ୟା



ପ୍ରତ୍ୟେକ ନିର୍ବାଚନ ସମୟରେ ଶିଳ୍ପ ସମୃଦ୍ଧ କେନ୍ଦ୍ରାପଡ଼ାର ସ୍ୱପ୍ନ ରାଜନେତା ଦେଖାଉଛନ୍ତି। ବରୁଣେଇ ବନ୍ଦର, ପାୱାର ଥର୍ମାଲ ପ୍ଲାଣ୍ଟ, ନଦୀଭିତ୍ତିକ ବନ୍ଦର, ଶିଳ୍ପ ପ୍ରତିଷ୍ଠା, ଜାତୀୟ ଉଦ୍ୟାନର ସୁରକ୍ଷା, ଐତିହ୍ୟର ପୁନରୁଦ୍ଧାର, ବିଭିନ୍ନ ନଦୀରେ ସେତୁ, ମେଡିକାଲ କଲେଜ, କୃଷିଭିତ୍ତିକ ଶିଳ୍ପ, କେନ୍ଦ୍ରାପଡ଼ା ବିଶ୍ୱବିଦ୍ୟାଳୟ, ବିଇଡି କଲେଜ ଆଦିର ପ୍ରତିଷ୍ଠା ନେଇ ରାଜନେତା ସ୍ୱପ୍ନ ଦେଖାଉଥିବା ବେଳେ ଅଦ୍ୟାବଧି ପୂରଣ ହୋଇନାହିଁ। କୃଷି ପାଇଁ ଜଳ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ଜିଲାର କୃଷି କ୍ଷେତ୍ରକୁ ଜଳସେଚନ ଓ ଜଳ ନିଷ୍କାସନ ସମସ୍ୟା ମଧ୍ୟରେ ରହି ଚାଷୀ ଅର୍ଥକରୀ ଫସଲ ଉତ୍ପନ୍ନ କରିପାରୁନାହାନ୍ତି। ସେହିପରି ମଣ୍ଡି ଓ ଶୀତଳଭଣ୍ଡାର, ତାଲିମ ଆଦି କ୍ଷେତ୍ରରେ ଜିଲା ଢେର ପଛୁଆ ଅଛି। ସାମୁଦ୍ରିକ ଗବେଷଣାଗାର, ତଟାଞ୍ଚଳରେ ନଦୀ ସଂଯୋଗୀ କେନାଲ ଖୁବ୍ ଜରୁରୀ।

– ଗୌତମ କୁମାର ବେହେରା, ସଭାପତି, ଉତ୍କଳମଣି ଯୁବକ ସଂଘ, କେନ୍ଦ୍ରାପଡ଼ା।

### ଅନୁପ୍ରବେଶକାରୀଙ୍କ କବଳରେ ଭିତରକନିକା



ଜାତୀୟ ଉଦ୍ୟାନ ଭିତରକନିକା ସମେତ ଜିଲାର ଆଧ୍ୟାତ୍ମିକ, ଐତିହ୍ୟପୂର୍ଣ୍ଣ ଓ ପରିବେଶ ପର୍ଯ୍ୟଟନସ୍ଥଳର ବିକାଶ ଦ୍ୱାରା ଜିଲାର ଆର୍ଥିକ ବିକାଶ ହେବ। ଜାତୀୟ ଉଦ୍ୟାନର କେତେକ ଜଙ୍ଗଲ ଅଞ୍ଚଳ ଏବେ ଅନୁପ୍ରବେଶକାରୀଙ୍କ କବଳରେ ଅଛି। ଜିଲା ପାଇଁ ଏହା ଏକ ସମସ୍ୟା ହୋଇଥିବା ବେଳେ ଚିହ୍ନଟୀକରଣ ସମ୍ପର୍କରେ କୌଣସି ତତ୍ପରତା ନାହିଁ। ଏଠାରେ ଜିଲା ମହୋତ୍ସବଟିଏ ହୋଇପାରୁନାହିଁ। ପାରାଦୀପ–ଚଣ୍ଡିଖୋଲ ରାଜପଥ କେନ୍ଦ୍ରାପଡ଼ା ମଧ୍ୟରେ ୪୫ କିଲୋମିଟର ଅଛି। ଏହି ବାଟ ଦେଇ ଯାତାୟାତ କରୁଥିବା ପରିବହନ ଗାଡ଼ି ଧକ୍କାରେ ଜିଲାବାସୀ ମୃତାହତ ହେଉଥିଲେ ମଧ୍ୟ ଜଗତ୍‌ସିଂହପୁର, କେନ୍ଦୁଝର, ଯାଜପୁରର ଶିଳ୍ପ ଓ ଖଣି ଅଞ୍ଚଳରୁ ସିଏସ୍‌ଆର ବାବଦରେ ଟଙ୍କାଟିଏ ମିଳୁନାହିଁ।

– ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ଖଡ଼ିଅଙ୍ଗ, କେନ୍ଦ୍ରାପଡ଼ା।

# ତେଣ୍ଡାକୁଡ଼ାରେ ହିନ୍ଦୁଙ୍କୁ ମୁସଲମାନ ଭାଇ ଇଦ୍ ମୁବାରକ ଜଣାଇଲେ



ମୁସଲମାନ ଭାଇମାନଙ୍କ ଗହଣରେ ଇଦ୍ ମୁବାରକ ଜଣାଉଛନ୍ତି ବିଧାୟକ ଅରବିନ୍ଦ ମହାପାତ୍ର।

ପାଟକୁରା, ୩୧।୩ (ରବୀନ୍ଦ୍ର ନାଥ ବାରିକ)


ଗରଦପୁର ବ୍ଲକ ଅଧୀନ ତେଣ୍ଡାକୁଡା ଓ ପଳସୁଧାରେ ଥିବା ବିଭିନ୍ନ ମସ୍‌ଜିଦରେ ସମୂହ ନମାଜ ପାଠ ପରେ ମୁସଲମାନ ଭାଇମାନେ ଇଦ୍ ପର୍ବ ପାଳନ କରିଥିଲେ। ରମଜାନ ମାସରେ ଉପବାସ ବ୍ରତ ପାଳନ କରିବା ପରେ ରବିବାର ସେମାନେ ଇଦ୍ ପର୍ବ ପାଳନ କରିଛନ୍ତି। ମସ୍‌ଜିଦରୁ ବାହାରିବା ମାତ୍ରେ ଅପେକ୍ଷାରତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଓ ଆଖ ପାଖ ଗ୍ରାମର ହିନ୍ଦୁ ଭାଇମାନେ ମୁସଲମାନ ଭାଇମାନଙ୍କୁ ଆଲିଙ୍ଗନ ପୂର୍ବକ ଇଦ୍ ମୁବାରକ ଜଣାଇ ସେମାନଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁସଲମାନ ଭାଇମାନଙ୍କୁ ଆଲିଙ୍ଗନ ପୂର୍ବକ ଇଦ୍ ମୁବାରକ ଜଣାଇଥିଲେ। ବିଧାୟକଙ୍କ ସହ ଗରଦପୁର ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ବିଜେଡି ଯୁବନେତା କ୍ଷୀତିଶ ଚନ୍ଦ୍ର ଦାଶ, ପୂର୍ବତନ ବ୍ଲକ ଅଧକ୍ଷ ବାସୁଦେବ ବେହେରା, ପୂର୍ବତନ ଅଧକ୍ଷ ଦିଲୀପ ସାହୁ, ପୂର୍ବତନ ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ସମିତି ସଭ୍ୟ ରାକେଶ ମହାପାତ୍ର, ବ୍ରଜକିଶୋର ସାହୁ, ପ୍ରତାପ ସ୍ୱାଇଁ, ପୂର୍ବତନ ସରପଞ୍ଚ ଅଶୋକ ଜେନା, ମେହେରବାନ ଅଲ୍ଲୀ, ପ୍ରଭାସ ରଞ୍ଜନ ସାହୁ, କିଶୋର ମହାପାତ୍ର, ତ୍ରିଲୋଚନ ଜେନା, ମାନସ ରଞ୍ଜନ ସାହୁ, ସରପଞ୍ଚ ସନ୍ତୋଷ ମହାଳି, ଆଲୋକ ମହାଳି, ଓ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ବସ୍ତିର ମୁରବି ମୀର ଅବଦୁଲ କଲାମ, ମୀର ଗୁଲାମ ଜିଲାନି, ମୀର ଆବୁ ଜାଫର, ତମିଜ ଅଲ୍ଲୀ, ମୀର ସଫିର ଅଲ୍ଲୀ ପ୍ରମୁଖ ହିନ୍ଦୁଭାଇଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ମା' କ୍ଷେତ୍ରପାଳିନୀଙ୍କ ପୀଠରେ ଶ୍ରୀରାମ ଚରିତ ମାନସ

ଡେରାବିଶ,୩୧।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ମେଲଣ ପଡିଆସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ପୀଠରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଏହି ଏକବିଂଶତମ ବାର୍ଷିକ ଉତ୍ସବକୁ ବ୍ୟାସଜୀ ହୃଷୀକେଶ ଶତପଥୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତ୍ୟହ ପ୍ରତ୍ୟୁଷରୁ ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ଭାବେ ବିଶିଷ୍ଟ ପ୍ରବଚକ ସୁଶ୍ରୀ ସୋନାଲି ଦାଶ, ଅଧ୍ୟାପିକା ଚିନ୍ମୟୀ ସ୍ୱାଇଁ, ଅଧ୍ୟାପକ ସାରଦା ପ୍ରସନ୍ନ କର ଓ ସନ୍ଥ ପୁରୁଷୋତ୍ତମ ଦାସଜୀ ମହାରାଜ ଯୋଗଦେଇ ପ୍ରତ୍ୟହ ସନ୍ଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ କଥାବସ୍ତୁକୁ ନେଇ ଆଶ୍ରୀବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଡେରାବିଶରେ ଶାନ୍ତି ଶୃଙ୍ଖଳାର ସହ ଇଦ୍-ଉଲ୍-ଫିତର



ଇଦ୍ ଉପଲକ୍ଷେ ଏକତ୍ରିତ ହୋଇଥିବା ମୁସଲମାନ ଭାଇମାନେ।

ଡେରାବିଶ,୩୧।୩ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମୁସଲମାନସାହିରେ ସୋମବାର ଶାନ୍ତି ଶୃଙ୍ଖଳାର ସହ ଇଦ୍ ପର୍ବ ପାଳିତ ହୋଇଯାଇଛି। ଶାନ୍ତି, ସୌହାର୍ଦ୍ଦ୍ୟ, ଭାଇଚାରା ଓ ଦାନ ଦକ୍ଷିଣାର ସର୍ବଦା ସନ୍ଦେଶ ବହନ କରି ଆସିଥିବା ଏହି ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସାହିରେସକାଳୁ ମୁସଲମାନ ଭଉଣୀଭାଇମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ସମସ୍ତଙ୍କ ଘରେ ସ୍ୱାଦିଷ୍ଟ ଭୋଜନମାନ ରନ୍ଧା ଯାଇଥିଲା। ଏହି ଅବସରରେ ବିଭିନ୍ନ ମୁସଲମାନ ସାହିରେ ଥିବା ମସଜିଦ୍ ଓ ଇଦଗାହାରେ ସକାଳ ସାଢେ ୮ଟାରୁ ୧୦ଟା ମଧ୍ୟରେ ଇଦ୍‌ର ସମୂହ ନମାଜ ପାଠ କରାଯାଇଥିଲା। ଏହି ଉପଲକ୍ଷେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତସ୍ଥିତ ଦେଓବନ୍ଦି ଜୁମା ମସ୍‌ଜିଦ୍, ସୁନ୍ନି ବରେଲି ମସଜିଦ୍, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧୀନ ଛଞ୍ଚଣା ମସଜିଦ୍, ବାଲିଆ ପଞ୍ଚାୟତର ବାଲିଆ ମସଜିଦ୍, ଚାଟରାଚକଡା ପଞ୍ଚାୟତର ଓଲଡ଼ି ସୁନ୍ନି ତଏବୁଲ ମସଜିଦ, କାଉପଡ଼ାସ୍ଥିତ ଦେଓବନ୍ଦି ମସଜିଦ, ଓଲଡ଼ି ମିର୍ଜାନଗର ମସଜିଦ, କୁରୁଜଙ୍ଗା ପଞ୍ଚାୟତ ଅଧୀନ ମନ୍ତ୍ରୀପଡା ମସଜିଦ, କୁଶିଆପାଳ ପଞ୍ଚାୟତ ହଳଦିଆ ସୁନ୍ନି ବରେଲି ମସଜିଦ୍‌ରେ ମୌଲାନାମାନେ ସମୂହ ନମାଜ ପାଠ କରାଇଥିଲେ। ଏଥିସହ ଗୁଆଲସିଂ ପଞ୍ଚାୟତ ମିର୍ଜାପାଟଣା ମସଜିଦ୍, ନିୟାମତପୁର ମସଜିଦ, ମଦିନାବାଗ ମସଜିଦ୍, ବେଣୀପୁର ପଞ୍ଚାୟତ ସଦାନନ୍ଦପୁର ମସଜିଦରେ ସମୂହ ଦୁଆ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ମସଜିଦ୍‌ରେ ଉପସ୍ଥିତ ଥିବା ମୁସଲମାନ ଭାଇମାନେ ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଅଭିନନ୍ଦନ ଜଣାଇଥିଲେ। ସେହିପରି ବିଭିନ୍ନ ମସଜିଦ ଓ ଗ୍ରାମରେ ବହୁ ସଂଖ୍ୟାରେ ହିନ୍ଦୁ ଭାଇମାନେ ପହଞ୍ଚି ମୁସଲମାନମାନଙ୍କୁ କରମର୍ଦ୍ଦନ କରି ପବିତ୍ର ଇଦ୍‌ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବ୍ଲକ ଅଧିନ ବିଭିନ୍ନ ମସ୍‌ଜିଦ ଓ ଇଦଗାହା ଠାରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସାମାଜିକ କର୍ମୀ ଅଧ୍ୟାପକ ଅଜର କୁମାର ରାଉତ, ଭାଜପା ନେତା ସରୋଜକାନ୍ତ ସାହୁ, ବିଜେଡି ନେତା ସରୋଜକାନ୍ତ ନାୟକ, ତ୍ରିଲୋଚନ ରାଉତ, ଦିଲୀପ ଦାସ, ସତ୍ୟରଞ୍ଜନ ସାମଲ ପ୍ରମୁଖଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱମାନେ ପହଞ୍ଚି ମୁସଲମାନ ଭାଇମାନଙ୍କୁ ଭେଟି ଏହି ପବିତ୍ର ପର୍ବର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ।

## ବରିଷ୍ଠ ଖବରଦାତା ନାରାୟଣ ସାହାଣୀଙ୍କ ପରଲୋକ

ପାଟକୁରା, ୩୧।୩ (ରବୀନ୍ଦ୍ର ନାଥ ବାରିକ)

ବରିଷ୍ଠ ଖବରଦାତା ନାରାୟଣ ସାହାଣୀ(୬୩)ଙ୍କ ପାଟକୁରାସ୍ଥିତ ବାସଭବନରେ ସୋମବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବର ଜଣାପଡିବା ପରେ କେନ୍ଦ୍ରାପଡା ଜିଲାରେ ଶୋକର ଛାୟା ଖେଳି ଯାଇଛି। ସାହାଣୀ ବିଭିନ୍ନ ଖବକାଗଜ ସହ ଏକ ବୈଦ୍ୟୁତିକ ଗଣମାଧ୍ୟମର କେନ୍ଦ୍ରାପଡା ଜିଲା ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ସାଧାରଣ ଜନତାଙ୍କ ସମସ୍ୟା ସବୁ ଲୋକଲୋଚନକୁ ଆଣି ସାଧାରଣରେ ବେଶ ଲୋକପ୍ରିୟ ହୋଇପାରିଥିଲେ। ସମାଜରେ ହେଉଥିବା ଦୁର୍ନୀତିକୁ ସେ ପଦାରେ ପକାଇ ଦେଉଥିଲେ। ଏଥିପାଇଁ ସାଧାରଣ ଜନତା ତାଙ୍କୁ ବେଶୀ ଭଲ ପାଉଥିଲେ। ତେବେ ୨୦୨୨ମସିହାରେ ଖବର ସଂଗ୍ରହ କରି ଘରକୁ ଫେରୁଥିବାବେଳେ ଏକ ସଡ଼କ ଦୁର୍ଘଟଣାରେ ସେ ଆଘାତପ୍ରାପ୍ତ ହୋଇଥିଲେ। ସାହାଣୀ କେନ୍ଦ୍ରାପଡ଼ା ଜିଲା ବଗଡ଼ା ଗ୍ରାମପଞ୍ଚାୟତର କଟେରୀପଡା ଗ୍ରାମର ସ୍ୱର୍ଗତ କାଶୀନାଥ ସାହାଣୀଙ୍କ ଜ୍ୟୋଷ୍ଠ ପୁତ୍ର ଅଟନ୍ତି। ତାଙ୍କ ସ୍ତ୍ରୀ ରୀନାବାଳ ମହାନ୍ତି ପାଟକୁରା ହାଇସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ନାରାୟଣଙ୍କ ପରଲୋକ ଖବର ପାଇ ଖବରଦାତା ସୁବାସ ଚନ୍ଦ୍ର ଖୁଣ୍ଟିଆ, ନବଘନ ନାୟକ, ମନୋଜ ସ୍ୱାଇଁ, ଗଣେଶ୍ୱର ସାମଲ, ସୁବାସ ସାମଲ, ଧୀରେନ୍ଦ୍ର ମିଶ୍ର, ଶିବପ୍ରସାଦ ପରିଜା, ଯଶୋବନ୍ତ ପାତ୍ର, ବିଚିତ୍ର ପଟ୍ଟନାୟକ,



ପ୍ରଦୀପ ସ୍ୱାଇଁ, ସରୋଜ ପରିଡା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପାଟକୁରା ଭାଜପା ନେତା ତେଜେଶ୍ୱର ପରିଡା, କେନ୍ଦ୍ରାପଡ଼ା ଜିଲା ଯୁବ ବିଜେଡି ସଭାପତି ରାଜେଶ ଦାଶ, ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅହଲ୍ୟା ଲେଙ୍କା, ପୂର୍ବତନ ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ଆମ୍ବା ଅଧକ୍ଷ ବାସୁଦେବ ବେହେରା ପ୍ରମୁଖ ସାହାଣୀଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ସେହିପରି ରାଜକନିକା ଖବରଦାତାଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି।

## ସ୍ୱାସ୍ଥ୍ୟ ସେବା ଶିବିରରେ ୩ଶହ ରୋଗୀଙ୍କ ଚିକିତ୍ସା

ରାଜକନିକା,୩୧।୩ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଡାଲିକାଏନ୍ଦା ଉତ୍କଳମଣୀ ବିଦ୍ୟାପୀଠଠାରେ ମୋ ରାଜକନିକା ସଙ୍ଗଠନ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ଏବଂ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ମିଳିତ ଆନୁକୂଲ୍ୟରେ ଶିବିରକୁ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଦ୍ୟାଧର ବେହେରା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଧୀରେନ୍ଦ୍ର ବେହେରା, ପ୍ରବୀଣ କୁମାର ନାୟକ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଜିତେନ୍ଦ୍ର କୁମାର ରାଉତ, ଶିଶୁରୋଗ ବିଭାଗର ଡାକ୍ତର ରାମକୃଷ୍ଣ ଗୁଚ୍ଛ, କର୍ଣ୍ଣ ନାସା ଗଳା ବିଭାଗର ଡାକ୍ତର ଦୀପକ୍ କୁମାର ସୂତାର ଓ କର୍କଟ ବିଭାଗର ଡାକ୍ତର ଆର୍ଯ୍ୟ କୁମାର ବାଣୀଦତ୍ତ ପ୍ରମୁଖ ବିଶେଷଜ୍ଞ ୩ ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ସେବା ଯୋଗାଇବା ସହ ଔଷଧ ବଣ୍ଟନ କରିଥିଲେ। ଯୁବକ ସଂଘର ସଭାପତି ପ୍ରମୋଦ କୁମାର ରାଉତ, ସମ୍ପାଦକ ସରୋଜ କୁମାର ବେହେରା, ସଭ୍ୟ ପ୍ରଶାନ୍ତ କୁମାର ସାହୁ, ଶୁଭାଶିଷ ରାଉତରାୟ, ପ୍ରକାଶ କୁମାର ବେହେରା, ମାନସ ବିଶ୍ୱାଳ, ନିରଞ୍ଜନ ନାୟକ, ସୁବ୍ରତ ବେହେରା, ଅଜିତ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷକ କାରିଗର, ଛାତ୍ରୀଛାତ୍ର ଜୀବନ୍ତ ପ୍ରତିମା

କୁଜଙ୍ଗ, ୩୧।୩ (ମନୋଜ ପ୍ରଧାନ)

**ବିକେ ଚୌଧୁରୀ ସ୍ମାରକ ବିଦ୍ୟାଳୟର ବିଂଶତମ ବାର୍ଷିକ ଉତ୍ସବ**

କୁଜଙ୍ଗ ବ୍ଲକ ପଙ୍କପାଳସ୍ଥିତ ବି.କେ. ଚୌଧୁରୀ ସ୍ମାରକ ବିଦ୍ୟାଳୟର ବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସୁନାକର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ବିଦ୍ୟାଳୟ ଶିକ୍ଷକ କାରିଗର ଓ ଛାତ୍ରୀଛାତ୍ର ସେମାନଙ୍କ ହାତଗଢ଼ା ଜୀବନ୍ତ ପ୍ରତିମା। ଛାତ୍ରୀଛାତ୍ରଙ୍କୁ ବିବେକାନନ୍ଦ ଓ କୃଷ୍ଣ ସୁଦାମାଙ୍କ ଭଳି ହେବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ବିଦ୍ୟା ଆମକୁ ଶିକ୍ଷା ଓ ଦିକ୍ଷା ଦିଏ। ପ୍ରାରମ୍ଭରେ ବିଦ୍ୟାଳୟର ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗୋବିନ୍ଦ ଭଗବାନ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ରଜତ କୁମାର ମିଶ୍ର, ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବିଭୂତିଭୂଷଣ ଦାସ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ଗୁରୁମା' ଭାବେ ବିନିକା ଦାସ, ଶ୍ରେଷ୍ଠ ଛାତ୍ର ଭାବେ ସୌମ୍ୟଜିତ୍ ସାହୁଙ୍କ ସହ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ବରିଷ୍ଠ ଗୁରୁଜୀ ପ୍ରମୋଦ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।





ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

ରାଜନଗର, ୩୧।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବେଲପାଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ କ୍ରୀଡ଼ା ଓ ସଂସ୍କୃତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଯୋଗଦେଇ ଆଜିର ପ୍ରତିଯୋଗିତା ମୂଳକ ସମୟରେ କେମିତି ପିଲାମାନଙ୍କୁ ପ୍ରସ୍ତୁତ କରିବାକୁ ପଡିବ ବୋଲି କହିଥିଲେ। ୟୁ. କେ. ମହାବୀର ମହାବିଦ୍ୟାଳୟ ମଦନପୁରର ଇଂଲିଶ ଅଧାପକ ଶୁଭକାନ୍ତ ନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଆଳି ଓ ରାଜକନିକାର ବ୍ଲକ ଶିକ୍ଷା ଅଧିକାରୀ ନଳିନୀକାନ୍ତ ରାଉତରାୟ, ଅବସରପ୍ରାପ୍ତ ଶିକ୍ଷକ ଅଧିକାରୀ ସ୍ୱାଇଁ, ଓସ୍ତିଆର ପୂର୍ବତନ ସରପଞ୍ଚ ପତିତପାବନ ପଣ୍ଡା, ଆମ୍ବାର ସଭାପତି ଗୋବର୍ଦ୍ଧନ ପ୍ରଧାନ, ଯୁବନେତା ନରେନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ କୈଳାସ ପରିଡା ପ୍ରମୁଖ ଯୋଗଦେଇଥିଲେ। କବି ଶାନ୍ତନୁ କୁମାର ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଅତିଥି ପରିଚୟ ଦେଇଥିଲେ। ଶିକ୍ଷାକେନ୍ଦ୍ରର ଅଧକ୍ଷ ପର୍ଶୁରାମ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା। ଶିକ୍ଷାକେନ୍ଦ୍ରର ଗୁରୁମା କଲ୍ୟାଣୀ ସ୍ୱାଇଁ, ବିଳାସିନୀ ସ୍ୱାଇଁ, ପ୍ରୀତି ତରଙ୍ଗିନୀ ଭାଗ୍ୟଶ୍ରୀ ସ୍ୱାଇଁ, ବିଶ୍ୱକଲ୍ୟାଣୀ ମହାନ୍ତି, ପ୍ରଭାତୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ



କେନ୍ଦ୍ରାପଡ଼ାରେ ମୁସଲମାନ ଭାଇମାନେ ସମୂହ ନମାଜପାଠରେ ସାମିଲ ହୋଇଛନ୍ତି।

କେନ୍ଦ୍ରାପଡ଼ା, ୩୧।୩ (ଜଗନ୍ନାଥ ଧଳ)

**ଇଦ୍ -ଉଲ୍ -ଫିତର ପାଳିତ**

ପବିତ୍ର ରମାଜାନ ମାସ ଶେଷରେ ମୁସଲମାନ ସମ୍ପ୍ରଦାୟର ଇଦ୍ ଉଲ୍ ଫିତର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କେନ୍ଦ୍ରାପଡ଼ା ସହରରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଥିବା ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ ହୋଇଥିଲା। ଏଥିସହ ପରସ୍ପରକୁ କୋଳାଗ୍ରତ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଇଦ୍ ପର୍ବ ପାଳନ ପାଇଁ କିଛିଦିନ ଧରି ସହରର ବିଭିନ୍ନ ସ୍ଥାନରେ ଶୁଭେଚ୍ଛା ତୋରଣମାନ ଲଗାଯାଇଥିଲା। ସେହିପରି ବୁଧବାର ସନ୍ଧ୍ୟାରୁ ସହରର ମସ୍‌ଜିଦଗୁଡିକୁ ଆଲୋକ ମାଳାରେ ସଜା ଯାଇଥିଲା। ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ନମାଜ ପାଠ ପାଇଁ ବିଭିନ୍ନ ଇଦ୍‌ଗାରେ ବ୍ୟବସ୍ଥା ହୋଇଥିଲା। ସହରସ୍ଥ ଫକୀରାବାଦସ୍ଥ ମସ୍‌ଜିଦ, ଗୌଡ଼ଗୋପସ୍ଥ ରସୁଲାବାଦ ମସ୍‌ଜିଦ, ପୁରୁଣା ଇଦ୍‌ଗାରେ, ନୂଆ ଇଦ୍‌ଗା ପଡ଼ିଆରେ ଧାର୍ଯ୍ୟ ସମୟ ମୁତାବକ ସମୂହ ନମାଜ ପାଠ ହୋଇଥିଲା। ସେହିପରି ସହରର ସଲଫିଆ ଇଦ୍‌ଗାଠାରେ ସମୂହ ନମାଜ ପାଠ ହୋଇଥିଲା। ସୂଚନାଯୋଗ୍ୟ, ଏଠାରେ ପ୍ରତିବର୍ଷ ପରି ମହିଳାମାନେ ସମୂହ ନମାଜ ପାଠ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ପୂର୍ବତନ କାଉନ୍‌ସିଲର ହିରଣ୍ୟ କୁମାର ପଣ୍ଡା, ବିଜେଡି ସଂଖ୍ୟାଲଘୁ ସେଲର ସଭାପତି ସେକ୍ ଇନାୟତ ଖାଁ, ସୌମେନ୍ଦ୍ର ପୃଷ୍ଟି, ଭାଜପା ନେତା ସଲିମ ଖାଁ ପ୍ରମୁଖ ବିଭିନ୍ନ ସାହି ଓ ମସ୍‌ଜିଦ ନିକଟରେ ପହଞ୍ଚି ମୁସଲମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡ଼ା ପଞ୍ଚାୟତ ଭରସିଂସ୍ଥିତ ଜୁମା ମସ୍‌ଜିଦରେ ସମୂହ ନମାଜ ପାଠ ହୋଇଥିଲା। ଏଥିରେ ଭରସିଂ, ଦୋବନ୍ଧା, ବଉଳପଡ଼ା, ପଳସିଂହାର ହଜାରରୁ ଅଧିକ ମୁସଲମାନ ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ।

# ମହାସଭା ସୁବର୍ଣ୍ଣ ଜୟନ୍ତୀ ପୂର୍ବରୁ ବିବାଦ ତୁଟାଇବାକୁ ପ୍ରୟାସ

## କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା

ଖଣ୍ଡପଡା,୩୧।୩
(ଅଜୟ କୁମାର ମହାରଣା)

ନିଖିଳ ଉତ୍କଳ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ମହାସଭାର ୫୦ବର୍ଷ ପୂର୍ତ୍ତି ଅବସରରେ ଏପ୍ରିଲରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାର ନିଷ୍ପତ୍ତି ପ୍ରାୟ ଚୁଡ଼ାନ୍ତ ହୋଇଛି। ତେବେ ଏହି ଉତ୍ସବ ପାଳନ ସମୟରେ ଅନୁଷ୍ଠାନର ସମସ୍ତ ଥାନଭାଇଙ୍କ ସହଯୋଗ କାମନା କରାଯାଇଛି। ଅନୁଷ୍ଠାନର ବାର୍ଷିକ ଅଧିବେଶନର ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିବା ଲକ୍ଷ୍ୟରେ ଏକ ଚୁଡାନ୍ତ ପ୍ରସ୍ତୁତି ବୈଠକ ରବିବାର କଣ୍ଟିଲୋ କଂସାରି ସମାଜ କଲ୍ୟାଣ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି।

କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଥ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଆଗାମୀ ମହାସଭା ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ କିପରି ଶୃଙ୍ଖଳିତ ଭାବେ ପାଳନ କରାଯିବ ସେ ନେଇ ବିଭିନ୍ନ ଦିଗକୁ ଦୃଷ୍ଟି ଦିଆଯାଇ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତିକ୍ରମେ ଅବିଭକ୍ତ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା 'କ', 'ଖ' ଓ 'ଗ' ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଥାନଭାଇମାନଙ୍କୁ ନେଇ ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଶୃଙ୍ଖଳିତ ଭାବରେ ପାଳନ କରାଯିବ। ମାତ୍ର ସମ୍ପୃକ୍ତ ଅନୁଷ୍ଠାନଟି 'ଖ' ଗ୍ରୁପ ଥାନ ଭାଇମାନଙ୍କ ଅସହଯୋଗକୁ ନେଇ ବିବାଦୀୟ ପରିସ୍ଥିତି ଦେଇ ଗତି କରୁଥିବାରୁ ଏହାକୁ ସଙ୍ଗଠିତ କରିବାର ଆବଶ୍ୟକତା ରହିଛି। ତେଣୁ ସମସ୍ତ 'କ', 'ଖ' ଓ 'ଗ' ଅଧୀନରେ ରହିଥିବା ସମସ୍ତ ଜାତି ଭାଇ ତଥା ଥାନକୁ ଏକାଠି କରି କାର୍ଯ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ବାରମ୍ବାର ପ୍ରୟାସ ଜାରି ରଖିଛି। ମାତ୍ର 'ଖ' ବ୍ଲକ ଅଞ୍ଚଳ ପକ୍ଷରୁ ସହଯୋଗ ମିଳି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ସମୂହ ସ୍ୱାର୍ଥ ଦୃଷ୍ଟିରୁ ବୈଠକରେ ପୁନର୍ବାର ଶେଷ ଚେଷ୍ଟା କରାଯାଉ ବୋଲି ଉପସ୍ଥିତ ଥାନ ଭାଇ କାଳନ୍ଦୀ ଚରଣ ମହାରଣା, ଅଶୋକ ମହାରଣା ଓ ମଧୁସୂଦନ ମହାରଣା ପ୍ରମୁଖ ସଭାର ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ପୃକ୍ତ ଥାନ ଭାଇମାନଙ୍କ ଆବେଗ ତଥା ପରାମର୍ଶକୁ ସମ୍ମାନ ଜଣାଇ ପୁର୍ନବାର ଏ ଦିଗରେ ଶେଷ ପ୍ରୟାସ କରାଯିବାକୁ ସଭାରେ ମତ ପ୍ରକାଶ ପାଇଥିଲା। ତେବେ ଆଗ୍ରହ ପ୍ରକାଶ କରିଥିବା ବରିଷ୍ଠ ଥାନଭାଇମାନେ ଏହାର ଦାୟିତ୍ୱ ନେବାକୁ ସଭାରେ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି। 'ଖ' ବ୍ଲକର କର୍ମକର୍ତ୍ତା ତଥା ଥାନ ଭାଇଙ୍କୁ ବୁଝାଶୁଝା କରି ରବିବାର ମଧ୍ୟରେ ସେମାନଙ୍କ ମତାମତ ଜଣାଇବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଯଦି 'ଖ' ବ୍ଲକର ଥାନଭାଇ ତଥା କର୍ମକର୍ତ୍ତାମାନେ ଅନୁଷ୍ଠାନର ହିତକୁ ଦୃଷ୍ଟିରେ ରଖି ସହଯୋଗର ହାତ ବଢାନ୍ତି ତେବେ ସଂଘୀୟ ଚେତନା ବୃଦ୍ଧି ପାଇବା ସହ ସଂଘର ଏକତା ଅକ୍ଷୁର୍ଣ୍ଣ ରହିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଅପରପକ୍ଷରେ 'ଖ' ବ୍ଲକର ଥାନ ଭାଇମାନେ ଯଦି ଏ ପ୍ରସ୍ତାବରେ ସମ୍ମତି ନ ଦିଅନ୍ତି ତେବେ ସେହି ଗ୍ରୁପକୁ ବାଦ ଦିଆଯାଇ ଆସନ୍ତା ଏପ୍ରିଲରେ ମହାସଭାର ବାର୍ଷିକ ଅଧିବେଶନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରାଯିବ ବୋଲି ରବିବାର ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଚୁଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସମସ୍ତ ସଦସ୍ୟ ମତ ଦେଇଥିଲେ। ସୂଚନାଯୋଗ୍ୟ, ଜିଲା ତଥା ଜିଲା ବାହାରେ ରହିଥିବା ବିଭିନ୍ନ ଅଞ୍ଚଳର କଂସାରି ଜାତିଭାଇ ୪୫ଟି ଥାନଙ୍କୁ ନେଇ ଗଠିତ ନିଖିଳ ଉତ୍କଳ କଂସାରୀ ସମାଜକୁ ୩ଟି ଗ୍ରୁପରେ ବିଭକ୍ତ କରାଯାଇଛି। କଣ୍ଟିଲୋ ଅଞ୍ଚଳର ୨୪ଟି ଥାନକୁ ନେଇ 'କ', ଗଣିଆ ବେଲପଡ଼ା, ବିଜୟନଗର, କାନପୁର, ବାଦଭୂଇଁ, ଜୁଣହାଣ୍ଡି, ଆଠମଲ୍ଲିକ ଆଦି ଅଞ୍ଚଳର ୧୧ଟି ଥାନକୁ ନେଇ 'ଖ' ବ୍ଲକ ଓ ଖଳିସାହି, ଇଟାମାଟି, ଶରଣକୁଳ, କଇଁଫୁଲିଆ, ପଦ୍ମାବତୀ ଅଞ୍ଚଳର ୧୦ଟି ଥାନକୁ ନେଇ ନିଖିଳ ଉତ୍କଳ କଂସାରୀ ସମାଜ ଅନୁଷ୍ଠାନ ଗଠନ କରାଯାଇଛି। ଉକ୍ତ ପ୍ରସ୍ତୁତି ବୈଠକରେ ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ପୂର୍ବତନ ସଭାପତି ଅଖିଳ କୁମାର ମହାରଣା, ପୂର୍ବତନ ସମ୍ପାଦକ ଶ୍ରୀପତି ମହାରଣା, ସହ ସମ୍ପାଦକ ନିରଞ୍ଜନ ମହାରଣା, ବିଜୟ ମହାରଣା, ବାଇଧର ସାହୁ, ଅଶୋକ କୁମାର ମହାରଣା, ଶରତ ଚନ୍ଦ୍ର ସାହୁ, ପ୍ରସନ୍ନ କୁମାର ସାହୁ, କାଳନ୍ଦୀ ଚରଣ ସାହୁ, ସୁରେଶ କୁମାର ମହାରଣା, ଦୁର୍ଯ୍ୟୋଧନ ମହାରଣା, ଶୁଭ୍ରାଂଶୁ ମହାରଣାଙ୍କ ସମେତ ୫୦ ଜଣ ବରିଷ୍ଠ ଥାନ ଭାଇ ଯୋଗଦେଇ ଆଲୋଚନାରେ ସହଯୋଗ କରିଥିଲେ।


କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ବୈଠକରେ ଉପସ୍ଥିତ ସଦସ୍ୟମାନେ।

# ନୟାଗଡ଼ରେ ଜିଲାସ୍ତରୀୟ ଇଦ୍-ଉଲ୍-ଫିତର

ନୟାଗଡ଼, ୩୧।୩(ଲୋକନାଥ ମିଶ୍ର)

ରମଜାନ ମାସର ଶେଷଦିନରେ ଚାନ୍ଦ ଦର୍ଶନ ପରେ ଇସଲାମ ଧର୍ମର ବଡ଼ ପର୍ବ ଇଦ୍-ଉଲ-ଫିତର୍ ଅବସରରେ ସମୂହ ନମାଜ୍ ପାଠ ନୟାଗଡ଼ ସହର ଉପକଣ୍ଠ ସିନ୍ଦୁରିଆ ଇଦଗାହ୍‌ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସେହିପରି ଇଦ୍-ଉଲ୍-ଫିତର୍ ସମୂହ ନମାଜ୍ ପାଠ ସିନ୍ଦୁରିଆ ଛୋଟ ମସ୍‌ଜିଦଠାରେ ଅନୁଷ୍ଠିତ ହୋଇଯାଇଛି। ସିନ୍ଦୁରିଆ ଇଦଗାହ୍‌ଠାରେ ମୌଲାନା ଜଲାଲୁଦ୍ଦିନ୍ ଗାଁ ମିଫତାହିଙ୍କ ଦ୍ୱାରା ନମାଜ ପାଠ କରାଯାଇଛି। ଏଥିରେ ଜିଲା ତଥା ଜିଲା ବାହାରର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ରମଜାନ ମାସ ଇସଲାମ ଧର୍ମର ପବିତ୍ର ମାସ ହୋଇଥିବା ବେଳେ ମାସର ପ୍ରଥମ ଚାନ୍ଦ ଦର୍ଶନ ପରେ ପର୍ବ ଆରମ୍ଭ ହୋଇଥାଏ। ଇସଲାମ ଧର୍ମାବଲମ୍ବୀମାନେ ରମଜାନ ମାସରେ ପ୍ରତିଦିନ ଅର୍ଦ୍ଧରାତ୍ରରୁ ଶହରୀ ଆକାରରେ କିଛି ଖାଦ୍ୟ ଗ୍ରହଣ କରି ଦିନତମାମ ନିର୍ଜଳା କାଷ୍ଠା ଉପବାସ ରୁହନ୍ତି। ସୂର୍ଯ୍ୟାସ୍ତ ପରେ ପଣା, ଫଳ, ବୁଟ, ତରଭୁଜ ଓ ଖଜୁରି ପରି ଖାଦ୍ୟ ସେବନ କରି ଉପବାସ ଭଙ୍ଗ କରନ୍ତି। ଦିନ ସାରା ୫ ଥର ନମାଜ ପାଠ ଓ ରାତ୍ରୀକାଳୀନ ତରାୱିହ୍ ନମାଜ ପାଠ କରାଯାଏ। ବିଶିଷ୍ଟ କୁରାନ୍ ବିଶାରଦ ମୌଲାନା ଅଞ୍ଜର୍ ମାସତମାମ ତରାୱି ନମାଜ ପାଠ କରାଇଥିଲେ। ମୁସଲମାନ୍ ଅଧିବାସୀମାନେ ଏହି ମାସରେ ଅଧିକରୁ ଅଧିକ କୋରାନ୍ ପାଠ କରିବା ସହ ନିଜକୁ କୁକର୍ମଠାରୁ ଦୂରେଇ ରଖି ପର ଉପକାର ତଥା ଅସହାୟମାନଙ୍କୁ ଦାନ ଧର୍ମ କରିଥିଲେ। ଅସହାୟ ବ୍ୟକ୍ତିଙ୍କୁ ଇଦ୍ ନମାଜ ପାଠ ପୂର୍ବରୁ ଦାନ କରାଯାଇଥାଏ। ଏହି ପୂଣ୍ୟ ମାସରେ ବିଶ୍ୱଶାନ୍ତି, ମାନବ ସଭ୍ୟତାର ସ୍ଥାୟିତ୍ୱ, ସଦ୍‌ଭାବନା ଓ ସମାଜରେ ଭାଇ ଚାରା ପାଇଁ ଆହ୍ଲାଙ୍କୁ ପ୍ରାର୍ଥନା କରାଯାଇଥାଏ। ମୁଖ୍ୟ ଇଦ୍ ନମାଜରେ ବିଶେଷ ପ୍ରାର୍ଥନାରେ ଇସ୍ରାଏଲ-ପାଲେଷ୍ଟାଇନ ଓ ୟୁକ୍ରେନ-ରସିଆ ଯୁଦ୍ଧ ବନ୍ଦ୍ ସ୍ଥାନ ପାଇଛି। ସେହିଭଳି ଆମ ଦେଶର ହିନ୍ଦୁ ମୁସଲିମ ଭାଇଚାରାରେ ସୃଷ୍ଟି କରାଯାଉଥିବା ଅସ୍ଥିରତା ଓ ବିଭେଦ ଦୂର ହୋଇ ଶାନ୍ତି ପ୍ରତିଷ୍ଠା ଉପରେ ମଧ୍ୟ ଆହ୍ଲାଙ୍କ ନିକଟରେ ନମାଜ ପରେ ଦୁଆ କରାଯାଇଥିଲା। ଜିଲାସ୍ତରୀୟ ଉତ୍ସବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଓ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ ପ୍ରମୁଖ ଯୋଗଦେଇଥିଲେ। ପରେ ଦୂରଦୂରାନ୍ତରରୁ ଆସିଥିବା ଶ୍ରଦ୍ଧାଳୁମାନଙ୍କୁ ସ୍ଥାନୀୟ ମସ୍‌ଜିଦରେ ସିନ୍ଦୁରିଆ ଗ୍ରାମବାସୀଙ୍କ ପକ୍ଷରୁ ଆତିଥେୟତା ପ୍ରଦାନ କରାଯାଇଥିଲା। ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।


ମୁସଲମାନ ଭାଇମାନେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଉଛନ୍ତି।

# ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ ରଣପୁରରେ ୧୦୮ ଦୀପଦାନ

ରଣପୁର, ୩୧।୩ (ସୁକାନ୍ତ କିଶୋର ଡ଼ାକୁଆ)

ରବିବାର ପବିତ୍ର ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ରାଷ୍ଟ୍ରୀୟ ନବ ବର୍ଷ ରଣପୁରରେ କରାଯାଇଛି। ଏହି ଅବସରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ, ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ସମ୍ରାଟ ବିକ୍ରମାଦିତ୍ୟଙ୍କ ସିଂହାସନ ଆରୋହଣ ଓ ବିକ୍ରମ ସମ୍ବତ ପ୍ରଚଳନ, ରଣପୁର ଶ୍ରୀଜଗନ୍ନାଥ ସେନା ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସିଂହଦ୍ୱାରରେ ରାଷ୍ଟ୍ରର ମଙ୍ଗଳ କାମନା ଉଦ୍ଦେଶ୍ୟରେ ୧୦୮ ଦୀପ ଦାନ ସହ ବେଦ ଉଚ୍ଚାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସେନା ଆବାହକ ବିରଜା ମିଶ୍ର, ସମସ୍ତ ସଦସ୍ୟ, ବିଶ୍ୱହିନ୍ଦୁ ପରିଷଦ ରଣପୁର ପ୍ରଖଣ୍ଡ କାର୍ଯକାର୍ତ୍ତା ଜିଲା ସମରସତ୍ତା ପ୍ରମୁଖ ଅଶୋକ କୁମାର ମହାପାତ୍ର, ବିଜୟ କୁମାର ମହାପାତ୍ର, ଦୀନବନ୍ଧୁ ବିଶ୍ୱାଳ, ନିର୍ମଳ ଚନ୍ଦ୍ର ବେହେରା, ସୁବାସ ଅଗ୍ରୱାଲ, ଟିଙ୍କି, ପ୍ରିୟବ୍ରତ ପ୍ରହରାଜ, କୃଷ୍ଣ ଦ୍ୱୈପାୟନ ବେଦପାଠ ଶାଳାର ଗୁରୁଜୀ ଜଗନ୍ନାଥ ମହାପାତ୍ର, ଗୁରୁଜୀ ରାକେଶ ଚନ୍ଦ୍ର ଆଚାର୍ଯ୍ୟ, ବିରଞ୍ଚି ନାରାୟଣ ତ୍ରିପାଠୀ, କଳ୍ପନା ତ୍ରିପାଠୀ, ପୂଜାପଣ୍ଡା ପ୍ରଫୁଲ୍ଲ ନନ୍ଦ, ବିଷ୍ଣୁ ପ୍ରସାଦ ମିଶ୍ର, ସଞ୍ଜୀବ ପ୍ରଧାନ, ଶିବାନନ୍ଦ ସାହୁ, କୈଳାସ ପ୍ରଧାନ ଓ ମଣ୍ଟୁ ଆଦି ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ଦୀପଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୧୫ ଦିନିଆ ଦଣ୍ଡପର୍ବ ପାଇଁ ପାଣିତୋଳା ବିଧି ସମ୍ପନ୍ନ


ଦଣ୍ଡୁଆମାନେ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇଛନ୍ତି।

ଖଣ୍ଡପଡ଼ା,୩୧।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ୧୫ ଦିନିଆ ଦଣ୍ଡପର୍ବ ରବିବାର ମଧ ରାତ୍ରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ମାନସିକଧାରୀମାନଙ୍କ ଦ୍ୱାରା ପାଣିତୋଳା ନୀତି ସମ୍ପନ୍ନ ହୋଇଯାଇଛି। ପରମ୍ପରାନୁଯାୟୀ ଏହି କାର୍ଯ୍ୟକ୍ରମ ନିମନ୍ତେ ସୋମବାର ଅପରାହ୍ନରେ ମାନସିକଧାରୀ ଦଣ୍ଡୁଆମାନେ ଏକତ୍ର ହୋଇ ନିକଟସ୍ଥ ମହାନଦୀ ଘାଟରେ ପୂଜାର୍ଚ୍ଚନା କରି ଦଣ୍ଡକାଳୀଙ୍କୁ ଆବାହନ କରିଥିଲେ। ହୋମଯଜ୍ଞ ଷୋଡଷ ଉପଚାର ସମ୍ପନ୍ନ ପରେ ମାନସିକଧାରୀମାନେ ଢୋଲ, ଝାଞ୍ଜି, ମହୁରୀ ବାଦ୍ୟ ଓ ହରିବୋଲ, ହୁଳହୁଳି ତଥା ଶଙ୍ଖ ଏବଂ କଳା ରୁଦ୍ରମଣି ଭଜେ, କାଶୀ ବିଶ୍ୱନାଥ ଧ୍ୱନୀରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଘର ଆଗରେ ପୂର୍ଣ୍ଣକୁମ୍ଭ, ଧୂପ, ଦୀପ ସହିତ ବିଭିନ୍ନ ଭୋଗ ରଖାଯାଇଥିଲା। ଆସନ୍ତା ମହାବିଷୁବ ପଣା ସଂକ୍ରାନ୍ତି ଦିନ ଏହା ଶେଷ ହେବ ବୋଲି ଜଣାପଡିଛି।

# ଖୋଲିବ ବେଦାଙ୍ଗ ପାଠଶାଳା

## ସୌର ବ୍ରାହ୍ମଣ ସମାଜର ବାର୍ଷିକ ସଭା

ନୟାଗଡ଼,୩୧।୩(ଲୋକନାଥ ମିଶ୍ର)

ନୟାଗଡ଼ ସୌର ବ୍ରାହ୍ମଣ ସମାଜର ବାର୍ଷିକ ସଭା ନୟାଗଡ଼ର ଇଟାମାଟି ନିକଟସ୍ଥ ପ୍ରତାପପ୍ରସାଦ ଭୈରବୀ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସୌର ବ୍ରାହ୍ମଣ ସମାଜ ପକ୍ଷରୁ ସମୂହ ବ୍ରତୋପନୟନ କରାଯିବ। ପୁଣି ବେଦାଙ୍ଗ ପାଠଶାଳା ଖୋଲିବ। ବେଦାଙ୍ଗ ପାଠଶାଳାରେ ନୂତନ ଯୁବପିଢି ସହ ସମସ୍ତଙ୍କୁ ବେଦ, କର୍ମକାଣ୍ଡ ଉପରେ ଶିକ୍ଷାଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୌର ବ୍ରାହ୍ମଣ ସମାଜର ସଭାପତି ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ଶାକଦ୍ୱୀପ ଦୈବଜ୍ଞ ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରୀ ସଭାପତି ପଣ୍ଡିତ ପ୍ରେମାନନ୍ଦ ସେନାପତି, ରାଜ୍ୟ ଦୈବଜ୍ଞ ମହାସଂଘର ସମ୍ପାଦକ ପଣ୍ଡିତ ରମାକାନ୍ତ ମହାପାତ୍ର, ରାଜ୍ୟ ମହାସଂଘର ଲୋକ ସମ୍ପର୍କ ସମ୍ପାଦକ ପଣ୍ଡିତ ସନ୍ତୋଷ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲା ବାଣପୁରର ମଣ୍ଡଳର ସଭାପତି ପଣ୍ଡିତ ନୃସିଂହ ଚରଣ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନୟାଗଡ଼ ସୌର ବ୍ରାହ୍ମଣ ସମାଜର ସମ୍ପାଦକ ରତ୍ନାକର ନାୟକ ବିବରଣୀ ପାଠ ଓ ଉପଦେଷ୍ଟା ମନୋଜ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅପରପକ୍ଷେ କବିତା ନାୟକ, କଳ୍ପତର ଦାଶ, ସୌମ୍ୟରଞ୍ଜନ ଗ୍ରହାଚାର୍ଯ୍ୟ ଓ ବିଭୂତି ଭୂଷଣ ଯୋଶୀ ପ୍ରମୁଖ ୪ ଜଣଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ପଣ୍ଡିତ ନିରଞ୍ଜନ ନାୟକ, ପଣ୍ଡିତ ମନୋଜ କୁମାର ନାୟକ, ବିଜୟ କୁମାର ମହାପାତ୍ର, ସଦାଶିବ ନାୟକ, କୁମୁଦ କୁମାର ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଗଣନାଥ ନାୟକ, ଦୁଃଖିଶ୍ୟାମ ଖଡିରତ୍ନ, ସୁବାସ ଚନ୍ଦ୍ର ଗ୍ରହାଚାର୍ଯ୍ୟ ପ୍ରମୁଖ ୩୨ ଜଣଙ୍କୁ ଜ୍ୟୋତିଷରତ୍ନରେ ସମ୍ମାନିତ କରାଯାଇଛି। ସୌର ବ୍ରାହ୍ମଣ ସମାଜର ଉପସଭାପତି ରଶ୍ମିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।


ବାର୍ଷିକ ସଭାରେ ଯୋଗଦେଇଥିବା ଅତିଥିମାନେ।

# ମା'ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଶରଣକୁଳ, ୩୧।୩( ଦୀପକ କର)

ଶରଣକୁଳ ନିକଟବର୍ତ୍ତୀ ଭୀକାରିପଡ଼ା ଶାସନରେ ପ୍ରତିଷ୍ଠିତ ମା'ତାରିଣୀଙ୍କ ପୀଠରେ ୩ଦିନ ବ୍ୟାପୀ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେଉଛି। ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ଯଜ୍ଞ ଚୈତ୍ରମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ଗ୍ରାମର ମହିଳା ଏବଂ ପୁରୁଷମାନେ କୁସୁମୀ ନଦୀରୁ ଅଭିମନ୍ତ୍ରିତ ଜଳକୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଲଡୁବାବାଙ୍କ ମନ୍ଦିରରେ ଆଶୀର୍ବାଦ ନେଇ ଯଜ୍ଞପୀଠରେ ସ୍ଥାପନ କରିଥିଲେ। ବୁଧବାର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ହେବ। ମହାଯଜ୍ଞରେ ସ୍ଥାନୀୟ ବ୍ରାହ୍ମଣ ଶାସନର ବ୍ରାହ୍ମଣମାନେ ବେଦମନ୍ତ୍ର ପାଠ କରି ଅଗ୍ନି ସ୍ଥାପନ ପୂର୍ବକ ଆହୁତି ପ୍ରଦାନ କରିଥିଲେ। ନିକଟସ୍ଥ ଗ୍ରାମରୁ ନାମ ସଙ୍କୀର୍ତ୍ତନ ଦଳ ନାମଗାନ କରିଥିଲେ। ଏଥିସହ ପୌରାଣିକ ନାଟକ ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ରହିଛି। ନିକଟବର୍ତ୍ତୀ ଗ୍ରାମରୁ ବହୁ ସଂଖ୍ୟାରେ ମହିଳାପୁରୁଷ ଯଜ୍ଞସ୍ଥଳରେ ପହଞ୍ଚି ମା'ଙ୍କ ଆଶୀର୍ବାଦ ନେଉଛନ୍ତି। ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଭୀକାରିପଡ଼ା ସମସ୍ତ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଛନ୍ତି।

# ଆର୍‌ଏସ୍‌ଏସ୍ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ

ନୟାଗଡ଼,୩୧।୩(ଲୋକନାଥ ମିଶ୍ର)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ୍) ନୟାଗଡ଼ ନଗର ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ରବିବାର ଖୁବ୍ ଧୁମଧାମ୍‌ରେ ନୟାଗଡ଼ ବ୍ଲକର ଲେଙ୍କୁଡ଼ିପଡ଼ା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ସ୍ଥାନୀୟ ବଲାଙ୍ଗି ପାର୍କଠାରେ ଶତାଧିକ ସ୍ୱୟଂସେବକମାନେ ଗଣବେଶରେ ରହି ଆଦ୍ୟ ସରସଂଘ ଚାଳକଙ୍କୁ ପ୍ରଣାମ କରିଥିଲେ। ପରେ ଲିଫ୍ଲେଟ ମାଧ୍ୟମରେ ସାଧାରଣ ଲୋକଙ୍କୁ ନବବର୍ଷର ମହତ୍ତ୍ୱ ବିଷୟରେ ଅବଗତ କରାଯାଇଥିଲା। ସନ୍ଧ୍ୟାରେ ଜିଲା ସଂଘ ଚାଳକ ହରପ୍ରସାଦ ରଣସିଂହଙ୍କ ଅଧ୍ୟକ୍ଷତାରେ ମଞ୍ଚରେ ମୁଖ୍ୟବକ୍ତା ଭାବେ ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା ଏବଂ ନଗର ସଂଘ ଚାଳକ ଦୟାନିଧି ରଥ ଉପସ୍ଥିତି ଥିଲେ। ନଗର ସହ କାର୍ଯ୍ୟବାହ ନରସିଂହ ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ନବବର୍ଷର ମହତ୍ତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଗୋପାଳ ଚନ୍ଦ୍ର ସ୍ୱାଇଁ ମଞ୍ଚ ପରିଚାଳନା ସହ ସର୍ବବ୍ୟବସ୍ଥା ପ୍ରମୁଖ ଜିତେନ୍ଦ୍ର ଶେଖର ସ୍ୱାଇଁ, ନଗର ଓ ଜିଲା ସମସ୍ତ କାର୍ଯ୍ୟକର୍ତ୍ତା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ବ୍ୟବସ୍ଥା ଦେଖିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶାତ୍ମବୋଧ ଗୀତ ଏବଂ ନୃତ୍ୟ ପ୍ରଦର୍ଶନ ହୋଇଥିଲା ବୋଲି ଜିଲା ପ୍ରଚାର ପ୍ରମୁଖ ରାହୁଲ ରଞ୍ଜନ ଚୌଧୁରୀ ସୂଚନା ଦେଇଛନ୍ତି।

# ଯୋଗ ପ୍ରଶିକ୍ଷଣ ପ୍ରମାଣପତ୍ର ବଣ୍ଟନ ମେଳା

ନୟାଗଡ଼,୩୧।୩(ଲୋକନାଥ ମିଶ୍ର)

ନୟାଗଡ଼ ବୁଦ୍ଧ ଯୋଗମଣ୍ଡପରେ ରବିବାର ରଘୁନାଥ ଯୋଗ ଓ ଧ୍ୟାନ ଶିବିରରେ ହିନ୍ଦୁ ନବବର୍ଷ ପାଳନ ହୋଇଯାଇଛି। ଏଥିରେ ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରାଯାଇଥିଲା। ପ୍ରଶିକ୍ଷଣରତ ଛାତ୍ରୀଛାତ୍ର ବିଭିନ୍ନ ଯୋଗାସନ କରିଥିଲେ। ପରେ ଯୋଗ ପ୍ରଶିକ୍ଷଣ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପତଞ୍ଜଳି ଯୁବା ଭାରତର ରାଜ୍ୟ ଯୁବ ପ୍ରଭାରୀ ଅମୃତାନ୍ସୁ ପ୍ରଧାନ, ରାଜ୍ୟ କାର୍ଯ୍ୟକର୍ତ୍ତା ସୌମ୍ୟରଞ୍ଜନ ପ୍ରଧାନ ଓ ଜିଲା କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

# ଖଣ୍ଡପଡ଼ା ଉପ ଡାକଘର: ଗ୍ରାହକ ସେବା ବିପର୍ଯ୍ୟସ୍ତ

ଖଣ୍ଡପଡ଼ା,୩୧।୩
(ଅଜୟ କୁମାର ମହାରଣା)

ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାବେଳେ ବିଭିନ୍ନ କାର୍ଯ୍ୟରେ ଖଣ୍ଡପଡ଼ା ଉପଡ଼ାକଘରକୁ ଆସୁଥିବା ବ୍ୟକ୍ତିମାନେ ଆବଶ୍ୟକ ସୁବିଧା ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଥିବା ଜଣାପଡିଛି। ଖଣ୍ଡପଡ଼ା ସହରର ୧ ନଂ. ୱାର୍ଡସ୍ଥିତ ଉପ ଡାକଘରକୁ ପ୍ରତ୍ୟେହ ବିଭିନ୍ନ କାର୍ଯ୍ୟରେ ଆଖପାଖ ଅଞ୍ଚଳର ଜନସାଧାରଣ ଉପ ଡାକଘରକୁ ଆସୁଥିବାବେଳେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଉପଡାକଘର ପରିସରରେ ଜନସାଧାରଣଙ୍କ ବସିବା ନିମନ୍ତେ ଆବଶ୍ୟକ ଗୃହ, ପାନୀୟ ଜଳର ସୁବିଧା ନ ଥିବା ଜଣାପଡିଛି। ଆଧାର କାର୍ଡ ସଂଶୋଧନଠାରୁ ଆରମ୍ଭ କରି ଟଙ୍କା ନେଣଦେଣ ପରି ଛୋଟ ଛୋଟ କାର୍ଯ୍ୟ ପାଇଁ ଜନସାଧାରଣଙ୍କୁ ବାହାରେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଉପ ଡାକଘର ମଧ୍ୟରେ କର୍ମଚାରୀମାନେ ବସି କାର୍ଯ୍ୟ କରୁଥିବା ବେଳେ ବାରଣ୍ଡା ଓ ବାହାରେ ଜନସାଧାରଣ ଦୀର୍ଘ ସମୟ ଧରି ଅପେକ୍ଷା କରୁଥିବା ପରିଲକ୍ଷିତ ହେଉଛି। ଏବେ ଗ୍ରୀଷ୍ମର ପ୍ରକୋପ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ଖଣ୍ଡପଡ଼ା ଉପ ଡ଼ାକଘରେ ଖାଲି ପଡ଼ିଥିବା ପଦବୀଗୁଡିକୁ ପୂରଣ ଓ ଅବ୍ୟବସ୍ଥା ପ୍ରତି ଡାକ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


ଉପ ଡାକଘର ସମ୍ମୁଖରେ ଗ୍ରାହକମାନେ ଅପେକ୍ଷା କରିଛନ୍ତି।

# ଲଡୁବାବାଙ୍କ ମନ୍ଦିର ସମ୍ମୁଖ ଅନ୍ଧାର

ଶରଣକୁଳ, ୩୧।୩ (ଦୀପକ କର)

ନୟାଗଡ ଜିଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବାବେଳେ ଶରଣକୁଳର ପ୍ରସିଦ୍ଧ ଶ୍ରୀ ଶ୍ରୀଲଡୁବାବାଙ୍କ ମନ୍ଦିରର ସମ୍ମୁଖ ଅଞ୍ଚଳ ଅନ୍ଧାରରେ ରହୁଛି। କିଛିଦିନ ହେବ ହାଇମାଷ୍ଟ ଲାଇଟ୍ ଅଚଳ ହୋଇ ପଡ଼ିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଲଡୁବାବାଙ୍କ ମନ୍ଦିର ସମ୍ମୁଖରେ ଏକ ବଡ ହାଇମାଷ୍ଟ ଲାଇଟ୍ ପର୍ଯ୍ୟଟନ ବିଭାଗ ପକ୍ଷରୁ ଲଗାଯାଇଥିଲା। ଏହି ହାଇମାଷ୍ଟ ଲାଇଟ କେବଳ ମନ୍ଦିର ସମ୍ମୁଖ ଭାଗ ଓ ପରିସର ନୁହେଁ, ମନ୍ଦିର ଭିତରକୁ ଆଲୋକିତ ହେବା ଦ୍ୱାରା ଶ୍ରଦ୍ଧାଳୁ ଓ ଭକ୍ତ ଠାକୁରଙ୍କୁ ଦର୍ଶନ କରିବାରେ ସୁବିଧା ହେଉଥିଲା। ଏହାଛଡ଼ା ଦୋକାନ, ବଜାର, ରାସ୍ତାଘାଟରେ ଯିବାଆସିବାରେ କୌଣସି ଅସୁବିଧା ହେଉ ନ ଥିଲା। ଏବେ କିଛିଦିନ ହେବ ଏହି ହାଇମାଷ୍ଟ ଲାଇଟ୍ ଅଚଳ ହୋଇପଡିଛି। ଦିନକୁଦିନ ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଥିବା ବେଳେ ସନ୍ଧ୍ୟା ସମୟରେ ମନ୍ଦିର ସମ୍ମୁଖର ସାରା ଅଞ୍ଚଳ ଅନ୍ଧକାରମୟ ହୋଇପଡୁଛି। ବାବାଙ୍କ ମନ୍ଦିରକୁ ପ୍ରବେଶ କରିବା ଓ ପ୍ରସ୍ଥାନ କରିବାରେ ବାଧା ସୃଷ୍ଟି ହେବା ସହ ଚୋରି ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ସମ୍ଭାବନାକୁ ଏଡେଇ ହେବନାହିଁ। ମାସମାସ ଧରି ହାଇମାଷ୍ଟ ଲାଇଟ୍ ଅଚଳ ହୋଇପଡ଼ିଥିଲେ ମଧ ଏହାକୁ କେହି ଦୃଷ୍ଟି ଦେଉନାହାନ୍ତି। ଏହାର ଦାୟିତ୍ୱରେ ଥିବା ଦେବୋତ୍ତର ବିଭାଗ ନା ଏହାକୁ ସଚଳ କରୁଛି ନା ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ଏହାର ରକ୍ଷଣାବ୍ୟକ୍ଷଣ କରୁଛି। କେବଳ ହାଇମାଷ୍ଟ ଲାଇଟ୍ ଲଗେଇ ଦେଇ କାମ ସାରିଦେଇ ବସିଛନ୍ତି। ଏବେ ପ୍ରତ୍ୟେକ ସନ୍ଧ୍ୟାରେ ମନ୍ଦିର ଓ ରାସ୍ତା ଅନ୍ଧାର ହୋଇପଡୁଥିବାରୁ ମନ୍ଦିରର ସନ୍ଧ୍ୟାକାଳୀନ ଶୋଭା ହରାଇ ବସିଛି। ଏଭଳି ଘଟଣା



## ଜଳୁନି ହାଇମାଷ୍ଟ ଲାଇଟ

ବହୁଦିନ ଧରି ଲାଗି ରହିଥିଲେ ମଧ୍ୟ କେବେ ହାଇମାଷ୍ଟ ଲାଇଟ୍ ସଜଡ଼ା ଯିବ ଏହାର ରକ୍ଷଣାବ୍ୟକ୍ଷଣ ଦାୟିତ୍ୱ କାହାର ଓ କିଏ ନେବ ତାହା ଏବେ ସାଧାରଣରେ ବଡ ପ୍ରଶ୍ନବାଚୀ ହୋଇଛି। ଏହି ସମ୍ପର୍କରେ ମନ୍ଦିର ସୁପରଭାଇଜର ସୁବାଷ ବରାଡ କହିଛନ୍ତି, ହାଇମାଷ୍ଟ ଲାଇଟ୍ ଅଚଳ ହୋଇ ପଡ଼ିଥିବା ନେଇ ସମସ୍ତଙ୍କୁ ଜଣାଇଛି। ଏହା ମରାମତି କରାଯାଇ କାର୍ଯ୍ୟକ୍ଷମ ହେବାକୁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅର୍ଥ ଖର୍ଚ୍ଚ ହେବ ବୋଲି ଆକଳନ ହୋଇଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲାପରିଷଦ ଅଧକ୍ଷଙ୍କୁ ଜଣାଇଛି, ସେ ବ୍ୟବସ୍ଥା କରିବେ ବୋଲି କହିଥିବା କହିଛନ୍ତି।

# ତାତିରେ ଅସମ୍ଭାଳ ଖଣି, ଶିଳ୍ପାଞ୍ଚଳ

ଯାଜପୁର,୩୧।୩(ହର୍ଷବର୍ଦ୍ଧନ ବେହେରା)



କୋରେଇ ବ୍ଲକର କୋରାବନ୍ଦୀ ଅଞ୍ଚଳରେ ହୋଇଥିବା ବନୀକରଣ।

- ସିଏସ୍ଆର୍ ଯୋଜନାରେ ଚାରାରୋପଣ ଲକ୍ଷ୍ୟଚ୍ୟୁତ
- ଲକ୍ଷ୍ୟଧାର୍ଯ୍ୟରେ ସୀମିତ ବନୀକରଣ

କଳିଙ୍ଗନଗର ଶିଳ୍ପାଞ୍ଚଳ ତଥା ଯାଜପୁର ଜିଲାର ସୁକିନ୍ଦା ଖଣି ଓ ଧର୍ମଶାଳା ଲଘୁ ଖଣିଜ ସମ୍ପଦରେ ଭରପୂର ଥିବା ଅଞ୍ଚଳରେ ମାର୍ଚ୍ଚ ମାସ ଶେଷ ନ ହେଉଣୁ ତାତି ଅସମ୍ଭାଳ ହେବାରେ ଲାଗିଛି। ଆଗକୁ ପ୍ରଚଣ୍ଡ ଖରାରେ ଲୋକେ ତହଳବିକଳ ହେବା ଆଶଙ୍କା କରୁଛନ୍ତି। ଅଞ୍ଚଳର ତାପମାତ୍ରା ଗତ ଏକ ସପ୍ତାହ ହେବ ୩୬ ରୁ ୪୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଛି। ଆଗାମୀ ଦିନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଊର୍ଦ୍ଧ୍ୱ ହେବା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଧାର୍ଯ୍ୟ ବନୀକରଣ, ଜଙ୍ଗଲ ଧ୍ୱଂସ ସହ ୫୫ ବର୍ଷ ହେଲା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆର୍ଏଫ୍)ଗୁଡ଼ିକୁ ସଂରକ୍ଷିତ ଜଙ୍ଗଲ ଭାବେ ମାନ୍ୟତା ପ୍ରଦାନ ନ କରିବା ଏବଂ ସେଠାରେ ଆବଶ୍ୟକ ଭାବେ ବନୀକରଣ ହୋଇ ନ ପାରିବା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଉଛି। ପ୍ରତିବର୍ଷ ଖଣି ଓ ଶିଳ୍ପାଞ୍ଚଳରେ ବନୀକରଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ପ୍ରସ୍ତୁତ ହେଉଥିଲେ ବି ତାହା କାଗଜକଲମରେ ସୀମିତ ରହିଯାଉଛି।

ରାଜ୍ୟ ସରକାର ବିଭିନ୍ନ କଳକାରଖାନା ଓ ଖଣି ମାଲିକଙ୍କ ସହ ଚୁକ୍ତିନାମା କରୁଥିବାବେଳେ ପରିବେଶ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ପାଇଁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କାରଖାନା ଓ ଖଣି ମାଲିକ ପରିବେଶର ସୁରକ୍ଷା ନିୟମକୁ ପାଳନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ତାପମାତ୍ରା ବୃଦ୍ଧି ପାଉଛି ବୋଲି ପରିବେଶବିତମାନେ ମତବ୍ୟକ୍ତ କରୁଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ କଟକ ବନଖଣ୍ଡ ଡିଭିଜନ ଅଧୀନରେ ଯାଜପୁର ଜିଲାର ଡାଳିଯୋଡ଼ା, ଟମକା, ସୁକିନ୍ଦା, ଯାଜପୁର ରୋଡ୍ ଇତ୍ୟାଦି ରେଞ୍ଜ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଜମିରେ ବିପୁଳ କୋଟି ଟଙ୍କାର ବନୀକରଣ ହୋଇଛି। ୨୦୧୯-୨୦ରୁ ୨୦୨୪-୨୫ ମଧ୍ୟରେ କାମ୍ପା, ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍ଏଫ୍), ସିଏସ୍ଆର୍ (କର୍ପୋରେଟ ସୋସିଆଲ ରେସ୍ପନସିବିଲିଟି), ଏମ୍ଜିଏନ୍ଆର୍ଇଜିଏସ୍, ଓଏମ୍ବିଏଡିସି, ଜିଏମ୍ଏମ୍, ଆଇଜିସି ଇତ୍ୟାଦି ଯୋଜନାରେ ବନୀକରଣ ହୋଇଥିବା ଦର୍ଶାଯାଇଛି। ବିଶେଷକରି ସିଏସ୍ଆର୍ ଯୋଜନାରେ ବିଭିନ୍ନ ଶିଳ୍ପ ଓ ଖଣି କମ୍ପାନୀର ଅନୁଦାନରେ ବନୀକରଣ କରାଯାଇଛି। ଏଥିରେ ଦାନଗଦି ରେଞ୍ଜ ଅନ୍ତର୍ଗତ ରାଛିପୁରରେ ୬୩.୬୨ ଲକ୍ଷ ଟଙ୍କା, ସୁକିନ୍ଦା ରେଞ୍ଜ କେନ୍ଦୁଅକଣାରେ ୧୫.୮୭ ଲକ୍ଷ, ଡାଳିଯୋଡ଼ା ରେଞ୍ଜ ଶାସନପୁରୁଷୋତ୍ତମପୁରରେ ୧୩.୬୫ ଲକ୍ଷ, ମହାକାଳ ଗ୍ରାମରେ ୨୩.୩୦ ଲକ୍ଷ, କ୍ଷେତ୍ରପାଳରେ ୪.୦୯ ଲକ୍ଷ, ବାଘୁଆ ଅଞ୍ଚଳରେ ୧୩.୫୬ ଲକ୍ଷ, ବ୍ରାହ୍ମଣୀ ନଦୀ ନିକଟ ନୂଆହାଟରେ ୧୪.୯୦ ଲକ୍ଷ ଓ ୧୧.୩୯ ଲକ୍ଷ, ସୁକିନ୍ଦା ରେଞ୍ଜ କେନ୍ଦୁକଣାରେ ୮.୭୬ ଲକ୍ଷ, କୋରେଇ ରେଞ୍ଜ ଉପରଗଡ଼ ଅଶୋକଝର ନିକଟରେ ୫.୪୪ ଲକ୍ଷ, ଦାନଗଦି ରେଞ୍ଜ ରଗଡ଼ାରେ ୫.୪୪ ଲକ୍ଷ, ସୁକିନ୍ଦା ରେଞ୍ଜ ମାଧପୁରରେ ୧୫.୭୨ ଲକ୍ଷ, କୋରେଇ ଉପରଗଡ଼ାରେ ୧୫.୪୬ ଲକ୍ଷ, ଦାନଗଦି ରେଞ୍ଜ ଚିତିରିଠାରେ ୧୫.୨୯ ଲକ୍ଷ, ବଡସୁଲିଡ଼ିହଠାରେ ୧୫.୪୯ ଲକ୍ଷ, ସୁକିନ୍ଦା ବ୍ଲକ ରଙ୍ଗିଆଠାରେ ୧୫.୧୦ ଲକ୍ଷ ଟଙ୍କା, ସୁକିନ୍ଦା ବ୍ଲକ ଅମ୍ବାସର ନିକଟରେ ୬.୧୨ ଲକ୍ଷ ଟଙ୍କା ଓ ୨.୬୨ ଲକ୍ଷ ଟଙ୍କା, କୋରେଇ ବ୍ଲକ ବ୍ୟାସ ସରୋବର ଜଗନ୍ନାଥ ସାହି ନିକଟରେ ୨୧.୩୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଆବଣ୍ଟିତ ଅନୁଦାନ ଅନୁସାରେ ଧାର୍ଯ୍ୟ ମୁତାବକ ବନୀକରଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଏହାବାଦ୍ ଚାରାରୋପଣ ପରବର୍ତ୍ତୀ ସମୟରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷ୍ୟଧାର୍ଯ୍ୟ ପରାହତ ହେଉଛି।

ଜଙ୍ଗଲ ବିଭାଗ ପକ୍ଷରୁ ୧୯୭୦ରୁ ୧୯୮୦ ମଧ୍ୟରେ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ଫରେଷ୍ଟ ବ୍ଲକକୁ ଓଡ଼ିଶା ଜଙ୍ଗଲ ଆଇନ-୧୯୭୨ କିମ୍ବା ଭାରତୀୟ ଜଙ୍ଗଲ ଆଇନ-୧୯୨୭ର ଧାରା ୪(୧) ରେ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା। ଏଥିରେ ସାତଲୁଣ୍ଡା, କଳକଳା, ମଧୁପୁର, ନିମିତି, ଚାରିନଙ୍ଗଲ, ବଜ୍ରଗିରି, ମଉଳାଭଞ୍ଜା, କଣ୍ଟିଗଡ଼ିଆ, ନଳିଦା, କୋହ୍ଲା-ଏ, ବଳରାମପୁର, ପଞ୍ଚଭାୟା, ଅଧିକାରୀମଲ, ବାରିମୁଳା ଓ ବନ୍ଧପାଲି ପିଆରଏଫ୍ ରହିଛି। ହେଲେ ଏଯାଏ ଏହିସବୁ ସଂରକ୍ଷିତ ଜଙ୍ଗଲ ମାନ୍ୟତା ପାଇ ନ ଥିବାରୁ ଅଧିକାଂଶ ଅଞ୍ଚଳରେ ବେଆଇନ କଳାପଥର ଖାଦାନ ଚାଲିଛି। ଏହାଦ୍ୱାରା ବନୀକରଣ ସମ୍ଭବ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ପର୍ଯ୍ୟାପ୍ତ ଚାରାରୋପଣର ଆବଶ୍ୟକତା ରହିଛି। କିନ୍ତୁ ଖଣି ଖାଦାନ ଓ କଳକାରଖାନା ପାଇଁ ଗଛକଟା ଯାଉଥିବାବେଳେ ଏହାର ଏକ ଦଶମାଂଶ ଚାରାରୋପଣ କରାଯାଉନାହିଁ। ଏହାବାଦ କଳକାରଖାନାର ବର୍ଜ୍ୟବସ୍ତୁ ଗୁଣ୍ଡ ଆକାରରେ ବାୟୁମଣ୍ଡଳରେ ଉଡୁଛି, ଯଦ୍ଦ୍ୱାରା ଉତ୍ତାପ ଅସମ୍ଭାଳ ହୋଇପଡ଼ିଛି। ଖାଲି ସେତିକି ନୁହେଁ କଳକାରଖାନାର ତାପଜ କେନ୍ଦ୍ରଗୁଡ଼ିକ ଯୋଗୁ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବା ସହ ପରିବେଶ ଅସନ୍ତୁଳିତ ହୋଇପଡ଼ିଛି ବୋଲି ମତପ୍ରକାଶ ପାଇଛି। କୂଅ, ପୋଖରୀ ଆଦି ଜଳଉତ୍ସ ସବୁ ଶୁଖିଯାଇଥିବାବେଳେ ଭୂତଳ ଜଳ ନିମ୍ନଗାମୀ ହୋଇଥିବାରୁ କେତେକ ନଳକୂପରୁ ଏବେଠୁ ପାଣି ବାହାରୁ ନାହିଁ ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶ୍ରୀ


@ ଅନୀଷା


@ ରାମକୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DADLS-08



## ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**
ସ୍ଥାନ-ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
- ଗରିମାମୟ ଉପସ୍ଥିତି -
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର-କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦୋସ, ବିଧାୟିକା, ବାରବାଟୀ-କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ**
ସ୍ଥାନ ଓ୍ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍,
ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
- ଗରିମାମୟ ଉପସ୍ଥିତି -
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାଓ୍ୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍‌ଟ୍ରୋନିକ୍ସ, ଆଇ.ଟି.,
ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ**
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
- ଗରିମାମୟ ଉପସ୍ଥିତି -
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/0488/2425

# ଖାଦ୍ୟ ଅପମିଶ୍ରଣକୁ ନେଇ ବଢୁଛି ଅସନ୍ତୋଷ

- ୫ ମାସ ବିତିଲାଣି ନମୁନା ରିପୋର୍ଟ ଆସୁନି
- ଚଢ଼ାଉ ଆଶାଜନକ ହେଉନାହିଁ

ଜଗତ୍‌ସିଂହପୁର, ୩୧।୩ (ପ୍ରମୋଦ କୁମାର ନାୟକ)

ଜିଲାରେ ଖାଦ୍ୟ ଅପମିଶ୍ରଣ ଚିନ୍ତାର କାରଣ ହେଲାଣି। ହୋଟେଲ, ଫାଷ୍ଟଫୁଡ୍, ଜଳଖିଆ ଦୋକାନ ସମେତ ଚାର୍ଟ ଓ ଗୁପ୍‌ଚୁପ୍ ଭଳି ଉଠାଦୋକାନଗୁଡ଼ିକରେ ମଧ୍ୟ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଛି। ଏପରିକି ଭୋଗ, ଦୀପ ଆଦି ଦୋକାନରେ ମଧ୍ୟ ଅପମିଶ୍ରଣ ହେଉଥିବା ଅଭିଯୋଗ ହୋଇଆସୁଛି। ନିକଟ ଅତୀତରେ ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ମନ୍ଦିରରେ ଘିଅ ଅପମିଶ୍ରଣ ପ୍ରସଙ୍ଗକୁ ନେଇ ତୁମ୍ବିତୋଫାନ ହୋଇଥିଲା। କେବଳ ଘିଅ ନୁହେଁ, ଶାରଳା ମନ୍ଦିର ଏବଂ ଗୋରେଖନାଥ ମନ୍ଦିରରେ ଭୋଗ ଅପମିଶ୍ରଣ ହେଉଥିବା ଅଭିଯୋଗ ପରେ ଜିଲା ଖାଦ୍ୟ ସୁରକ୍ଷା ବିଭାଗ ତତ୍ପର ହୋଇପଡ଼ିଥିଲା। ପ୍ରଥମେ ଶାରଳା ମନ୍ଦିରରୁ ଘିଅ ଓ ପରେ ଉଭୟ ଶାରଳା ଓ ଗୋରେଖନାଥ ମନ୍ଦିରରୁ ଭୋଗ ସଂଗ୍ରହ ପରେ ଏହାର ମାନ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଲାବରେଟୋରି ପଠାଯାଇଥିଲା। ଗତ ବର୍ଷ ନଭେମ୍ବର ପ୍ରଥମ ସପ୍ତାହରୁ ନମୁନା ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ରିପୋର୍ଟ ଆସି ନ ଥିବା କୁହାଯାଇଛି। ଏତେ ବିଳମ୍ବକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିବାର ଆଶଙ୍କା ରହିଛି ବୋଲି ସାମାଜିକ କର୍ମୀ ପ୍ରତିକ୍ରିୟାରେ କହିଛନ୍ତି ।

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ଶାରଳା। ଶାରଳା ମନ୍ଦିରକୁ ପ୍ରତ୍ୟହ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ପାର୍ବଣ ନେଇ ଗତ ବର୍ଷ ଅକ୍ଟୋବର ୨୪ରୁ ମନ୍ଦିରରେ ସ୍ୱତନ୍ତ୍ର ପୂଜାପାଠ ଚାଲିଥିଲା। ସେତେବେଳେ ମନ୍ଦିରରେ ସ୍ୱତନ୍ତ୍ର ମଣ୍ଡାପିଠା ହେଉଥିଲା। ଏହି ମଣ୍ଡା ପିଠା ସମେତ ଭୋଗ ଆଦି ପ୍ରସ୍ତୁତ ପାଇଁ ବ୍ୟବହୃତ ଘିଅର ମାନକୁ ନେଇ ପ୍ରଶ୍ନ ଉଠିଥିଲା। ଏଭଳି ଅଭିଯୋଗ ଆଉ କେହି ନୁହନ୍ତି, ମନ୍ଦିର ବଡ଼ପଣ୍ଡା ରଞ୍ଜନ କୁମାର ପଣ୍ଡା ଉଠାଇଥିଲେ। ସେ କହିଥିଲେ, ଦୀର୍ଘବର୍ଷ ହେବ ଓମ୍‌ଫେଡ୍ ମନ୍ଦିରକୁ ଘିଅ ଯୋଗାଉଥିଲେ ସୁଦ୍ଧା ଏହାର ଗୁଣବତ୍ତା ଠିକ୍ ରହୁନାହିଁ। ଓମ୍‌ଫେଡକୁ ଲୋକେ ବିଶ୍ୱାସକୁ ନିଅନ୍ତି। ଓମ୍‌ଫେଡ୍ ପକ୍ଷରୁ ଯୋଗାଯାଉଥିବା ଘିଅ ଯଦି ଏଭଳି ହେବ ତେବେ ଏହି ଘଟଣା ଚିନ୍ତାଜନକ। ଅନ୍ୟପଟେ ମନ୍ଦିର ଅଫିସ ଇନଚାର୍ଜ ବରଦା ମହାନ୍ତି, ଏହାକୁ ସମର୍ଥନ କରିଥିଲେ। ଅତୀତରେ ବେଳେ ବେଳେ ଘିଅରେ ଫେଣ ସହ ଦୁର୍ଗନ୍ଧ ହୁଏ। ଏପରିକି ଅନେକ ସମୟରେ ଘିଅ ବଦଳ ମଧ୍ୟ କରାଯାଇଛି। ତେବେ ଅକ୍ଟୋବର ମାସରେ ଘିଅ କଟୁ ବାସ୍ନା ହେବାରୁ ଏ ସମ୍ପର୍କରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତା'ପରେ ଜଗତ୍‌ସିଂହପୁର ଖାଦ୍ୟ ସୁରକ୍ଷା ଅଧିକାରୀ (ଫୁଡ ସେଫ୍ଟି ଅଫିସର) ସମିତା ଦାସଙ୍କ ନେତୃତ୍ୱରେ ୪ ଜଣିଆ ଦଳ ମନ୍ଦିରରେ ପହଞ୍ଚି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଇଥିଲେ। ପାର୍ବଣ ନେଇ ମୋଟ ଉପରେ ୨୮ ଟିଣ (ପ୍ରତି ଟିଣ ୧୫ କିଲୋଗ୍ରାମ) ଘିଅ କିଣାଯାଇଥିବାବେଳେ ସେଥିମଧ୍ୟରୁ ୯ଟି ଖରାପ କାରଣରୁ ବଦଳ କରାଯାଇଥିଲା।

ଏ ସମ୍ପର୍କରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଦାସଙ୍କୁ ପଚାରିବାରୁ ପ୍ରତି ଘିଅ ପ୍ୟାକେଟ୍/ଟିଣ ଉପରେ ଲେବୁଲ ରହିବା ବାଧ୍ୟତାମୂଳକ ଥିବାବେଳେ ତାହା ନ ଥିଲା। ଅର୍ଥାତ୍ ବ୍ୟାଚ୍ ନମ୍ବର, ଲଟ୍ ନମ୍ବର, ଫୁଡ୍ ଲାଇସେନ୍ସ ନମ୍ବର, ଡେଟ୍ ଅଫ ମାନୁଫାକ୍ଚର ଓ ଡେଟ୍ ଅଫ୍ ଏକ୍ସପାୟାର ଦେଖିବାକୁ ମିଳି ନ ଥିଲା। ଅନୁରୂପ ଭାବେ ଗୋରେଖନାଥ ପୀଠରେ ଅପମିଶ୍ରିତ ଭୋଗ ବିକ୍ରି ନେଇ ଅଭିଯୋଗ ହୋଇଥିଲା। ଉପଭୋକ୍ତା ସୁରକ୍ଷା ଅଭିଯାନ (ୟୁଏସ୍ଏଓ) ପକ୍ଷରୁ ଏ ସମ୍ପର୍କରେ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆୟୋଗ (ଓଡ଼ିଶା ହିନ୍ଦୁ ରିଲିଜିଅସ୍ ଏଣ୍ଡାଓମେଣ୍ଟ କମିଶନ) କମିଶନରଙ୍କ ନିକଟରେ ଅଭିଯୋଗ ସହ ଏହାର ନକଲ ଜିଲାପାଳଙ୍କୁ ଦିଆଯାଇଥିଲା। ଏଥିରେ ଏକଥା ମଧ୍ୟ ଉଲ୍ଲେଖ ଥିଲା, ଯେଉଁମାନେ ଭୋଗ କିଣୁଛନ୍ତି ସେମାନଙ୍କଠାରୁ ବଜାର ଦରଠାରୁ ଅଧିକ ଟଙ୍କା ନିଆଯାଉଛି। ରସିଦ ଦିଆଯାଉନାହିଁ। ଭୋଗ ଦୋକାନରେ ଭୋଗ ସାମଗ୍ରୀ ମୂଲ୍ୟ ତାଲିକା ଲଗାଯିବା ନିୟମ ଥିବାବେଳେ ଏହାର ଖୁଲମଖୁଲା ଖିଲାପ କରାଯାଉଛି। ତେବେ ଉଭୟ ଅଭିଯୋଗକୁ ଗୁରୁତ୍ୱ ଦେଇ ମା' ଶାରଳା ଓ ଗୋରେଖନାଥ ମନ୍ଦିରରୁ ଭୋଗ ନମୁନା ସଂଗ୍ରହ କରି ଷ୍ଟେଟ୍ ଲାବରେଟୋରି ପଠାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ରିପୋର୍ଟ ଆସିପାରି ନ ଥିବା ଜଗତ୍‌ସିଂହପୁର ଖାଦ୍ୟ ସୁରକ୍ଷା ଅଧିକାରୀ ଦାସ ସୂଚନା ଦେଇଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ଆଗାମୀ ଦିନରେ ଚଢ଼ାଉ ଜୋରଦାର ପାଇଁ ଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଜିଲା ମହୋତ୍ସବ ପରେ ପୋଲିସ ସହାୟତାରେ ଚଢ଼ାଉ କରାଗଲେ ଅପମିଶ୍ରଣ, ନିମ୍ନମାନର ଓ ବାସି ଖାଦ୍ୟ ବିକ୍ରି ଉପରେ ଅଙ୍କୁଶ ଲଗାଯାଇ ପାରିବ ବୋଲି ଦାସ କହିଛନ୍ତି। ତେବେ ଦେଖିବାର ଅଛି ବାସ୍ତବ କ୍ଷେତ୍ରରେ କ'ଣ ହେଉଛି।

# କୁଜଙ୍ଗ ଜାମା ମସ୍‌ଜିଦ୍‌ରେ ଇଦ୍-ଉଲ୍-ଫିତର

କୁଜଙ୍ଗ, ୩୧।୩ (ମନୋଜ ପ୍ରଧାନ)


ଜାମା ମସ୍‌ଜିଦରେ ମୁସଲମାନ ଭାଇମାନଙ୍କ ସହ ଆଇନଜୀବୀ ସୁଶାନ୍ତ ପଟ୍ଟନାୟକ ଇଦ୍ ପାଳୁଛନ୍ତି।

କୁଜଙ୍ଗ ଓ ତା'ର ଆଖପାଖ ଗ୍ରାମାଞ୍ଚଳରେ ଥିବା ମୁସଲ୍‌ମାନ ସମ୍ପ୍ରଦାୟରେ ଭାଇଚାରାର ପର୍ବ ଇଦ୍-ଉଲ୍-ଫିତର ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ମୁସଲମାନ୍ ସମ୍ପ୍ରଦାୟର ଭଉଣୀଭାଇମାନେ ନୂଆ ପୋଷାକ ପିନ୍ଧି ବିଭିନ୍ନ ମସ୍‌ଜିଦ୍‌ରେ ସାମୂହିକ ପ୍ରାର୍ଥନା କରିଛନ୍ତି। ଏଥିସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଇଦ୍ ମୁବାରକ ଜଣାଇଛନ୍ତି। ବିଶେଷକରି କୁଜଙ୍ଗସ୍ଥିତ ଜାମା ମସ୍‌ଜିଦ୍‌ରେ ଧୁମ୍‌ଧାମରେ ଏହି ପର୍ବ ପାଳିତ ହୋଇଛି। ସମସ୍ତ ସାହି ଅଞ୍ଚଳରେ ତୋରଣ ନିର୍ମାଣ ସହ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ସୋମବାର ସକାଳେ ମୁସ୍‌ଲିମ୍ ସମ୍ପ୍ରଦାୟର ଭାଇମାନେ ନବବସ୍ତ୍ର ପରିଧାନକରି ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରିଥିଲେ। ନମାଜ ପାଠ ପରେ ସମୂହ ପିତୃପୁରୁଷଙ୍କ ସମାଧି ସ୍ଥଳରେ ପହଞ୍ଚି ପ୍ରାର୍ଥନା କରିଥିଲେ। ମସ୍‌ଜିଦ୍ ନିକଟକୁ ଫେରି ମିଠା ଖାଇ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଏହି ଅବସରରେ ସମସ୍ତ ଗାଡ଼ି ଚାଳକ, ପଥଚାରୀଙ୍କୁ ପାନୀୟଜଳ ପ୍ରଦାନ କରିଥିଲେ। ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ପଟ୍ଟନାୟକ ମୁସଲ୍‌ମାନ୍ ଭାଇମାନଙ୍କ ସହ ମିଶି ଇଦ୍-ଉଲ-ଫିତର ପାଳନ କରିଥିଲେ। କୁଜଙ୍ଗ ମୁସଲମାନ ବସ୍ତିର ସର୍ଦ୍ଦାର ସେକ୍ ୱାସକ ଉଲ୍ଲା, ତଜମୁଲ ହୁସେନ୍ ମଲ୍ଲିକ, ମହମ୍ମଦ ସିରାଜ୍ ଉଦ୍ଦିନ, କଲିମ ଉଲ୍ଲା, ସମ୍‌ସୁଦ୍ଦିନ ଖାଁ, ଅବ୍‌ଦୁଲ୍ଲା ଖାଁ, ନିଆଜ ଖାଁ, ସଲିମ୍ ଖାଁ, ମହମ୍ମଦ ନିଜାମୁଦ୍ଦିନ, ଇସୁଫ୍ ଅଲ୍ଲୀ, ଫିରୋଜ ଖାଁ, ସେହବାଜ୍ ଖାଁ ପ୍ରମୁଖ ଗରିବ ଲୋକଙ୍କୁ ଫଳ, ବିସ୍କୁଟ ଓ ନୂଆବସ୍ତ୍ର ବଣ୍ଟନ କରିଥିଲେ।

# ସମୂହ ନମାଜ ପାଠ

ପଟ୍ଟାମୁଣ୍ଡାଇ, ୩୧।୩ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ସହର ଓ ଗ୍ରାମାଞ୍ଚଳରେ ଇଦ୍ ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଇଦ୍‌ଗାହା ପଡ଼ିଆରେ ମୁସଲିମ୍ ସମ୍ପ୍ରଦାୟର ଲୋକେ ସମୂହ ନମାଜ ପାଠ କରିଥିଲେ। ଏମାମ ସାହେବ ମହମ୍ମଦ ଇସ୍ରାଫିଲ ଆମଜାଦି ଏହାକୁ ପାଠ କରାଇଥିବାବେଳେ ସହଯୋଗୀ ମୌଲାନା ୱାସିମ ଅକ୍ତର କାଦିର ଓ ହାଫିଜ ସଲ୍ଲାଉଦ୍ଦିନ ସହଯୋଗ କରିଥିଲେ। ପରେ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ପଟ୍ଟାମୁଣ୍ଡାଇ ସଂଖ୍ୟାଲଘୁ ବସ୍ତି କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସଂଖ୍ୟାଲଘୁ ଭଉଣୀଭାଇମାନଙ୍କୁ ପବିତ୍ର ଇଦ୍ ଅବସରରେ ଶୁଭେଚ୍ଛା ଜ୍ଞାପନ କରିବା ସହ ସୁଖ ସମୃଦ୍ଧି କାମନା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଶ୍ରୀ


@ ଅନିଷା


@ ରାମକୃଷ୍ଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DADLS-08



## ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**
ସ୍ଥାନ–ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା

– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର-କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦ୍ଦୋସ, ବିଧାୟିକା, ବାରବାଟୀ-କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ**
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍,
ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା

– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍‌ଟ୍ରୋନିକ୍ସ, ଆଇ.ଟି., ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ**
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା

– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ଗରିମାମୟ ଉପସ୍ଥିତି –
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
– ମୁଖ୍ୟବକ୍ତା –
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ।

OIPR-15001/13/0488/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଉନାହିଁ

ନୟାଗଡ଼,୩୧ା୩(ଲୋକନାଥ ମିଶ୍ର)

## ନୟାଗଡ଼ ଜିଲା ପ୍ରତିଷ୍ଠା ଦିବସର ୩୨ ବର୍ଷ

ଏପ୍ରିଲ ୨କୁ ନୟାଗଡ଼ ଜିଲା ଗଠନର ୩୨ ବର୍ଷ ପୂରିବ। ଜିଲାର କଳେବର ବଢ଼ିଛି। ତେବେ ଜିଲା ସଦର ମହକୁମାର ରୂପରେଖ ବଦଳି ପାରୁନାହିଁ। ପ୍ରାକୃତିକ ସମ୍ପଦ ସୁବିନିଯୋଗ ହୋଇପାରୁନି। ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ଉଠିଛି। ପୁରୀରୁ ପୃଥକ୍ ହେବା ପରେ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ଥିଲେ ହେଁ ଏହାର ସୁଫଳ ମିଳୁନାହିଁ। ଜିଲା ଗଠନ ପରଠାରୁ ନୟାଗଡ଼ ରାଜସ୍ୱ ସବ୍‌ଡିଭିଜନରେ ବିକାଶ ଅଟକି ରହିଛି। ଦଶପଲ୍ଲା, ରଣପୁର ଓ ଖଣ୍ଡପଡ଼ାରେ ରାଜସ୍ୱ ସବ୍‌ଡିଭିଜନ କାର୍ଯ୍ୟାଳୟ ଖୋଲିବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏହାକୁ ଶୀତଳଭଣ୍ଡାରରେ ପକାଇ ରଖିଛନ୍ତି। ଗୋଡ଼ିପଡ଼ାରେ ବ୍ଲକ ଓ ତହସିଲ, ଶରଣକୁଳ, କଣ୍ଟିଲୋ ଓ ରାଜସୁନାଖଳାରେ ଏନ୍‌ଏସି ସ୍ଥାପନ କରିବାକୁ ବହୁଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ରଣପୁର ବ୍ଲକ ନୟାଗଡ଼ରେ ରହିଥିବାବେଳେ ରଣପୁର ରେଞ୍ଜ ଖୋର୍ଦ୍ଧା ବନଖଣ୍ଡରେ ରହିଛି। ଟେଲିଫୋନ କ୍ଷେତ୍ରରେ ମଧ୍ୟ ରଣପୁର ଖୋର୍ଦ୍ଧା ଏସ୍‌ଡିଓଙ୍କ ଅଧୀନରେ କାର୍ଯ୍ୟ କରୁଛି। ସେହିଭଳି ରଣପୁରର ସୋସାଇଟଗୁଡିକ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ରହିଛି। ଏ ସବୁକୁ ଖୋର୍ଦ୍ଧା ଜିଲାରୁ ବାଦ୍ ଦେଇ ନୟାଗଡ଼ ଜିଲାକୁ ଆଣିବାକୁ ସାଧାରଣରେ ଦାବି ହେଉଛି। ପୁଣି ନୟାଗଡ଼ରେ ଜନସ୍ୱାସ୍ଥ୍ୟ ଡିଭିଜନ ହୋଇପାରୁନାହିଁ। ଏହା ଅଦ୍ୟାବଧି ସବ୍‌ଡିଭିଜନ ହୋଇ ଭୁବନେଶ୍ୱର ଅଧୀନରେ କାମ କରୁଛି। ଜିଲା ସଦର ମହକୁମା ପ୍ଲାନିଂ ଅନୁସାରେ ହୋଇ ନ ଥିବାରୁ ନବକଳେବରର ଆବଶ୍ୟକତା ରହିଛି। ହେଲେ ଏହାକୁ ଅଣଦେଖା କରାଚାଲିଛି। ଅନ୍ୟପକ୍ଷେ ସବ୍‌ଡିଭିଜନ ହସ୍ପିଟାଲ ଥିବାବେଳେ ଭଲ ସେବାମିଳୁଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟହେବାପରେ ଡାକ୍ତର ଅଭାବ ଦୂର ହୋଇ ପାରୁନି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବିନା ହାତଗୁଞ୍ଜାରେ ଚିକିତ୍ସା ମିଳୁ ନ ଥିବା ଅଭିଯୋଗ ହୋଇଆସୁଛି। ଜିଲା ମୁଖ୍ୟ ଚିକିତ୍ସାଳୟ ରେଫରାଲ ହସ୍ପିଟାଲରେ ପରିଣତ ହୋଇଛି। ସେହିଭଳି କିଡନି, ହାର୍ଟ, ବ୍ରେନ, ଲିଭର ଭଳି ରୋଗ ପାଇଁ ଡାକ୍ତର ନିଯୁକ୍ତି ମିଳୁନି। ପୁଣି ନୟାଗଡ଼ରେ ମେଡିକାଲ କଲେଜ ହୋଇ ପାରୁ ନ ଥିବାବେଳେ ନୟାଗଡ଼ କଲେଜକୁ ବିଶ୍ୱ ବିଦ୍ୟାଳୟର ମାନ୍ୟତା ମିଳୁନି। ମହାନଦୀ, ବୃଉଙ୍ଗ, କୁସୁମୀ, କୁଆଁରିଆଁ, ଦୁଆଣ୍ଟ, କମେଇ ପରୀ ଅନେକ ଛୋଟ ବଡ଼ ନଦୀ ଥାଇବି ଜିଲାରେ ପାନୀୟଜଳ ଓ ଜଳସେଚନ ବ୍ୟବସ୍ଥା ବାଟବଣା। ଏଠାର ଚାଷୀ ଚାଷ ପାଇଁ ବର୍ଷା ଉପରେ ନିର୍ଭରଶୀଳ। ପୁଣି ଶିଳ୍ପ ତାଲିକାରୁ ନୟାଗଡ଼ର ନାଁ ଲିଭିଗଲା। ଚିନିକଳ ଏବେ ମାଟିରେ ମିଶିବାକୁ ଯାଉଛି। ସେପଟେ ନୂଆ ଚିନିକଳ ପାଇଁ ଭାଜପା ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ଏଯାବତ ଶିଳ୍ପ ପ୍ରତିଷ୍ଠା ପାଇଁ ଆନ୍ତରିକତା ଥିଲା ପରି ଲାଗୁନି। ଚିନିଶିଳ୍ପ ବନ୍ଦ ପରେ ଶିଳ୍ପର ମାନ୍ୟତା ହଜିଗଲା। ଚିନିକଳ ବନ୍ଦ ଯୋଗୁ ଜିଲାର ଆଖୁଚାଷ କମିଗଲା। ଚାଷୀ ଚାଷ ପ୍ରତି ବିତସ୍ପୃହ ହୋଇ ଚାଷ ଛାଡ଼ି ଦାଦନ ଯାଉଛି। ଚାଷୀଙ୍କ ପାଇଁ ଶୀତଳଭଣ୍ଡାର ନାହିଁ। ଗ୍ରୀଷ୍ମଋତୁରେ ପାନୀୟଜଳ ସଙ୍କଟକୁ ଦୂର ପାଇଁ ଆନ୍ତରିକତା ନାହିଁ। ଲଘୁ ଖଣିଜ ସମ୍ପଦର ଓ ଚୋରାକାଠ ବ୍ୟବସାୟୀଙ୍କ ଉତ୍ପାଦ ବଢ଼ିଛି। ବ୍ରାଉନସୁଗାର, ମଦ ଓ କଫ ସିରପର କାରବାର ବଢ଼ିଛି। ଗୋଚାଲାଣ ଉପରେ ଲଗାମ ନାହିଁ। ଥାନା ଫାଣ୍ଡିରୁ ଲୋକ ନ୍ୟାୟ ପାଉ ନ ଥିବା ଅଭିଯୋଗ ହୋଇ ଆସୁଛି। ଅପରପକ୍ଷେ ନ୍ୟାୟିକ ବ୍ୟବସ୍ଥାରେ ଉପଯୁକ୍ତ ଭିତ୍ତିଭୂମି ମିଳି ପାରିଛି। ସୂଚନାଯୋଗ୍ୟ, ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ସାଧାରଣ ଲୋକଙ୍କ ବିକାଶଧାରକୁ ତ୍ୱରାନ୍ୱିତ କରିବାକୁ ବଡ଼ ବଡ଼ ଜିଲାକୁ ଭାଗ କରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଗଠନ କରିଥିଲେ ୧୩ରୁ ୩୦ ଜିଲା। ୧୯୯୩ ଏପ୍ରିଲ ୨ରେ ନୟାଗଡ଼ ଜିଲା ଗଠନ ପରେ ବିକାଶର ଦ୍ୱାହି ଦେଇ ଜିଲା ଉନ୍ନୟନ ପଥରେ ଆଗେଇ ଚାଲିଛି ବୋଲି ଡିଣ୍ଡିମ ଓ ଭାଷଣବାଜି ଚାଲିଛି। ହେଲେ ଜିଲାର ସମସ୍ୟା ଓ ନୂଆ କରିବାର ଚିନ୍ତାଧାରାକୁ ଅଣଦେଖା ହେଉଛି। ବିଭିନ୍ନ ଭାଷଣବାଜି ମାରି ଶାସନକୁ ଆସୁଥିବା ନେତା ଜିଲା ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ମତପ୍ରକାଶ ପାଇଛି। ଏ ନେଇ ନୟାଗଡ଼ ଜିଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ କହିଛନ୍ତି, ଜିଲା ଗଠନର ସୁଫଳ ମିଳିଛି ହେଲେ ବିକାଶ ଭାଷଣବାଜିରେ ସୀମିତ। ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ପୂର୍ଣ୍ଣାଙ୍ଗ ଜିଲା ହୋଇପାରୁନି। ଜିଲା ପାଇଁ ବୃଉଙ୍ଗ ଜଳସେଚନ, ପ୍ରତି ସହର ଓ ଗାଁରେ ପାନୀୟଜଳର ସୁବିଧା, ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ, ମେଡିକାଲ କଲେଜ ସ୍ଥାପନ, ବିଶ୍ୱ ବିଦ୍ୟାଳୟ ସ୍ଥାପନ, ତାଳଚେର ଗୋପାଳପୁର ରେଳଲାଇନ ନିର୍ମାଣ ପରି ଦାବିକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକତା ରହିଥିଲେ ହେଁ ଅଣଦେଖା କରାଯାଉଛି। ଜିଲା ପରିଷଦ ଅଧ୍ୟକ୍ଷ ଦେବଶିଷ ପଟ୍ଟନାୟକଙ୍କୁ ପଚାରିବାରେ ବନ ବିଭାଗ, ସମବାୟ ବିଭାଗ, ଟେଲିଫୋନ ପରି ଅନେକ ବିଭାଗ ଖୋର୍ଦ୍ଧା ଜିଲାରେ ରହିଥିବାରୁ ବିଭିନ୍ନ ସମୟରେ ଅସୁବିଧା ହେଉଛି। ରଣପୁର ବ୍ଲକର ଖୋର୍ଦ୍ଧାରେ ଥିବା ବିଭନ୍ନ କାର୍ଯ୍ୟାଳୟକୁ ନୟାଗଡ଼ ଜିଲାକୁ ସ୍ଥାନାନ୍ତର କରିବାକୁ ବାରମ୍ବାର ଜିଲା ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ସରକାର ଏଥିପ୍ରତି ପ୍ରଧାନ୍ୟ ଦେବା ଦରକାର ବୋଲି ସେ କହିଛନ୍ତି।



ଉପେକ୍ଷିତ ଅବସ୍ଥାରେ ଭାପୁର ତରବାଲୋ ଉଷ୍ମପ୍ରସ୍ରବଣ।

# ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୩୧ା୩
(ଅଜୟ କୁମାର ମହାରଣା)

ଅନ୍ତର୍ନିହିତ ଗୁଣର ପରିପ୍ରକାଶ ନିମନ୍ତେ ପାଠ ଅପେକ୍ଷା ସାଂସ୍କୃତିକ, ବୌଦ୍ଧିକ, ଶାରୀରିକ ଜ୍ଞାନ ପ୍ରତି ଦୃଷ୍ଟି ଦେଲେ ଜଣେ ଉତ୍ତମ ଛାତ୍ରୀଛାତ୍ର ହୋଇ ପାରିବେ। କେବଳ ଶିକ୍ଷାକୁ ଗୁରୁତ୍ୱ ନ ଦେଇ ବୌଦ୍ଧିକ ଗୁଣର ବିକାଶକୁ ଅଧିକ ଧ୍ୟାନ ଦେବା ଦରକାର ବୋଲି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପିଏମ୍‌ଶ୍ରୀ ଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ମତ ରଖିଥିଲେ। ଏହାଛଡା ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଗରିମା ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଓ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ମହେଶ୍ୱର ନନ୍ଦ, ଖଳିସାହି କ୍ଲଷ୍ଟର ସିଆର୍‌ସିସି ପ୍ରଭାତ କୁମାର ସେଠୀ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି କାଶୀନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ, ବରିଷ୍ଠ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଶ୍ରୀ



@ ଅନିଷା



@ ରାମକୃଷ୍ଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

DADLS-08



# ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**
ସ୍ଥାନ–ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା

– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର-କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦୋସ, ବିଧାୟିକା, ବାରବାଟୀ-କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ**
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍,
ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା

– ମୁଖ୍ୟ ଅତିଥି –
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
– ଗରିମାମୟ ଉପସ୍ଥିତି –
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍‌ଟ୍ରୋନିକ୍ସ, ଆଇ.ଟି., ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ**
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା

– ମୁଖ୍ୟ ଅତିଥି –
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
– ଗରିମାମୟ ଉପସ୍ଥିତି –
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
– ମୁଖ୍ୟବକ୍ତା –
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ।

OIPR-15001/13/0484/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

**ଭୂକମ୍ପ ମୃତ୍ୟୁ ୨,୦୦୦ ଟପିଲା**

# ସପ୍ତାହେ ଶୋକ ଘୋଷଣା କଲା ମ୍ୟାନ୍‌ମାର



ମାଣ୍ଡଲେର ଭୂକମ୍ପ ବିଧ୍ୱସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

**ମାଣ୍ଡଲେ,୩୧।୩**

ମ୍ୟାନ୍‌ମାରରେ ପ୍ରଳୟଙ୍କର ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ସୋମବାର ୨,୦୦୦ ଅତିକ୍ରମ କରିଥିବାବେଳେ ବିଲ୍ଡିଂଗୁଡ଼ିକର ଭଗ୍ନାବଶେଷ ତଳେ ଫସିରହିଥିବା ଲୋକଙ୍କୁ ଜୀବନ୍ତ ଉଦ୍ଧାର କରାଯିବା ଆଶା ମଉଳିଯାଇଛି। ମ୍ୟାନ୍‌ମାରର ସାମରିକ ସରକାର ସପ୍ତାହେ ପାଇଁ ଜାତୀୟ ଶୋକ ଘୋଷଣା କରିଛନ୍ତି। ଧନଜୀବନ ହାନି ନିମନ୍ତେ ସମବେଦନା ଜଣାଇବା ପାଇଁ ଜାତୀୟ ପତାକା ଏପ୍ରିଲ ୬ ପର୍ଯ୍ୟନ୍ତ ଅର୍ଦ୍ଧନମିତ ରହିବ ବୋଲି ଶାସକ ଜୁଣ୍ଟା ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ମ୍ୟାନ୍‌ମାରର ଦ୍ୱିତୀୟ ବୃହତ୍ତମ ସହର ମାଣ୍ଡଲେରେ ଉଦ୍ଧାର କାର୍ଯ୍ୟ ବନ୍ଦ ରହିବା ପରେ ଏହି ଘୋଷଣା କରାଯାଇଛି। ସ୍ଥିତି ଏଭଳି ଭୟାନକ ରହିଛି ଯେ, କ'ଣ ଘଟିଯାଇଛି ତାହା ପ୍ରକାଶ କରିବା କଷ୍ଟକର ହୋଇପଡ଼ିଛି ବୋଲି ମାଣ୍ଡଲେର ସାଜ୍ଜା ନର୍ଥ ମସ୍ଜିଦର ମୁଖ୍ୟ ପ୍ରଶାସକ ଔଙ୍ଗ ମିଣ୍ଟ ହୁସେନ୍ କହିଛନ୍ତି। ଏବେ ବି ଲୋକେ ରାସ୍ତା ପାର୍ଶ୍ୱରେ ଆଶ୍ରୟ ନେଇଛନ୍ତି। ଘର ସମ୍ପୂର୍ଣ୍ଣ ଭାଙ୍ଗିଯିବା ସହ ପଶ୍ଚାତ୍ କମ୍ପନ ଲାଗିରହିଥିବାରୁ ଲୋକେ ଫେରିପାରୁ ନାହାନ୍ତି। ସାମରିକ ସରକାରଙ୍କ ସୂଚନା ଅନୁଯାୟୀ ମୃତ୍ୟୁସଂଖ୍ୟା ୨,୦୫୬ରେ ପହଞ୍ଚିଥିବାବେଳେ ୩,୯୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି ଏବଂ ୨୭୦ ଜଣ ଏବେ ବି ନିଖୋଜ ରହିଛନ୍ତି। ମୃତକଙ୍କ ମଧ୍ୟରେ ଚାଇନା ଏବଂ ଫ୍ରାନ୍ସର ଲୋକ ରହିଥିବା ଜଣାପଡ଼ିଛି। ସେହିପରି ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ମୃତ୍ୟୁସଂଖ୍ୟା ୧୯ରେ ପହଞ୍ଚିଛି।

## ଦସ୍ତାବିଜ୍ ଚୋରି: ୪ ଚାଇନା ନାଗରିକ ଗିରଫ

**ବ୍ୟାଙ୍କକ୍,୩୧।୩**

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍ ଗତ ସପ୍ତାହର ଭୂକମ୍ପରେ ଭୁଶୁଡ଼ି ପଡ଼ିଥିବା ଏକ ସରକାରୀ କୋଠାରେ ଚାଇନାର ୪ ଜଣ ନାଗରିକ ବେଆଇନ ଭାବେ ପ୍ରବେଶ କରି ୩୨ଟି ଗୁରୁତ୍ୱପୂର୍ଣ୍ଣ ଫାଇଲ ଚୋରି କରି ନେଉଥିବାବେଳେ ଧରାପଡ଼ିଛନ୍ତି। ଷ୍ଟେଟ୍ ଅଡିଟ୍ ଅଫିସ୍ (ଏସ୍‌ଏଓ) ବିଲ୍ଡିଂରୁ ସମ୍ବେଦନଶୀଳ ଦସ୍ତାବିଜ୍ ଚୋରି ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଛି। ବ୍ୟାଙ୍କକ୍‌ର ସୁଉଚ୍ଚ ଅଟ୍ଟାଳିକା ଭୁଶୁଡ଼ିବା ଏବଂ ଏହା ସହ ଚାଇନା କମ୍ପାନୀର ଲିଙ୍କ୍ ସମ୍ପର୍କରେ ତଦନ୍ତ ପାଇଁ ଥାଇଲାଣ୍ଡ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିପର୍ଯ୍ୟୟ ସ୍ଥଳର ପରିଚାଳନା ଏବଂ ଚାଇନା ନାଗରିକମାନଙ୍କ କାର୍ଯ୍ୟକୁ ନେଇ ଗମ୍ଭୀର ଚିନ୍ତାବ୍ୟକ୍ତ କରାଯାଇଛି।

# ଇୟୁ ପାଣ୍ଠି ହେରଫେର ମାମଲାରେ ଫ୍ରାନ୍ସ ନେତ୍ରୀ ମାରିନ୍ ଦୋଷୀ

**ପବ୍ଲିକ୍ ଅଫିସ ପାଇଁ ଲଢ଼ିପାରିବେ ନାହିଁ**

**ପ୍ୟାରିସ୍,୩୧।୩**

ୟୁରୋପୀୟ ସଂଘ ପାଣ୍ଠି ହେରଫେର ମାମଲାରେ ଫ୍ରାନ୍ସର ଫାର୍-ରାଇଟ୍ ନେତ୍ରୀ ମାରିନ୍ ଲି ପେନ୍ ଦୋଷୀସାବ୍ୟସ୍ତ ହୋଇଛନ୍ତି। ସେ ଉଚ୍ଚ ପଦବୀ ପାଇଁ ଲଢ଼ିପାରିବେ ନାହିଁ ବୋଲି ସୋମବାର ପ୍ରଧାନ ବିଚାରପତି କଟକଣା ଲଗାଇବା ପରେ ଲି ପେନ୍ ତୁରନ୍ତ କୋର୍ଟ ରୁମ୍‌ରୁ ବାହାରି ଚାଲିଯାଇଥିଲେ। ଏପରିକି ସେ ଗଣମାଧ୍ୟମକୁ କିଛି କହିବା ପାଇଁ ଅଟକି ନ ଥିଲେ। ପବ୍ଲିକ୍ ଅଫିସ୍ ପାଇଁ ନିର୍ବାଚନ ଲଢ଼ିବାକୁ ସେ କିପରି ଅଯୋଗ୍ୟ ହେବେ, ସେ ନେଇ ବିଚାରପତି କିଛି କହିନାହାନ୍ତି। କୋର୍ଟଙ୍କ ଏହି ନିଷ୍ପତ୍ତି ଆଇନଜୀବୀ ତଥା ରାଜନେତା ଲି ପେନ୍‌ଙ୍କ କ୍ୟାରିୟରକୁ କକ୍ଷଚ୍ୟୁତ କରିପାରେ, ଯାହା ଲକ୍ଷାଧିକ ସମର୍ଥକଙ୍କୁ କ୍ଷୁବ୍ଧ କରିଛି। ଲି ପେନ୍‌ଙ୍କ ପାର୍ଟି ୟୁରୋପୀୟ ପାର୍ଲାମେଣ୍ଟ ପାଣ୍ଠିକୁ ନିଜ ଫାଇଦା ପାଇଁ ବ୍ୟବହାର କରିଥିବା ବିଚାରପତି କହିବା ସହ ରାୟର ନକଲ ତାଙ୍କ ଦଳର ୮ ଜଣ ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ।



ମାରିନ୍ ଲି ପେନ୍

# ମୋଦିଙ୍କ ଉତ୍ତରାଧିକାରୀ ବାଛିବ ଆର୍‌ଏସ୍‌ଏସ୍: ସଞ୍ଜୟ

**ନୂଆଦିଲ୍ଲୀ/ମୁମ୍ବାଇ,୩୧।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତରାଧିକାରୀ ମହାରାଷ୍ଟ୍ରରୁ ହେବେ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏନେଇ ନିଷ୍ପତ୍ତି ନେବାକୁ ଯାଉଥିବା ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ କହିଛନ୍ତି। ନେତାଙ୍କ ଅବସର ବୟସ ୭୫ ବର୍ଷ । ଆଗାମୀ ସେପ୍ଟେମ୍ବରରେ ମୋଦିଙ୍କୁ ୭୫ ବର୍ଷ ହେବାକୁ ଯାଉଥିବାରୁ ସେ ଅବସର ନେବା ନିମନ୍ତେ ଆବେଦନ ପତ୍ର ଲେଖିବା ପାଇଁ ସମ୍ଭବତଃ ରବିବାର ନାଗପୁରସ୍ଥିତ ଆର୍‌ଏସ୍‌ଏସ୍ ମୁଖ୍ୟାଳୟକୁ ଯାଇଥିଲେ ବୋଲି ସଞ୍ଜୟ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ



ସଞ୍ଜୟ ରାଉତ

**କଳ୍ପନାଜଳ୍ପନାକୁ ଫଡ୍‌ନବିସ୍‌ଙ୍କ ଖଣ୍ଡନ**

ପ୍ରଧାନମନ୍ତ୍ରୀଙ୍କ ଉତ୍ତରାଧିକାରୀ ସମ୍ପର୍କିତ କଳ୍ପନାଜଳ୍ପନାକୁ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଖଣ୍ଡନ କରିଛନ୍ତି। ମୋଦି ଆହୁରି ଅନେକ ବର୍ଷ ଯାଏ ଦେଶର ନେତୃତ୍ୱ ନେବେ। ୨୦୨୯ରେ ଆମେ ତାଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବେ ଦେଖିବା ବୋଲି ଫଡ୍‌ନବିସ୍ କହିଛନ୍ତି। ମୋଦି ଆମର ନେତା ଓ ସେ ଏହି ପଦରେ ରହିବେ। ଜଣେ ନେତା ସକ୍ରିୟ ରହିଥିବାବେଳେ ତାଙ୍କ ଉତ୍ତରାଧିକାରୀଙ୍କ ସମ୍ପର୍କରେ ଆଲୋଚନା କରିବା ଅପ୍ରାସଙ୍ଗିକ। ଭାରତୀୟ ସଂସ୍କୃତିରେ ବାପା ବଞ୍ଚିଥିବାବେଳେ ତାଙ୍କ ଉତ୍ତରାଧିକାରୀ ବିଷୟରେ ଆଲୋଚନା କରିବା ଠିକ୍ ନୁହେଁ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୬ ବିକ୍ଷୋଭକାରୀଙ୍କୁ ଫାଶୀ ଦେଲା ହମାସ

**ଗାଜା, ୩୧।୩**

ଗାଜାରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଗାଜାର ସଶସ୍ତ୍ର ଶାସକ ହମାସ ସୋମବାର ୬ ଜଣ ସ୍ଥାନୀୟ ଲୋକଙ୍କୁ ଫାଶୀ ଦଣ୍ଡ ଦେଇଛି। ଗତ ସପ୍ତାହରେ ଗାଜାରେ ହମାସ ବିରୋଧୀ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଏହି ଆନ୍ଦୋଳନରେ ଅନେକ ହଜାର ସଂଖ୍ୟାରେ ଲୋକ ରାସ୍ତାକୁ ଓହ୍ଲାଇ ହମାସ କ୍ଷମତାରୁ ହଟୁ ବୋଲି ଦାବି କରିଥିଲେ। ଉକ୍ତ ଆନ୍ଦୋଳନକୁ ଦମନ କରିବା ପାଇଁ ହମାସ ୬ ବିକ୍ଷୋଭକାରୀଙ୍କୁ ଫାଶୀ ଦେଇଛି। ସେହିପରି ହମାସ ପକ୍ଷରୁ କେତେଜଣ ବିକ୍ଷୋଭକାରୀଙ୍କୁ ସମସ୍ତଙ୍କ ସମ୍ମୁଖରେ ଚାବୁକ ମାଡ଼ କରାଯାଇଛି। ଆଉ କେତେଜଣ ବିକ୍ଷୋଭକାରୀଙ୍କୁ ହମାସ ଅପହରଣ ମଧ୍ୟ କରିଛି।



ରାଜସ୍ଥାନର ଜୟପୁରରେ ଗଙ୍ଗାଉର ଉତ୍ସବ ଅବସରରେ ସୋମବାର କଳାକାରମାନେ ତ୍ରିପୋଲିଆ ଗେଟ୍ ନିକଟରେ ପାରମ୍ପରିକ ଶୋଭାଯାତ୍ରାରେ ନୃତ୍ୟ ପରିବେଷଣ କରୁଛନ୍ତି।

## କୋଟାରେ ଜେଇଇ ଆଶାୟୀଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ, ୩୧।୩**

ଛାତ୍ରୀଛାତ୍ର ଆତ୍ମହତ୍ୟାର କେନ୍ଦ୍ରସ୍ଥଳ ପାଲଟିଥିବା ରାଜସ୍ଥାନର କୋଟାରେ ପୁଣି ଏକ ଆତ୍ମହତ୍ୟା ଘଟଣା ଘଟିଛି। ଏପ୍ରିଲ ୨ରେ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ହେବାକୁ ଥିବା ବେଳେ ଏହାର ୨ ଦିନ ପୂର୍ବରୁ ଜଣେ ଆଶାୟୀ ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। କୋଟାରେ ଚଳିତ ବର୍ଷ ଏହା ୧୦ମ ଆତ୍ମହତ୍ୟା। ମୃତକ ଜଣକ କାନପୁରର ୧୮ ବର୍ଷୀୟ ଉଜ୍ଜ୍ୱଳ ମିଶ୍ରା ହୋଇଥିବାବେଳେ ସେ ଗତ ବର୍ଷେ ହେବ କୋଟାର ରାଜୀବ ନଗର ଅଞ୍ଚଳରେ ରହି ଏକ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ଜରିଆରେ ଜେଇଇ ପାଇଁ ପ୍ରସ୍ତୁତି ଚଳାଇଥିଲେ। ଏପ୍ରିଲ ୨ରେ ହେବାକୁଥିବା ଜେଇଇ-ମେନ୍ ପରୀକ୍ଷା ପାଇଁ ଲକ୍ଷ୍ନୌଠାରେ ତାଙ୍କର ସେଣ୍ଟର ପଡ଼ିଥିଲା। ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଇ-ଚାଲାଣ ପୈଠ ନ କଲେ ଡ୍ରାଇଭିଂ ଲାଇସେନ୍ସ ଜବତ ହେବ

**ନୂଆଦିଲ୍ଲୀ,୩୧।୩**

ଟ୍ରାଫିକ୍ ନିୟମ ଉଲ୍ଲଂଘନ ଘଟଣାରେ ଦଣ୍ଡସ୍ୱରୂପ ଯେତିକି ଇ-ଚାଲାଣ କଟାଯାଉଛି, ତା'ର ମାତ୍ର ୪୦ ପ୍ରତିଶତ ଦେୟ ଆଦାୟ ହେଉଥିବା ଜଣାପଡ଼ିଛି। ଅନେକ ନିୟମ ଉଲ୍ଲଂଘନକାରୀ ଜରିମାନା ରାଶି ଭରୁନାହାନ୍ତି। ତେଣୁ ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଟ୍ରାଫିକ୍ ନିୟମ ପାଳନକୁ କଡ଼ାକଡ଼ି କରିବାକୁ ଯାଉଛନ୍ତି। ତଦନୁଯାୟୀ, ୩ ମାସ ମଧ୍ୟରେ ଟ୍ରାଫିକ୍ ଇ-ଚାଲାଣ (ଜରିମାନା) ପୈଠ ନ କଲେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)କୁ ସ୍ଥଗିତ ରଖାଯିବ। ଲାଲ୍‌ବତିକୁ ଅତିକ୍ରମ କରିଯିବା କିମ୍ବା ବିପଜ୍ଜନକ ଡ୍ରାଇଭିଂ ପାଇଁ ଗୋଟିଏ ଆର୍ଥିକ ବର୍ଷରେ ୩ ଥର ଚାଲାଣ କଟାଯାଇଥିଲେ, ଲାଇସେନ୍ସକୁ ଅନ୍ୟୂନ ୩ ମାସ ପାଇଁ ଜବତ କରାଯିବ। ଯଦି ଜଣେ ଡ୍ରାଇଭର ପୂର୍ବ ଆର୍ଥିକ ବର୍ଷରୁ ଅନ୍ୟୂନ ୨ଟି ଚାଲାଣ ପୈଠ ନ କରି ଅଟକାଇ ରଖିଥିବେ, ତେବେ ତାଙ୍କ ଉପରେ ଅଧିକ ବୀମା ପ୍ରିମିୟମ୍ ଲଗାଯିବ।

କେନ୍ଦ୍ରୀୟ ମୋଟର ଯାନ ଆଇନର ବ୍ୟବସ୍ଥା ଅନୁଯାୟୀ ଇଲେକ୍ଟ୍ରୋନିକ ପର୍ଯ୍ୟବେକ୍ଷଣ କାର୍ଯ୍ୟକାରିତା ସମ୍ପର୍କିତ ଅନୁପାଳନ ରିପୋର୍ଟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ୨୩ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେବା ପରେ ସରକାର ଆଇନ ପାଳନକୁ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଆଇନର ଧାରା ୧୩୬ଏ ଅନୁଯାୟୀ, ଉତ୍ତମ ଟ୍ରାଫିକ ପରିଚାଳନାକୁ ସୁନିଶ୍ଚିତ କରାଇବା ଏବଂ ଟ୍ରାଫିକ୍ ଆଇନର କାର୍ଯ୍ୟକାରିତା ପାଇଁ ସିସିଟିଭି କ୍ୟାମେରା, ଅଟୋମେଟିକ୍ ନମ୍ବର ପ୍ଲେଟ୍ ଚିହ୍ନଟ ବ୍ୟବସ୍ଥା, ସ୍ପିଡ୍ ଗନ୍, ଶରୀରରେ ପିନ୍ଧାଯାଇପାରୁଥିବା କ୍ୟାମେରା ଆଦି ଉନ୍ନତ ପ୍ରଯୁକ୍ତି ବ୍ୟବହାର କରାଯାଇପାରିବ।

ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଦିଲ୍ଲୀରେ ଇ-ଚାଲାଣ ଜରିଆରେ ସର୍ବନିମ୍ନ ୧୪ ପ୍ରତିଶତ ଜରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। କର୍ନାଟକରେ ଇ-ଚାଲାଣ ଜରିଆରେ ଜରିମାନା ଆଦାୟ ପରିମାଣ ୨୧ ପ୍ରତିଶତ ରହିଥିବାବେଳେ ତାମିଲନାଡୁ ଓ ଉତ୍ତରପ୍ରଦେଶରେ ୨୭%, ଓଡ଼ିଶାରେ ୨୯% ରହିଛି। ଅନ୍ୟପକ୍ଷରେ ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ହରିୟାଣାରେ ଜରିମାନା ଆଦାୟ ହାର ୬୨ରୁ ୭୬ ପ୍ରତିଶତ ରହିଛି। ତଥ୍ୟରୁ ଆହୁରି ଜଣାପଡ଼ିଛି, ଯେଉଁମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି, ପୋଲିସ୍ ଲଗାଇଥିବା ଜରିମାନା ଉପରେ ସେମାନଙ୍କୁ ପାଖାପାଖି ୮୦ ପ୍ରତିଶତ ଛାଡ଼ ମିଳିଛି।

ଜନସାଧାରଣ ଜରିମାନା ତୁରନ୍ତ ପୈଠ ନ କରିବାର ଅନେକ କାରଣ ରହିଛି। ସେଗୁଡ଼ିକ ହେଲା, ଚାଲାଣ କଟାଯାଇଥିବା ନେଇ ବିଳମ୍ବରେ ସତର୍କ ସୂଚନା ଆସିବା ଏବଂ ତ୍ରୁଟିପୂର୍ଣ୍ଣ ଚାଲାଣ। ଏଥିରେ ସୁଧାର ଆଣିବା ପାଇଁ ସରକାର ଏକ ବିସ୍ତୃତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ଆଣିବାକୁ ଯାଉଛନ୍ତି, ଯେଉଁଥିରେ କ୍ୟାମେରା ସମ୍ପର୍କିତ ସୂଚନା ରହିବା ସହ ବକେୟା ଚାଲାଣ ସମ୍ପର୍କରେ ସତର୍କ କରାଇବ। ଜରିମାନା ପୈଠ ହେବା ପର୍ଯ୍ୟନ୍ତ ପ୍ରତି ମାସରେ ଗାଡ଼ି ମାଲିକ କିମ୍ବା ଡ୍ରାଇଭରଙ୍କ ପାଖକୁ ବାରମ୍ବାର ଆଲର୍ଟ ପଠାଯିବ। ଉଦାହରଣ ସ୍ୱରୂପ, ୩ ଦିନ ମଧ୍ୟରେ ଡ୍ରାଇଭର କିମ୍ବା ଗାଡ଼ି ମାଲିକଙ୍କ ପାଖକୁ ଇ-ଚାଲାଣ ନୋଟିସ୍ ଯିବ। ନୋଟିସ୍ ପାଇବାକୁ ଥିବା ବ୍ୟକ୍ତି ଏହାକୁ ଗ୍ରହଣ କରିବା ସହ ୩୦ ଦିନ ମଧ୍ୟରେ ଏହାକୁ ପୈଠ କରିବେ କିମ୍ବା ସମ୍ପୃକ୍ତ ଆପତ୍ତି ଅଭିଯୋଗ କର୍ତ୍ତୃପକ୍ଷଙ୍କ ନିକଟରେ ଚ୍ୟାଲେଞ୍ଜ କରିବେ। ୩୦ ଦିନ ମଧ୍ୟରେ ଏହା ନ କଲେ, ତ୍ରୁଟିକୁ ଆପଣ ଗ୍ରହଣ କଲେ ବୋଲି ଧରାଯିବ। ୯୦ ଦିନ ମଧ୍ୟରେ ଜରିମାନା ପୈଠ ନ କଲେ ଏହା ପୈଠ ହେବା ପର୍ଯ୍ୟନ୍ତ ଡିଏଲ୍ କିମ୍ବା ରେଜିଷ୍ଟ୍ରେଶନ ସାର୍ଟିଫିକେଟ ସ୍ଥଗିତ ରହିବ।

# ଜାତୀୟ ଶିକ୍ଷାନୀତିକୁ ନିନ୍ଦାକଲେ ସୋନିଆ

**ନୂଆଦିଲ୍ଲୀ,୩୧।୩(ପି.ଟି.)**

କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତିକୁ ନିନ୍ଦା କରିଛନ୍ତି। କ୍ଷମତାର କେନ୍ଦ୍ରୀକରଣ, ବ୍ୟବସାୟୀକରଣ, ଘରୋଇ ସେକ୍ଟରରେ ପୁଞ୍ଜିନିବେଶର ଆଉଟ୍‌ସୋର୍ସିଂ ଏବଂ ପାଠ୍ୟପୁସ୍ତକଗୁଡ଼ିକର ସାମ୍ପ୍ରଦାୟୀକରଣ ଉକ୍ତ ଶିକ୍ଷାନୀତିର ମୁଖ୍ୟ ଏଜେଣ୍ଡା। ଉପରୋକ୍ତ ୩ 'ସି' ଏବେ ଭାରତୀୟ ଶିକ୍ଷାକୁ ଘାରିଥିବା କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା କହିଛନ୍ତି। ଭାରତୀୟ ଶିକ୍ଷା ବ୍ୟବସ୍ଥାର 'ହତ୍ୟା' ବନ୍ଦ ହେବା ଜରୁରୀ ବୋଲି ସେ ଏକ ପ୍ରବନ୍ଧରେ ଲେଖିଛନ୍ତି। ଏଥିରେ ସୋନିଆ କହିଛନ୍ତି, ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ଆଣିବା ପଛରେ ସରକାରଙ୍କ ବାସ୍ତବତା ଲୁଚି ରହିଛି, ଯାହା ଭାରତର ପିଲା ଓ ଯୁବବର୍ଗଙ୍କ ଶିକ୍ଷା ପାଇଁ ସମ୍ପୂର୍ଣ୍ଣ ଉଦାସୀନ। କେନ୍ଦ୍ର ସରକାରଙ୍କ ଗତ ଦଶନ୍ଧିର ଟ୍ରାକ୍ ରେକର୍ଡ ଦେଖିଲେ ଜଣାଯାଏ, ଏହା କେବଳ ତିନୋଟି ମୁଖ୍ୟ ଏଜେଣ୍ଡାର ସଫଳ କାର୍ଯ୍ୟକାରିତା ପାଇଁ ଚିନ୍ତିତ। ସେଗୁଡ଼ିକ ହେଲା କେନ୍ଦ୍ର ସରକାରଙ୍କ ସହ କ୍ଷମତା କେନ୍ଦ୍ରୀକରଣ, ବ୍ୟବସାୟୀକରଣ ଏବଂ ଘରୋଇ କ୍ଷେତ୍ରରେ ଶିକ୍ଷାରେ ନିବେଶର ଆଉଟ୍‌ସୋର୍ସିଂ, ପାଠ୍ୟପୁସ୍ତକ, ପାଠ୍ୟକ୍ରମ ଓ ଶିକ୍ଷାନୁଷ୍ଠାନର ସାମ୍ପ୍ରଦାୟୀକରଣ ବୋଲି ସୋନିଆ ଲେଖିଛନ୍ତି।



ସୋନିଆ ଗାନ୍ଧୀ

**ଫୁରସତ୍**

## 'କିସ୍ କିସ୍ କୋ ପ୍ୟାର୍ କରୁଁ ୨': ଫାର୍ଷ୍ଟ ଲୁକ୍ ଆଉଟ୍

**ମୁମ୍ବାଇ**

ଇଦ୍ ଉପଲକ୍ଷେ ସୋମବାର ହାସ୍ୟ ଅଭିନେତା କପିଲ ଶର୍ମାଙ୍କର ଆଗାମୀ କମେଡି ଡ୍ରାମା ଫିଲ୍ମ 'କିସ୍ କିସ୍ କୋ ପ୍ୟାର୍ କରୁଁ ୨'ର ପ୍ରଥମ ଲୁକ୍‌କୁ ଜାରି କରାଯାଇଛି। ଏହାକୁ କପିଲ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, ଇଦ୍ ମୁବାରକ। 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ଫିଲ୍ମର ପ୍ରଥମ ପୋଷ୍ଟର ଆଉଟ। ଏହି ପୋଷ୍ଟରରେ କପିଲ ଧଳା ରଙ୍ଗର ଶେର୍‌ୱାନି ସହ ବର ବେଶରେ ନଜରକୁ ଆସିଛନ୍ତି। ତାଙ୍କ ସହ କନ୍ୟା ବେଶରେ ମଧ୍ୟ ଜଣେ ଯୁବତୀ ଠିଆ ହୋଇଛନ୍ତି। ସେ ଓଢ଼ଣା ଦେଇ ନିଜ ଚେହେରାକୁ ଲୁଚାଇ ରଖିଛନ୍ତି। କପିଲଙ୍କ ଏହି ପୋଷ୍ଟରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂଙ୍କ ସହ ବହୁ ପ୍ରଶଂସକ କମେଣ୍ଟକରି ତାଙ୍କୁ ଫିଲ୍ମ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଅନୁରାଗ ଗୋସ୍ୱାମୀଙ୍କ ନିର୍ଦ୍ଦେଶନା ଏବଂ ରତନ ଜୈନ ଓ ଗଣେଶ ଜୈନଙ୍କ ପ୍ରଯୋଜନାରେ ବର୍ତ୍ତମାନ ଏହି ଫିଲ୍ମର ଶୁଟିଂ ଜାରି ରହିଛି। ତେବେ ଏବେ ସୁଦ୍ଧା ଫିଲ୍ମର ରିଲିଜ୍ ତାରିଖ ଉପରୁ ପରଦା ଉଠିନାହିଁ। ପ୍ରକାଶ ଯେ, 'କିସ୍ କିସ୍ କୋ ପ୍ୟାର୍ କରୁଁ ୨' ହେଉଛି ୨୦୧୫ରେ ରିଲିଜ୍ ହୋଇଥିବା 'କିସ୍ କିସ୍ କୋ ପ୍ୟାର୍ କରୁଁ' ଫିଲ୍ମର ସିକ୍ୱେଲ।



# ମୋବାଇଲ ଫିଙ୍ଗା ପ୍ରତିଯୋଗିତା

**ହେଲ୍‌ସିଙ୍କି**

ଅଧିକାଂଶ ଲୋକ ନିଜ ମୋବାଇଲ ଫୋନ୍‌କୁ ଅତି ଯତ୍ନର ସହ ରଖିଥାନ୍ତି। ଯଦି ଫୋନ୍‌ଟି ଭୁଲ୍‌ବଶତଃ ହାତରୁ ଖସିଯାଏ, ତେବେ ଏଥିରେ ସ୍କ୍ରାଚ୍ ହୋଇଛି କି ନାହିଁ ଦେଖିବାକୁ ସମସ୍ତେ ତୁରନ୍ତ ମୋବାଇଲକୁ ତୀକ୍ଷ୍ଣ ଭାବେ ପରଖିଥାନ୍ତି। ତେବେ ୟୁରୋପୀୟ ଦେଶ ଫିନ୍‌ଲାଣ୍ଡର ଲୋକମାନେ ମୋବାଇଲ ଫୋନ୍‌କୁ ଏତେ ଗୁରୁତ୍ୱର ସହ ନିଅନ୍ତି ନାହିଁ। ଫିନ୍‌ଲାଣ୍ଡର ସାବୋନ୍‌ଲିନା ସହରରେ ମୋବାଇଲ ଫୋନ୍ ଫୋପାଡିବାର ଏକ ପ୍ରତିଯୋଗିତା ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ବାହାର ଦେଶର ଲୋକମାନେ ମଧ୍ୟ ଆସିଥାନ୍ତି। ଏହି ପ୍ରତିଯୋଗିତାର ନିୟମ ଅନୁଯାୟୀ, ସର୍ବାଧିକ ଦୂରତା ପର୍ଯ୍ୟନ୍ତ ମୋବାଇଲ ଫୋନ୍ ଫୋପାଡିଥିବା ବ୍ୟକ୍ତିଙ୍କୁ ବିଜେତା ଘୋଷଣା କରାଯାଏ।

'ମୋବାଇଲ୍ ଫୋନ୍ ଥ୍ରୋଇଙ୍ଗ୍ ଚାମ୍ପିୟନଶିପ୍' ନାମରେ ଏହି ପ୍ରତିଯୋଗିତା ସାବୋନ୍‌ଲିନାରେ ୨୦୦୦ ମସିହାରୁ ପ୍ରତିବର୍ଷ ଅଗଷ୍ଟ ମାସରେ ଆୟୋଜିତ ହୋଇଆସୁଛି। ଏକ ଜାତୀୟ କାର୍ଯ୍ୟକ୍ରମ ଭାବରେ ପ୍ରଥମେ ଏହି ପ୍ରତିଯୋଗିତାକୁ ଆରମ୍ଭ କରାଯାଇଥିଲା। ସେବେଠାରୁ ଏହି ନିଆରା ଚାମ୍ପିୟନଶିପ୍ ସମଗ୍ର ବିଶ୍ୱରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଏହି ଖେଳରେ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ଏକ ଫୋନ୍ ଦିଆଯାଇଥାଏ। ତେବେ ଏହି ଖେଳ ମନ ଭିତରେ ଚାପି ହୋଇ ରହିଯାଉଥିବା ଭାବନାକୁ ସର୍ବ ସମ୍ମୁଖରେ ପ୍ରକାଶ କରିବାକୁ ସହାୟକ ହୋଇଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସମ୍ପ୍ରତି ଆମେରିକା, ବେଲଜିୟମ ଏବଂ ଅଷ୍ଟ୍ରିଆ ଭଳି ଦେଶରେ ମଧ୍ୟ ଏହିପରି ପ୍ରତିଯୋଗିତାର ଆୟୋଜନ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଏକ ମୋବାଇଲ ଫୋନ୍ ଦିଆଯାଇଥାଏ, ଯାହାକୁ ସେମାନେ ବହୁ ଦୂରକୁ ଲକ୍ଷ୍ୟ କରି ଫୋପାଡ଼ିଥାନ୍ତି। ଫୋନ୍‌ଟି ଭୂମିରେ ପଡ଼ିବା ପୂର୍ବରୁ କେତେ ଦୂର ଉଡ଼ିଥାଏ, ତାହା ମୂଲ୍ୟାଙ୍କନ କରାଯାଇ ବିଜେତାଙ୍କ ନାମ ଘୋଷଣା କରାଯାଏ। ଏହି ଖେଳ ଖେଳି ଡ୍ରାଇସ୍ ଫେରିମାନ୍ସ ନାମକ ଜଣେ ବ୍ୟକ୍ତି ଏକ ମୋବାଇଲ ଫୋନ୍‌କୁ ରେକର୍ଡ ୧୧୦.୪୨ ମିଟର ଦୂରରେ ଫିଙ୍ଗି ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଫୋପଡ଼ା ଯାଉଥିବା ମୋବାଇଲ ଫୋନ୍‌ର ଓଜନ ୨୨୦ ଗ୍ରାମ୍‌ରୁ ୪୦୦ ଗ୍ରାମ୍ ମଧ୍ୟରେ ରହିବା ଆବଶ୍ୟକ। ସେହିପରି ଏହି ପ୍ରତିଯୋଗିତାରେ ଫୋନ୍ ଫୋପାଡିବା ପାଇଁ ଅଂଶଗ୍ରହଣକାରୀମାନଙ୍କୁ ନିଜ ମନପସନ୍ଦର ମୋବାଇଲ୍ ଫୋନ୍ ବାଛିବା ପାଇଁ ସ୍ୱାଧୀନତା ମିଳିଥାଏ। ତେବେ ସାଧାରଣତଃ ବହୁ ବର୍ଷ ଧରି ବ୍ୟବହୃତ ହୋଇଥିବା ପୁରୁଣା ମୋବାଇଲ ଫୋନ୍‌ଗୁଡ଼ିକୁ ଏହି ଖେଳରେ ବ୍ୟବହାର କରାଯାଇଥାଏ।





ଲକ୍ଷ୍ନୌର ଇଦ୍‌ଗାରେ ଅନୁଷ୍ଠିତ ଇଦ୍-ଉଲ୍-ଫିତର ପର୍ବର ଏକ କାର୍ଯ୍ୟକ୍ରମରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ଉତ୍ତରପ୍ରଦେଶ କଂଗ୍ରେସ ସଭାପତି ଅଜୟ ରାୟ ଏବଂ ଇମାମ ମୌଲାନା ଖାଲିଦ ରାଶିଦ ଫିରଙ୍ଗି ମାହାଲି ସମର୍ଥକଙ୍କ ଅଭିବାଦନ ଗ୍ରହଣ କରୁଛନ୍ତି।

# କୋଟିଆର ୨୧ଅଞ୍ଚଳ ଆନ୍ଧ୍ରକୁ ଦେବ ଭାଜପା ସରକାର: କାଡାମ

**ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)**

କେନ୍ଦ୍ରରେ ସରକାରକୁ ବଞ୍ଚାଇବା ପାଇଁ ଭାଜପାର ଡବଲ ଇଞ୍ଜିନ ସରକାର ଯୌତୁକ ହିସାବରେ କୋଟିଆର ୨୧ ଅଞ୍ଚଳକୁ ଆନ୍ଧ୍ର ହାତକୁ ଟେକିଦେବା ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଆଶଙ୍କା କରିଛନ୍ତି। ଏକ ଖବରଦାତା ସମ୍ମିଳନୀ କରି କାଡାମ କହିଛନ୍ତି, କୋଟିଆରେ ଆନ୍ଧ୍ର ପ୍ରତିଦିନ ଅନୁପ୍ରବେଶ କରୁଛି। କିନ୍ତୁ ଓଡ଼ିଶା ସରକାର ନୀରବ ଅଛନ୍ତି। ଏହି ନୀରବତା କୋଟିଆ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ଏବେ ଆନ୍ଧ୍ର ସରକାର କୋଟିଆରେ ପାଣିଟାଙ୍କି କରି ଲୋକଙ୍କୁ ପାଣି ଦେଲେଣି। ରାଜ୍ୟର ସୀମା ସୁରକ୍ଷିତ ନାହିଁ। ରାଜ୍ୟବାସୀ ଭାଜପାକୁ ୨୦ ସାଂସଦ ଦେଇଛନ୍ତି। ଭାଜପା ଇସ୍ତାହାରରେ କହିଥିଲା, ଡବଲ ଇଞ୍ଜିନ ସରକାର ଆସିଲେ ଓଡ଼ିଶାର ସ୍ୱତନ୍ତ୍ର ବିକାଶ ହେବ। କିନ୍ତୁ ଓଡ଼ିଶାର ଯିଏ କ୍ଷତି କରୁଛି କେନ୍ଦ୍ର ସରକାରକୁ ବଞ୍ଚାଇବା ପାଇଁ ତାଙ୍କୁ ପୁରସ୍କାର ଦିଆଯାଉଛି। କିନ୍ତୁ



ରାମଚନ୍ଦ୍ର କାଡାମ

ଜୀବନ ଥିବା ଯାଏ ଏହା କରାଇ ଦିଆଯିବ ନାହିଁ ବୋଲି କାଡାମ କହିଛନ୍ତି। ସେ ପୁଣି କହିଛନ୍ତି, କୋଟିଆର ସବୁ ଗାଁରେ ଓଡ଼ିଶା ଦିବସ ପାଳନ ହେବ। ଏହି ଅଞ୍ଚଳର ୨୦ ହଜାରରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରାଯିବ। ରାଜ୍ୟର ସୀମା ଓ ମହିଳାମାନେ ଅସୁରକ୍ଷିତ। ତେଣୁ ଓଡ଼ିଆ ପକ୍ଷ ପାଳନ କ'ଣ ପାଇଁ ବୋଲି ରାମଚନ୍ଦ୍ର ପ୍ରଶ୍ନ ଉଠାଇଛନ୍ତି। ସେ ଆହୁରି କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳାର ବିପର୍ଯ୍ୟସ୍ତ ସ୍ଥିତି, ଅସୁରକ୍ଷିତ ମହିଳା, ସରକାର ଓ ପୋଲିସର ଭୂମିକା ଉପରେ ସରକାର ଉତ୍ତର ରଖୁନାହାନ୍ତି। ରାଜ୍ୟର ମହିଳା ନିର୍ଯାତନା ବଢ଼ି ଚାଲିଥିବା ବେଳେ ସେମାନେ ଚୁପ୍ ଅଛନ୍ତି। ଲଗାତର ୧୬ ଦିନ ଧରି ବିଧାନସଭାରେ ଗୃହ କମିଟି ଓ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିରେ ଆନ୍ଦୋଳନ କରିବା ପରେ ବି କିଛି ପଦକ୍ଷେପ ସରକାର ନେଇନାହାନ୍ତି। ମହିଳା ସୁରକ୍ଷା ପ୍ରସଙ୍ଗରେ ବାରମ୍ବାର ପ୍ରଶ୍ନ ଉଠାଇବା ସତ୍ତ୍ୱେ ମଧ୍ୟ ଗୃହ କମିଟି ହେଲାନି କି ବିଧାନସଭାରେ ମୁଖ୍ୟମନ୍ତ୍ରୀ ପଦେ କହିଲେନାହିଁ। ୨୭ରେ ଯେଉଁ ବିଧାନସଭା ଘେରାଉ କରାଗଲା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ହେଲା। ପୂର୍ବ ସରକାର ସମୟରେ ଭାଜପା ଆନ୍ଦୋଳନ କରିଥିଲା। ବିଧାନସଭାରେ ଭାଜପା ଡାଲି ଆଉ ଚପଲ ବାଚସ୍ପତିଙ୍କ ଉପରକୁ ଫିଙ୍ଗିଥିଲା। ସେମାନେ ମଧ୍ୟ ଘଣ୍ଟ ବାଡ଼େଇ ପ୍ରତିବାଦ କରିଥିଲେ। ତେବେ ବର୍ତ୍ତମାନ ଭାଜପା ବିରୋଧୀଙ୍କ ଆନ୍ଦୋଳନକୁ କାହିଁକି ସହିପାରୁନି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି।

## ପାରାଦୀପର ସୁପର ସ୍ପେଶିଆଲିଟି ହସ୍ପିଟାଲ

# ନେତାଙ୍କ କଥାରେ ରହୁନି ତାଳମେଳ

**ପାରାଦୀପ,୩୧।୩ (ଶରତ ରାଉତ)**

- ଜିଲାରେ ମେଡିକାଲ କଲେଜ ହେବ: ମୁଖ୍ୟମନ୍ତ୍ରୀ
- ବିଧାନସଭାରେ ମନାକଲେ ସ୍ୱାସ୍ଥ୍ୟ ମନ୍ତ୍ରୀ
- ୨୦୨୪ରେ ଏମ୍‌ପି ଲୋକ ସଭାରେ ମେଡିକାଲ କଲେଜ ଖୋଲିବା ପ୍ରସଙ୍ଗ ଉଠେଇଥିଲେ

ଜଗତ୍‌ସିଂହପୁର ଜିଲା ପାରାଦୀପରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ହେବ ବୋଲି ସରକାରୀ ଭାବେ ୨୦୧୩ରୁ ଘୋଷଣା କରାଗଲାଣି। ଏବେବି ସେମିତି ସରକାରୀ ଭାବେ ଘୋଷଣା କରାଯାଇଛି। ବାସ୍ତବରେ ଏପରି ହସ୍ପିଟାଲ କେବେ ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଗତ ୨ ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷଣା କରିଛନ୍ତି, ରାଜ୍ୟର ୮ଟି ଜିଲାରେ ମେଡିକାଲ କଲେଜ ହେବ। ସେଥିରେ ଜଗତ୍‌ସିଂହପୁର ଜିଲାର ନାମ ଅଛି। କିନ୍ତୁ ଗତ ୧୭।୩।୨୦୨୫ରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ବିଧାନସଭାରେ ପାରାଦୀପର ସୁପର ସ୍ପେଶିଆଲିଟି ହସ୍ପିଟାଲ ସମ୍ପର୍କରେ ପ୍ରଶ୍ନ (ଏସ୍‌ଏକ୍ୟୁ ୩୮୧) କରିଥିଲେ। ଜବାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ପାରାଦୀପରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ହେବାର ବର୍ତ୍ତମାନ କୌଣସି ପ୍ରସ୍ତାବ ନାହିଁ। ଏଏମ୍‌ଏନ୍‌ଏସ୍(ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍) ନାମକ ଘରୋଇ କମ୍ପାନୀ ଏକ ମଲ୍ଟି ସ୍ପେଶାଆଲିଟି ହସ୍ପିଟାଲ ଓ ନର୍ସିଂ କଲେଜ କରିବା ପାଇଁ ଆବେଦନ କରିଛି। ଏଥିପାଇଁ ସଂପୃକ୍ତ କମ୍ପାନୀ ରାଜ୍ୟ ସରକାରଙ୍କୁ ୫ ଏକର ଜାଗା ମାଗିଛି। ଏହି ଜମି ଦେବା ପାଇଁ ରାଜସ୍ୱ ବିଭାଗକୁ ସୁପାରିସ୍ କରାଯାଇଛି।

ଅପରପକ୍ଷେ ଜଗତ୍‌ସିଂହପୁର ଏମ୍‌ପି ଡା. ବିଭୁପ୍ରସାଦ ତରାଇ ୩୦।୭।୨୦୨୪ରେ ଜଗତ୍‌ସିଂହପୁର ଜିଲାରେ ଏକ ମେଡିକାଲ କଲେଜ ଖୋଲିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍‌ପ୍ରସାଦ ନଡ୍ଡାଙ୍କୁ ଲୋକ ସଭାରେ ପ୍ରଶ୍ନ(ରୁଲ ନଂ.୩୭୭) କରିଥିଲେ। ଏହାର ଜବାବରେ ମନ୍ତ୍ରୀ ନଡ୍ଡା ଲିଖିତ ସୂଚନା(ଚିଠି ନଂ. ୧୪୦୧୭/୫୮/୨୦୨୪) ଦେଇଥିଲେ ଯେ, ଏପରି ପ୍ରସ୍ତାବ ରାଜ୍ୟ ସରକାର ଦେଲେ ଆମେ ବିଚାର କରିବୁ। ଏଥିରେ ଯେଉଁ ଅର୍ଥ ଲାଗିବ ସେଥିରେ କେନ୍ଦ୍ର ସରକାର ୬୦% ଓ ରାଜ୍ୟ ସରକାର ୪୦% ବହନ କରିବେ। ଏବେ ସେହି ପ୍ରଶ୍ନ ଆଧାରରେ ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ବୋଲି ଏମ୍‌ପି ତରାଇ କହିଛନ୍ତି।

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୨୦୧୩ରେ ତତ୍କାଳୀନ ଅଧ୍ୟକ୍ଷ ସୁଧାଂଶୁ ମିଶ୍ର ଏକ ସୁପର ସ୍ପେଶିଆଲିଟି ହସ୍ପିଟାଲ କରିବା ପାଇଁ ଘୋଷଣା କରିଥିଲେ। ଏହାପରେ ପାରାଦୀପ ବନ୍ଦର ହସ୍ପିଟାଲ ପକ୍ଷରୁ ଏଥିପାଇଁ ପ୍ରାଥମିକ କାର୍ଯ୍ୟ କରାଯାଇଥିଲା। ଏନେଇ ୩ଟି ଘରୋଇ ହସ୍ପିଟାଲ ପକ୍ଷରୁ ଅଲଗା ଭାବେ ସର୍ଭେ କରାଯାଇଥିଲା। ସେତେବେଳେ ଏହି କାମ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଥିଲା। ଶେଷରେ ସମସ୍ତ ୩ ଘରୋଇ ହସ୍ପିଟାଲ ରିପୋର୍ଟ ଦେଇଥିଲେ ଯେ, ପାରାଦୀପରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପାଇଁ ଆବଶ୍ୟକ ରୋଗୀ ହେବେନାହିଁ। ତା'ପରଠାରୁ ପାରାଦୀପ ବନ୍ଦର ପକ୍ଷରୁ ଚାଲିଥିବା ପ୍ରୟାସ ଶୀତଳଭଣ୍ଡାରରେ ରହିଯାଇଛି। ୨୦୧୬ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ପାରାଦୀପ ଗସ୍ତ ବେଳେ ମଧ୍ୟ ସମାନ କଥା ଉଠାଇଥିଲେ। ପରେ କୁଜଙ୍ଗ ଓ ପାରାଦୀପର ଏକାଧିକ ସଙ୍ଗଠନ ତରଫରୁ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ଦାବିରେ ରାସ୍ତା ଅବରୋଧ କରାଯିବା ସହ ସରକାରଙ୍କୁ ଦାବିପତ୍ର ଦିଆଯାଇଛି। ରାଜନୈତିକ ଦଳ ତରଫରୁ ନିର୍ବାଚନ ସମୟରେ ଏହାକୁ ମଧ୍ୟ ପ୍ରସଙ୍ଗ କରାଯାଇଛି। ଏବେ ସମାନ ଘଟଣା ଘୋଷଣା ହେବାପରେ କେବଳ ଖବର ଶିରୋନାମା ପାଲଟିଛି ବୋଲି ପାରାଦୀପ ଗଡ଼ ପଞ୍ଚାୟତର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶ୍ରୀବଲ୍ଲଭ କର କହିଛନ୍ତି।

# ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ: କଂଗ୍ରେସ

**ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)**

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଜାଲିଆତି ପାଇଁ ବହୁ ଲକ୍ଷ ଦଳିତ ଯୁବକଙ୍କ ଭାଗ୍ୟ ଅନ୍ଧକାର ଭିତରକୁ ଠେଲିହୋଇଯାଇଛି। ମହାଲିଙ୍ଗ ଜାଲ୍ ଜାତି ପ୍ରମାଣପତ୍ର ଦେଇ ପୂର୍ବରୁ ସରକାରୀ ଚାକିରି ସହ ସୁବିଧା ହାତେଇଛନ୍ତି। ଜାଲ୍ ସାର୍ଟିଫିକେଟ୍ ବଳରେ ମୁକେଶ ବିଧାୟକ ତଥା ମନ୍ତ୍ରୀ ହୋଇଛନ୍ତି। ତାଙ୍କୁ ମନ୍ତ୍ରୀ ପଦରୁ ତୁରନ୍ତ ବହିଷ୍କାର କରିବା ସହ ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଉ ବୋଲି କଂଗ୍ରେସ ନେତା ଅଭିଷେକ ମହାନନ୍ଦ ଦାବି ହେଉଛି। କଂଗ୍ରେସ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଷେକ କହିଛନ୍ତି, ୨୦୦୨ରେ ସରକାର ତାଙ୍କ ସମ୍ପ୍ରଦାୟର ଲୋକଙ୍କୁ ଅନୁସୂଚିତ ଜାତି ତାଲିକାରେ ଅନ୍ତର୍ଭୁକ୍ତ କରିଥିବାବେଳେ ଏହାର ବହୁବର୍ଷ ପୂର୍ବରୁ ମନ୍ତ୍ରୀ ମହାଲିଙ୍ଗ କେଉଁ ଆଧାରରେ ନିଜକୁ ଅନୁସୂଚିତ



କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀରେ ଅଭିଷେକ ମହାନନ୍ଦ(ମଝି) ଓ ଅନ୍ୟମାନେ।


ଜାତିର ପରିଚୟ ଦେଇ ଜାଲ୍ ପ୍ରମାଣପତ୍ର ଦ୍ୱାରା ସରକାରୀ ଚାକିରି କରିଥିଲେ ବୋଲି କଂଗ୍ରେସ ନେତା ଅଭିଷେକ ମହାନନ୍ଦ ପ୍ରଶ୍ନ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାଁରେ ସାଙ୍ଘାତିକ ଅଭିଯୋଗ ଆସିଛି। ବିଧାନସଭା ଚାଲିଥିବା ବେଳେ ଜଣେ ମହିଳା ବାଚସ୍ପତିଙ୍କ ଉପସ୍ଥିତିରେ ମନ୍ତ୍ରୀ କିଭଳି ଗୁଣ୍ଡାଗର୍ଦ୍ଦି କରିବା ସହ ଖରାପ ଭାଷାରେ ଗାଳିଗୁଲଜ ଭଳି ଅଶୋଭନୀୟ ଆଚରଣ ପ୍ରଦର୍ଶନକଲେ ସେକଥା ସମସ୍ତେ ଦେଖିଛନ୍ତି। ପବିତ୍ର ଗୃହରେ ମନ୍ତ୍ରୀ ଯେଉଁ ଭାଷା ପ୍ରୟୋଗ କରିଛନ୍ତି ତାହା ସମଗ୍ର ମହିଳା ଜାତିକୁ ଅସମ୍ମାନିତ କରିଛି। ଏନେଇ ମନ୍ତ୍ରୀଙ୍କ ମତାମତ ଲୋଡ଼ାଯାଇଥିବା ବେଳେ ତାଙ୍କ ପ୍ରତିକ୍ରିୟ ମିଳିପାରି ନାହିଁ।

## ଅପରାଧ

# ଲୁହା ତାୱାରେ ପିଟି ସ୍ତ୍ରୀ, ପୁଅଙ୍କୁ ହତ୍ୟା

**ଷଢ଼େଇକଳା (ଝାଡ଼ଖଣ୍ଡ), ୩୧।୩**

ନିଶା ସେବନ କରିବା ନିଜର କ୍ଷତି ସହ ଅନେକ ସମୟରେ ବହୁ ପରିବାରରେ ଅଶାନ୍ତି ସୃଷ୍ଟିର ମୂଳ କାରଣ ପାଲଟିଥାଏ। ଏପରି କି ନିଶା ସେବନ କରୁଥିବା ବ୍ୟକ୍ତି ନିଜର ହିତାହିତ ଜ୍ଞାନ ଭୁଲିଯାଇ ବଡ଼ ଅଘଟଣ ମଧ୍ୟ ଘଟାଇଥାନ୍ତି। ଏଭଳି ଏକ ଘଟଣା ଝାଡ଼ଖଣ୍ଡ ଷଢ଼େଇକଳା ଅଞ୍ଚଳରେ ଘଟିଛି। ନିଶା ସେବନକୁ ବିରୋଧ କରିବାରୁ ସ୍ତ୍ରୀଙ୍କ ସହ ଝଗଡ଼ା କରିବା ଏବଂ ପରେ ସ୍ତ୍ରୀ ଏବଂ ୫ବର୍ଷର ପୁଅକୁ ଲୁହା ତାୱାରେ ପିଟି ହତ୍ୟା କରିଛନ୍ତି ଜଣେ ଯୁବକ। ହତ୍ୟା ଅଭିଯୋଗରେ ପୋଲିସ ଅଭିଯୁକ୍ତ ସୁଖରାମ ମୁଣ୍ଡାଙ୍କୁ ଗିରଫ କରିଛି।



ମିଳିଥିବା ସୂଚନାନୁସାରେ, ଷଢ଼େଇକଳାର କପାଳି ଫାଣ୍ଡି ଅଞ୍ଚଳରେ ଅଭିଯୁକ୍ତ ସୁଖରାମ ସ୍ତ୍ରୀ ପାର୍ବତୀ ଦେବୀ ଏବଂ ୫ବର୍ଷର ପୁଅ ଗଣେଶ ମୁଣ୍ଡାଙ୍କ ସହ ରୁହନ୍ତି। ସୁଖରାମ୍ ଅନେକ ସମୟରେ ନିଶାସେବନ କରନ୍ତି, ଯାହାକୁ ନେଇ ପରିବାରରେ କଳହ ସୃଷ୍ଟି ହୋଇଥାଏ। ସୋମବାର ସକାଳେ ଉଭୟ ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ କୌଣସି ଏକ କଥାକୁ କେନ୍ଦ୍ରକରି ଝଗଡ଼ା ହୋଇଥିଲା। ଝଗଡ଼ା ଉଗ୍ରରୂପ ନେବାରୁ ସୁଖରାମ ଉତ୍କ୍ଷିପ୍ତ ହୋଇ ଲୁହା ତାୱାରେ ସ୍ତ୍ରୀ ପାର୍ବତୀ ଏବଂ ପୁଅ ଗଣେଶଙ୍କୁ ପିଟି ପିଟି ହତ୍ୟା କରିଥିଲେ। ଏପରି କି ଲୁହା ତାୱାରେ ପିଟି ରକ୍ତାକ୍ତ କରିବା ପରେ ଏକ ବ୍ଲେଡ୍‌ରେ ଗଳା କାଟି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମା'ପୁଅଙ୍କ ଚିତ୍କାର ଶୁଣି କେତେଜଣ ପଡ଼ୋଶୀ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମା'ପୁଅ ପଡ଼ିଥିବା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାବେଳକୁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଅଭିଯୁକ୍ତ ସ୍ୱାମୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ହତ୍ୟାରେ ବ୍ୟବହୃତ ଲୁହା ତାୱା ଏବଂ ଏକ ବ୍ଲେଡ୍ ଜବତ କରିଛି। ଏଥିସହ ନିକଟସ୍ଥ ଗ୍ରାମରୁ ଅଭିଯୁକ୍ତ ସୁଖରାମଙ୍କୁ ଗିରଫ କରି ଅଧିକ ପଚରାଉଚରା କରୁଛି। ପଡ଼ୋଶୀଙ୍କ କହିବା ହେଲା, ସୁଖରାମ ଅଧିକାଂଶ ସମୟରେ ନିଶା ସେବନ କରି ଘରେ ପାଟିତୁଣ୍ଡ କରିଥାନ୍ତି। ପାର୍ବତୀ ଏହାକୁ ବିରୋଧ କରିବାରୁ ତାଙ୍କୁ ମାରଧର ମଧ୍ୟ କରିଥାନ୍ତି। ପାରିବାରିକ କଳହରୁ ସ୍ତ୍ରୀଙ୍କୁ ମାରିବା ସହ ୫ବର୍ଷର ନିରୀହ ଶିଶୁ ପୁତ୍ରକୁ ମାରିଦେବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଏହା ସମସ୍ତଙ୍କୁ ଚକିତ କରିଛି ବୋଲି କହିଛନ୍ତି। ଅପରପକ୍ଷରେ ପାରିବାରିକ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା କରାଯାଉଛି ବୋଲି କପାଳି ଫାଣ୍ଡି ଅଧିକାରୀ ସୋନୁ କୁମାର ସୂଚନା ଦେଇଛନ୍ତି।

# ଦଣ୍ଡନାଚ ସ୍ଥଳରେ ଯୁବକଙ୍କୁ ହତ୍ୟା

**ବ୍ରହ୍ମପୁର,୩୧।୩ (ସୁବାସ ଚନ୍ଦ୍ର ପାଢ଼ୀ)**

## ଜେଲଗଲେ ବାପ-ପୁଅ: ଛୁରି, କାର୍ ଜବତ

ଗଞ୍ଜାମ ଜିଲାରେ ଦୁଇ ଦିନରେ ୩ଟି ହତ୍ୟା ଘଟଣା ଘଟିଥିବାରୁ ପୋଲିସର ଚିନ୍ତା ବଢ଼ିଯାଇଛି। ରବିବାର ବିଳମ୍ବିତ ରାତିରେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜେନାସାହିରେ ଦଣ୍ଡନାଚ ସ୍ଥଳରେ ଏକ ମୁଣ୍ଡ ଗଡିଛି। ବାପ-ପୁଅ ମିଶି ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରିଛନ୍ତି। ମୃତକ ହେଲେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ବେଲଗାଁର ଜଗଦୀଶ ପାଣିଗ୍ରାହୀ (୨୨)। ପୋଲିସ ସୋମବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୁକ୍ତ ବାପ ଉକ୍ତ ଗ୍ରାମ ବେଲେଶ୍ୱରସାହିର ତ୍ରିନାଥ ପାଣିଗ୍ରାହୀ(୭୩) ଓ ତାଙ୍କ ପୁଅ ପ୍ରଦୀପ କୁମାର ପାଣିଗ୍ରାହୀ(୩୭)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଗୋଟିଏ ଛୁରି, ତ୍ରିନାଥଙ୍କ ଏକ କାର ଜବତ ହୋଇଛି। ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ., ସାଇଣ୍ଟିଫିକ ଅଫିସର, ବଡବଜାର ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୂର୍ବରେ ଏକ ବିବାଦକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।



ଅଭିଯୁକ୍ତ ବାପା-ପୁଅ।

ଜେନାସାହିର ଶାନ୍ତନୁ କୁମାର ସାହୁଙ୍କ ମାନସିକ ପୂଜା ଥିବାରୁ ରବିବାର ତାଙ୍କ ଦାଣ୍ଡରେ ବେଲଗାଁ ଦଳ ଦଣ୍ଡନାଚ ପରିବେଷଣ କରିବାକୁ ଆସିଥିଲେ। ସନ୍ଧ୍ୟାରେ କୌଣସି କାରଣକୁ ନେଇ ଦଣ୍ଡନାଚର ନାଟ ଅଧିକାରୀ ତ୍ରିନାଥ ପାଣିଗ୍ରାହୀଙ୍କ ସହ ଜଗଦୀଶଙ୍କ ଝଗଡା ହୋଇଥିଲା। ପରେ ରାତି ପ୍ରାୟ ସାଢ଼େ ୨ଟା ବେଳେ ସାହିରେ ନାଟକ ଆରମ୍ଭ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଜଗଦୀଶ ପହଞ୍ଚି ତ୍ରିନାଥଙ୍କ ସହ ପୁଣି ଝଗଡା କରିଥିଲେ। ସେ ଏକ ମାରଣାସ୍ତ୍ରରେ ତ୍ରିନାଥଙ୍କ ମୁଣ୍ଡକୁ ପିଟିଥିଲେ। ନାଟକ ପାଇଁ କଳାକାରମାନଙ୍କ ପାଖରେ ଥିବା ତ୍ରିନାଥଙ୍କ ପୁଅ ପ୍ରଦୀପ ଏହି ଖବର ପାଇ ସେଠାରେ ପହଞ୍ଚିଥିଲେ। ଜଗଦୀଶଙ୍କୁ ତ୍ରିନାଥ ଭିଡ଼ି ଧରିଥିବା ବେଳେ ପ୍ରଦୀପ ଏକାଧିକ ଥର ଛୁରି ଭୁସିଥିଲେ। ନାଟକର ଅନ୍ୟ କର୍ମକର୍ତ୍ତାମାନେ ସେମାନଙ୍କୁ ଛଡ଼ାଇ ଆହତ ଜଗଦୀଶ ଓ ତ୍ରିନାଥଙ୍କୁ ଏମ୍‌କେସିଜି ମେଡିକାଲକୁ ନେଇଥିଲେ। ସେଠାରେ ଜଗଦୀଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପେଟ ଓ ପିଠିରେ ୧୦ ଥର ଛୁରି ମରାଯାଇଥିବା ପୋଲିସ କହିଛି। ପୋଲିସ ମେଡିକାଲରୁ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ବାପ-ପୁଅଙ୍କୁ କାବୁ କରିଥିଲା। ମୃତ ଜଗଦୀଶଙ୍କ ଭାଇ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ଅଭିଯୋଗକ୍ରମେ ଥାନାରେ ନଂ.୧୩୭/୨୫ରେ ମାମଲା ରୁଜୁ ହୋଇଛି।

# ଆଦିବାସୀ ଯୁବତୀ ୮ ମାସର ଗର୍ଭବତୀ

**ପାଟଣା,୩୧।୩ (ବୀରକିଶୋର ଦାଶ)**

## ପ୍ରେମ, ପ୍ରତାରଣା, ଧୋକା, ଯୁବକ ଫେରାର

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ପ୍ରେମ, ପ୍ରତରଣା ପରେ ଧୋକା ଘଟଣା ସାମ୍ନାକୁ ଆସିଛି। ଜଣେ ୧୯ ବର୍ଷୀୟା ଆଦିବାସୀ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଅଭିଯୁକ୍ତ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ଏବେ ଯୁବତୀ ଜଣକ ୮ମାସର ଗର୍ଭବତୀ ଥିବା ବେଳେ ଏ ନେଇ ପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅଭିଯୋଗ ମୁତାବକ, ଯୁବତୀ ଜଣକ ଭୁବନେଶ୍ୱରର ଏକ କଲେଜରେ ଯୁକ୍ତ ୨ ଦ୍ୱିତୀୟ ବର୍ଷ କମର୍ସରେ ପଢୁଥିବା ବେଳେ ପାଟଣା ବ୍ଲକ୍ ସରସକୋଲା ଗ୍ରାମର ରାଜେଶ ପଇଦାଙ୍କ ସହ ତାଙ୍କର ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ପରେ ରାଜେଶ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ୮ ମାସର ଗର୍ଭବତୀ ହେବା ପରେ ପରିବାର ଲୋକେ ଜାଣି ଯୁବକଙ୍କ ସହ ବିବାହ କରାଇବାକୁ ତାଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ମାତ୍ର ଯୁବକ ଜଣକ ଯୁବତୀଙ୍କ ପରିବାର ନୀଚଜାତିର କହି ବିବାହ କରିବାକୁ ମନା କରିଦେଇଥିଲେ। ପୀଡ଼ିତାଙ୍କ ବାପା ଗତ ୧୯ ତାରିଖରେ ଏ ନେଇ ପାଟଣା ଥାନାରେ ଏତଲା ଦେଇଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ୨୩ ତାରିଖରେ ପରିବାର ଲୋକେ ଯୁବତୀଙ୍କୁ ଧରି କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର ଦାଗୁଡୁଙ୍କୁ ଭେଟିଥିଲେ। ରବିବାର ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୁବତୀଙ୍କ ଡାକ୍ତରୀ ପରୀକ୍ଷା ସହ ଅଲଟ୍ରା ସାଉଣ୍ଡ୍ କରିଛି। ପୋଲିସ ଅଭିଯୁକ୍ତଙ୍କୁ ଖୋଜୁ ନ ଥିବା ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ସହାୟତା କରୁ ନ ଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼ କହିଛନ୍ତି, ଥାନାରେ ଏକ ମାମଲା(ନଂ.୫୩/୨୫) ରୁଜୁ ହୋଇଛି। ଘଟଣା ପ୍ରଘଟ ହେବା ପରେ ଅଭିଯୁକ୍ତ ହାଇଦ୍ରାବାଦ ଚାଲିଯାଇଥିବା ଜଣାପଡ଼ିଛି। ପୀଡ଼ିତାଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପୋଲିସ ପ୍ରସ୍ତୁତ ଅଛି। ଏକ ଟିମ୍ ଏହା ଉପରେ କାର୍ଯ୍ୟ କରୁଛି ବୋଲି ମହାକୁଡ଼ କହିଛନ୍ତି।

# ପର୍ଯ୍ୟଟକ ବେଶରେ ଗଞ୍ଜେଇ ଚୋରା ଚାଲାଣ

କୋରାପୁଟ ଜିଲାରେ ଗଞ୍ଜେଇ ଚୋରା କାରବାର ଦିନକୁ ଦିନ ବଢ଼ିବା ସହ ଏହାକୁ ଚାଲାଣ କରିବାର ଉପାୟ ମଧ୍ୟ ବଦଳିଲାଣି। ଅଭିଯୁକ୍ତମାନେ ପାରମ୍ପରିକ ପଦ୍ଧତି ନ ଆପଣାଇ ପୋଲିସ କିମ୍ବା ଅବକାରୀ ବିଭାଗ ଯେପରି କିଛି ସନ୍ଦେହ ନ କରିପାରିବ, ସେଭଳି ନୂଆ ନୀତି ଆପଣାଉଛନ୍ତି। ଏହି ଚୋରା ଚାଲାଣରେ ଏବେ ଯୁବତୀମାନଙ୍କୁ ବ୍ୟବହାର କରାଯାଉଛି। ଯୁବତୀଯୁବକମାନେ ପର୍ଯ୍ୟଟକ ବେଶରେ ଆସି ନିଜର ଲଗେଜ୍ ବ୍ୟାଗ୍‌ରେ ଗଞ୍ଜେଇ ଚାଲାଣ କରି ବାହାର ରାଜ୍ୟକୁ ନେଉଛନ୍ତି। ସୋମବାର ଏଭଳି ୨ଟି ଘଟଣା କୋରାପୁଟ ରେଳଷ୍ଟେଶନରେ ଧରାପଡ଼ିଛି। ଉଭୟ ଘଟଣାରେ ୨ଜଣ ଯୁବତୀଙ୍କ ସହ ଜଣେ ଯୁବକଙ୍କୁ ଗିରଫ କରାଯାଇଛି।

## କୋରାପୁଟ ଷ୍ଟେଶନରୁ ୩୦ କେଜି ଗଞ୍ଜେଇ ଜବତ, ୨ ମହିଳାଙ୍କ ସହ ଜଣେ ଗିରଫ

**କୋରାପୁଟ,୩୧।୩ (ଅମିତାଭ ବେହେରା)**

କୋରାପୁଟକୁ ପର୍ଯ୍ୟଟକ ହୋଇ ଆସୁଛନ୍ତି। ଗଲା ବେଳେ ଗଞ୍ଜେଇ ନେଇ ଫେରୁଛନ୍ତି। ୨୦୨୪ ଜାନୁଆରୀରୁ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ୨୩ଜଣଙ୍କୁ ଏହି ମାମଲାରେ ଗିରଫ କରାଯାଇଥିବା ଜିଆରପି ଥାନା ପକ୍ଷରୁ ସୂଚନା ମିଳିଛି। ଗତ ୩ ମାସ ମଧ୍ୟରେ ୬ଜଣଙ୍କୁ ଗିରଫ କରାଗଲାଣି। ସୋମବାର ସକାଳେ କୋରାପୁଟ ଷ୍ଟେଶନରୁ ଜିଆର୍‌ପି ଓ ଆର୍‌ପିଏଫ ପକ୍ଷରୁ ଅଲଗା ଅଲଗା ସମୟରେ ଗୋଟିଏ ସୁଟକେଶ ଓ ୨ ବ୍ୟାଗ୍‌ରୁ ୩୦ କେଜି ଗଞ୍ଜେଇ ଜବତ କରାଯାଇଛି। ଏହାକୁ କୋଲକାତା ଏବଂ ବିଶାଖାପାଟଣାକୁ ଚାଲାଣ କରାଯାଉଥିବା ଜିଆର୍‌ପି ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଏନେଇ ଜିଆରପି ଥାନାରେ ୨ଟି ପୃଥକ୍ ମାମଲା(ନଂ.୮/୨୫ ଓ ନଂ.୯/୨୫) ରୁଜୁ କରାଯାଇଥିବା ସେ କହିଛନ୍ତି।

ସୂଚନା ଅନୁଯାୟୀ, ୨ଜଣ ଯୁବତୀ ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ କୋଲକାତା ଯିବା ପାଇଁ କୋରାପୁଟ ଷ୍ଟେଶନରେ ଅପେକ୍ଷା କରିଥିଲେ। ସେମାନଙ୍କ ପାଖରେ ଗଞ୍ଜେଇ ଥିବା ଜିଆର୍‌ପି ସୂଚନା ପାଇ ଚଢ଼ାଉ କରିଥିଲା। ସେମାନଙ୍କ



ଗିରଫ ୨ ଅଭିଯୁକ୍ତ।

ସୁଟକେଶ୍ ଯାଞ୍ଚ ପରେ ୨୦ କେଜି ଗଞ୍ଜେଇ ଜବତ ହୋଇଥିଲା। ସେମାନେ ହେଲେ ଉତ୍ତରପ୍ରଦେଶ ଇଥୁଆ ଜିଲା ଦୟାଲପୁରର ମୁସ୍କାନ(୩୦) ଓ ବିହାର କାହୁନିୟାର ଖୁସି କୁମାରୀ। ସେମାନଙ୍କ ସହ ଜଣେ ନାବାଳିକା ରହିଥିବା ସୂଚନା ମିଳିଛି। ସେହିପରି କିରଣ୍ଡୁଳ-ବିଶାଖାପାଟଣା ପାସେଞ୍ଜରକୁ ଅପେକ୍ଷା କରିଥିବା ଜଣେ ଯୁବକଙ୍କ ଦୁଇଟି ବ୍ୟାଗ୍‌ରୁ ୧୦କେଜି ଗଞ୍ଜେଇ ଜବତ ହୋଇଥିଲା। ସେ ହେଲେ ଉତ୍ତରପ୍ରଦେଶ ନାରାୟଣପୁରର ଅଙ୍କୁର ସିଂ(୧୯)। ଏହି ଗଞ୍ଜେଇ ବ୍ୟାଗ୍‌କୁ ସେ ବିଶାଖାପାଟଣା ନେଇ ଯିବାକୁ ଅପେକ୍ଷା କରିଥିଲେ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଓଆଇସି ମହନ୍ତ ସୂଚନା ଦେଇଛନ୍ତି।

# ଓଡ଼ିଶାର ଜିଏସ୍‌ଡିପିରେ ବେଦାନ୍ତର ଯୋଗଦାନ ୪%



ଭୁବନେଶ୍ୱର,୩୧।୩

କ୍ରମାଗତ ଭାବେ ଓଡ଼ିଶାର ଅଭିବୃଦ୍ଧି ଓ ବିକାଶ ଦିଗରେ ବେଦାନ୍ତ ଆଲୁମିନିୟମର ପ୍ରୟାସ ଜାରି ରହିଛି। ଏପରିକି ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ରେ କମ୍ପାନୀର ପ୍ରାୟ ୪% ଯୋଗଦାନ ରହିଛି ବୋଲି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି। ଅପରପକ୍ଷରେ ଗୁପ୍ତା କହିଛନ୍ତି, ଆମର ୧ ଲକ୍ଷ କୋଟି ଟଙ୍କାର ସଦ୍ୟତମ ନିବେଶ, ଭାରତର ଶିଳ୍ପ ବିପ୍ଳବର ନେତୃତ୍ୱ ନେବାର ରାଜ୍ୟର ସାମର୍ଥ୍ୟ ଉପରେ ଆମର ସ୍ଥାୟୀ ବିଶ୍ୱାସର ପ୍ରମାଣ ପାଲଟିଛି। ଏପରିକି ଆଲୁମିନିୟମ, ଯାହାକୁ ଭବିଷ୍ୟତର 'ଧାତୁ' ଭାବେ ବ୍ୟାପକ ଭାବେ ପ୍ରଶଂସା କରାଯାଉଛି, ଉଦୀୟମାନ ସବୁଜ ପ୍ରଯୁକ୍ତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧାତୁ ଭାବେ ଚିହ୍ନଟ କରାଯାଇଛି, ଯାହା ଭାରତର ଶୂନ୍ୟ ଅଙ୍ଗାରକାମ୍ଳ ଯାତ୍ରାକୁ ଶକ୍ତି ପ୍ରଦାନ କରିବ। ଓଡ଼ିଶା ରାଜ୍ୟରେ ଆମର ଯାତ୍ରା ପରିବର୍ତ୍ତନଶୀଳ ଠାରୁ କିଛି କମ୍ ନୁହେଁ, ଦେଶର ପ୍ରଥମ ମହିଳା ପରିଚାଳିତ ପଟ୍‌ଲାଇନ ସହିତ ପରମ୍ପରାକୁ ଭାଙ୍ଗିବାଠାରୁ ଆରମ୍ଭକରି ଆମର ଦକ୍ଷତା ବିକାଶ ଏବଂ ପରିବେଶ ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ଆମେ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତକୁ ରୂପଦେବା ପାଇଁ ଗଭୀର ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି। ଇଣ୍ଡିଆନ୍ ମିନେରାଲ୍ସ ଇୟରବୁକ୍ ୨୦୨୧ ଅନୁଯାୟୀ ଦେଶର ବକ୍ସାଇଟ୍ (ଆଲୁମିନିୟମ୍ ଧାତବ) ସମ୍ବଳର ୪୧% ଏହି ରାଜ୍ୟରେ ରହିଛି। ଯାହା ଏହାକୁ ବିଶ୍ୱ ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳା ପାଇଁ ଏକ ଅତ୍ୟାବଶ୍ୟକ ହବ୍‌ରେ ପରିଣତ କରିଛି। ଭାରତ ୫ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ପରିଣତ ହେବା ସହ ଆଲୁମିନିୟମର ଚାହିଦା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ। ତେଣୁ ଏହି ସୁଯୋଗର ମୁକାବିଲା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହିପରି ଓଡ଼ିଶାର ଅପାର ସମ୍ଭାବନା ଉପରେ ବେଦାନ୍ତର ଆତ୍ମବିଶ୍ୱାସ ଏହାର ବ୍ୟାପକ ପରିଚାଳନା ଏବଂ ରାଜ୍ୟର ସର୍ବବୃହତ୍ ନିବେଶକ ଭାବେ ସ୍ଥିତି ଦ୍ୱାରା ୧,୦୦,୦୦୦ କୋଟି ଟଙ୍କାର ମିଳିତ ବିନିଯୋଗ ସହ ସ୍ପଷ୍ଟ ହୋଇଛି, ଯାହା ବିଶ୍ୱସ୍ତରରେ ବେଦାନ୍ତର ସର୍ବବୃହତ୍ ବିନିଯୋଗ ଭାବେ ଛିଡ଼ାହୋଇଛି।

# ଉତ୍ତମ ସେବା ଗ୍ରାହକଙ୍କୁ ବାନ୍ଧିରଖେ


ପଵନ କୁମାର ସୁଲତାନିଆ

**ଝାରସୁଗୁଡ଼ାସ୍ଥିତ ଇନଫିନିଟି ଭେଞ୍ଚରର ପରିଚାଳନା ନିର୍ଦ୍ଦେଶକ ହେଉଛନ୍ତି ପଵନ କୁମାର ସୁଲତାନିଆ। ଜଣେ ସଫଳ ବ୍ୟବସାୟୀ ଭାବେ ତାଙ୍କର ବେଶ୍ ଖ୍ୟାତି ରହିଛି। ପଵନଙ୍କ ବ୍ୟବସାୟିକ ଯାତ୍ରା ଯୁବୋଦ୍ୟୋଗୀଙ୍କ ପ୍ରେରଣାର ଉତ୍ସ ପାଲଟିଥିବାବେଳେ ତାଙ୍କର ସାମଗ୍ରିକ ଯାତ୍ରା ସମ୍ପର୍କରେ ଧରିତ୍ରୀ ପକ୍ଷରୁ ତାଙ୍କ ସହ ସ୍ୱତନ୍ତ୍ର ଆଲୋଚନା...**

**ପ୍ର– ପ୍ରାରମ୍ଭିକ ଯାତ୍ରା ସମ୍ପର୍କରେ ସଂକ୍ଷେପରେ କହିବେ କି?**

ଉ–୧୯୪୭ରେ ଆମେ ପଶ୍ଚିମ ଓଡ଼ିଶା ପାଇଁ ପ୍ରଥମ ଚ୍ୟାନେଲ ପାର୍ଟନର ଭାବେ ଆମର ଯାତ୍ରା ଆରମ୍ଭ କରିଥିଲୁ। ପ୍ରାରମ୍ଭରେ ଆମେ ଆଇଟିସି ଲିମିଟେଡ ଏବଂ ନେସ୍‌ଲେ ଲିମିଟେଡ୍ ପରି ଅଗ୍ରଣୀ କମ୍ପାନୀ ସହ ସହଭାଗୀ ହୋଇ ଏଫ୍‌ଏମ୍‌ସିଜି ସେକ୍ଟରରେ କାର୍ଯ୍ୟ କରିଥିଲୁ। ୨୦୧୧ରେ ମୋ ପୁଅ ସ୍ନାତକୋତ୍ତର ସମାପ୍ତ କରିବା ପରେ ବ୍ୟବସାୟରେ ଯୋଗଦେଇଥିଲେ। ଅଟୋମୋବାଇଲ୍ ଶିଳ୍ପରେ ଭବିଷ୍ୟତ ଗଢ଼ିବା ସବୁବେଳେ ତାଙ୍କ ମନରେ ଥିଲା। ଆମେ ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ରେ ଡିଲରଶିପ୍ ପାଇଁ ଆବେଦନ କରିବା ପରେ ମନୋନୀତ ହେଲୁ। ଆମେ ଆନୁଷ୍ଠାନିକ ଭାବରେ ୨୦୧୫ରେ ଅଟୋମୋବାଇଲ ଶିଳ୍ପରେ ଆମର କାର୍ଯ୍ୟ ଆରମ୍ଭ କଲୁ।

**ପ୍ର– ରାଜ୍ୟରେ ୪ ଚକିଆ ଯାନର ବଜାର ସ୍ଥିତି କ'ଣ ରହିଛି?**

ଉ– ଓଡ଼ିଶାର କାର ଶିଳ୍ପ ମଧ୍ୟମ ଅଭିବୃଦ୍ଧିରେ ଅଛି, ମାତ୍ର ଗ୍ରାହକଙ୍କ ଚାହିଦା ହ୍ୟାଚ୍‌ବ୍ୟାକ୍‌ରୁ ଏସ୍‌ୟୁଭିକୁ ପରିବର୍ତ୍ତନ ହୋଇଛି। ଏସ୍‌ୟୁଭି ଚୟନ କରୁଥିବା ଲୋକଙ୍କ ସଂଖ୍ୟା ବଢୁଛି। ଲୋକଙ୍କ ପସନ୍ଦ ବିଶେଷ ଭାବେ କୋଭିଡ୍ ପରେ ପରିବର୍ତ୍ତନ ହୋଇଛି। ଲୋକମାନେ ବର୍ତ୍ତମାନ ବୈଦ୍ୟୁତିକ ଯାନ, ଆଡାସ୍ (ଉନ୍ନତ ଗ୍ରାହକ ସହାୟକ ପଦ୍ଧତି) ସୁରକ୍ଷା ବୈଶିଷ୍ଟ୍ୟଯୁକ୍ତ ଯାନ ଏବଂ ଭାଇବ୍ରେଟ୍ କଲର ବାଛୁଛନ୍ତି।

**ପ୍ର– ରାଜ୍ୟର ଜଣେ ପ୍ରମୁଖ ଡିଲର ହୋଇଥିବା ସତ୍ତ୍ୱେ କେଉଁ ସବୁ ଆହ୍ୱାନ ଦେଇ ଗତି କରିଥା'ନ୍ତି?**

ଉ– କୁଶଳୀ ମାନବସମ୍ବଳର ଅଭାବ ରହୁଛି। ଗତ ୩ ବର୍ଷ ମଧ୍ୟରେ ଡିଲରଶିପ୍ ସଂଖ୍ୟା ଖୁବ୍ ବୃଦ୍ଧି ପାଇଛି। ତେଣୁ ଅଟୋମୋବାଇଲ ଶିଳ୍ପରେ ଅଧିକରୁ ଅଧିକ ଦକ୍ଷ ମାନବସମ୍ବଳର ଆବଶ୍ୟକତା ରହିଛି। ସେମାନଙ୍କୁ ତାଲିମ୍ ପ୍ରଦାନର ଯଥେଷ୍ଟ ଆବଶ୍ୟକତା ରହିଛି।

**ପ୍ର– ବୈଦ୍ୟୁତିକ ଯାନର ସ୍ଥାୟିତ୍ୱ ସମ୍ପର୍କରେ ଆପଣ କ'ଣ ବିଚାର କରୁଛନ୍ତି?**

ଉ– ବୈଦ୍ୟୁତିକ ଯାନକୁ ଲୋକମାନେ ପସନ୍ଦ କରୁଛନ୍ତି। ମାତ୍ର ଏ କ୍ଷେତ୍ରରେ ଚାର୍ଜିଂ ଭିତ୍ତିଭୂମି ଭଳି ଆହ୍ୱାନ ରହିଛି। ତେବେ ଏହା ଜୀବାଶ୍ମ ଇନ୍ଧନ ପାଇଁ ଏକ ବହୁତ ଭଲ ବିକଳ୍ପ। ବର୍ତ୍ତମାନ ବିଭିନ୍ନ ରେଞ୍ଜ୍‌ର ଉତ୍ପାଦ ବଜାରରେ ଉପଲବ୍ଧ। ଗ୍ରାହକ ଥରେମାତ୍ର ଚାର୍ଜ କରି ୪୭୩ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବେ। ବର୍ତ୍ତମାନ ୮ ବର୍ଷ କିମ୍ବା ୧.୬ ଲକ୍ଷ କିଲୋମିଟରର ଭଲ ୱାରେଣ୍ଟି ପ୍ରଦାନ କରାଯାଉଛି। ଫଳରେ ଏହା ଗ୍ରାହକଙ୍କ ବିଶ୍ୱାସଭାଜନ ମଧ୍ୟ ହୋଇପାରୁଛି।

**ପ୍ର– ଗ୍ରାହକଙ୍କୁ ସନ୍ତୋଷଜନକ ସେବା ପ୍ରଦାନ କେତେ ଗୁରୁତ୍ୱ ବହନ କରେ? ଯୁବ ଉଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ– ଏହି ଶିଳ୍ପରେ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ଆମର ପ୍ରାଥମିକତା। ସେବା ଗ୍ରାହକଙ୍କୁ ବାନ୍ଧି ରଖିବାରେ ଯଥେଷ୍ଟ ସାହାଯ୍ୟ କରେ। ଏହି କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ଲୋକମାନେ ପ୍ରଥମେ ନିଜ ଗ୍ରାହକଙ୍କୁ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ସେହିପରି ଦକ୍ଷ କର୍ମଚାରୀ ନିୟୋଜିତ କରିବା ଏବଂ ସେମାନଙ୍କୁ ସବୁବେଳେ ଖୁସି ରଖିବା ଦରକାର। ସେହିପରି ବାହ୍ୟ ଦୁନିଆ ଅନୁସାରେ ନିଜ ସଂସ୍ଥାକୁ ଅପଗ୍ରେଡ୍ କରିବା ଆବଶ୍ୟକ।

–ସାକ୍ଷାତ୍‌କାର: **ଅନୁରାଧା ମହାରଣା,** ଭୁବନେଶ୍ୱର

## ଷ୍ଟଡ୍‌ସ ଆସେସୋରିଜ୍ ପକ୍ଷରୁ ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ,୩୧।୩

ଷ୍ଟଡ୍‌ସ ଆସେସୋରିଜ୍ ଲିମିଟେଡ୍ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ(ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍(ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। ଏପରିକି କମ୍ପାନୀ ଇନିସିଆଲ୍ ପବ୍ଲିକ୍ ଅଫରିଂ ଜରିଆରେ ଇକ୍ୱିଟି ଶେୟାର ଉପଲବ୍ଧକରି ପାଣ୍ଠି ସଂଗ୍ରହ କରିବାକୁ ଯୋଜନା ରଖିଛି। ଏହି ପବ୍ଲିକ୍ ଅଫରରେ ୭,୭୮୬,୧୨୦ ଇକ୍ୱିଟି ଶେୟାର ଉପଲବ୍ଧ କରାଯିବ। ଷ୍ଟଡ୍‌ସ ଆସେସୋରିଜ୍ ଲିମିଟେଡ୍ ପକ୍ଷରୁ ଷ୍ଟଡ୍‌ସ ଓ ଏସ୍‌ଏମ୍‌କେ ବ୍ରାଣ୍ଡ ନାମରେ ଦୁଇଚକିଆ ହେଲ୍‌ମେଟ୍ ଏବଂ ଷ୍ଟଡ୍‌ସ ବ୍ରାଣ୍ଡ ଅଧୀନରେ ଦୁଇଚକିଆ ଲଗେଜ୍, ଗ୍ଲୋଭ୍‌ସ, ହେଲ୍‌ମେଟ୍ ଲକ୍ ଡିଭାଇସ୍, ବର୍ଷା ସୁଟ୍, ରାଇଡିଂ ଜ୍ୟାକେଟ୍ ଓ ଚଷମା ଡିଜାଇନ, ନିର୍ମାଣ, ବଜାର ଓ ବିକ୍ରି କରାଯାଉଛି।

## ଡା. ପ୍ରଜ୍ଞା ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା

ଭୁବନେଶ୍ୱର,୩୧।୩ (ଅଭୟ ଦାଶ)


ଡା. ପ୍ରଜ୍ଞା ପାରମିତା ମିଶ୍ର

ରାଜ୍ୟର ପ୍ରମୁଖ ମହିଳା ଉଦ୍ୟୋଗୀ ତଥା ଚିକିତ୍ସକ ଡା. ପ୍ରଜ୍ଞା ପାରମିତା ମିଶ୍ର ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ଭାବେ ମନୋନୀତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ର ଲେଡିଜ ଅର୍ଗାନାଇଜେଶନ/ମହିଳା ସଙ୍ଗଠନ 'ଫିକି ଫ୍ଲୋ'ର ୪୧ତମ ଫ୍ଲୋ ଆନୁଆଲ ସେସନ ନୂଆଦିଲ୍ଲୀଠାରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଫିକି ଫ୍ଲୋ'ର ଜାତୀୟ ସଭାପତି ପୁନମ ଶର୍ମା ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ନୂତନ ଅଧ୍ୟକ୍ଷା ଡା. ପ୍ରଜ୍ଞା ପାରମିତା ମିଶ୍ରଙ୍କ ନାମ ଘୋଷଣା କରିଛନ୍ତି। ଏପରିକି ଆମେ ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟରରେ ନେତୃତ୍ୱ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରୁଥିବାରୁ ବହୁ ଖୁସି ଲାଗୁଛି। ସେହିଭଳି ଆନୁଷ୍ଠାନିକ ଭାବେ ସେ ଡା. ପ୍ରଜ୍ଞା ପାରମିତା ମିଶ୍ରଙ୍କୁ ଚାପ୍ଟରର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏପରିକି ୨୦୨୫–୨୬ ଆର୍ଥିକ ବର୍ଷ ପାଇଁ ମିଶ୍ର ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେବେ। ଅପରପକ୍ଷରେ ମହିଳା ଉଦ୍ୟୋଗୀ ଏବଂ ବୃତ୍ତିଗତମାନଙ୍କୁ ସଶକ୍ତ କରିବା ପାଇଁ ଫିକି ଫ୍ଲୋର ପ୍ରତିବଦ୍ଧତାକୁ ଜାରି ରଖିବା ସହ ଡା. ପ୍ରଜ୍ଞାଙ୍କ ନେତୃତ୍ୱ ଏହି ଚାପ୍ଟରକୁ ନୂତନ ଦୃଷ୍ଟିକୋଣ ଏବଂ ଅଭିନବ ଚିନ୍ତାଧାରା ଆଣିବ ବୋଲି ଆଶା କରାଯାଉଛି। ସେହିପରି ଏହି ପରିବର୍ତ୍ତନ ଚାପ୍ଟରର ନିରନ୍ତର ଅଭିବୃଦ୍ଧି ଏବଂ ସଫଳତା ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।


**ଅନ୍ୟାନ୍ୟ ଖବର**

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଲୁଟ୍ ଉଦ୍ୟମ

ସୋର,୩୧।୩(ଜନ୍ମେଜୟ ମିଶ୍ର)

ବାଲେଶ୍ୱରଜିଲା ସୋର ବ୍ଲକ ଅନନ୍ତପୁର ବଜାରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ରବିବାର ବିଳମ୍ବିତ ରାତିରେ ଚୋରି ଲୁଟ୍ ଉଦ୍ୟମ ହୋଇଥିଲା।

ଗତ ଶନିବାର ବ୍ୟାଙ୍କ ଖୋଲାଥିବା ବେଳେ କର୍ମଚାରୀମାନେ ବ୍ୟାଙ୍କ ବନ୍ଦ କରି ରାତିରେ ଯାଇଥିଲେ। ରବିବାର ଏବଂ ସୋମବାର ଦୁଇ ଦିନ ବ୍ୟାଙ୍କ ବନ୍ଦ ଥିବାରୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବ୍ୟାଙ୍କ ପଛପଟ ଝରକା ଓ ଗ୍ରୀଲ ଭାଙ୍ଗି ଭିତରେ ପଶିଥିଲେ। ଭିତରେ ଲାଗିଥିବା ସିସିଟିଭି ହାର୍ଡଡିସ୍କକୁ ଚୋରି କରି ନେଇଥିବା ବେଳେ ଆଇରନ ଚେଷ୍ଟକୁ ଭାଙ୍ଗି ନ ପାରି ନିରାଶ ହୋଇ ଫେରିଯାଇଥିଲେ। ବ୍ୟାଙ୍କ ଛୁଟି ଥିବାରୁ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଲୋକେ ବ୍ୟାଙ୍କର ଝରକା ଓ ଗ୍ରୀଲ ଭଙ୍ଗା ଯାଇଥିବା ଦେଖି ବ୍ୟାଙ୍କ ମ୍ୟାନେଜରଙ୍କୁ ଖବର ଦେଇଥିଲେ। ବ୍ୟାଙ୍କ ମ୍ୟାନେଜର ଏବଂ ଅନ୍ୟ କର୍ମଚାରୀମାନେ ପହଞ୍ଚି ବ୍ୟାଙ୍କରେ ଥିବା ଟଙ୍କା ଗଣୁଥିବା ଜଣାପଡିଛି। ଏନେଇ ଅନନ୍ତପୁର ଫାଣ୍ଡିରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ସ୍ଥିତି ଅନୁଧ୍ୟାନ କରିବା ପରେ ମ୍ୟାନେଜର ଅଭିଯୋଗ କରିବେ ବୋଲି ଜଣାପଡିଛି।



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭାଷା, ସଂସ୍କୃତି ବଞ୍ଚାଇବାକୁ ସଂଘର୍ଷ

## ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ଦୁଃଖ

ବାରିପଦା, ୩୧।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଚ୍ଛିନ୍ନାଞ୍ଚଳରେ ମାତୃଭାଷା ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ଓଡ଼ିଆମାନେ ସଂଘର୍ଷ ଜାରି ରଖିଛନ୍ତି। ଅବିଭକ୍ତ ପୂର୍ବ ଓ ପଶ୍ଚିମ ସିଂହଭୂମ ସହ ଷଢ଼େଇକଳା–ଖରସୁଆଁ ଭଳି ୩ ଜିଲା ଓଡ଼ିଆ ବହୁଳ ଅଞ୍ଚଳ ହୋଇଥିବା ବେଳେ ସେଠାରେ ଓଡ଼ିଆ ଭାଷା ଓ ସଂସ୍କୃତି ଲୋପ ପାଇବାକୁ ବସିଛି। ୫୨ବର୍ଷ ବିହାର ଓ ୨୫ ବର୍ଷ ଝାଡ଼ଖଣ୍ଡ ରାଜ୍ୟରେ ରହିବା ପରେ ମଧ୍ୟ ଓଡ଼ିଆ ଭାଷାକୁ ମାନ୍ୟତା ମିଳିପାରିଲା ନାହିଁ। ବିହାର ଓ ଝାଡ଼ଖଣ୍ଡ ସରକାରଙ୍କ ଉଦାସୀନତା ଏବଂ ଅବହେଳା ପାଇଁ ଭାଷା ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟକୁ ସ୍ୱୀକାର କରାଯାଉନାହିଁ। ଫଳରେ ଏହି ୩ ଜିଲାରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀ ଲୋକେ ଏବେ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ସଂଘର୍ଷ ଜାରି ରଖିଛନ୍ତି।

ଦୀର୍ଘ ଦିନର ଆନ୍ଦୋଳନ ପରେ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶାକୁ ସ୍ୱୀକୃତି ମିଳିଥିଲା। ଦେଶ ସ୍ୱାଧୀନ ହେବା ପରେ ଚକ୍ରାନ୍ତ ପୂର୍ବକ କେନ୍ଦ୍ର ଓ ବିହାର ରାଜ୍ୟ ସରକାର ଓଡ଼ିଶାର ଗଡ଼ଜାତ ଅଞ୍ଚଳ ଷଢ଼େଇକଳା–ଖରସୁଆଁ, ଚାଇଁବସା, ଚକ୍ରଧରପୁର, ପୋଡ଼ାହାଟ ଆଦିକୁ ୧୮ମେ ୧୯୪୮ରେ ସାମୟିକ ଭାବେ ନେଇଥିଲେ ମଧ୍ୟ ଅଦ୍ୟାବଧି ଫେରି ପାରିଲାନାହିଁ। ଫଳରେ ଓଡ଼ିଶା ବାହାରେ ରହୁଥିବା ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ପୂର୍ବାବସ୍ଥାକୁ ଫେରିପାରିଲା ନାହିଁ। ଅବିଭକ୍ତ ବିହାର ରାଜ୍ୟରେ ଉକ୍ତ ଅଞ୍ଚଳଗୁଡ଼ିକ ରହିଥିବା ବେଳେ ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ଯାହାକିଛି ସୁବିଧା ମିଳୁଥିଲା, ମାତ୍ର ୨୦୦୦ ମସିହାରେ ଝାଡ଼ଖଣ୍ଡ ରାଜ୍ୟ ଗଠନ ହେବା ପରେ ଉକ୍ତ ଅଞ୍ଚଳଗୁଡ଼ିକ ଏହି ରାଜ୍ୟ ଅଧୀନକୁ ଆସିଥିଲା। ସେହି ଦିନଠାରୁ ଓଡ଼ିଆ ଭାଷା କ୍ରମଶଃ କ୍ଷୀଣ ହେବାକୁ ବସିଛି। ଅନେକ ଦାବି ପରେ ୧୧ ସେପ୍ଟେମ୍ବର ୨୦୧୧ରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ସମୟରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ଦିଆଯାଇଥିଲା। ହେଲେ ବର୍ତ୍ତମାନର ସ୍ଥିତିରେ ଶାସ୍ତ୍ରୀୟ ଓଡ଼ିଆ ଭାଷାକୁ ଝାଡ଼ଖଣ୍ଡ ରାଜ୍ୟ ସରକାର ବିଲୋପ କରିବାକୁ ବସିଛନ୍ତି। ସେଠାକାର ଲକ୍ଷ ଲକ୍ଷ ମୂଳବାସୀଙ୍କ ଓଡ଼ିଆ ଭାଷାକୁ ବାଦ୍ ଦେଇ ବଙ୍ଗଳା, ସଂସ୍କୃତ, ଉର୍ଦ୍ଦୁ, ମୁଣ୍ଡାରୀ, ସାନ୍ତାଳୀ, ହୋ, ଖଡ଼ିଆ, କୁଡୁଖ, ନାଗପୁରି, କୁଡୁମାଲୀ, ଖୋରଠା ଓ ପଞ୍ଚପରଗଣିଆ ଆଦି ଭାଷାଗୁଡ଼ିକୁ ବିଭିନ୍ନ ପରୀକ୍ଷା ଓ ସିଲାବସରେ ସାମିଲ କରାଯାଇଛି। ହେଲେ ମୂଳ ଭାଷା ଓଡ଼ିଆକୁ ବୁଡ଼ାଇବା ପାଇଁ ଝାଡ଼ଖଣ୍ଡ ସରକାର ବିଧିବଦ୍ଧ ଯୋଜନା କରିଛନ୍ତି ବୋଲି ଅପେରା ନିର୍ଦ୍ଦେଶକ ବରୁଣ କୁମାର ସାହୁ ଓ ଷଢ଼େଇକଳା ବାସିନ୍ଦା ବଦ୍ରିନାରାୟଣ ଦାରୋଗା କହିଛନ୍ତି। ସେଠାକାର ଲୋକେ ଘରେ ଘରେ ଓଡ଼ିଆ ଭାଷାରେ କଥାବାର୍ତ୍ତା ହେବା ସହ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ପାଳନ କରୁଛନ୍ତି। ଏବେ ଭାଷା ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସେମାନଙ୍କୁ ଅନେକ ସଂଘର୍ଷ କରିବାକୁ ପଡୁଛି। ଏବେ ଆମକୁ ଏକୁଟିଆ ଲାଗୁଛି। ଆମକୁ ଝାଡ଼ଖଣ୍ଡ ସରକାର ଦେଖୁଛି ନା ଓଡ଼ିଶା ସରକାର ଆମ ପ୍ରତି ଦୃଷ୍ଟି ଦେଉଛନ୍ତି ବୋଲି ଅପେରା ନିର୍ଦ୍ଦେଶକ ସାହୁ ଓ ଷଢ଼େଇକଳା ବାସିନ୍ଦା ଦାରୋଗା କହିଛନ୍ତି। ବିଚ୍ଛିନ୍ନାଞ୍ଚଳର ଏହି ୩ ଜିଲା ଓଡ଼ିଶାରେ ମିଶ୍ରଣ ହେଲେ ଓଡ଼ିଆ ଲୋକଙ୍କୁ ପୂର୍ଣ୍ଣ ସ୍ୱାଧୀନତା ମିଳିପାରନ୍ତା ବୋଲି ସଞ୍ଜୀବ କୁମାର ପତି କହିଛନ୍ତି।

ସେହିପରି ଉକ୍ତ ଅଞ୍ଚଳରେ ପାଖାପାଖି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଓଡ଼ିଆ ଭାଷାଭାଷୀ ଲୋକ ବସବାସ କରୁଥିବା ବେଳେ ୮୦ ପ୍ରତିଶତ ଓଡ଼ିଆରେ କଥାବାର୍ତ୍ତା ହେଉଛନ୍ତି। ୩ ଜିଲାରେ ୨୯୪ଟି ଓଡ଼ିଆ ଗ୍ରାମ ରହିଥିବା ବେଳେ ସେଠାରେ ଜଗନ୍ନାଥ ସଂସ୍କୃତି ଓ ଉତ୍କଳୀୟ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ପ୍ରତିଟି ଗାଁ ମୁଣ୍ଡରେ ଜଗନ୍ନାଥ ମନ୍ଦିର ରହିଥିବା ବେଳେ ପର୍ବପର୍ବାଣି, ଯାନିଯାତ୍ରା ସବୁଥିରେ ଓଡ଼ିଆ ଛାପ ସ୍ପଷ୍ଟ ଭାବେ ବାରି ହୋଇପଡ଼େ। ଏପରିସ୍ଥଳେ ଝାଡ଼ଖଣ୍ଡ ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ବିଧାନସଭା, ଲୋକ ସଭା କିମ୍ବା ରାଜ୍ୟ ସଭାରେ ଓଡ଼ିଆଙ୍କ ଦୁଃଖ କେହି ଉଠାଉ ନାହାନ୍ତି। ଏଠାରେ ଆମକୁ ଓଡ଼ିଆ ବୋଲି ରାଜ୍ୟବାସୀ ତିରସ୍କାର କରୁଥିବା ବେଳେ ଓଡ଼ିଶା ଗଲେ ବିହାରୀ କହି ତଡ଼ି ଦେଉଛନ୍ତି। ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟରେ ଆମେ ଓଡ଼ିଶାରେ ଥିଲୁ ଏବଂ ଗୋଟିଏ ବର୍ଷ ପାଇଁ ଆମକୁ ବିହାର ରାଜ୍ୟକୁ ଟେକି ଦିଆଯାଇଥିଲା। ମାତ୍ର ଚକ୍ରାନ୍ତର ଶିକାର ହୋଇଥିବା ଅଞ୍ଚଳବାସୀଙ୍କ ପ୍ରତି ଓଡ଼ିଶା ସରକାର ମଧ୍ୟ ଆଖିବୁଜି ଦେଇଛନ୍ତି। ବାହାର ରାଜ୍ୟର ଲୋକ ହୋଇ ଓଡ଼ିଆ ଭାଷାକୁ ବଞ୍ଚାଇବା ପାଇଁ ପ୍ରାଣପଣେ ଚେଷ୍ଟା ଜାରି ରଖିବା ସହିତ ପ୍ରତିବର୍ଷ ଭଳି ଏପ୍ରିଲ ୧ରେ ଓଡ଼ିଶା ଦିବସ ପାଳନ କରିବୁ ବୋଲି ଷଢ଼େଇକଳା ବାସିନ୍ଦା କାଶୀନାଥ କର, ଚକ୍ରଧରପୁର ଅଞ୍ଚଳର ସରୋଜ ପ୍ରଧାନ ଓ କାର୍ତ୍ତିକ ପରିଛା କହିଛନ୍ତି।


**PUBLIC NOTICE**

**CAUTION AGAINST FRAUDULENT OFFERS BY "DREAM'S GROUP" IN THE NAME OF BAIF**

It has come to our notice that fake letters and E-mails are being circulated by a certain organisation which goes by the name of "Dream'sGroup". This organisation is falsely claiming association with BAIF and fraudulently offering selection as "Swarojgar Maitri".
All the concerned and the general public are hereby informed that BAIF does not have any association whatsoever, directly or indirectly with Dream's Group and as such, it does not recognize any such entity. Further, BAIF is not implementing any programme known as "Swarojgar Maitri".
Hence, all the concerned and the general public are hereby cautioned against such fake communications by unauthorized persons / entities. Any person dealing with such unscrupulous elements will be doing so at his / her risk and cost. BAIF shall in no way be responsible for the consequences thereof.

Sd/-
State Head BAIF
Institute for Sustainable Livelihoods and Development – Odisha


## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥୋକାଏ ଦିଅଇ ଯେହୁ**
**ଥୋକାଏ ସଞ୍ଚଇ,**
**ଇହ ପରଲୋକ ସବୁ**
**ସୁଖ ସେ ଲଭଇ।**

ଧର୍ମାର୍ଥେ ଅର୍ଥବ୍ୟୟ ବାଞ୍ଛନୀୟ। ଦାନ ଧର୍ମ କରୁଥିବା ବ୍ୟକ୍ତି ଅଶେଷ ପୁଣ୍ୟ ଲାଭ କରିବା ସହ ପରଲୋକରେ ସଦଗତି ପ୍ରାପ୍ତ ହୋଇଥାନ୍ତି। ଏଠାରେ ଦାନ, ଧର୍ମ, ସଞ୍ଚୟ ଏବଂ ସୁଖର ଗତି ନିରୂପଣ କରାଯାଇଛି।

**ଥଟାରି ଘର ପାରା,**
**ତାକୁ କି କୁଲା ଡାଉଁ ଡାଉଁ ଡରା?**

ଯିଏ ବହୁ ଘାତ ପ୍ରତିଘାତ ଅତିକ୍ରମ କରି ଆସିଛି ସେ ସାମାନ୍ୟ ଡରାଣରେ ଭୟଭୀତ ବା ବିଚଳିତ ହୋଇ ନ ଥାଏ। ବଡ଼ ବିପଦ ସହିଥିବା ଲୋକ ପାଖରେ ସାମାନ୍ୟ ବିପଦର ମୂଲ୍ୟ ନ ଥାଏ। ଯିଏ ଜଟିଳ ପରିସ୍ଥିତି ଦେଇ ଗତି କରି ଜାଣେ ସେ ସାମାନ୍ୟ ଅସୁବିଧାକୁ ଭ୍ରୂକ୍ଷେପ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଚେତାବନୀ

ତାଳଚେର,୩୧।୩(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍ ଦ୍ୱାରା ବାସଚ୍ୟୁତ ଜମି କ୍ଷତିଗ୍ରସ୍ତ ପାପ୍ ପାର୍ଟନରଶିପ୍ ଫାର୍ମଗୁଡ଼ିକରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ବନ୍ଦ କରାଯାଇ ବେଆଇନ ଟ୍ରାନ୍ସପୋର୍ଟିଂ ଫାର୍ମଗୁଡ଼ିକୁ ଖାରଜ କରି ଲିଗାଲ ଟ୍ରାନ୍ସପୋର୍ଟିଂ ଫାର୍ମଗୁଡ଼ିକୁ କାର୍ଯ୍ୟାଦେଶ ଦିଆଯିବାକୁ ପାପ୍ ପାର୍ଟନରଶିପ୍ ଫାର୍ମ ମହାସଂଘର ୬ ଜଣ ସଦସ୍ୟ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ମହାସଂଘର ୬ ସଦସ୍ୟ ଦେବାର୍ଚ୍ଚନ ନାଏକ, ରଞ୍ଜିତା ନାଏକ, ବିଭୂତି ନାଏକ, ଝିଲି ବେହେରା, ଝୁନୁ ବେହେରା, ଟିକା ଗୋବିନ୍ଦ ଚନ୍ଦ୍ର ନାଏକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଛନ୍ତି। ମହାସଂଘ ସଦସ୍ୟମାନେ ଉଲ୍ଲେଖ କରିଛନ୍ତି, ଉକ୍ତ ବିଷୟରେ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର, ଭୁବନେଶ୍ୱରୀ କ୍ଷେତ୍ର, ଭରତପୁର କ୍ଷେତ୍ର ଏବଂ ଲିଙ୍ଗରାଜ କ୍ଷେତ୍ର ଅଧିକାରୀ ଜିଲା ପ୍ରଶାସନକୁ ମିଥ୍ୟା ତଥ୍ୟ ଦେଉଥିବାରୁ ଜିଲା ପ୍ରଶାସନ ସମସ୍ୟାର ସମାଧାନ ହୋଇଯାଇଛି ବୋଲି ଗତ ୨୪ ନଭେମ୍ବର ୨୦୨୪ରେ ରାଜ୍ୟ ସରକାରଙ୍କୁ ଜଣାଇଛି। ଗତ ୧୩ ସେପ୍ଟେମ୍ବର ୨୦୨୨ରେ ତାଳଚେର ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏମ୍‌ସିଏଲ୍ ତାଳଚେରର ବିଭିନ୍ନ ପ୍ରକାର ବେଆଇନ ଫାର୍ମଗୁଡ଼ିକର ଲିଖିତ ପ୍ରମାଣ ଦିଆଯିବାରୁ ସେହିଦିନ ଠାରୁ ଏମ୍‌ସିଏଲ୍ ତାଳଚେର କ୍ଷେତ୍ର ଅଧିକାରୀ ଓ ଇଲିଗାଲ ଫାର୍ମଗୁଡ଼ିକର ସଦସ୍ୟମାନେ ମହାସଂଘର ସଦସ୍ୟମାନଙ୍କୁ ଧମକ ଚମକ ଦେଉଥିବାରୁ ଜୀବନ ପ୍ରତି ବିପଦ ରହୁଛି। ତେଣୁ ପାପ୍ ପାର୍ଟନରଶିପ୍ ଫାର୍ମଗୁଡ଼ିକରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ବନ୍ଦ କରାଯାଇ ବେଆଇନ ଟ୍ରାନ୍ସପୋର୍ଟିଂ ଫାର୍ମଗୁଡ଼ିକୁ ଖାରଜ କରି ଲିଗାଲ ଟ୍ରାନ୍ସପୋର୍ଟିଂ ଫାର୍ମଗୁଡ଼ିକୁ କାର୍ଯ୍ୟାଦେଶ ଦିଆଯିବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି।


**ପ୍ରେସ୍ ଅଧିସୂଚନା**

**ଭାରତ ସରକାର**
**ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**
**ରେଳପଥ ନିରାପତ୍ତା ଆୟୁକ୍ତ**

ଶ୍ରୀ ବ୍ରିଜେଶ କୁମାର ମିଶ୍ର, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧିନସ୍ଥ ରେଳ ନିରାପତ୍ତା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, କୋଲକାତା, ଆସନ୍ତା ତା.01.04.2025ରିଖ ଏବଂ ତା.02.04.2025ରିଖ, 1000 ଘଟିକା ଠାରୁ ପୂର୍ବ ତଟ ରେଳପଥର ମଣ୍ଡଳ ରେଳ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼ ମଣ୍ଡଳଙ୍କ କାର୍ଯ୍ୟାଳୟ ଠାରେ ''30.03.2025ରିଖ 11.54 ଘଟିକା ସମୟରେ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ କଟକ-ଭଦ୍ରକ ସେକ୍ସନର କେନ୍ଦ୍ରାପଡ଼ା ରୋଡ଼-ନିର୍ଗୁଣ୍ଡି ମଧ୍ୟରେ କି.ମି. 401/2-14, BG, ବିଦ୍ୟୁତୀକୃତ ଡବଲ ଲାଇନ୍ ଅଟୋ ସିଗ୍ନାଲିଙ୍ଗ୍ ସେକ୍ସନ୍ ଠାରେ 12551 (SMVB, ବାଙ୍ଗାଲୋର-କାମାକ୍ଷା AC ସୁପରଫାଷ୍ଟ) ଏକ୍ସପ୍ରେସ୍‌ର 11 ସଂଖ୍ୟକ କୋଚ୍ ଏବଂ 01 ପ୍ୟାଣ୍ଟ୍ରି କାର୍‌ର ଲାଇନଚ୍ୟୁତ ସମ୍ପର୍କରେ'' ବୈଧାନିକ ତଦନ୍ତ କରିବେ।

ଏହି ଦୁର୍ଘଟଣା ସମ୍ପର୍କରେ ସବିଶେଷ ଜ୍ଞାନ ଥିବା ଯେକୌଣସି ବ୍ୟକ୍ତିବିଶେଷ ତଥ୍ୟ ଉପସ୍ଥାପନ କରିବାର ଥିଲେ କିମ୍ବା ପ୍ରମାଣ ପ୍ରଦାନ କରିବାକୁ ଇଚ୍ଛୁକ ଥିଲେ ଉପରୋକ୍ତ ପ୍ରଦାନ କରାଯାଇଥିବା ସ୍ଥାନ ଓ ତାରିଖରେ ନିଜେ ଉପସ୍ଥିତ ରହି ସାକ୍ଷ୍ୟ ପ୍ରଦାନ କରିପାରିବେ କିମ୍ବା ସିଧାସଳଖ ରେଳପଥ ନିରାପତ୍ତା ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, 14-ଷ୍ଟ୍ରାଣ୍ଡ ରୋଡ଼, 12ତମ ମହଲା, କୋଏଲାଘାଟ୍ ଷ୍ଟ୍ରିଟ୍, କୋଲକାତା-700001, ଇମେଲ: crssec@er.railnet.gov.in ଙ୍କୁ ଲିଖିତ ଭାବରେ ନିଜର ସୂଚନା ପ୍ରଦାନ କରିପାରିବେ।

PR-1143/P/24-25 — **ମଣ୍ଡଳ ରେଳ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼**

**ପୂର୍ବ ତଟ ରେଳପଥ**



**ODISHA HYDRO POWER CORPORATION LTD.**
OHPC
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
AT/P.O.: BARINIPUT, DIST.: KORAPUT - 764006, ODISHA, PHONE: 242001 (O),
FAX: (06854) 242038, e-mail: sgmel_ukhep@ohpcltd.com
CIN: U40101OR1995SGC003963

**TENDER CALL NOTICE NO. 38/2024-25 Dated: 25.03.2025**

No. CAD-2973: Sealed tenders are invited from the reputed firm/agency who have sufficient work experience in similar nature of works in Hydro Power Station. Work order in support of experience at least one during last 03 years to be submitted along with tender.

| Sl. No. | Name of the works to be executed under UKHEP, Bariniput | Cost of Tender Paper (in Rs.) (Non-refundable) | EMD (in Rs.) (Refundable) |
|---|---|---|---|
| 01 | Load shifting & Load Testing arrangements of 02 numbers 125/25 T EOT Cranes of Power Hosue with painting of Load testing platform of UKHEP, Bariniput | 2360/- (2000 + GST @ 18%) | Rs.3250/- |

Sale of tender paper : From 10.00 hrs. of 03.04.25 to 11.00 hrs. of 30.04.2025
Last date of submission of tender : Upto 12.00 hrs. of 30.04.2025
Date & time of opening of tender : At 12.30 hs. of 30.04.2025
For details of the tender documents, terms and conditions please visit our website **www.ohpcltd.com**.
If the date of opening of tender happens to be a holiday, the next working day will be the corresponding effective date.

**Sd./- C&P HEAD**
**Upper Kolab HE Project, Bariniput**
OIPR-04002/11/0066/2425



**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, RENGALI RIGHT CANAL DIVISION NO. V, ATHAGARH**
Email Id - sercdivision5@gmail.com

**'e' Procurement Notice**

No. A-1240: The Superintending Engineer, Rengali Right Canal Division No. V, Athgarh on behalf of the Governor of Odisha invites online percentage rate bids in single cover system for execution of the work as detailed below:

1. Name of the work : Replacement of old over head water tank with new ones and repair & maintenance of sanitary fittings in the F-type & E-type quarters of Rengali Irrigation Colony, Khuntakata, Athagarh of RRIP.
2. Tender Cost : Rs.6,37,269.00
3. Bid Document Cost : Rs.4,000.00 (Online)
4. Bid Security/EMD : Rs.6400.00
5. Class of Contractor : "C" & "D" Class Contractor
6. Period of Completion : 01 (One) Calendar Month including monsoon
7. Other details are as follows :

| Procurement Officer | Bid Identification No. | Availability of tender Online for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Rengali Right Canal Division No. V, Athagarh | SERRCD-V-02/ 2024-25 | 03.04.2025 10.00 A.M. | 15.04.2025 5.30 P.M. | 16.04.2025 11.30 A.M. |

Further details can be seen from the e-procurement portal **https://www.tendersodisha.gov.in**. Any addendum/ corrigendum/cancellation to the above notice will be published in the Govt. website **www.tendersodisha.gov.in**.

**Sd./- Superintending Engineer**
**Rengali Right Canal Division No. V, Athagarh**
OIPR-32545/11/0001/2425

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରଘୁନାଥଙ୍କ ଶତକ, ସୟଦ ଜାକିଙ୍କୁ ୫ ଉଇକେଟ

## କଳାହାଣ୍ଡି କପ୍

ଭୁବନେଶ୍ୱର, ୩୧।୩ (ବିଜୟ ରଣା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ବିଭିନ୍ନ ଖେଳପଡ଼ିଆରେ ଚାଲିଥିବା କଳାହାଣ୍ଡି କପ୍ ଦ୍ୱିତୀୟ ପର୍ଯ୍ୟାୟ ଲିଗ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର 'ଏ', ଅନୁଗୋଳ, ରାଉରକେଲା, ମାଲକାନଗିରି, ସମ୍ବଲପୁର 'ଏ', ଝାରସୁଗୁଡ଼ା, ଭଦ୍ରକ, କଟକ 'ବି' ଓ ଗଞ୍ଜାମ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଭୁବନେଶ୍ୱର 'ଏ' ୧୪୪ ରନରେ ଦେବଗଡ଼କୁ ହରାଇ ଦେଇଛି। ଏଥିରେ ୧୨୦ ବଲ୍‌ରୁ ୧୨୪ ରନ କରିଥିବା ବିଜୟୀ ଦଳର ରଘୁନାଥ ମଲ୍ଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଗୋଳ ୨୬ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ଏଥିରେ ରାକେଶ ବିଶ୍ୱାଳ (୪୫ ରନ ଓ ୧ ଉଇକେଟ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଖୋର୍ଦ୍ଧା ଗ୍ରାଉଣ୍ଡରେ ପୁରୀ ବିପକ୍ଷରେ ରାଉରକେଲା ୧୬୫ ରନରେ ବିଜୟ ଲାଭ କରିଛି। ଏଥିରେ ରାଉରକେଲାର ଶୁଭଙ୍କର ବିଶ୍ୱାସ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ସେ ମ୍ୟାଚରେ ୧୦୪ ବଲ୍‌ରେ ୧୨୨ରନ କରିଥିଲେ। ଜଟଣୀ ରେଲୱେ ଗ୍ରାଉଣ୍ଡରେ ମାଲକାନଗିରି ୫ ଉଇକେଟରେ ବାଲେଶ୍ୱରକୁ ପରାଜିତ କରିଛି। ଏଥିରେ ବିଜୟ ଦଳର ଦୀନେଶ ହାଲ୍‌ବା (୧୩ ରନ ଓ ୩ ଉଇକେଟ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସନ ସାଇନ୍ ଗ୍ରାଉଣ୍ଡରେ ବରଗଡ଼ ବିପକ୍ଷରେ ସମ୍ବଲପୁର 'ଏ'୧୫୬ ରନରେ ବିଜୟୀ ହୋଇଛି। ଏଥିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ସୟଦ ଜାକି ତାଙ୍କ ୭ ଓଭର ବୋଲିଂରେ ୩ ମେଡେନ ସହ ୧୨ ରନ ବିନିମୟରେ ୫ଉଇକେଟ ଅକ୍ତିଆର କରିଛନ୍ତି। ସେହିପରି ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଝାରସୁଗୁଡ଼ା ୬ ଉଇକେଟରେ ସୋନପୁରକୁ ହରାଇ ଦେଇଛି। ଏଥିରେ ୬୧ ରନ କରି ଅପରାଜିତ ରହିଥିବା ମହମ୍ମଦ ଶାହ ଅର୍ମାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅଡ଼ଶପୁର ଗ୍ରାଉଣ୍ଡରେ ଭଦ୍ରକ ୬ ଉଇକେଟରେ ରାୟଗଡ଼ାକୁ ହରାଇ ଦେଇଛି। ଏଥିରେ କ୍ଷମାସାଗର ବଳ (୫୨* ରନ ଓ ୩ ଉଇକେଟ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।ରେଲୱେ ଷ୍ଟାଡିୟମ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ କଟକ 'ବି' ୨୪ ରନରେ କିଟ୍‌କୁ ପରାସ୍ତ କରିଛି। ଏଥିରେ ତାପସ ଲେଙ୍କା (୩/୩୩) ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ସେହିପରି ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଗଞ୍ଜାମ ୫ ଉଇକେଟରେ ଢେଙ୍କାନାଳକୁ ହରାଇ ଦେଇଛି। ଏଥିରେ ବିଜୟୀ ଦଳର ଅଭିନୀତ ପଟ୍ଟନାୟକ (୩/୧୮) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।


ରଘୁନାଥ ମଲ୍ଲ



କ୍ଷମାସାଗର ବଳ


ସୟଦ ଜାକି

# ଖୋର୍ଦ୍ଧା ଜିଲା ସ୍କୁଲ ରନର ଅପ୍


ଟ୍ରଫି ସହ ରନର୍ ଅପ୍ ଖୋର୍ଦ୍ଧା ଜିଲା ଦଳ।

## ଓଡ଼ିଶା ରାଜ୍ୟ ସ୍କୁଲ ସ୍ତରୀୟ ଜୁଡ଼ୋ

ଭୁବନେଶ୍ୱର, ୩୧।୩ (ବିଜୟ ରଣା)

ପ୍ରଥମ ଓଡ଼ିଶା ରାଜ୍ୟ ସ୍କୁଲସ୍ତରୀୟ ଜୁଡ଼ୋ ପ୍ରତିଯୋଗିତା କଟକସ୍ଥିତ ଖ୍ରୀଷ୍ଟ ମହାବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲାର ସ୍କୁଲରୁ ପ୍ରାୟ ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଖୋର୍ଦ୍ଧା ଜିଲା ସ୍କୁଲ ୨୨ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୨୭ ବ୍ରୋଞ୍ଜ ପଦକ ସହ ରନରଅପ୍ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜୁଡୋ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି ଦେବାଶିଷ କର ଓ ସମ୍ପାଦକ ସିହାନ ନିତାଇ ଶଙ୍କର ଗୁଇଁ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ଚନ୍ଦନ ସିନିୟର ଚାମ୍ପିୟନ ଅଫ୍ ଚାମ୍ପିୟନ


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ଅଲ୍ ଓଡ଼ିଶା ଓପନ୍ ବାହୁକୁସ୍ତି

ଭୁବନେଶ୍ୱର ୩୧।୩ (ବିଜୟ ରଣା)

କଟକ ଚୌଧୁରୀ ବଜାର ସ୍ଥିତ କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ ଆନୁକୂଲ୍ୟରେ ମଠସାହିର ମାଁ ମଙ୍ଗଳା ପୂଜାକମିଟି ଓ ବାପୁଜୀ କ୍ଲବର ମିଳିତ ଉଦ୍ୟମରେ ଅଲ୍ ଓଡ଼ିଶା ଓପନ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନିୟର ୫୦ କେ.ଜି. ବଦ୍ରି ରାଜ, ୬୦ କେ.ଜି. ପୀୟୁଷ ପ୍ରଧାନ, ୭୦ କେ.ଜି. ମଳୟ ରାଉତ, ୮୦ କେ.ଜି. ରାମ ଦାସ, ୯୦ କେ.ଜି. ଆଦିତ୍ୟ ନାୟକ, ସିନିୟର ୫୫ କେ.ଜି. ସଞ୍ଜିତ୍ ନାୟକ, ୬୦ କେ.ଜି. ଆଲୋକ ମହାପାତ୍ର, ୬୫ କେ.ଜି. ରାହୁଲ୍ ମୁଖୀ, ୭୦ କେ.ଜି. ବିକି ନାୟକ, ୭୫ କେ.ଜି. ଚିନ୍ମୟ ରାଉତ, ୮୦ କେ.ଜି. ଆକାଶ ମୁଖୀ, ୮୫ କେ.ଜି. ଦେବାଶିଷ ଦାସ, ୯୦ କେ.ଜି. ମୁକେଶ ମାହାର୍, ୧୦୦ କେ.ଜି. ଚନ୍ଦନ ମହାପାତ୍ର, ୧୧୦ କେ.ଜିରୁ ଊର୍ଦ୍ଧ୍ୱ ବିଜୟ ରାଜ ମୁଖୀ, ମହିଳା ୫୦ କେ.ଜି. ମଧୁସ୍ମିତା ସେନାପତି, ୬୦ କେ.ଜି. ଦୀପାଲି ନାୟକ, ୭୦ କେ.ଜି. ଦେବସ୍ମିତା ଗୋସ୍ୱାମୀ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବିଭାଗରେ ଚାମ୍ପିୟନ ଅଫ୍ ଚାମ୍ପିୟନ ଆଦିତ୍ୟ ନାୟକ, ମହିଳା ଚାମ୍ପିୟନ ଅଫ୍ ଚାମ୍ପିୟନ ମଧୁସ୍ମିତା ସେନାପତି, ସିନିୟର ବିଭାଗରେ ଚାମ୍ପିୟନ ଅଫ୍ ଚାମ୍ପିୟନ ଚନ୍ଦନ ମହାପାତ୍ର କୃତୀତ୍ୱ ଅର୍ଜନ କରି ସିଲଭର ବେଲ୍ଟ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ବିଧାୟିକା ସୋଫିଆ ଫିର୍‌ଦୋସ୍ ଓ ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ସବିତା ନାୟକ ଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂ. ମହମ୍ମଦ ମୋକିମ୍, ଅତିଥି ଭାବେ ବନଲତା ପ୍ରଧାନ, ଗଗନ ଓଝା, ସଞ୍ଜୟ ଶର୍ମା, ସ୍ମୃତି ପଟ୍ଟନାୟକ, ରାମଚନ୍ଦ୍ର ଗୋଚ୍ଛାୟତ, ସତ୍ୟଦୀପ ସାହୁ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମା'ମଙ୍ଗଳା ପୂଜାକମିଟିର ସଂପାଦକ ଅନୀଲ୍ କୁମାର ନାୟକ, ସଭାପତି ମଧୁସୂଦନ ଘଡ଼େଇ, ରାଜେନ୍ଦ୍ର ଘଡ଼େଇ, ଅଭିମନ୍ୟୁ ନାୟକ ଏବଂ ବାପୁଜୀ କ୍ଲବ୍‌ର ସଭାପତି ସୁବାଷ ନାୟକ, ସଂପାଦକ ସହଦେବ ନାୟକଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ନରେନ୍ଦ୍ର ଭାରତୀୟ ଦଳର ନେତୃତ୍ୱ ନେବେ

**ନୂଆଦିଲ୍ଲୀ,୩୧।୩(ପି.ଟି.):** ବ୍ରାଜିଲର ଫଜ ଡୋ ଆଇଗୁଆକୁରେ ହେବାକୁ ଯାଉଥିବା ଉଦ୍‌ଘାଟନୀ ବିଶ୍ୱ ବକ୍ସିଂ କପ୍ ଟୁର୍ନାମେଣ୍ଟରେ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ନରେନ୍ଦ୍ର ବେରୱାଲ ୧୦ ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ। ଗତ ଫେବୃଆରୀରେ ଅନ୍ତର୍ଜାତୀୟ ବକ୍ସିଂ ଫେଡେରେଶନ ଭାବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିଠାରୁ ସ୍ୱୀକୃତି ପାଇବା ପରେ ୱାର୍ଲ୍ଡ ବକ୍ସିଂ (ଡବ୍ଲ୍ୟୁବି) ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ଏହା ପ୍ରଥମ ଟୁର୍ନାମେଣ୍ଟ ହେବ। ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ହେବ। କିନ୍ତୁ ଭାରତ କେବଳ ପୁରୁଷ ବକ୍ସରଙ୍କୁ ପଠାଇଛି। କାରଣ ମହିଳାଙ୍କ ଜାତୀୟ ଚାମ୍ପିୟନଶିପ ଗୁରୁବାର ଶେଷ ହୋଇଥିଲା। ତେବେ ଡବ୍ଲ୍ୟୁବି ଦ୍ୱାରା ନୂଆ ଓଜନ କ୍ୟାଟେଗୋରୀ ଅଣାଯିବା ପରେ ଭାରତୀୟ ବକ୍ସରମାନେ ପ୍ରଥମ ଥର ପାଇଁ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛନ୍ତି। ପ୍ରତ୍ୟେକ ଓଜନ କ୍ୟାଟେଗୋରୀରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବକ୍ସରଙ୍କୁ ଏକ ସପ୍ତାହ ଲମ୍ବା କ୍ୟାମ୍ପ ଲାଗି ବ୍ରାଜିଲ ପଠାଯାଇଥିଲା। ଅନଫିଟ୍ ଥିବା ସୁମିତ (୮୫କେଜି)ଙ୍କ ବ୍ୟତୀତ ସମସ୍ତ ଜାତୀୟ ଚାମ୍ପିୟନ ଟୁର୍ନାମେଣ୍ଟରେ ଭାଗ ନେବେ। ଦଳରେ ନିଶାନ୍ତ ଦେବ ଓ ଅମିତ ପଙ୍ଘାଲଙ୍କୁ ସାମିଲ କରାଯାଇ ନାହିଁ। କାରଣ ସେମାନେ ଦୁହେଁ ପେସାଦାର ପାଲଟି ଯାଇଛନ୍ତି। ୬ ଦିନିଆ ଟୁର୍ନାମେଣ୍ଟରେ ୧୯ ଦେଶର ୧୩୦ ବକ୍ସର ଭାଗ ନେବେ।

# ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ: ମଣିପୁର ଚାମ୍ପିୟନ



ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୩୧।୩ (ଅନାଦି କର)

କଟକର ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମଠାରେ ଆୟୋଜିତ ୨୬ତମ ଜାତୀୟ ସବ୍‌ଜୁନିୟର ଫେନ୍‌ସିଂ ପ୍ରତିଯୋଗିତାରେ ୨୮ଟି ରାଜ୍ୟରୁ ୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ମଣିପୁର ୩୫ ପଏଣ୍ଟ ହାସଲ କରି ବିଜେତା ହୋଇଥିବା ବେଳେ ହରିୟାଣା ୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ଉପବିଜେତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଲୋକ ସଭା ସାଂସଦ ଭର୍ତ୍ତୃହରି ମହତାବ ଏବଂ ସମ୍ମାନିତ ଅତିଥି ଭବେ ଓଡ଼ିଆ ଫିଲ୍ମ ଅଭିନେତା ତଥା ନିର୍ଦ୍ଦେଶକ ଶ୍ରୀତମ ଦାସ, ଜାତୀୟ ଫେନ୍‌ସିଂ ସଂଘ ସମ୍ପାଦକ ରାଜୀବ ମେହେଟା, ରାଜ୍ୟ ଫେନସିଂ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ଉପ ସଭାପତି ରମେଶ ମଲ୍ଲିକ, କୋଷାଧକ୍ଷ ପୁଲିନ ମହାପାତ୍ର, ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ନୀତା ଫୁଟ୍‌ବଲ ଏକାଡେମୀକୁ ହରାଇଲା ଶ୍ରୀଭୂମି ଏଫ୍‌ସି


ବାରାକ୍‌ପୁର, ୩୧।୩ (ପି.ଟି.)

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ସୋମବାର ମ୍ୟାଚରେ ଓଡ଼ିଶାର ନୀତା ଫୁଟ୍‌ବଲ ଏକାଡେମୀକୁ ୪-୨ ପରାସ୍ତ କରି ଶ୍ରୀଭୂମି ଏଫ୍‌ସି। ଗତ ୩ଟି ଗେମ୍‌ରେ ଦଳର ଏହା ପ୍ରଥମ ବିଜୟ। ମ୍ୟାଚରେ ଆୟୋଜକ ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ୩-୧ରେ ଆଗୁଆ ରହିଥିଲା। ଦଳ ପକ୍ଷରୁ ମୌସୁମି ମୁର୍ମୁ (୩୩ତମ ଓ ୪୫+୨ ତମ ମିନିଟ) ଦୁଇଟି ଗୋଲ୍ ସ୍କୋର କରିଥିବା ବେଳେ ସାଣ୍ଡ୍ରା ଏଟିଙ୍ଗା (୪୨ତମ) ଓ ବାଲା ଦେବୀ (୫୨ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ନୀତା ଏକାଡେମୀ ତରଫରୁ ମନୀଷା ନାୟକ (୩୪ତମ) ଓ ଜୁଲି କିଷାନ (୫୮ତମ) ଗୋଲ ଦେଇଥିଲେ।

# ରାଜଗିରରେ ପୁରୁଷ ହକି ଏସିଆ କପ୍

**ନୂଆଦିଲ୍ଲୀ,୩୧।୩(ପି.ଟି.):** ଚଳିତ ବର୍ଷ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ବିହାରର ଐତିହାସିକ ସହର ରାଜଗିରକୁ ଟୁର୍ନାମେଣ୍ଟର ଆୟୋଜନ ଅଧିକାର ଦିଆଯାଇଛି। ଏଠାରେ ମହିଳାଙ୍କ ଏସିଆନ ଚାମ୍ପିୟନ୍ସ ଟ୍ରଫି ସଫଳତାର ସହ ଆୟୋଜନ ହୋଇଥିଲା। ଏହି ଟୁର୍ନାମେଣ୍ଟର ବିଜେତା ୨୦୨୬ ଏଫ୍‌ଆଇଏଚ୍ ୱାର୍ଲ୍ଡକପ୍ ଲାଗି ଯୋଗ୍ୟତା ହାସଲ କରିବ। ଏହି ବିଶ୍ୱକପ୍‌କୁ ବେଲଜିୟମ ଓ ନେଦରଲାଣ୍ଡ ମିଳିତ ଭାବେ ଆୟୋଜନ କରିବେ। ଏସିଆ କପର ୧୨ତମ ସଂସ୍କରଣରେ ଭାରତ, ପାକିସ୍ତାନ, ଜାପାନ, କୋରିଆ, ଚାଇନା ଓ ମାଲେସିଆ ସମେତ ୮ ଦଳ ଅଂଶଗ୍ରହଣ କରିବେ। ଏଏଚ୍‌ଏଫ୍ କପ ପ୍ରତିଯୋଗିତା ମାଧ୍ୟମରେ ବଳକା ୨ ଦଳ ଯୋଗ୍ୟତା ହାସଲ କରିବେ। ଏହି ଟୁର୍ନାମେଣ୍ଟ ଆୟୋଜନ ଲାଗି ହକି ଇଣ୍ଡିଆ (ଏଚ୍‌ଆଇ) ଓ ବିହାର ରାଜ୍ୟ କ୍ରୀଡ଼ା ଅଧିକାରୀଙ୍କ ମଧ୍ୟରେ ସୋମବାର ଏକ ଏମ୍‌ଓୟୁ ହସ୍ତାକ୍ଷର ହୋଇଯାଇଛି। ଟୁର୍ନାମେଣ୍ଟ ଇତିହାସରେ ସବୁଠୁ ସଫଳ ଦଳ ଭାବେ କୋରିଆ ସର୍ବାଧିକ ୫ଟି (୧୯୯୪, ୧୯୯୯, ୨୦୦୯, ୨୦୧୩ ଓ ୨୦୨୨) ଟାଇଟଲ ଜିତିଛି। ଏହି ତାଲିକାରେ ୩ଟି ଲେଖାଏ ଟାଇଟଲ ସହ ଭାରତ (୨୦୦୩, ୨୦୦୭ ଓ ୨୦୧୭) ଓ ପାକିସ୍ତାନ(୧୯୮୨, ୧୯୮୫ ଓ ୧୯୮୯) ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**Classified Everyday**
**0674-2580101, 9692975378**


AUTOMOBILE

**SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254

Tata Ultra 41 Seater Bus for Sale. Contact Details: 7077714312. D-3476

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



REAL ESTATE

**SALE**

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open Jyoti SPA positively health benefits (Expert therapist). 8458067955. D-76904

**Newly opened spa in puri. Professional body massage available. 9861984834.** D-3394

**LOST**

ଘୋଷଣାନାମା- ମୁଁ ମଞ୍ଜୁଲତା ରାଉତ, ସ୍ୱା- ଯୁଧିଷ୍ଠିର ରାଉତ, ନୂଆଭୁବନ, ଭୁବନ, ଢେଙ୍କାନାଳ ମୋର ଦଲିଲ 433/2000 ହଜିଯାଇଛି, ତାହା ଥାନାରେ ଜଣାଯାଇଛି। ଧ-୩୪୮୩

**AFFIDAVIT**

I, Smt. Jayshree Pani, wife of Abhaya Kumar Pani, in my Passport No.-N5579044 my husband name is wrongly mentioned Abhaya Kumra Pani instead of the correct name Abhaya Kumar Pani, Village- Bijigol, P.O.-Bijigol, P.S.- NTPC Town Police Station, Dist.-Anugul, PIN-759117, Odisha declare by this affidavit No.-185, dtd.20.03.2025 that now onwards my husband name shall be written as Abhaya Kumar Pani for all future purposes. D-3485

By virtue of an affidavit sworn before Notary, Kendrapara, dated 19.02.2025, I, Baburam Behera, Village: P.O.- Arehikana, P.S.- Aul, Dist.- Kendrapara, PIN-754231 declare that I have changed my daughter's name from Puspalata Behera to Bijaya Laxmi Behera. Henceforth she shall be known as Bijaya Laxmi Behera for all purposes.
Baburam Behera
D-3482

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ନିତ୍ୟାନନ୍ଦ ବେହେରା**
ରାମେଶ୍ୱରପୁର, ଧାମନଗର, ଭଦ୍ରକ
ଆବିର୍ଭାବ : ୨୯।୦୯।୧୯୫୨
ତିରୋଧାନ : ୨୨।୦୩।୨୦୨୫

ହେ ପରମପୂଜ୍ୟ ପିତା, ଆପଣ ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ। ଆପଣ ଛାଡ଼ି ଯାଇଥିବା ସ୍ମୃତି, ଭଲପାଇବା ସବୁଦିନ, ସବୁସମୟରେ ମନେପଡୁଛି, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେବା ସହିତ ସ୍ୱର୍ଗଧାମ ପ୍ରାପ୍ତି ହେଉ, ଏତିକି ହିଁ ଆମମାନଙ୍କର କାମନା।

ଶୋକସନ୍ତପ୍ତ: କନିଷ୍ଠ ଭ୍ରାତା-ଭ୍ରାତୃବଧୂ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ: ପିଣ୍ଟୁ, ଚନ୍ଦନ, ଅଖନ, ସୋନୁ, ଖୁସି, ଲକି, ନାତି-ଅଭି, ପ୍ରତ୍ୟୁଷ, ରିଆନ୍ସ, ଦିବ୍ୟରଞ୍ଜନ, ନାତୁଣୀ- ପ୍ରାଚୀ, ଅଭିଲିପ୍ସା, କଣ୍ଢେଇ, ରାଜଶ୍ରୀ, ବନ୍ଧୁବାନ୍ଧବ ଓ ବେହେରା ପରିବାରବର୍ଗ। ଧ-୩୪୮୪

**୧୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ଅଲେଖ ପ୍ରଧାନ**
ଆବିର୍ଭାବ: ୧୯୪୯
ତିରୋଧାନ: ୨୦୦୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ପୁତ୍ର ମନମୋହନ, ଅମର, ବିନ୍ଦୁସାଗର, ନାତି ଅଂଶୁମାନ, ଅଙ୍କିତ, ବିଭୁ, ଇପସିତ୍, ନାତୁଣୀ ଦୀପ୍ତି, ଆରତ୍ତୁ, ଜ୍ୟୋତି, ବନ୍ଧୁ ଓ ପ୍ରଧାନ ପରିବାରବର୍ଗ। ଧ-୩୪୮୬

# ଫିଟ୍‌ନେସ୍ ହାବିଟ୍

**ନିଜକୁ ଫିଟ୍ ରଖିବା ପାଇଁ ହେଲେ ଲାଇଫ୍ ଷ୍ଟାଇଲରେ କିଛି ଭଲ ଅଭ୍ୟାସକୁ ଆପଣାଇ ନିଅନ୍ତୁ...**

⏭ ଅତ୍ୟଧିକ ଖାଇବା, କମ୍ ଖାଇବା, ବାହାରୁ ମଗାଇ ଖାଇବା, ଠିକ୍ ସମୟରେ ନ ଖାଇବା ଓ ନ ଉଠିବା ଏସବୁ ନେଗେଟିଭ୍ ହାବିଟ୍ ବା ଖରାପ ଅଭ୍ୟାସ। ତେଣୁ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଏସବୁ ଅଭ୍ୟାସକୁ ତୁରନ୍ତ ବଦଳାଇବାକୁ ଚେଷ୍ଟା କରନ୍ତୁ।

⏭ ଠିକ୍ ସମୟରେ ଶୋଇବାକୁ ଚେଷ୍ଟା କରନ୍ତୁ ଓ ଠିକ୍ ସମୟରେ ଉଠନ୍ତୁ। ଫିଟ୍‌ନେସ୍ ପାଇଁ ଏହା ସର୍ବପ୍ରଥମ ଆବଶ୍ୟକତା କହିଲେ ଭୁଲ୍ ହେବ ନାହିଁ। ଶୋଇବା ସମୟ ଠିକ୍ ରହିଲେ ପୂରା ଦିନ ଆପଣ ଆକ୍ଟିଭ ରହିପାରିବେ। ଭଲ ନିଦ ପାଇଁ ଶୀଘ୍ର ଶୋଇବାକୁ ଯାଆନ୍ତୁ ଓ ଶୋଇବା ପୂର୍ବରୁ କିଛି ଯୋଗ କରନ୍ତୁ।

⏭ ସକାଳୁ ଶୀଘ୍ର ଉଠିବା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଆୟୁର୍ବେଦ ଅନୁସାରେ ବ୍ରାହ୍ମ ମୁହୂର୍ତ୍ତରେ ଉଠିବା ବହୁତ ଭଲ। ତେଣୁ ଶୀଘ୍ର ଉଠିବା ପାଇଁ ପ୍ରଥମେ ମନ ଦୃଢ କରିବାକୁ ହେବ। ଏହାପରେ ସେହି ଅନୁସାରେ କିଭଳି ଉଠିପାରିବେ ବ୍ୟବସ୍ଥା କରନ୍ତୁ।

⏭ ସକାଳୁ ପ୍ରଥମେ ଗରମ ପାଣି ପିଅନ୍ତୁ। ଗରମ ପାଣିରେ ଲେମ୍ବୁ ଓ ମହୁ ମଧ ମିଶାଇ ପିଇପାରିବେ। ଦିନକୁ ଅତି କମ୍‌ରେ ୩ ଲିଟର ପାଣି ପିଅନ୍ତୁ।

⏭ ସକାଳ ୮ଟାରୁ ୯ଟା ମଧ୍ୟରେ ସବୁଦିନ ଜଳଖିଆ ଖାଇବାକୁ ଚେଷ୍ଟା କରନ୍ତୁ। ଏପରି ଅଭ୍ୟାସ ଫଳରେ ଦିନସାରା ଆକ୍ଟିଭ ରହିପାରିବେ। ତେବେ ହେଲ୍‌ଦି ଜଳଖିଆ ନିମନ୍ତେ ଦଲିଆ, ଓଟ୍‌ସ, ରୁଟି ଆଦି ଖାଇପାରିବେ।



# ସୁନ୍ଦର ଦିଶିବ ଧଳା ପୋଷାକ

**ଧଳା ପୋଷାକରେ ଖୁବ୍‌ଶୀଘ୍ର ଦାଗ ଲାଗିଯାଏ ଓ ସହଜରେ ଛାଡ଼େନାହିଁ। ଦାଗ ଛଡ଼ାଇ ଏହାର ଶୁଭ୍ରତା ନୂଆ ଭଳି ରଖିବା ପାଇଁ ଜାଣି ରଖନ୍ତୁ କିଛି ଉପାୟ...**



⏩ ଧଳା ପୋଷାକକୁ ସଫା କରିବା ପାଇଁ ଠିକ୍ ଉପାୟ ବ୍ୟବହାର କରନ୍ତୁ। ପ୍ରଥମେ କପଡ଼ା ଭିଜାଇବା ପାଇଁ ଏକ ପାତ୍ର ଅବା ବାଲ୍‌ଟିରେ କିଛି ଉଷୁମ ପାଣି ନିଅନ୍ତୁ। ଏହି ପାଣିରେ ୨ ବଡ଼ ଚାମଚ ବେକିଂ ସୋଡ଼ା, ଗୋଟିଏ ଲେମ୍ବୁ ରସ ଓ ୨ ଚାମଚ ଭିନେଗାର ପକାଇ ମିଶାନ୍ତୁ। ସେହି ପାଣିରେ ଧଳା କପଡ଼ାକୁ ଭିଜାଇ ରଖିଦିଅନ୍ତୁ। ଏହିଭଳି ଭାବରେ ପ୍ରାୟ ୧୦ ରୁ ୧୨ ଘଣ୍ଟା ଭିଜାଇ ରଖି ଦିଅନ୍ତୁ। ଏହାପରେ ପାଣିରୁ କାଢ଼ି ଡିଟରଜେଣ୍ଟ କିମ୍ବା ସାବୁନ ଲଗାଇ ସଫା କରି ଦିଅନ୍ତୁ। ଏହିଭଳି ଭାବରେ ଅଧିକ ଲୁଗାକୁ ଭିଜାଇ ପୁଣି ୱାଶିଂ ମେଶିନ କିମ୍ବା ହାତରେ ସଫା କରିପାରିବେ। ତେବେ ସଫା କରିବା ପରେ ସବୁବେଳେ ଲୁଗାକୁ ଛାଇ ସ୍ଥାନରେ ଶୁଖାନ୍ତୁ।

⏩ ଧଳା ଲୁଗାରେ ଯଦି ଦାଗ ଲାଗିଯାଉଛି, ତେବେ ସଙ୍ଗେ ସଙ୍ଗେ ସଫା କରି ଦିଅନ୍ତୁ। ଦାଗ ବେଶି ରହିବ ନାହିଁ। ପରେ ଧୋଇବେ ଭାବି ବେଶି ଦିନ ରଖିଦେଲେ ଦାଗ ସହଜରେ ଛାଡ଼ିବ ନାହିଁ।

⏩ ଧଳା ପୋଷାକକୁ ମେଶିନ ବଦଳରେ ବାହାରେ ସଫା କରନ୍ତୁ, ଫଳରେ କେଉଁଠାରେ ଦାଗ ଲାଗିଥିଲେ ଅଧିକ ସମୟ ହାତରେ ସଫା କରି ଛଡ଼ାଇ ପାରିବେ।

⏩ ତେବେ ସଫା କରିବାବେଳେ କୌଣସି ପ୍ରକାରର କ୍ଲୋରିନ୍ କିମ୍ବା ବ୍ଲିଚିଂ ବ୍ୟବହାର କରନ୍ତୁ ନାହିଁ। ଏହା ପୋଷାକକୁ ଖରାପ କରିଦେବ।

⏩ ଧଳା ପୋଷାକର ରଙ୍ଗ ସୁନ୍ଦର ରଖିବା ପାଇଁ ଆପଣ ଲଣ୍ଡ୍ରି ବୁଷ୍ଟର ବ୍ୟବହାର କରିପାରିବେ। କିନ୍ତୁ ଅତ୍ୟଧିକ ଡିଟରଜେଣ୍ଟ କିମ୍ବା ଲଣ୍ଡ୍ରି ବୁଷ୍ଟର ବ୍ୟବହାର କରନ୍ତୁ ନାହିଁ।

⏩ କୌଣସି ରଙ୍ଗିନ ପଲିଥିନ୍ କିମ୍ବା ଜରି ବ୍ୟାଗ୍‌ରେ ଧଳା ପୋଷାକ ରଖନ୍ତୁ ନାହିଁ। କେବଳ ଧଳା ସୂତା ବ୍ୟାଗ କିମ୍ବା ଆଲମିରା ଭିତରେ ଘୋଡ଼ାଇ ରଖନ୍ତୁ। ଦାମୀ ପୋଷାକଗୁଡ଼ିକୁ ଠିକ୍ ଭାବରେ ସଜାଡ଼ି ଭିତରେ ରଖନ୍ତୁ, ଯେଉଁଠାରେ ବାହାରର ଧୂଳି କିମ୍ବା ମଇଳା ଲାଗିବ ନାହିଁ।

# ପିଲାଙ୍କ ପାଇଁ ପ୍ଲାନିଂ

**ପିଲା ଠିକ୍ ସମୟରେ ସ୍କୁଲ ଯିବେ, ଘରର ସବୁ କାମ ବି ଯଥା ସମୟରେ ହେବା ଏସବୁ ପାଇଁ ସଚେତନ ଥା'ନ୍ତି ଗୃହିଣୀ। କେତେବେଳେ କ'ଣ କରିବାକୁ ହେବ ସେନେଇ ତିଆରି କରିଥାନ୍ତି ନିଜର ଅଲିଖିତ ରୁଟିନ। ହେଲେ ଏଇ କାର୍ଯ୍ୟସୂଚୀକୁ ଏବେ ପୁଣିଥରେ ବଦଳାଇବାକୁ ହେବ, କାହିଁକି ନା ପିଲାଙ୍କର ଏବେ ଆରମ୍ଭ ହୋଇଛି ସକାଳୁଆ ସ୍କୁଲ...**



କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଘରକାମ ପାଇଁ ରୁଟିନ୍ ତିଆରି ନ କଲେ ସବୁଥିରେ ପଛୁଆ ହୋଇଯାନ୍ତି। ତେଣୁ କେଉଁ କାମକୁ କେଉଁ ସମୟରେ କରିବାକୁ ହେବ ସେନେଇ ପୂର୍ବରୁ ସବୁକିଛି ପ୍ରସ୍ତୁତ କରିବାକୁ ହୁଏ। ଏବେ ପିଲାଙ୍କ ସ୍କୁଲ ଟାଇମ୍ ପରିବର୍ତ୍ତନ ହୋଇଥିବାରୁ ନିଜ କାମ କରିବା ଷ୍ଟାଇଲ୍ ବି ବଦଳାଇ ଦେଇଛନ୍ତି ମହିଳା। ତେବେ ସବୁ କାମକୁ ସୁଚାରୁରୂପେ କରିବା ପାଇଁ ପ୍ଲାନିଂ କରିବା ଜରୁରୀ।

**ମାନସିକ ପ୍ରସ୍ତୁତି:** ଘରର ସବୁ କାମ କିପରି କରିବେ ସେନେଇ ପ୍ରଥମେ ମାନସିକ ପ୍ରସ୍ତୁତି ଦରକାର। ଅର୍ଥାତ୍ ଆସନ୍ତାକାଲି କ'ଣ କରିବା ପାଇଁ ଚାହୁଁଛନ୍ତି ସେନେଇ ମନରେ ଭାବିବାକୁ ହେବ। ସେହି ଅନୁସାରେ ପିଲା ପାଇଁ ଟିଫିନ କ'ଣ କରିବେ କିମ୍ବା ସ୍କୁଲ ବ୍ୟାଗ ସଜାଡ଼ିବେ ଏସବୁ ନେଇ ପୂର୍ବ ରାତିରୁ ହିଁ ପ୍ରସ୍ତୁତି କରିଦେଲେ ସୁବିଧା ହୋଇଥାଏ। ସେହିଭଳି ଘରେ ଯଦି ବୟସ୍କ କିମ୍ବା ଗୁରୁଜନ ଥାନ୍ତି ସେମାନଙ୍କ ପାଇଁ ସକାଳୁ କିଭଳି ପ୍ରସ୍ତୁତି କରିବାକୁ ହେବ ସେକଥା ବି ଭାବିବା ଦରକାର। ନଚେତ୍ ପିଲାଙ୍କ ପାଇଁ ଅନ୍ୟମାନଙ୍କର ଅବହେଳା ହେଲେ ପାରିବାରିକ ସନ୍ତୁଳନ ବି ବିଗିଡ଼ି ଯାଇପାରେ।







**କିଛି କାମ ଆଗୁଆ :** ସକାଳୁଆ ସ୍କୁଲ ହେଲେ ସବୁ କାମ ଆଗୁଆ କରିବାକୁ ହେବ। କିଛି କାମ ତ ପୂର୍ବଦିନ ରାତିରୁ ବି କରିବାକୁ ହେବ। ଉଦାହରଣ ସ୍ୱରୂପ ପିଲାଙ୍କ ପାଇଁ କେଉଁ ଜଳଖିଆ କରିବେ ସେଥିପାଇଁ ଆବଶ୍ୟକ ଜିନିଷ ସବୁ ଏକାଠି କରି ରଖିବା ଓ କୌଣସି ସାମଗ୍ରୀ ନ ଥିଲେ ତାହା ଯୋଗାଡ଼ କରି ରାତିରୁ ରଖିଦେଲେ ସୁବିଧା ହେବ। ତା' ଛଡ଼ା ପିଲାଙ୍କୁ ଉଠାଇବା କିଛି ସମୟ ପୂର୍ବରୁ ନିଜକୁ ଉଠିବାକୁ ହେବ। ତେବେ ପରିସ୍ଥିତି ଅନୁସାରେ କେତେ ସମୟ ଆଗରୁ ଉଠିଲେ କାମ ଠିକ୍‌ଭାବେ ହୋଇପାରିବ ସେକଥା ନିଜକୁ ହିଁ ନିଷ୍ପତ୍ତି ନେବାକୁ ହେବ। ଏଭଳି ଭାବରେ ଆଗୁଆ କିଛି କାମ କରି ରଖିବା ବୁଦ୍ଧିମତୀ ଗୃହିଣୀଙ୍କ ଲକ୍ଷଣ ହୋଇଥାଏ।

**ପିଲାଙ୍କୁ ଶିଖାନ୍ତୁ:** ସକାଳୁଆ ସ୍କୁଲ ହେଲେ ଘରକାମର ରୁଟିନ୍ ବଦଳାଇବାକୁ ହୁଏ ଗୃହିଣୀଙ୍କୁ। କର୍ମଜୀବୀ ହୋଇଥିଲେ ସେମାନଙ୍କୁ ବି ପିଲାଙ୍କ ସମୟ ସହିତ ଆଡ୍‌ଜଷ୍ଟ କରିବାକୁ ପଡ଼ିଥାଏ। ତେବେ ଏଭଳି କ୍ଷେତ୍ରରେ କିଛି କାମ ପିଲାଙ୍କୁ ନିଜେ କରିବାକୁ କୁହନ୍ତୁ। ଯେମିତି କି ନିତ୍ୟକର୍ମ କରିବା, ନିଜ ଡ୍ରେସ ନିଜେ ପିନ୍ଧିବା, ସ୍କୁଲ ବ୍ୟାଗ ସଜାଡ଼ିବା ଇତ୍ୟାଦି ଏଭଳି କିଛି କାମ ସବୁ ପିଲାଙ୍କୁ ନିଜେ କରିବା ପାଇଁ କୁହନ୍ତୁ। ସେଥିପାଇଁ ସେମାନଙ୍କୁ ପୂର୍ବରୁ ଶିଖାନ୍ତୁ। ଏହା ଫଳରେ ଆପଣଙ୍କ ଟାଇମ୍ ମ୍ୟାନେଜମେଣ୍ଟ ଭଲଭାବରେ ହୋଇପାରିବ।

## ଏମାନେ କ'ଣ କରନ୍ତି



**ରାତିରେ ଶୀଘ୍ର ଖାଉଛି:** ପିଲାଙ୍କର ସକାଳୁଆ ସ୍କୁଲ ହେବା ମାତ୍ରେ ମତେ ଆହୁରି ଘଣ୍ଟାଏ ଆଗରୁ ଉଠିବାକୁ ହେବ। ପ୍ରଥମେ ନିଜର ନିତ୍ୟକର୍ମ ସାରି ପିଲାଙ୍କୁ ଉଠାଇ ତାଙ୍କୁ ରେଡି କରିବାକୁ ହେବ। ସେଥିପାଇଁ ମୁଁ ପ୍ଲାନିଂ କରି ସାରିଛି। ଅଳ୍ପ ସମୟ ସ୍କୁଲ ହେବ, ତେଣୁ ହାଲ୍‌କା ଜଳଖିଆ କରିବି। ସକାଳୁ ପିଲାଙ୍କୁ ଉଠାଇବା ମୋ ପାଇଁ ସବୁଠୁ କଷ୍ଟ। ତେଣୁ ଏବେଠାରୁ ଆମ ଘରେ ସମସ୍ତେ ରାତି ଖାଇବା ଶୀଘ୍ର ଖାଇବା ଆରମ୍ଭ କରିଛୁ। ରାତିରେ ଶୀଘ୍ର ଶୋଇଲେ ସକାଳୁ ଠିକ୍‌ଭାବେ କାମ ହୋଇପାରିବ। ତେଣୁ ଆଜିଠୁ ଆମର ରାତି ଖାଇବାର ଟାଇମ୍ ବଦଳାଇଛି।

*– ଭାଗ୍ୟଲକ୍ଷ୍ମୀ ସାହୁ, ଗୃହିଣୀ, ନୟାପଲ୍ଲୀ ବ୍ରିଟ କଲୋନି, ଭୁବନେଶ୍ୱର*



**ରାତିରୁ ସଜାଡ଼ି ରଖିବି:** ମୋ ପୁଅ ଓ ଝିଅ ଦୁଇଜଣଯାକ ହାଇସ୍କୁଲରେ ପଢ଼ିଲେଣି। ତେଣୁ ସେମାନେ ଏବେ ନିଜ କାମ ସବୁ ନିଜେ କରି ପାରୁଛନ୍ତି। ସେଥିପାଇଁ ସକାଳୁଆ ସ୍କୁଲ ହେଲେ ମତେ ଏତେ ଅସୁବିଧା ହବନି। ମୁଁ କେବଳ ସେମାନଙ୍କୁ ସକାଳୁ ଉଠାଇ ଦେବି। ଉଠିବା ପରେ ସେମାନେ ନିଜେ ତାଙ୍କର ସବୁ ନିତ୍ୟକର୍ମ କରି ରେଡି ହୋଇଯିବେ। ମତେ ଖାଲି ଟିଫିନ୍ ତିଆରି କରି ଦେବାକୁ ହେବ। ତେଣୁ ରାତିରୁ ଜଳଖିଆ ପାଇଁ କ'ଣ କରିବି ସଜାଡ଼ି ରଖିଦେବି। ସକାଳୁ ଗାଧୁଆପାଧୁଆ ସାରି ଶୀଘ୍ର ଜଳଖିଆ ତିଆରି କରିଦେବି। ଶୀଘ୍ର ଉଠିଲେ ଘରର ସବୁ କାମ ବି ଶୀଘ୍ର ସରିଯାଏ। ତେଣୁ ବହୁତ ଭଲ ଲାଗେ। ପିଲାମାନେ ସ୍କୁଲ ଯିବାପରେ ଠାକୁର ପୂଜା କରିବି ଆଉ ଦିନବେଳା ଅଧିକ ସମୟ ରେଷ୍ଟ କରିବି।

*– ଅନୁରାଧା ମହାନ୍ତି, ଗୃହିଣୀ, ଜାଗୁଳା, ଧାମରା, ଭଦ୍ରକ*



**ଶୀଘ୍ର ଉଠିବି:** ସକାଳୁଆ ସ୍କୁଲ ଆରମ୍ଭ ହେଲେ ମୋର କାମର ଚାପ ବହୁତ ବଢ଼ିଯିବ। କାହିଁକି ନା ମୋ ଝିଅ ଏବେ ଛୋଟ ଆଉ ସେ ସକାଳୁ ଉଠିବା ପାଇଁ ବହୁତ ହଇରାଣ କରୁଛି। ତାକୁ ଉଠାଇବା ପରେ ବ୍ରଶ କରାଇବା ଖୁଆଇ ଦେବା ସବୁ କାମ ମତେ କରିବାକୁ ହେବ। ତା'ପରେ ସ୍କୁଲ ଡ୍ରେସ ପିନ୍ଧାଇ ଟିଫିନ ପ୍ୟାକ୍ କରି ମୁଁ ବି ଛାଡ଼ିବାକୁ ଯିବି। ସେପଟେ ସ୍ୱାମୀଙ୍କର ସକାଳ ଶିଫ୍ଟ ଥିବାରୁ ତାଙ୍କ ପାଇଁ ବି କିଛିଟା ପ୍ରସ୍ତୁତି କରିବାକୁ ହେବ। ତେଣୁ ସବୁକାମ ପାଇଁ ରାତିରୁ ମୁଁ ସଜାଡ଼ି ରଖିବା ଆରମ୍ଭ କରିଛି। ଆଉ ଠିକ୍ ସମୟରେ ଉଠିଗଲେ ସବୁ କାମ ସହଜ ହୋଇଯିବ। ତେଣୁ ଆଗୁଆ ଉଠିବା ଅଭ୍ୟାସ କରିଛି।

*– ହରପ୍ରିୟା ମହାରଣା, କର୍ମଜୀବୀ, ଜଗନ୍ନାଥ ନଗର, ଝାରପଡ଼ା, ଭୁବନେଶ୍ୱର*



**ମର୍ନିଂୱାକ୍ କରିବିନି:** ଏଥର ମର୍ନିଂୱାକ୍ ବନ୍ଦ କରି ଦେଇଛି। କାରଣ ସକାଳୁ ଆଗ ସ୍କୁଲ ପାଇଁ ଛୁଆଙ୍କୁ ରେଡି କରିବାକୁ ହେବ। ତେବେ ସନ୍ଧ୍ୟାବେଳେ କିଛି ସମୟ ୱାକ୍ କରିବୁ ବୋଲି ପଡ଼ୋଶୀମାନଙ୍କ ସହିତ କଥା ହୋଇଛି। ପ୍ରଥମେ ବଡ଼ଝିଅ ସକାଳୁ ସ୍କୁଲ ଯିବା ପରେ ନିଜ କାମ ଓ ଘରେ ଠାକୁର ପୂଜା, ରୋଷେଇ ସବୁ କରିବାକୁ ହେବ। ତା'ପରେ ସାନଝିଅର ସବୁକାମ ବି ମତେ କରିବାକୁ ହଉଛି। ତେବେ ପିଲାଙ୍କ ପାଇଁ ଯାହା କରିବାକୁ ହେବ ସେଥିପାଇଁ ଆଗୁଆ ଭାବି ଦେଇଥାଏ। ଏବେ ତ ସ୍କୁଲରେ ସେମିତି ବିଧିବଦ୍ଧ ପାଠପଢ଼ା ହୋଇନି। ତେଣୁ ସ୍କୁଲ ବ୍ୟାଗ ସଜାଡ଼ିବା କି ହୋମୱର୍କ ଆଦିର ଏତେ ଚାପ ନାହିଁ। ତେଣୁ ବେଶି ଚିନ୍ତା କରୁନି। ବରଂ ସକାଳୁ ଶୀଘ୍ର ଉଠି ସବୁ କରି ଦେବି। ସନ୍ଧ୍ୟାରେ ମର୍ଣିଂୱାକ୍ ସହିତ ଝିଅକୁ ଡ୍ୟାନ୍ସ କ୍ଲାସରେ ଛାଡ଼ିବାକୁ ଯିବି।

*– ରେବତୀ କୁମାରୀ ଦାଶ, ଡିଏଚ୍‌ପିଏଲ୍ ସାହୁ ରେସିଡେନ୍ସି, ରଙ୍ଗମାଟିଆ, ଭୁବନେଶ୍ୱର*

## ସୌନ୍ଦର୍ଯ୍ୟ

# ହେଲୋଗ୍ରାଫିକ୍ ଆଇ ଲାଇନର

**ଆଜିକାଲିର ଟ୍ରେଣ୍ଡି ମେକ୍‌ଅପ୍‌ରେ ହେଲୋଗ୍ରାଫିକ୍ ଆଇ ଲାଇନର ଖୁବ୍ ପସନ୍ଦ କରୁଛନ୍ତି ଟିନ୍‌ଏଜର। ଆଖିକୁ ଏକ ଗ୍ଲାମରସ୍ ଲୁକ୍ ଦେବାପାଇଁ ଏହି ପ୍ରକାର ଷ୍ଟାଇଲକୁ ଆପଣେଇବାକୁ ଚାହୁଁଥିଲେ ଜାଣନ୍ତୁ କିଛି କଥା...**




⏭ ସାଧାରଣଭାବେ ଆଇଲାଇନରଠାରୁ ଏହା ଭିନ୍ନ। ଏହି ପ୍ରକାର ମେକ୍‌ଅପ୍‌ରେ ଆକର୍ଷଣୀୟ ଲୁକ୍ ଦେବାପାଇଁ ମଲ୍‌ଟି କଲର ବ୍ୟବହାର କରାଯାଏ, ଯାହା ଆଖିକୁ ଏକ ଭିନ୍ନ ଲୁକ୍ ଦେଇଥାଏ।

⏭ ଏହି ଷ୍ଟାଇଲିସ୍ ଲୁକ୍ ଆପଣାଇବାକୁ ଚାହୁଁଥିଲେ ନିଜ ଫ୍ୟାଶନ୍ କିଟ୍ ଭିତରେ ହେଲୋଗ୍ରାଫିକ୍ ଆଇଲାଇନର୍ ନିଶ୍ଚୟ ରଖନ୍ତୁ। ଆଖିକୁ ଅଧିକ ସୁନ୍ଦର କରିବା ପାଇଁ ଏହି ରଙ୍ଗ ବେରଙ୍ଗର ଆଇଲାଇନର୍ ଏକ ସୁନ୍ଦର ବିକଳ୍ପ ହୋଇପାରିବ।

⏭ ପ୍ରଥମେ ଆଇ ପ୍ରାଇମର ଲଗାନ୍ତୁ। ଏହା ବଦଳରେ ହାଲ୍‌କା କନ୍‌ସିଲର୍ ମଧ ଲଗାଇପାରିବେ। ଆଇଲାଇନରକୁ ଅଧିକ ସମୟ ସୁନ୍ଦର ରଖିବା ପାଇଁ ଏହାକୁ ନିଶ୍ଚୟ ଲଗାନ୍ତୁ।

⏭ ଆଇଲାଇନର ଲଗାଇବା ପାଇଁ ଏହାପରେ ଆଇଲିଡ୍ ଉପରେ ଏକ ଲାଇନ୍ କରନ୍ତୁ। ଲାଇଟ୍ କଲରର ବେଶ୍ ଲଗାଇବା ପରେ ଭଲ କ୍ୱାଲିଟିର ହେଲୋଗ୍ରାଫିକ ଆଇଲାଇନର ସାହାଯ୍ୟରେ ଏକ ପତଳା ଲାଇନ୍ କରନ୍ତୁ। ଆପଣଙ୍କୁ ମୋଟା ଆଇଲାଇନର ପସନ୍ଦ ଥିଲେ ଡବଲ ଲେୟାର କରନ୍ତୁ। ଏହାପରେ ମସ୍କରା ଲଗାନ୍ତୁ।

⏭ ଯଦି ଡିଫାଇଣ୍ଡ ଲୁକ୍ ଚାହୁଁଛନ୍ତି ତେବେ କଳା କିମ୍ବା ବ୍ରାଉନ ରଙ୍ଗର ଆଇଲାଇନରରେ ବେସ୍ କରନ୍ତୁ। ଡବଲ ଲାଇନର ଷ୍ଟାଇଲ ଆପଣଙ୍କୁ କ୍ଲାସିକ ଆଇଲାଇନର ଓ ହେଲୋଗ୍ରାଫିକ ଟ୍ୱିଷ୍ଟ ସହିତ ଯୋଡ଼ିବାର ଏକ ମୌକା ଦେଇଥାଏ। ଏହା ଫଳରେ ଆଖିରେ ଡିପ୍‌ନେସ୍ ଦେଖାଯାଇଥାଏ ଓ ଆଖି ଅଧିକ ସୁନ୍ଦର ଦେଖାଯାଏ।

⏭ ଡବଲ ଆଇଲାଇନର ଟେକ୍‌ନିକ୍ ଚାହୁଁଥିଲେ ଆଇଲିଡ୍ ବେସ୍ ପାଇଁ କ୍ଲାସିକ ବ୍ଲାକ କିମ୍ବା ଡିପ୍ ବ୍ଲୁ ବ୍ୟବହାର କରନ୍ତୁ। ଆଇଲାଇନର ଲଗାଇବାବେଳେ ପ୍ରଥମେ ଏକ ପତଳା ଲାଇନ କରନ୍ତୁ। ଏହାପରେ ହେଲୋଗ୍ରାଫିକ ଆଇଲାଇନରରେ ଆଉ ଏକ ଲାଇନ୍ କରନ୍ତୁ। ତେବେ ତଳ ଲାଇନ୍ ତୁଳନାରେ ଉପର ଲାଇନ୍ ହାଲ୍‌କା ହେବା ଦରକାର। ତେବେ ଏହାକୁ ବେଶି ସମୟ ରଖିବାକୁ ଚାହୁଁଥିଲେ ଏଥିରେ ସେଟିଂ ସ୍ପ୍ରେର ଲାଇଟ୍ କୋଟ୍ ଲଗାନ୍ତୁ। ଏହା ୟୁନିକ ଓ ଗ୍ଲାମରସ୍ ଲୁକ୍ ଦେଇପାରିବ।

## ଖାଦ୍ୟରୁଚି // ପାଳଙ୍ଗ କବାବ

ଆବଶ୍ୟକ ସାମଗ୍ରୀ
ପାଳଙ୍ଗ ଶାଗ– ୨ କପ୍, ଆଳୁ– ୨ରୁ ୩ଟି, ମଟର– ଅଧାକପ୍, କ୍ୟାପସିକମ୍– ୨ଟି, ଦହି– ୧ କପ୍, କଞ୍ଚାଲଙ୍କା– ୨ଟି, ଅଦା– ଖଣ୍ଡେ, ଗରମ ମସଲା– ଅଧା ଛୋଟ ଚାମଚ, ଗୁଜୁରାତି ଗୁଣ୍ଡ– ଅଳ୍ପ, ଆମ୍ବୁର ପାଉଡର– ଅଧା ଛୋଟ ଚାମଚ, ବେସନ– ୩ ବଡ଼ ଚାମଚ, ତେଲ– ୩ ବଡ଼ ଚାମଚ, ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ।

ପ୍ରସ୍ତୁତି ପ୍ରଣାଳୀ–
ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ। ପାଳଙ୍ଗ ଶାଗକୁ ଭଲଭାବେ ଧୋଇ ଛୋଟ ଛୋଟ କାଟି ରଖନ୍ତୁ। ଏହାପରେ କଡ଼େଇରେ ଅଳ୍ପ ପାଣି ଦେଇ ଶାଗକୁ ଅଧା ସିଝାଇ ପାଣିରୁ ଛାଣି ରଖନ୍ତୁ। ଏବେ କଡ଼େଇ ଗରମ କରି ସେଥିରେ ତେଲ ପକାଇ ରସୁଣକୁ ଛେଚି ପକାନ୍ତୁ। ଅଳ୍ପ ଭାଜି ହେବା ପରେ ସେଥିରେ ମଟର ଓ କ୍ୟାପ୍ସିକମ୍ ପକାଇ ଅଳ୍ପ ଭାଜନ୍ତୁ। ଏହାପରେ ପାଳଙ୍ଗ ଶାଗ ସହିତ କଞ୍ଚାଲଙ୍କା, ମଟର ଓ କ୍ୟାପ୍ସିକମ୍‌କୁ ଗ୍ରାଇଣ୍ଡରରେ ଦରଦର କରି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହି ମିଶ୍ରଣରେ ଏବେ ସିଝାଆଳୁ ପକାନ୍ତୁ। ଏହାପରେ ସେଥିରେ ଅଦାକୁ କୋରି ପକାନ୍ତୁ। ଗରମ ମସଲା, ଧନିଆ ଗୁଣ୍ଡ, ହଳଦୀ, ଲୁଣ, ଆମ୍ବୁର ପାଉଡର, ଧନିଆପତ୍ର ଓ ବେସନକୁ ଅଳ୍ପ ଭାଜି ସେଥିରେ ପକାନ୍ତୁ। ସମସ୍ତ ସାମଗ୍ରୀକୁ ଚକଟି ହାତରେ କବାବ ଭଳି ଆକାର ଦେଇ ପ୍ଲେଟରେ ରଖନ୍ତୁ। ଏସବୁକୁ କଡ଼େଇରେ ତେଲ ପକାଇ ମଧ୍ୟମ ଆଞ୍ଚରେ ଭାଜି ଦିଅନ୍ତୁ। ଏହାକୁ ତେଲରେ ମଧ ଛାଣିପାରିବେ। ଏବେ ପ୍ରସ୍ତୁତ ହୋଇଥିବା କବାବକୁ ଟମାଟୋ ଚଟଣି ସହିତ ଖାଆନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧/୨୦୨୫ Bhubaneswar, Tuesday, April 1/ 2025

# ପଏଣ୍ଟ ଖାତା ଖୋଲିଲା ମୁମ୍ବାଇ

**ମୁମ୍ବାଇ,୩୧।୩**

ପଦାର୍ପଣକାରୀ ଅଶ୍ୱନୀ କୁମାରଙ୍କ ଘାତକ ବୋଲିଂ ଓ ରିଆନ ରିକେଲଟନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ(ଏମ୍ଆଇ) ୮ ଉଇକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଏହି ବିଜୟ ସହ ମୁମ୍ବାଇ ତା'ର ପଏଣ୍ଟ ଖାତା ଖୋଲିଛି। ପଦାର୍ପଣ ମ୍ୟାଚରେ ପ୍ରଥମ ଭାରତୀୟ ଭାବେ ଅଶ୍ୱନୀ ୪ ଉଇକେଟ ନେଇଛନ୍ତି।

ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା କୋଲକାତା ୧୬.୨ ଓଭରରେ ୧୧୬ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅଙ୍ଗକ୍ରିଶ ରଘୁବଂଶୀ ୨୬, ରମନଦୀପ ସିଂ ୨୨, ମନୀଷ ପାଣ୍ଡେ ୧୯, ରିଙ୍କୁ ସିଂ ୧୭, ଅଧିନାୟକ ଅଜିଙ୍କ୍ୟ ରାହାନେ ୧୧ ରନ କରିଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁ ପାରିନଥିଲେ। ମୁମ୍ବାଇ ପକ୍ଷରୁ ପଦାର୍ପଣକାରୀ ଅଶ୍ୱନୀ କୁମାର ସର୍ବାଧିକ ୪ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀପକ ଚହର ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମୁମ୍ବାଇ ମାତ୍ର ୧୨.୫ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରୋହିତ ଶର୍ମା ୧୩ ଓ ୱିଲ ଜ୍ୟାକ୍ସ ୧୬ ରନ କରି ଆଉଟ ହୋଇଥିଲେ। ରିକେଲଟନ ୪୧ ବଲରେ ୪ ଚୌକା ଓ ୫ ଛକା ସହିତ ୬୨ ରନ ଓ ସୂର୍ଯ୍ୟକୁମାର ୯ ବଲରେ ୩ ଚୌକା ଓ ୨ ଛକା ସହିତ ୨୭ ରନ କରି ମ୍ୟାଚ ଫିନିଶ କରିଥିଲେ। କେକେଆର ପକ୍ଷରୁ ରସେଲ ୨ ଉଇକେଟ ନେଇଥିଲେ।


ପଦାର୍ପଣରେ ୪ ଉଇକେଟ ନେଇ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଅଶ୍ୱନୀ କୁମାର।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୧୬.୨ ଓଭରରେ ୧୧୬/ଅଲଆଉଟ (ଆଙ୍ଗକ୍ରିଶ ରଘୁବଂଶୀ-୨୬, ମନୀଷ ପାଣ୍ଡେ-୧୯, ଅଶ୍ୱନୀ କୁମାର-୪/୨୪, ଦୀପକ ଚହର-୨/୧୯, ମୁମ୍ବାଇ ଇଣ୍ଡିଆନ୍ସ: ୧୨.୫ ଓଭରରେ ୧୨୧/୨ (ରିୟାନ ରିକଲଟନ-୬୨*, ସୂର୍ଯ୍ୟକୁମାର ଯାଦବ-୨୭*, ଆନ୍ଦ୍ରେ ରସେଲ-୨/୩୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୨ | ୨ | ୦ | ୪ | +୨.୨୬୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୯୬୩ |
| ଗୁଜରାଟ ଟାଇଟନ୍ସ | ୨ | ୧ | ୧ | ୨ | +୦.୬୨୫ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୫୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | ୦.୩୦୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୧.୪୨୮ |

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ନୌ ବନାମ ପଞ୍ଜାବ**

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଜୋକୋଭିଚ୍‌ଙ୍କୁ ହରାଇ ଟାଇଟଲ ଜିତିଲେ ମେନ୍‌ସିକ୍

**ମାୟାମି ଗାର୍ଡେନ୍ସ, ୩୧।୩ (ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକାଭିଚ୍‌ଙ୍କୁ ୭-୬ (୪), ୭-୬ (୪)ରେ ହରାଇ ଚେକ୍‌ରିପବ୍ଲିକର ୧୯ ବର୍ଷୀୟ ଜାକବ୍ ମେନ୍‌ସିକ୍ ମାୟାମି ଓପନ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ଏହା ତାଙ୍କର ପ୍ରଥମ ଏଟିପି ଟାଇଟଲ। ଏହି ମ୍ୟାଚ ୨ ଘଣ୍ଟା ୩ ମିନିଟ ଧରି ଚାଲିଥିଲା। ମେନସିକ୍‌ଙ୍କ ବିଜୟ ଦ୍ୱାରା ୩୭ ବର୍ଷୀୟ ଜୋକୋଭିଚ୍‌ଙ୍କୁ ୧୦୦ତମ କ୍ୟାରିୟର ଟାଇଟଲ ଏବଂ ମାୟାମି ଓପନ୍‌ରେ ରେକର୍ଡ ୭ମ ଟାଇଟଲ ରେକର୍ଡକୁ ପୁଣି ଅପେକ୍ଷା କରିବାକୁ ପଡ଼ିବ। ଫାଇନାଲ ମ୍ୟାଚ ପୂର୍ବରୁ ଜୋକଭିଚ୍‌ଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଆର୍ଦ୍ରତା ଓ ପରେ ବର୍ଷା ଯୋଗୁ କୋର୍ଟରେ ଖସଡ଼ା ଦେଖାଦେଇଥିଲା। ପୁନଶ୍ଚ ଜୋକୋଭିଚ୍‌ଙ୍କ ଆଖିରେ କିଛି ସମସ୍ୟା ଦେଖା ଦେଇଥିଲା। ଏହିସବୁ ବିଭିନ୍ନ କାରଣରୁ ମ୍ୟାଚ ପ୍ରାୟ ସାଢେ ୫ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।


ଟ୍ରଫି ସହ ଚାମ୍ପିୟନ ଜାକବ୍ ମେନ୍‌ସିକ୍ (ଡାହାଣ)।

ମ୍ୟାଚ ପରେ ୬ଫୁଟ୍ ୪ ଇଞ୍ଚ ଉଚ୍ଚତା ବିଶିଷ୍ଟ ୫୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ବେନ୍‌ସିକ୍ କହିଛନ୍ତି, ସେ ପିଲାଦିନରୁ ଜୋକୋଭିଚ୍‌ଙ୍କ ଆଦର୍ଶରେ ଅନୁପ୍ରାଣିତ। ଏହି ସର୍ବୀୟ ଷ୍ଟାରଙ୍କ ଯୋଗୁ ଟେନିସ ଖେଳ ପ୍ରତି ସେ ଅନୁପ୍ରାଣିତ ହୋଇଥିଲେ। ଜୋକୋଭିଚ ଏଠାରେ ୨୦୧୯ପରଠାରୁ ଏଠାରେ ଖେଳି ନାହାନ୍ତି। ତେଣୁ ତାଙ୍କ ଖେଳ ଦେଖିବା ଲାଗି ସ୍ଥାନୀୟ ତାଙ୍କ ସମର୍ଥକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସୂଚନାଯୋଗ୍ୟ, ଜୋକୋଭିଚ୍ ୨୪ ଗ୍ରାଣ୍ଡସ୍ଲାମ ବିଜେତା।

# ପରାଗଙ୍କୁ ୧୨ ଲକ୍ଷ ଜରିମାନା

**ଗୁଆହାଟୀ, ୩୧।୩ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷରେ ୬ରନ ବିଜୟ ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ର୍‍ୟାନ ପରାଗଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା ହୋଇଛି। ରବିବାର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ସ୍ଥାନୀୟ ଦର୍ଶକଙ୍କ ଉପସ୍ଥିତିରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ୧୮୨/୯ କରିଥିଲା। ଦଳ ପରେ ସିଏସ୍‌କେକୁ ୧୭୬/୬ରେ ସୀମିତ କରିଦେଇଥିଲା। ପରାଗ ଚଳିତ ସିଜନରେ ତାଙ୍କ ଦଳକୁ ପ୍ରଥମ ବିଜୟ ଆଣିଦେଇଥିଲେ। ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨୨ ଅନୁସାରେ ସର୍ବନିମ୍ନ ଓଭର ରେଟ୍ ନିୟମ ଉଲ୍ଲଂଘନ ହୋଇଛି। ଏଥିପାଇଁ ପରାଗଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଥିବା ଆଇପିଏଲ୍ କହିଛି। ରାଜସ୍ଥାନ ରୟାଲ୍ସ ଏହାର ଟୁର୍ନାମେଣ୍ଟ ଓପନର ସନରାଇଜର୍ସ ହାଇଦ୍ରାବାଦଠାରୁ ହାରିଯାଇଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ ଏପ୍ରିଲ ୫ରେ ମୁଲାନପୁରରେ ପଞ୍ଜାବ କିଙ୍ଗ୍ସକୁ ଭେଟିବ।

# ଧୋନୀ ପୂରା ୧୦ ଓଭର ବ୍ୟାଟିଂ କରିପାରିବେ ନାହିଁ

**ଗୁଆହାଟୀ,୩୧।୩ (ପି.ଟି.):** ମହେନ୍ଦ୍ର ସିଂ ଧୋନୀ ପୂରା ୧୦ ଓଭର ବ୍ୟାଟିଂ କରିପାରିବେ ନାହିଁ। କାରଣ ତାଙ୍କ ଆଣ୍ଠୁ ଭଲ ନାହିଁ। ଏଥିଯୋଗୁ ମ୍ୟାଚ ପରିସ୍ଥିତିକୁ ଆଧାର କରି ସେ ବ୍ୟାଟିଂ ପୋଜିଶନ ଧାର୍ଯ୍ୟ କରନ୍ତି। ରାଜସ୍ଥାନ ରୟାଲ୍ସଠାରୁ ଚେନ୍ନାଇ ସୁପର କିଙ୍ଗ୍ସର ପରାଜୟ ପରେ ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ଏହା କହିଛନ୍ତି। ଗତ ସପ୍ତାହରେ ଚେପକଠାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ଠାରୁ ସିଏସ୍‌କେ ୫୦ ରନ ବ୍ୟବଧାନରେ ପରାଜୟ ପରେ ନଂ-୯ରେ ବ୍ୟାଟିଂ ଆସିବା ପାଇଁ ଧୋନୀଙ୍କୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା।



72198 21111 | BAJAJ SECURE AMC • ROAD SIDE ASSISTANCE
*ସର୍ତ୍ତ ଓ ନିୟମାବଳୀ ଲାଗିବ । *ଏକ୍ସ-ଶୋରୁମ୍ ମୂଲ୍ୟ ବତାଯାଇଥିବା ପଲ୍‌ସର୍ ଓ ପ୍ଲାଟିନା ଭାରିଆଣ୍ଟ୍ସ ସକାଶେ । ମୂଲ୍ୟ ରିଜିଜନ୍ ବନାମ ବତାଯାଇଥିବା ପଲ୍‌ସର୍ ଭାରିଆଣ୍ଟ୍ସ ଙ୍କ 31 ମାର୍ଚ୍ଚ 2025 ରେ ଥିବା ଏକ୍ସ-ଶୋରୁମ୍ ମୂଲ୍ୟ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ନିଜ ବର୍ଗ ଭିତରେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନ ସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ବଜାଜ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।
Authorised Dealers for Bajaj Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444• Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210/9237379211• Rahama MAITREE BAJAJ 9668801781• Chandikhole TARINI BAJAJ 9937310800, • Pattamundai MAITREE BAJAJ 7064987720, • Kendrapara TARINI BAJAJ 8338944471 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Markona SURAJ BAJAJ 9124626001 • Jaleswar SURAJ BAJAJ 9124626016, • Basudevpur SHANKAR BAJAJ 9040902802 Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Sundarpada 9777042612, Nimapada 9437030368, Kakatpur 9776125534,, Tangi (Khurda) 8984562569, Niali 9437511829,Salepur 9040452661, Jagatsinghpur 9437273939, Balikuda 7894426299, JajpurTown 9937888777, Bhuban 9438570111/9583574510, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhayanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9777773369, Turmunga 9937428333, Karanjia 7504810975, Udala 9337004355/56. Pallahara 9337096880/9437146703, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 06761250466, Athgarh 9937289417, Bidharpur 7008503281, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Nischintakoili 8917622159 Kostha 7735338348.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ